# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୨୩/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, February 23/2023 | Page 16 | ₹ 7.00

୪୯ଶ ଭାଗ ୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 91 | ମୂଲ୍ୟ ₹୭/-




**ଏଲିସା ୟୁପି ୱାରିୟର୍ଜ ଅଧିନାୟିକା**

ଓମେନ୍ସ ପ୍ରିମିୟର ଲିଗ୍ ପାଇଁ ୟୁପି ୱାରିୟର୍ଜ ଅଷ୍ଟ୍ରେଲୀୟ ଉଇକେଟକିପର ବ୍ୟାଟର ଏଲିସା ହିଲିଙ୍କୁ ଦଳର ଅଧିନାୟିକା ମନୋନୀତ କରିଛି।

୧୪

୧୦

**କିଙ୍ଗ୍ ଖାନ୍‌ଙ୍କୁ ଭେଟିବାକୁ ଚାହାନ୍ତି ଅଲ୍ଲୁ ଅର୍ଜୁନ**

ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ତାଙ୍କର ଏକ ସାକ୍ଷାତ୍କାରରେ ବଲିଉଡ୍‌ର କିଙ୍ଗ୍ ଖାନ୍‌ଙ୍କୁ ଭେଟିବାକୁ ଚାହାନ୍ତି ବୋଲି କହିଛନ୍ତି।



# ଏଏପିର ଶେଲି ଦିଲ୍ଲୀ ମେୟର



ଶେଲି ଓବେରୟ

- **ଭାଜପାର ରେଖା ଗୁପ୍ତାଙ୍କୁ ୩୪ ଭୋଟରେ ହରାଇଲେ**
- **ଆଲେ ମହମ୍ମଦ ଇକ୍‌ବାଲ ଡେପୁଟି ମେୟର**

**ନୂଆଦିଲ୍ଲୀ,୨୨।୨**

ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଶେଲି ଓବେରୟ ବୁଧବାର ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି) ମେୟର ନିର୍ବାଚିତ ହୋଇଛନ୍ତି। ସେ ଭାଜପାର ରେଖା ଗୁପ୍ତାଙ୍କୁ ୩୪ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ମୋଟ ୨୬୬ କର୍ପୋରେଟରଙ୍କ ମଧ୍ୟରୁ ଶେଲିଙ୍କ ସପକ୍ଷରେ ୧୫୦ ଜଣ ଭୋଟ ଦେଇଥିବାବେଳେ ରେଖାଙ୍କୁ ୧୧୬ ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସେହିପରି ଡେପୁଟି ମେୟର ନିର୍ବାଚନରେ ମଧ୍ୟ ଏଏପି ବାଜି ମାରିନେଇଛି। ଏଏପି ପ୍ରାର୍ଥୀ ଆଲେ ମହମ୍ମଦ ଇକ୍‌ବାଲ୍ ୧୪୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷେ ତାଙ୍କ ଭାଜପା ପ୍ରତିଦ୍ୱନ୍ଦ୍ୱୀ କମଲ ବଗିରଙ୍କୁ ୧୧୬ ଭୋଟ ମିଳିଛି। ଏହି ଅବସରରେ ଉଭୟ ମେୟର ଓ ଡେପୁଟି ମେୟରଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଶେଲି ଓ ଦଳୀୟ କର୍ମୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କେଜ୍‌ରିୱାଲ କହିଛନ୍ତି, ଏମ୍‌ସିଡି ନିର୍ବାଚନରେ ଗୁଣ୍ଡାମାନଙ୍କ ପରାଜୟ ହୋଇଛି, ଦିଲ୍ଲୀବାସୀ ବିଜୟୀ ହୋଇଛନ୍ତି।

୨୭୪ ଆସନ ବିଶିଷ୍ଟ ଗୃହରେ ମ୍ୟାଜିକ୍ ନମ୍ବର ହେଉଛି ୧୩୮। ଗତ ଡିସେମ୍ବର ୮ରେ ଅନୁଷ୍ଠିତ ନିର୍ବାଚନରେ ଏମ୍‌ସିଡିରୁ ଭାଜପାକୁ ହଟାଇବା ପାଇଁ ଶାସକ ଏଏପି ପ୍ରାଣପଣେ ଉଦ୍ୟମ କରିଥିଲା। ଦୀର୍ଘ ୧୫ ବର୍ଷ ଧରି ମହାନଗର ନିଗମକୁ ଦଖଲରେ ରଖିଥିବା ଭାଜପା ପରାଜିତ ହୋଇଥିଲା। ମେୟର ନିର୍ବାଚନରେ ୧୦ ବୟସ୍କ ମନୋନୀତ ସଦସ୍ୟ ଭୋଟ ଦେବେ ବୋଲି ଭାଜପା ଅଡ଼ିବସିବାରୁ ଏଏପି ସହ ଟଣାଓଟରା ଲାଗିରହିଥିଲା। ଫଳରେ ମେୟର ନିର୍ବାଚନ ୩ ଥର ସ୍ଥଗିତ ହୋଇଥିଲା। ମେୟର ନିର୍ବାଚନରେ ମନୋନୀତ ସଦସ୍ୟମାନଙ୍କ ମତଦାନ ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ** | **ବିପର୍ଯ୍ୟୟର ସଙ୍କେତ**

# ଏଫ୍‌ବିଆଇ ସହାୟତା ଲୋଡ଼ିଛୁ: ନବୀନ

## ନବ ଦାସ ହତ୍ୟାକାଣ୍ଡ ପ୍ରସଙ୍ଗ

- **ବିଧାନସଭାରେ ବିବୃତି ଦେଲେ ମୁଖ୍ୟମନ୍ତ୍ରୀ**
- **ମହିଳାଙ୍କୁ ଅସଦାଚରଣକୁ ରାଜ୍ୟବାସୀ କ୍ଷମା ଦେବେ ନାହିଁ**

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟାକାଣ୍ଡକୁ ନେଇ ୨ ଦିନ ହେବ ବିଧାନସଭା ହୁଲସ୍ଥୁଲ ହୋଇଛି। ବିରୋଧୀ ଦଳ ସଦସ୍ୟମାନେ ହତ୍ୟାକାଣ୍ଡ ପଛରେ ରାଜନୈତିକ ଷଡ଼ଯନ୍ତ୍ର ଥିବା ନେଇ ଅଭିଯୋଗ କରିବା ସହ ସିବିଆଇ ତଦନ୍ତ ଦାବି କରୁଛନ୍ତି। ବିରୋଧୀଙ୍କ ଆକ୍ରମଣାତ୍ମକ ଆଚରଣ ଦେଖି ହତ୍ୟାକାଣ୍ଡ ସମ୍ପର୍କରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହରେ ବିବୃତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ଏକ ସମ୍ବେଦନଶୀଳ ହତ୍ୟାକାଣ୍ଡ। ଅପରାଧୀର ବ୍ୟବହାରିକ ବିଶ୍ଳେଷଣ କରିବା ପାଇଁ ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ(ଏଫ୍‌ବିଆଇ)ର ସହାୟତା ନେବା ପାଇଁ ରାଜ୍ୟ କ୍ରାଇମ୍‌ବ୍ରାଞ୍ଚ ଉଦ୍ୟମ କରୁଛି । ଏଫ୍‌ବିଆଇ ସଂସ୍ଥାର ବିହେଭିଅର ସପୋର୍ଟ ୟୁନିଟ୍ ଦ୍ୱାରା ଅଭିଯୁକ୍ତର ବ୍ୟବହାରିକ ମୂଲ୍ୟାୟନ କରିବା ପାଇଁ ଓଡ଼ିଶା ସରକାର ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସହଯୋଗ ଲୋଡ଼ିଛନ୍ତି। ଘଟଣାର ପୁଙ୍ଖାନୁପୁଙ୍ଖ ତଥା ବୈଜ୍ଞାନିକ ଅନୁସନ୍ଧାନ କରି ସତ୍ୟକୁ ପଦାକୁ ଆଣିବା ପାଇଁ କ୍ରାଇମ୍‌ବ୍ରାଞ୍ଚକୁ ନିର୍ଦ୍ଦେଶ ଦିଆଯାଇଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

କ୍ରାଇମ୍‌ବ୍ରାଞ୍ଚ ଏଥିପାଇଁ ଦେଶର ଶ୍ରେଷ୍ଠ ଫରେନସିକ୍ ବିଶେଷଜ୍ଞମାନଙ୍କ ସହାୟତା ନେଉଛି। ରାଜ୍ୟ ଫରେନସିକ୍ ସାଇନ୍ସ ଲାବୋରେଟୋରି, ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଫରେନସିକ୍ ଲାବୋରେଟୋରି ଏବଂ ଗାନ୍ଧୀନଗରସ୍ଥିତ ଗୁଜରାଟ ରାଜ୍ୟ ଫରେନସିକ୍ ସାଇନ୍ସ ଲାବୋରେଟୋରି ଏ ଦିଗରେ ରାଜ୍ୟ କ୍ରାଇମ୍‌ବ୍ରାଞ୍ଚକୁ ସହାୟତା କରୁଛନ୍ତି। ସାକ୍ଷୀମାନଙ୍କ ବକ୍ତବ୍ୟ ତଥା ଅଭିଯୁକ୍ତ ଗୋପାଳ ଦାସଙ୍କୁ ଜେରାକୁ ଭିତ୍ତିକରି ଅଭିଯୁକ୍ତର ମାନସିକ ଅବସ୍ଥାର ଅନୁଶୀଳନ ପାଇଁ ଏକ ୪ ଜଣିଆ ମାନସିକ ରୋଗ ବିଶେଷଜ୍ଞ ବୋର୍ଡ ଦ୍ୱାରା କରାଯାଇଛି। ଏହାଛଡ଼ା ଅଭିଯୁକ୍ତ ସତ କହୁଛି କି ପ୍ରତାରଣା କରୁଛି, ତାହାକୁ ପରୀକ୍ଷା କରିବା ପାଇଁ ତା'ର ଫରେନସିକ୍ ସାଇକୋଲୋଜିକାଲ ଆସେସ୍‌ମେଣ୍ଟ ଏବଂ ଲାୟଡ୍ ଭୟେସ ଆନାଲିସିସ୍ ଟେଷ୍ଟ, ନୂଆଦିଲ୍ଲୀ କେନ୍ଦ୍ରୀୟ ଫରେନସିକ୍ ସାଇନ୍ସ ଲାବୋରେଟୋରି ବିଶେଷଜ୍ଞମାନଙ୍କ ଦ୍ୱାରା କରାଯାଇଛି । ଅଭିଯୁକ୍ତଠାରୁ ସତ୍ୟ ବାହାର କରିବା ପାଇଁ ଗୁଜରାଟ ରାଜ୍ୟ ଫରେନସିକ୍ ସାଇନ୍ସ ଲାବୋରେଟୋରି ବିଶେଷଜ୍ଞଙ୍କ ଦ୍ୱାରା ନାର୍କୋ ଆନାଲିସିସ୍ ☞ପୃଷ୍ଠା-୧୧

## ଏଫ୍‌ବିଆଇର ତଦନ୍ତ ପରିସର

ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ ବା ସଂଘୀୟ ତଦନ୍ତକାରୀ ସଂସ୍ଥା (ଏଫ୍‌ବିଆଇ)କୁ ୧୯୦୮ ଜୁଲାଇ ୨୬ରେ ପ୍ରତିଷ୍ଠା କରାଯାଇଥିଲା। ୱାଶିଂଟନରେ ଏହାର ମୁଖ୍ୟାଳୟ ଅବସ୍ଥିତ। କ୍ରିଷ୍ଟୋଫର ଆଶର ରେ' ହେଉଛନ୍ତି ଏଫ୍‌ବିଆଇର ବର୍ତ୍ତମାନ ନିର୍ଦ୍ଦେଶକ। ଆମେରିକାର ଏହି ଆଭ୍ୟନ୍ତରୀଣ ଗୋଇନ୍ଦା ଓ ସୁରକ୍ଷା ସେବା ପ୍ରଦାନକାରୀ ସଂସ୍ଥା ନ୍ୟାୟ ବିଭାଗ ଅଧୀନରେ ପରିଚାଳିତ। ଏଫ୍‌ବିଆଇ ୟୁଏସ୍ ଇଣ୍ଟେଲିଜେନ୍ସ କମ୍ୟୁନିଟିର ଏକ ସଦସ୍ୟ ମଧ୍ୟ। ଏହି ସଂସ୍ଥା ଉଭୟ ଆର୍ଟର୍ନି ଜେନେରାଲ ଏବଂ ନ୍ୟାଶନାଲ ଇଣ୍ଟେଲିଜେନ୍ସ ଡାଇରେକ୍ଟରଙ୍କ ନିକଟରେ ଉତ୍ତରଦାୟୀ। ଆତଙ୍କବାଦ ନିରୋଧୀ, କାଉଣ୍ଟର-ଇଣ୍ଟେଲିଜେନ୍ସ ଏବଂ ଆପରାଧିକ ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇ ୨୦୦ରୁ ଊର୍ଦ୍ଧ୍ୱ ବର୍ଗର ସଂଘୀୟ ଅପରାଧକୁ ନେଇ ତଦନ୍ତ କରିଥାଏ। ଆମେରିକାରେ ଏହାର ୫୬ଟି କ୍ଷେତ୍ର କାର୍ଯ୍ୟାଳୟ ଏବଂ ୪୦୦ରୁ ଊର୍ଦ୍ଧ୍ୱ ରେସିଡେଣ୍ଟ ଏଜେନ୍ସି ରହିଛି। ମୋଟ ୩୫,୦୦୦ କର୍ମଚାରୀଙ୍କୁ ନେଇ ଏହି ତଦନ୍ତକାରୀ ସଂସ୍ଥା କାର୍ଯ୍ୟ କରୁଛି। ଭାରତରେ ଏଫ୍‌ବିଆଇର ୧୫୦ରୁ ଅଧିକ ଏଜେଣ୍ଟ କାର୍ଯ୍ୟରତ ଅଛନ୍ତି। ଦେଶରେ ହତ୍ୟା, ଶିଶୁଙ୍କୁ ଯୌନ ଉତ୍ପୀଡ଼ନ, ଶାରୀରିକ ନିର୍ଯାତନା, ଆକ୍ରମଣ, ଡ୍ରଗ୍ ଚାଲାଣ, ସରକାରୀ ଦୁର୍ନୀତି, ଆର୍ଥିକ ଅପରାଧ ଓ କ୍ରୀଡ଼ା ନିୟମ ଉଲ୍ଲଂଘନ ଭଳି ଅତି ଗମ୍ଭୀର ମାମଲାରେ ଏଫ୍‌ବିଆଇ ତଦନ୍ତରେ ସାମିଲ ହୋଇଥାଏ। କିନ୍ତୁ ଏଥିପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ଆବଶ୍ୟକ ହୋଇଥାଏ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆମନ୍ତ୍ରଣ କଲେ ଏଫ୍‌ବିଆଇ ଭାରତର କୌଣସି ମାମଲାରେ ତଦନ୍ତ କରିବା ଉପରେ ବିଚାର କରିପାରେ।









ଆଲାହାବାଦ ହାଇକୋର୍ଟର ପୂର୍ବତନ ଜଜ୍ ଏସ୍.ଏନ୍ ଶୁକ୍ଲାଙ୍କ ବିରୋଧରେ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି (ସିବିଆଇ) ବୁଧବାର ଦୁର୍ନୀତି ମାମଲା ରୁଜୁ କରିଛି। ୨୦୧୪-୧୯ରେ ହାଇକୋର୍ଟ ଜଜ୍ ଦାୟିତ୍ୱରେ ଥିବା ସମୟରେ ଶୁକ୍ଲା ଏବଂ ତାଙ୍କ ସ୍ତ୍ରୀ ବେଆଇନ୍ ଭାବେ ୨.୪୫ କୋଟି ଟଙ୍କା ସଞ୍ଚୟ କରିଥିବା ସିବିଆଇ ପକ୍ଷରୁ କୁହାଯାଇଛି। ଶୁକ୍ଲାଙ୍କ ବିରୋଧରେ ଏହା ଦ୍ୱିତୀୟ ଦୁର୍ନୀତି ମାମଲା । ପୂର୍ବରୁ ୨୦୧୯ ଡିସେମ୍ବର ୪ରେ ତାଙ୍କ ବିରୋଧରେ ଏପରି ଅଭିଯୋଗ କରାଯାଇଥିଲା।

## ସଂକ୍ଷେପରେ

### ଗୁପ୍ତଚରଗିରି ମାମଲା

### ସିସୋଡିଆଙ୍କ ବିରୋଧରେ ସିବିଆଇକୁ ତଦନ୍ତ ଅନୁମତି

**ନୂଆଦିଲ୍ଲୀ,୨୨।୨:** ଗୁପ୍ତଚରଗିରି ମାମଲାରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ କରିବ। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁରି ଦିଆଯାଇଛି। ଫଳରେ ଏଣିକି ସିବିଆଇ ସିସୋଡିଆ ଏବଂ ଜଣେ ଆଇଏଏସ୍ ଅଧିକାରୀଙ୍କ ସମେତ ୬ ଜଣଙ୍କ ନାଁରେ ମାମଲା ରୁଜୁ କରିପାରିବ। ୨୦୧୫ରେ ଦିଲ୍ଲୀର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ଦୁର୍ନୀତି ରୋକିବା ପାଇଁ ଏକ ଫେସ୍‌ବୁକ୍ ୟୁନିଟ୍ (ଏଫ୍‌ବିୟୁ) ଗଠନ କରିଥିଲେ। ଏଫ୍‌ବିୟୁ ଜରିଆରେ ରାଜନୈତିକ ଗୋଇନ୍ଦା ତଥ୍ୟ ହାସଲ କରାଯାଇଥିବା ଅଭିଯୋଗ ହୋଇଥିଲା। ଦିଲ୍ଲୀ ସରକାର ଏହି ପ୍ରକଳ୍ପକୁ ଆବଣ୍ଟିତ ଅର୍ଥରେ ଅନିୟମିତତା କରିଥିବା ମଧ ଅଭିଯୋଗ ଆସିଥିଲା। ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କ ଅନୁମୋଦନ କ୍ରମେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗତ ୧୭ ତାରିଖରେ ସିବିଆଇକୁ ଏହାର ତଦନ୍ତ ପାଇଁ ଅନୁମତି ଦେଇଛି।

### ଯୌତୁକ ମାଗିବାରୁ ବରଙ୍କୁ ଫେରାଇ ଦେଲେ କନିଆ

**ଉନା, ୨୨।୨:** ହିମାଚଳ ପ୍ରଦେଶ ଉନା ଜିଲା ବଙ୍ଗନା ସହରରେ ବରଘର ଯୌତୁକ ମାଗିବାରୁ କନିଆ ବରଯାତ୍ରୀ ଫେରାଇ ଦେଇଥିବା ଖବର ସାମ୍ନାକୁ ଆସିଛି। ହାମିରପୁର କାଲୋରେ ଅଞ୍ଚଳର ଯୁବକ ବରଯାତ୍ରୀ ଧରି ବୁଧବାର କନିଆ ଘରେ ପହଞ୍ଚିଥିଲେ। ବରପକ୍ଷ ସୁନା ଅଳଙ୍କାର ଦାବି କରିବା ପରେ କନିଆ ବାହା ହେବା ଲାଗି ମନା କରିଥିଲେ। ଏ ନେଇ କନିଆଙ୍କ ଭାଇ ବଙ୍ଗନା ପୋଲିସ ଷ୍ଟେଶନରେ ବର ଘରଲୋକଙ୍କ ବିରୋଧରେ ଯୌତୁକ ଅଭିଯୋଗ କରିଛନ୍ତି।

### ନାବାଳକଙ୍କୁ ପିଟି ଅଚେତ କରିଦେଲେ

**ଭୋପାଳ, ୨୨।୨:** ମଧ୍ୟପ୍ରଦେଶ ବିଦିଶାରେ ଜଣେ ୧୭ ବର୍ଷୀୟ ନାବାଳକଙ୍କୁ ପିଟିବା ନେଇ ସ୍ଥାନୀୟ ପୋଲିସ ୨ଯୁବକଙ୍କୁ ଗିରଫ କରିଛି। ଦଳେ ଯୁବଗୋଷ୍ଠୀ ନାବାଳକଙ୍କୁ ମାଡ଼ ମାରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି, ଯେଉଁଥିରେ କେତେଜଣ ଯୁବକ ନାବାଳକ ଅଚେତ ହେବା ପର୍ଯ୍ୟନ୍ତ ତାଙ୍କୁ ମାଡ଼ ମାରୁଥିବାର ଦେଖାଯାଇଛି। ଏନେଇ ଜାତୀୟ ଶିଶୁ ସୁରକ୍ଷା ଆୟୋଗ ବିଦିଶା ଏସ୍‌ପିଙ୍କୁ ନୋଟିସ ଜାରି କରିଛନ୍ତି। ଘଟଣା ସମ୍ପର୍କରେ ୩ ଦିନ ମଧ୍ୟରେ ଜବାବ ରଖିବା ଲାଗି ଏଥିରେ କୁହାଯାଇଛି।

#### ରାଜ୍ୟଗୁଡ଼ିକୁ ଶିକ୍ଷା ମନ୍ତ୍ରଣାଳୟର ନିର୍ଦ୍ଦେଶ

### ପ୍ରଥମ ଶ୍ରେଣୀ ନାମଲେଖା ପାଇଁ ଶିଶୁଙ୍କ ବୟସ ୬ ବର୍ଷ ହେବା ଜରୁରୀ

**ନୂଆଦିଲ୍ଲୀ, ୨୨।୨:** ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ଶିଶୁଙ୍କ ବୟସ ଅନ୍ୟୂନ ୬ ବର୍ଷ ହେବା ଆବଶ୍ୟକ ବୋଲି ବୁଧବାର ଦେଶର ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନୂଆ ଶିକ୍ଷା ନୀତି (ଏନ୍‌ଇପି) ଅନୁସାରେ ଶିକ୍ଷାଭିତ୍ତିକ ମୂଳଦୁଆ ପାଇଁ ଶିଶୁମାନଙ୍କ ପାଖରେ ୫ ବର୍ଷ ପର୍ଯ୍ୟନ୍ତ ଏହି ସୁଯୋଗ ରହିଛି। ଏନ୍‌ଇପିରେ ପ୍ରିସ୍କୁଲଠାରୁ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନଙ୍କ ବିକାଶକୁ ଗୁରୁତ୍ୱ ଦିଆଯାଇଛି। ଶିଶୁମାନଙ୍କ ପ୍ରିସ୍କୁଲ ଏଜୁକେଶନ ପାଇଁ ସରକାରଙ୍କ ପକ୍ଷରୁ ଅଙ୍ଗନୱାଡ଼ି ଏବଂ ସରକାରୀ ସହାୟତାରେ ପରିଚାଳିତ ଏନ୍‌ଜିଓ ଦ୍ୱାରା ପ୍ରିସ୍କୁଲ ସେଣ୍ଟରମାନ ପରିଚାଳନା କରାଯାଉଥିବା ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଗୀତ ପାଇଁ ଗାୟିକା ନେହାଙ୍କୁ ନୋଟିସ

**ଲକ୍ଷ୍ନୌ, ୨୨।୨**

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଶାସନ ପ୍ରଣାଳୀକୁ ନେଇ ବ୍ୟଙ୍ଗାତ୍ମକ ଢଙ୍ଗରେ ଗୀତ ଗାଇବାରୁ ଭୋଜପୁରୀ ଲୋକ ଗାୟିକା ନେହା ସିଂ ରାଥୋଡଙ୍କୁ ୟୁପି ପୋଲିସ ନୋଟିସ ଜାରି କରିଛି। ନୋଟିସ୍ ଜରିଆରେ ନେହାଙ୍କୁ ୭ଟି ପ୍ରଶ୍ନର ଉତ୍ତର ରଖିବା ପାଇଁ କୁହାଯାଇଛି। ତେବେ ଏ ନେଇ ନେହା କହିଛନ୍ତି, ମୁଁ ଜଣେ ଲୋକ ଗାୟିକା। କାହା ଡରରେ ମୁଁ ଗାଇବା ବନ୍ଦ କରିବି ନାହିଁ। ପ୍ରଭାବଶାଳୀ ନେତାଙ୍କ ଆଗରେ ମୁଁ କିଛି ନୁହେଁ। ସରକାରଙ୍କ ଏ ପ୍ରକାର କାର୍ଯ୍ୟ ଗ୍ରହଣୀୟ ନୁହେଁ। ପ୍ରତ୍ୟେକଙ୍କ


ନେହା ସିଂ ରାଥୋଡ

ପ୍ରତିବାଦର ସ୍ୱରକୁ ଜୋର ଜବରଦସ୍ତ ଦବାଇବାକୁ ଚେଷ୍ଟା କରିବା ଅନୁଚିତ୍। ଏହାର ପ୍ରଭାବ ସେମାନଙ୍କ ଭୋଟ ଉପରେ ପଡ଼ିବ ବୋଲି ନେହା କହିଛନ୍ତି।

#### ‘ୟୁପି ମେ କା ବା’

ଅନ୍ୟପକ୍ଷେ ୟୁପି ପୋଲିସ ନୋଟିସ ଜାରି କରିବା ପୂର୍ବରୁ ନେହାଙ୍କ ସ୍ୱାମୀଙ୍କୁ ଫସାଇବାକୁ ଚେଷ୍ଟା କରିଥିବା ସେ ଅଭିଯୋଗ ଆଣିଛନ୍ତି। ନିକଟରେ ନେହା ନିଜ ଗୀତ ‘ୟୁପି ମେ କା ବା’ର ନୂଆ ଭର୍ସନ ଗାଇଥିଲେ। ଏହି ଗୀତରେ ସେ କାନ୍‌ପୁରରେ ଉଚ୍ଛେଦ ସମୟରେ ପ୍ରାଣ ହରାଇଥିବା ପ୍ରମିଳା ଦୀକ୍ଷିତ (୪୫) ଏବଂ ତାଙ୍କ ଝିଅ ନେହା (୨୦)ଙ୍କ ସମ୍ପର୍କରେ କହିଥିଲେ। ତିନି ଦିନ ମଧ୍ୟରେ ନେହାଙ୍କୁ ପୋଲିସ ପକ୍ଷରୁ ଜାରି ନୋଟିସର ଉତ୍ତର ରଖିବା ଲାଗି କୁହାଯାଇଛି।


ଭାଟିକାନ୍ ସିଟିରେ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ଲୋକଙ୍କୁ ସମ୍ବୋଧନ କରୁଥିବାବେଳେ ଜଣେ ମହିଳା ତାଙ୍କ ହାତରେ ମୁଣ୍ଡ ରଖି କାନ୍ଦୁଛନ୍ତି।

# ମୃତକଙ୍କ ପରିବାରକୁ ୧୦ ଲକ୍ଷ କ୍ଷତିପୂରଣ ଦିଅ

**ଅହମଦାବାଦ,୨୨।୨**

#### ମୋର୍‌ବି ବ୍ରିଜ୍ ଭୁଶୁଡ଼ିବା ଘଟଣା
#### ଓରେଭା ଗ୍ରୁପ୍‌କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଗତବର୍ଷ ଅକ୍ଟୋବର ୩୦ରେ ଗୁଜରାଟର ମୋର୍‌ବି ସହରରେ ଏକ ଝୁଲାପୋଲ ଭୁଶୁଡ଼ିପଡ଼ିବାରୁ ୧୩୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫୬ ଆହତ ହୋଇଥିଲେ। ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରିବାକୁ ବୁଧବାର ଗୁଜରାଟ ହାଇକୋର୍ଟ ଓରେଭା ଗ୍ରୁପ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆହତମାନଙ୍କୁ ମଧ ୪ ସପ୍ତାହ ମଧ୍ୟରେ ୨ ଲକ୍ଷ ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ରହିଛି।

ମାଚ୍ଛୁ ନଦୀର ଶତାବ୍ଦୀ ପୁରୁଣା ମୋର୍‌ବି ସସ୍‌ପେନ୍ସନ୍ ବ୍ରିଜ୍‌କୁ ଗତ ଅକ୍ଟୋବର ୩୦ରେ ହଠାତ୍ ଅତି ତରବରିଆ ଭାବେ ଖୋଲି ଦିଆଯାଇଥିଲା। ସେହିଦିନ ଗୁଜରାଟୀ ନବବର୍ଷ ଓ ରବିବାର ଥିବାରୁ ବ୍ରିଜ୍‌ରେ ପ୍ରବଳ ଜନଗହଳି ହୋଇଥିଲା। ଟିକେଟ ପିଛା ୧୨ରୁ ୧୭ ଟଙ୍କାରେ



ବିକ୍ରି କରାଯାଇଥିଲା, ଯାହାକି ପିଲାଙ୍କ ପାଇଁ ୧୦ ଓ ବୟସ୍କଙ୍କ ଲାଗି ୧୫ ଟଙ୍କା ରଖିବାକୁ ପୂର୍ବରୁ ଧାର୍ଯ୍ୟ ହୋଇଥିଲା। ୧୫୦ ଧାରଣ କ୍ଷମତା ବିଶିଷ୍ଟ ଝୁଲାପୋଲ ଉପରକୁ ୬୫୦ରୁ ଅଧିକ ଲୋକ ଯିବା ପରେ ପୁରୁଣା ମେଟାଲ କେବୁଲ ଛିଣ୍ଡି ପଡ଼ିଥିଲା। କଳଙ୍କି ଲାଗିଯାଇଥିବା କେବୁଲଗୁଡ଼ିକୁ ଗତ ୭ ମାସର ମରାମତି ସମୟରେ ବଦଳାଯାଇ ନ ଥିବା ଯାଞ୍ଚରୁ ଜଣାପଡ଼ିଥିଲା। ସବୁଠୁ ବଡ଼ କଥା ହେଉଛି ଏହାର ମରାମତି, ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଜୟସୁଖ ପଟେଲଙ୍କ ଓରେଭା କମ୍ପାନୀକୁ ଦିଆଯାଇଥିଲା। ଓରେଭା ଗ୍ରୁପ୍ ହେଉଛି ଅଜନ୍ତା କାନ୍ଥଘଣ୍ଟା, ସିଏଫ୍‌ଲ୍ ବଲ୍‌ବ ଏବଂ ଇ-ବାଇକ୍ ନିର୍ମାଣକାରୀ କମ୍ପାନୀ, ଯାହାର ବ୍ରିଜ୍ ନିର୍ମାଣ କ୍ଷେତ୍ରରେ କୌଣସି ଅଭିଜ୍ଞତା ନାହିଁ। ଏହି କମ୍ପାନୀ ଉକ୍ତ ବ୍ରିଜ୍‌କୁ ଖୋଲିବା ପୂର୍ବରୁ ମୋର୍‌ବି ପୌରପାଳିକାଠାରୁ ଫିଟ୍‌ନେସ୍ ସାର୍ଟିଫିକେଟ୍ ମଧ ନେଇ ନ ଥିଲା। ରକ୍ଷଣାବେକ୍ଷଣ ପାଇଁ ଅନ୍ୟୂନ ୮ ମାସରୁ ୧ ବର୍ଷ ପର୍ଯ୍ୟନ୍ତ ଏହାକୁ ବନ୍ଦ ରଖାଯିବା କଥା। କିନ୍ତୁ ଅତି ତରବରିଆ ଭାବେ ଖୋଲାଯିବା କମ୍ପାନୀ ଏମ୍‌ଡି ଜୟସୁଖ ପଟେଲଙ୍କ ଗମ୍ଭୀର ଦାୟିତ୍ୱହୀନତା ବୋଲି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଦର୍ଶାଇଥିଲା।

ଗୁଜରାଟ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ସୋନିଆ ଗୋକାନିଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ସନ୍ଦୀପ ଭଟ୍ଟ ସାମିଲ ଥିବା ଡିଭିଜନ୍ ବେଞ୍ଚ ଉକ୍ତ କମ୍ପାନୀକୁ ଅନ୍ତରୀଣ କ୍ଷତିପୂରଣ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ୪ ସପ୍ତାହ ମଧ୍ୟରେ ୧୩୫ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଓ ୫୬ ଆହତଙ୍କୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏହା ପୂର୍ବରୁ ମଙ୍ଗଳବାର ଓରେଭା ଗ୍ରୁପ୍ ଅନ୍ତରୀଣ କ୍ଷତିପୂରଣ ବାବଦରେ ମୋଟ ୫ କୋଟି ଟଙ୍କା ଦେବାକୁ ପ୍ରସ୍ତୁତ ବୋଲି ହାଇକୋର୍ଟଙ୍କୁ ଅବଗତ କରାଇଥିଲା। ତେବେ ହାଇକୋର୍ଟ ଏହାକୁ ପର୍ଯ୍ୟାପ୍ତ ନୁହେଁ କହି କମ୍ପାନୀର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ।

### ଅଭିନେତ୍ରୀ ସୁବି ସୁରେଶଙ୍କ ପରଲୋକ



**କୋଚି, ୨୨।୨**

ଲୋକପ୍ରିୟ ମାଲାୟାଲମ ଅଭିନେତ୍ରୀ ତଥା ଟେଲିଭିଜନ୍ ହୋଷ୍ଟ ସୁବି ସୁରେଶଙ୍କ ବୁଧବାର ଅକାଳ ବିୟୋଗ ଘଟିଛି। ଯକୃତଜନିତ ରୋଗରେ ଆକ୍ରାନ୍ତ ସୁବି କୋଚିସ୍ଥିତ ପ୍ରାଇଭେଟ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁବେଳକୁ ତାଙ୍କୁ ୪୧ ବର୍ଷ ବୟସ ହୋଇଥିଲା। ମିମିକ୍ରି ଆର୍ଟିଷ୍ଟ ଭାବେ ସୁବି ନିଜ ଅଭିନୟ ଜୀବନ ଆରମ୍ଭ କରିଥିଲେ। ସୁବିଙ୍କ ପରଲୋକ ନେଇ କେରଳ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟାନ ଶୋକ ବ୍ୟକ୍ତ କରିଛନ୍ତି।

# ଇସି ଅର୍ଡର ଉପରେ ସ୍ଥଗିତାଦେଶ ଦେଲେନି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୨।୨**

ଭାରତର ନିର୍ବାଚନ କମିଶନ (ଇସିଆଇ) ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ ପ୍ରକୃତ ଶିବସେନା ମାନ୍ୟତା ଓ ନିର୍ବାଚନୀ ଚିହ୍ନ ‘ଧନୁଶର’ ପ୍ରଦାନ କରିଥିବାବେଳେ ଏହି ଅର୍ଡର ଉପରେ ସ୍ଥଗିତାଦେଶ ଜାରି ପାଇଁ ଉଦ୍ଧବ ଗୋଷ୍ଠୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସର୍ବୋଚ୍ଚ ଅଦାଲତ ବୁଧବାର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଆବେଦନକୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। କିନ୍ତୁ ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ଉପରେ ସ୍ଥଗିତାଦେଶ ଜାରି କରିବାକୁ ମନା କରିଦେଇଛନ୍ତି। ଫଳରେ ଶିନ୍ଦେ ଗୋଷ୍ଠୀ


ଏକନାଥ ଶିନ୍ଦେ

ଆଶ୍ୱସ୍ତି ଲାଭ କରିଥିବାବେଳେ ଉଦ୍ଧବ ଗୋଷ୍ଠୀକୁ ଆଉ ଏକ ଝଟ୍‌କା ଲାଗିଛି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ପି.ଏସ୍.

#### ଶିନ୍ଦେ ଗୋଷ୍ଠୀକୁ ଶିବସେନା ମାନ୍ୟତା

ନରସିଂହ ଏବଂ ପି.ଏସ୍. ପର୍ଡିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ଇସିଙ୍କ ରାୟକୁ ଚ୍ୟାଲେଞ୍ଜ ଉପରେ ଶିନ୍ଦେ ଗୋଷ୍ଠୀକୁ ୨ ସପ୍ତାହ ମଧ୍ୟରେ ଜବାବ ମାଗିଛନ୍ତି। ଶିନ୍ଦେ ଗୋଷ୍ଠୀ ଜବାବୀ ସତ୍ୟପାଠ ଦାଖଲ କରିବା ପରେ ଖଣ୍ଡପୀଠ ତାକୁ ଅନୁଧ୍ୟାନ କରି ନିଷ୍ପତ୍ତି ନେବେ। ଉଭୟ ପକ୍ଷଙ୍କ ଯୁକ୍ତି ନ ଶୁଣି କୌଣସି ନିଷ୍ପତ୍ତି ନିଆଯିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

# ହିଜାବ ପିନ୍ଧି ପରୀକ୍ଷା ଦେବାକୁ ଅନୁମତି ଲୋଡ଼ିଲେ କର୍ନାଟକ ଛାତ୍ରୀ



**ନୂଆଦିଲ୍ଲୀ,୨୨।୨:** କର୍ନାଟକର ସରକାରୀ ସ୍କୁଲଗୁଡ଼ିକରେ ହିଜାବ ପରିଧାନ ଉପରେ କଟକଣା ଜାରି କରାଯାଇଛି। ତେବେ କେତେଜଣ ମୁସଲମାନ ଛାତ୍ରୀ ହିଜାବ ପିନ୍ଧି ପରୀକ୍ଷା ଦେବା ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି ଲୋଡ଼ିଛନ୍ତି। ସେମାନଙ୍କ ଆବେଦନର ଶୁଣାଣି କରିବାକୁ ବୁଧବାର ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି। କର୍ନାଟକର ସ୍କୁଲଗୁଡ଼ିକରେ ମାର୍ଚ୍ଚ ୯ରୁ ପରୀକ୍ଷା ଆରମ୍ଭ ହେବ। ବିନା ହିଜାବରେ ପରୀକ୍ଷା ଦେବାକୁ ଗଲେ ହଲ୍‌କୁ ପ୍ରବେଶ କରିବାକୁ ଦିଆଯାଇ ନ ପାରେ ବୋଲି ଆଶଙ୍କା କରି ରାଜ୍ୟର ମୁସଲମାନ ଛାତ୍ରୀମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତା ତଥା ଜଷ୍ଟିସ୍ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପଠରେ ସୋମବାର ଏହାର ଶୁଣାଣି କରାଯାଉ ବୋଲି ଛାତ୍ରୀମାନଙ୍କ ଓକିଲ ଶାଦନ ଫରସତ ଅଦାଲତଙ୍କୁ ନିବେଦନ କରିଛନ୍ତି। ପ୍ରକାଶ ଯେ, ଏହି ପ୍ରସଙ୍ଗର ସ୍ଥାୟୀ ସମାଧାନ ପାଇଁ ଗତ ବର୍ଷ ସୁପ୍ରିମକୋର୍ଟ ବିଭାଜିତ ରାୟ ଦେଇଥିଲେ।

### ଚାଇନାରେ ଖଣି ଭୁଶୁଡ଼ିଲା: ୨ ମୃତ, ୫୩ ନିଖୋଜ

**ବେଜିଂ,୨୨।୨**

ଚାଇନାର ମଙ୍ଗୋଲିଆ ସ୍ୱୟଂଶାସିତ ଅଞ୍ଚଳସ୍ଥିତ ଅଲ୍‌ଶା ଲେଫ୍ଟ ବ୍ୟାନର୍‌ରେ ବୁଧବାର ଏକ ଖଣି ଭୁଶୁଡ଼ିପଡ଼ିଛି। ସେଠାରେ କାର୍ଯ୍ୟରତ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫୩ ଜଣ ନିଖୋଜ ହୋଇଯାଇଛନ୍ତି। ମାଟି ତଳେ ଅନେକ ଚାପି ହୋଇରହିଥିବା ଆଶଙ୍କା କରି ଉଦ୍ଧାରକାରୀ ଦଳ ସେମାନଙ୍କୁ ବାହାର କରିବାକୁ ଉଦ୍ୟମ ଚଳାଇଛି। ଅଦ୍ୟାବଧି ୮ ଜଣଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନିଆଯାଇଛି। ୮ ରେସ୍କ୍ୟୁ ଟିମ୍‌ରେ ୩୩୪ ଉଦ୍ଧାରକାରୀ ସାମିଲ ହୋଇଛନ୍ତି।


ପାଲେଷ୍ଟାଇନ୍‌ର ଜଣେ ଆହତଙ୍କୁ ନବ୍ଲୁସ୍ ହସ୍ପିଟାଲକୁ ନିଆଯାଉଛି।

# ୧୦ ପାଲେଷ୍ଟିନୀୟଙ୍କୁ ହତ୍ୟା

**ନାବଲସ୍, ୨୨।୨:** ବୁଧବାର ନାବଲସ୍‌ରେ ଇସ୍ରାଏଲ ଟ୍ରୁପ୍ ୧୦ ପାଲେଷ୍ଟିନୀୟଙ୍କୁ ହତ୍ୟା କରିଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ୭୨ ବର୍ଷୀୟ ବୃଦ୍ଧ ଏବଂ ୧୪ ବର୍ଷର ବାଳକଙ୍କ ସମେତ ୩ ସାଧାରଣ ନାଗରିକ ରହିଛନ୍ତି। ୧୦୨ ଜଣ ଆହତ ହୋଇଛନ୍ତି। ଡାକ୍ତରଖାନାରେ ସେମାନଙ୍କ ଚିକିତ୍ସା ଜାରିଥିବାବେଳେ ସେମାନଙ୍କ ମଧ୍ୟରୁ ୬ ଜଣ ଗୁରୁତର ଅଛନ୍ତି। ୱେଷ୍ଟ ବ୍ୟାଙ୍କ ଅଧିକୃତ ସହରର ଏକ ପ୍ରମୁଖ ସ୍ଥାନରେ ଇସ୍ରାଏଲ ଟ୍ରୁପ୍ ଓ ପାଲେଷ୍ଟିନୀୟଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଇସ୍ରାଏଲ ଟ୍ରୁପ୍ ସଦସ୍ୟଙ୍କ ମଧ୍ୟରୁ କେହି ନିହତ ହୋଇ ନ ଥିବା ମିଲିଟାରି ପକ୍ଷରୁ କୁହାଯାଇଛି। ୨ ପାଲେଷ୍ଟିନୀୟ କମାଣ୍ଡରଙ୍କୁ ଏକ ଘରେ ଘେରାବନ୍ଦୀ କରି ଇସ୍ରାଏଲ ଟ୍ରୁପ୍ ରଖିଥିବା ପାଲେଷ୍ଟିନୀୟ ମିଲିଟାଣ୍ଟ ଇସଲାମିକ ଜିହାଦ ପକ୍ଷରୁ କୁହାଯାଇଛି।

### ବିବାହର ୨ ଦିନ ପରେ ନବଦମ୍ପତିଙ୍କ ମୃତ୍ୟୁ

**ରାୟପୁର, ୨୨।୨**

ଛତିଶଗଡ଼ ବ୍ରିଜରାଜନଗରରେ ବାହାଘର ୨ ଦିନ ପରେ ନବଦମ୍ପତିଙ୍କ ମୃତ୍ୟୁ ଘଟିଛି। କୌଣସି କାରଣରୁ ଯୁକ୍ତିତର୍କ ହେବା ପରେ ସ୍ତ୍ରୀଙ୍କୁ ଛୁରି ଭୁସି ହତ୍ୟା କରିବା ପରେ ସ୍ୱାମୀ ଆତ୍ମହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି। ରବିବାର ଅସଲାମ (୨୪) ଓ କନୋ(୨୨) ବାହା ହୋଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଦୁହେଁ ରିସେପ୍ସନ ପାର୍ଟି ପାଇଁ ନିଜ ରୁମ୍‌ରେ ପ୍ରସ୍ତୁତ ହେଉଥିଲେ। ଏତିକିବେଳେ ହଠାତ୍ ବୋହୂ



ଜୋର୍ ପାଟିକରି ଉଠିଥିଲେ। ଘରଲୋକେ ରୁମ୍ ଝରକା ବାଟେ ଦେଖିଲାବେଳକୁ ନବ ଦମ୍ପତିଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଛି। ପୋଲିସ କବାଟ ଭାଙ୍ଗି ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଛି।

# ୩,୫୦୦ ଭାଜପା କର୍ମୀଙ୍କ ନାଁରେ ମାମଲା



**ଚେନ୍ନାଇ, ୨୨।୨**

ତାମିଲନାଡୁରେ ଡିଏମ୍‌କେ କାଉନ୍‌ସିଲରଙ୍କ ମାଡ଼ରେ ପ୍ରାଣ ହରାଇଥିବା ଯବାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ୩,୫୦୦ ଭାଜପା କର୍ମୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଭାଜପା ନେତା ଓ କର୍ମୀ ବିନା ଅନୁମତିରେ କ୍ୟାଣ୍ଡେଲ୍ ଲାଇଟ୍ ମାର୍ଚ୍ଚ କରିଥିବା ଚେନ୍ନାଇର ଜଣେ ପୋଲିସ ଅଫିସର କହିଛନ୍ତି। ରାଜ୍ୟ ଭାଜପା ସଭାପତି ଅନ୍ନାମଲାଇଙ୍କ ଅଧ୍ୟକ୍ଷତାରେ ପାର୍ଟି ନେତା ଓ କର୍ମୀ ମଙ୍ଗଳବାର ହଙ୍ଗର ଷ୍ଟ୍ରାଇକ୍ ସାଙ୍ଗକୁ କ୍ୟାଣ୍ଡେଲ ଲାଇଟ୍ ମାର୍ଚ୍ଚ କରିଥିଲେ। ଏ ନେଇ ବୁଧବାର ଆନ୍ନାମଲାଇ ଏବଂ ଅବସରପ୍ରାପ୍ତ ସେନା କର୍ମଚାରୀ ରାଜଭବନରେ ରାଜ୍ୟପାଳ ଆର୍.ଏନ୍. ରବିଙ୍କୁ ଭେଟିଛନ୍ତି। ରାଜ୍ୟରେ ସେନା କର୍ମଚାରୀ ଅସୁରକ୍ଷିତ ଥିବାବେଳେ

#### ଯବାନଙ୍କ ହତ୍ୟା ନେଇ କ୍ୟାଣ୍ଡେଲ୍ ଲାଇଟ୍ ମାର୍ଚ୍ଚ କରିଥିଲେ

ଏ ନେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ସେମାନେ ରାଜ୍ୟପାଳଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ମୃତକଙ୍କ ପରିବାରକୁ ସରକାରୀ ଚାକିରି ଦେବା ଲାଗି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଛନ୍ତି। ଗତ ୮ରେ ପାଣି ଟାଙ୍କି ନିକଟରେ କପଡ଼ା ଧୋଇବା ନେଇ ଯବାନ ପ୍ରଭୁ ଏବଂ ଡିଏମ୍‌କେ କାଉନ୍‌ସିଲର ଚିନ୍ନାସାମିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଚିନ୍ନାସାମିଙ୍କ ସମର୍ଥକମାନେ ପ୍ରଭୁଙ୍କୁ ପିଟିଥିଲେ। ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପ୍ରଭୁଙ୍କ ମୃତ୍ୟୁ ଘଟିଥିଲା। କାଉନ୍‌ସିଲରଙ୍କ ସମେତ ପୋଲିସ ୯ ଜଣଙ୍କୁ ଗିରଫ କରିଛି।

# ରିପବ୍ଲିକାନ୍ ପାର୍ଟିରୁ ୨ ଭାରତୀୟ ବଂଶୋଦ୍ଭବ ଆଶାୟୀ

**ୱାଶିଂଟନ,୨୨।୨**

ଭାରତୀୟ ବଂଶୋଭବ ଟେକ୍ ଏଣ୍ଟରପ୍ରିନ୍ୟୁର୍ ବିବେକ ରାମାସ୍ୱାମୀ ବୁଧବାର ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ପାର୍ଟି ପକ୍ଷରୁ ପ୍ରାର୍ଥୀ ହେବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି। ଗତ ୧୪ ତାରିଖରେ ଭାରତୀୟ ବଂଶୋଭବ ନିକ୍କି ହାଲି ୨୦୨୪ ରାଷ୍ଟ୍ରପତି ନିର୍ବାଚନ ପାଇଁ ନିଜ ପ୍ରାର୍ଥିତ୍ୱ ନେଇ ଘୋଷଣା କରିଥିବାବେଳେ ବିବେକ ହେଉଛନ୍ତି ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ଚ୍ୟାଲେଞ୍ଜର। ରାଷ୍ଟ୍ରପତି ନିର୍ବାଚିତ ହେଲେ ଚାଇନା ଉପରେ ଆମେରିକାର ନିର୍ଭରଶୀଳତା ହ୍ରାସ କରିବେ ବୋଲି ବିବେକ ପ୍ରତିଶ୍ରୁତି ଦେଇଛନ୍ତି।

ଫକ୍ସ ନ୍ୟୁଜ୍‌କୁ ସାକ୍ଷାତ୍କାର ଦେଇ ବିବେକ କହିଛନ୍ତି, ଆମେ ଜାତୀୟ ପରିଚୟ ସଙ୍କଟ ମଧ୍ୟରେ ରହିଥିବାବେଳେ ଦୀର୍ଘ ସମୟ ଧରି ବିବିଧତାକୁ ମାନିଆସିଛେ। ଆମେରିକାକୁ ପୂର୍ବ ଗୌରବ ଫେରାଇ ଆଣି ପ୍ରତ୍ୟେକଙ୍କ ଜୀବନକୁ ସୁଖମୟ କରିବା ଦିଗରେ ସେ ଉଦ୍ୟମ କରିବେ। ୩୭ ବର୍ଷୀୟ ବିବେକଙ୍କ ମାତାପିତା କେରଳରୁ ଆମେରିକା ଯାଇ ଓହିଓସ୍ଥିତ ଏକ ଜେନେରାଲ ଇଲେକ୍ଟ୍ରିକ୍ ପ୍ଲାଣ୍ଟରେ କାର୍ଯ୍ୟ କରିଥିଲେ। ବିବେକ ୨୦୧୪ରେ ରୋଇଭାଣ୍ଟ ସାଇନ୍ସେସ୍ ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ ସମୟରେ ସେ ଆଉ କେତେକ ସ୍ୱାସ୍ଥ୍ୟ ସେବା ଓ ଟେକ୍ନୋଲୋଜି କମ୍ପାନୀ ଗଢ଼ିଥିଲେ। ୨୦୨୨ରେ ବିବେକ ଷ୍ଟ୍ରାଇଭ୍ ଆସେଟ୍ ମ୍ୟାନେଜ୍‌ମେଣ୍ଟ ନାମରେ ଏକ ସଂସ୍ଥା ଖୋଲିଥିଲେ, ଯାହାକି ଆମେରିକୀୟ ଅର୍ଥନୀତିରେ ପ୍ରତ୍ୟେକ ନାଗରିକଙ୍କୁ ସ୍ୱର ଉତ୍ତୋଳନ ପାଇଁ ସୁଯୋଗ ଦେଇଥାଏ। ପ୍ରକାଶ ଯେ, ଏକ ପଞ୍ଜାବୀ ପରିବାରରୁ ଆସିଥିବା ନିକ୍କି ହାଲି ମଧ ଏହି ଦୌଡ଼ରେ ପୂର୍ବରୁ ସାମିଲ ହୋଇସାରିଛନ୍ତି। ନିକ୍କି ପୂର୍ବରୁ ସାଉଥ୍ କାରୋଲିନାରେ ୨ ଥର ଗଭର୍ନର ଓ ଜାତିସଂଘରେ ଆମେରିକାର ପ୍ରତିନିଧି ଭାବେ ମଧ କାର୍ଯ୍ୟ କରିଥିଲେ।

#### ହ୍ୱାଇଟ୍ ହାଉସ୍ ଦୌଡ଼


ବିବେକ ରାମାସ୍ୱାମୀ


ନିକ୍କି ହାଲି

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୨୩/୨୦୨୩ | Bhubaneswar, Thursday, February 23/2023 | 

# ୨ ଦୁର୍ଘଟଣା, ୯ ଜୀବନ ଗଲା



ଚୋଲପଦର ଗ୍ରାମ ନିକଟରେ ବୁଧବାର ଟ୍ରକ୍ ଧକ୍କାରେ ଦୁର୍ଘଟଣାର ଶିକାର ହୋଇଥିବା ଅଟୋ ଓ ଯାତ୍ରୀ ।

## ଅଟୋକୁ ଧକ୍କାଦେଲା ଟ୍ରକ୍, ୬ ମୃତ

**ରାୟଗଡ଼ା ଅଫିସ/ରାୟଗଡ଼ା(ସ୍ୱ.ପ୍ର.), ୨୨।୨**

ଆନ୍ଧ୍ରପ୍ରଦେଶର ମାନ୍ୟମ୍ ଜିଲା ଚୋଲପଦର ଗ୍ରାମ ନିକଟରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ଟ୍ରକ ଧକ୍କା ଦେବାରୁ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪ଜଣ ମହିଳା ଅଛନ୍ତି। ସେମାନେ ହେଲେ ମେଲେକା ଶାରଦା (୩୧), ମେଲେକା ଆମୁଡୁ (୪୪), ହୁଇକା ଲକ୍ଷ୍ମୀ (୪୫), ହୁଇକା ନାରସମା (୪୨)। ଡାକ୍ତରଖାନାରେ ମେଲେକା ଭେଙ୍କଟ (୫୯) ଓ ଅନ୍ୟ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଆଣ୍ଡିବାଲସା ଗ୍ରାମର ୧୨ଜଣ ତୁମଲବାଲସା ଗ୍ରାମକୁ ଏକ ବିବାହ ଭୋଜିରେ ଯୋଗ ଦେବାକୁ ଆସିଥିଲେ। ଭୋଜି ଖାଇସାରି ସମସ୍ତେ ଗୋଟିଏ ଅଟୋରେ ଘରକୁ ଫେରୁଥିଲେ। ଚୋଲପଦର ଗ୍ରାମ ନିକଟରେ ପାର୍ବତୀପୁରମଠାରୁ ଆସୁଥିବା ଏକ ଟ୍ରକ ଉକ୍ତ ଅଟୋକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ୪ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ଗୁରୁତା ହୋଇଥିଲେ। ମାନ୍ୟମ୍ ଏସ୍‌ପି ବି. ବିଦ୍ୟାସାଗର ଓ କୋମରଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ମୃତାହତଙ୍କୁ ଉଦ୍ଧାର କରି ପାର୍ବତୀପୁରମ ମେଡିକାଲ ପଠାଇଥିଲେ। ସେଠାରୁ ୪ ଜଣଙ୍କୁ ଅଧିକ ଚିକିତ୍ସା ଲାଗି ବିଜୟନଗରମ ପଠାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

## ଟ୍ରକ୍ ପଛରେ ପିଟିଲା ସ୍କର୍ପିଓ, ୩ ମୃତ



**ବଡ଼ବିଲ/ଯୋଡ଼ା, ୨୨।୨(ଡି.ଏନ୍.ଏ)**

କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଅନ୍ତର୍ଗତ ୫୨୦ନଂ. ଜାତୀୟ ରାଜପଥର ବାରବାଙ୍କ ଘାଟିରେ ବୁଧବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାରେ ଛିଡ଼ା ହୋଇଥିବା ଟ୍ରକ୍‌କୁ ପଛପଟୁ ସ୍କର୍ପିଓ ଧକ୍କା ଦେବାରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଶିଶୁ ସମେତ ୩ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସାହି ବିଜୁ ହଟିଂର ଅର୍ଜୁନ ମୁଣ୍ଡା, ରାଞ୍ଚି ମୁଣ୍ଡା ଓ ଜୁରିଆ ମୁଣ୍ଡା। ସୂଚନା ଅନୁଯାୟୀ, ବିଜୁ ହଟିଂର ଗୋଟିଏ ପରିବାର ୬ ଜଣ ରୁଗୁଡ଼ି ଥାନା ଗୁଆଲି ଅଞ୍ଚଳକୁ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେମାନେ ଏକ ସ୍କର୍ପିଓରେ ଭଦ୍ରାସାହିସ୍ଥିତ ଘରକୁ ଫେରୁଥିଲେ। ବାରବାଙ୍କ ଘାଟିରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ସ୍କର୍ପିଓ ପିଟି ହେବାରୁ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ବର୍ଷୀୟ ଶିଶୁ ଟୁନୁ ମୁଣ୍ଡା, ଶାହା ଯାହାନ ଭୂୟାଁ ଓ ରାମ ଲାଗୁରି ଗୁରୁତର ହୋଇଥିଲେ। ଖବର ପାଇ ରୁଗୁଡ଼ି ପୋଲିସ ପହଞ୍ଚି ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରାଯାଇଥିବା ଥାନା ଅଧିକାରୀ ସତ୍ୟନାରାୟଣ ମହାକୁଡ଼ କହିଛନ୍ତି।

**ବାରବାଙ୍କ ଘାଟିରେ ଦୁର୍ଘଟଣା, ଶିଶୁ ସମେତ ୩ ଗୁରୁତର**

## ଇଞ୍ଜିନରେ ଲିକ୍: ଏୟାର ଇଣ୍ଡିଆ ଫ୍ଲାଇଟ୍‌ର ଜରୁରୀ ଅବତରଣ

**ଭୋପାଳ, ୨୨।୨**

ନ୍ୟୁୟର୍କରୁ ବୁଧବାର ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ଫ୍ଲାଇଟ୍ (ଏଆଇ୧୦୬) ଇଞ୍ଜିନରେ ଲିକ୍ ଜଣାପଡ଼ିବା ପରେ ବିମାନକୁ ସ୍ୱିଡେନର ଷ୍ଟକ୍‌ହୋମ୍ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଛି। ବିମାନରେ ୩୦୦ ଯାତ୍ରୀଥିବାବେଳେ ସମସ୍ତେ ସୁରକ୍ଷିତ ଥିବା ଜଣାପଡ଼ିଛି। ବିମାନର ଅପରେଟିଂ କରୁଥିବା ବୋଇଂ ୭୭୭-୩୦୦ଇଆର୍ ଏୟାରକ୍ରାଫ୍ଟ ଇଞ୍ଜିନରୁ ତେଲ ଲିକ୍ ଜାଣିବା ପରେ ବିମାନର ଦିଗକୁ ବଦଳା ଯାଇଥିଲା। ତେଲ ଲିକ୍ ପରେ ଇଞ୍ଜିନ୍ ଅଚଳ ହୋଇଯାଇଥିଲା। ଏହା ସତ୍ତ୍ୱେ ବିମାନକୁ ସୁରକ୍ଷିତ ଭାବେ ଅବତରଣ କରାଯାଇଥିବା ଘରୋଇ ବିମାନ ଉଡ଼ାଣ ସଂସ୍ଥା ପକ୍ଷରୁ କୁହାଯାଇଛି।




## ରାସ୍ତାରୁ ବୁଲା କୁକୁର ହଟାଅ: ମନ୍ତ୍ରୀ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

**ହାଇଦ୍ରାବାଦ ଘଟଣା ପରେ ଚେତାପଶିଲା**

ହାଇଦ୍ରାବାଦରେ ୪ ବର୍ଷର ଶିଶୁପୁତ୍ରକୁ ବୁଲା କୁକୁର ଝୁଣି ମାରିଦେବା ଘଟଣା ସାମ୍ନାକୁ ଆସିବା ପରେ ଓଡ଼ିଶା ସରକାର ତତ୍ପରତା ଦେଖାଇଛନ୍ତି। ରାଜ୍ୟରେ ରାସ୍ତା କଡ଼ରୁ ବୁଲା କୁକୁର ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଏ ନେଇ ବୁଧବାର ମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ହାଇଦ୍ରାବାଦରେ ଏହି ଭୟାନକ ଘଟଣା ଦେଖି ମୁଁ ଓଡ଼ିଶାର ସମସ୍ତ ୩୦ ଜିଲାର ଚିଫ୍ ଡିଷ୍ଟ୍ରିକ୍ଟ ଭେଟେରିନାରୀ ଅଫିସର(ସିଡିଭିଓ)ଙ୍କୁ କଡ଼ା ସତର୍କ ରହିବା ସହ ରାସ୍ତାରୁ ବୁଲା କୁକୁରଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଛି। ଏହା ଉପରେ ତୁରନ୍ତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଡିଭିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ☞ପୃଷ୍ଠା-୧୧




ପୁରୀ ଶ୍ରୀମନ୍ଦିରର ଦୃଶ୍ୟ ୧୯୨୪ ମସିହା ପର୍ତ୍ତୁଗୀଜ୍ ନୋଟ୍‌ରେ ସ୍ଥାନ ପାଇଥିବାର ଏକ ଫଟୋ ଏବେ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି। ପର୍ତ୍ତୁଗୀଜ୍‌ମାନେ ୧୫୦୫ ମସିହାରେ ଗୋଆରେ ପ୍ରଥମେ ତାଙ୍କର କଲୋନୀ ପ୍ରତିଷ୍ଠା କରିଥିଲେ। ଓଡ଼ିଶାର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରର ଫଟୋ ପର୍ତ୍ତୁଗୀଜ୍ ନୋଟ୍‌ରେ ସ୍ଥାନ ପାଇଥିବାବେଳେ ଭାରତରେ ଶାସନ କରିଥିବାର ବ୍ରିଟିଶ୍ ସରକାର କିମ୍ବା ସ୍ୱାଧୀନତା ପରେ କେନ୍ଦ୍ର ସରକାର ଶ୍ରୀମନ୍ଦିର ଫଟୋକୁ କୌଣସି ନୋଟ୍‌ରେ ସ୍ଥାନ ଦେଇ ନ ଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଚାଲିଛି।

## ବର୍ଷକୁ ୫ ସେମି ଘୁଞ୍ଚୁଛି ଭାରତୀୟ ପ୍ଲେଟ୍

**ହାଇଦ୍ରାବାଦ, ୨୨।୨**

**ଦେଶରେ ଭୂକମ୍ପ ନେଇ ସତର୍କ କରାଇଲେ ବୈଜ୍ଞାନିକ**

ନିକଟରେ ତୁର୍କୀ ଓ ସିରିଆରେ ପ୍ରଳୟଙ୍କରୀ ଭୂକମ୍ପର ଭୟାବହତା ଦେଖିବା ପରେ ବିଶ୍ୱବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପୂର୍ବରୁ ଭାରତ ମଧ୍ୟ ଅନେକ ଭୂମିକମ୍ପଜନିତ ଦୁଷ୍ପରିଣାମର ମୂକସାକ୍ଷୀ ପାଲଟିଛି। ତେବେ ଆଗାମୀ ଦିନରେ ଦେଶରେ ସାଂଘାତିକ ଭୂମିକମ୍ପ ହେବା ନେଇ ନ୍ୟାଶନାଲ ଜିଓଗ୍ରାଫିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ଜିଆର୍‌ଆଇ) ବୈଜ୍ଞାନିକ ଡ. ଏନ୍. ପୂର୍ଣ୍ଣଚନ୍ଦ୍ର ରାଓ ସତର୍କ କରିଛନ୍ତି। ପୃଥିବୀ ପୃଷ୍ଠ ତଳେ ଅନେକ ପ୍ଲେଟ୍ ରହିଛି, ଯେଉଁଗୁଡ଼ିକ ସମୟକ୍ରମେ ଗତିମାନ କରନ୍ତି। ଭାରତ ଭୂପୃଷ୍ଠର ପ୍ଲେଟ୍ ପ୍ରତିବର୍ଷ ୫ ସେଣ୍ଟିମିଟର ଘୁଞ୍ଚୁଛି। ଏହାଦ୍ୱାରା ହିମାଳୟ ଉପରେ ଚାପ ପଡ଼ିବା ସହ ଭୂକମ୍ପର ଆଶଙ୍କା ବୃଦ୍ଧି ପାଇଛି। ଉତ୍ତରାଖଣ୍ଡ ସମେତ ହିମାଚଳ ଏବଂ ନେପାଳର ପଶ୍ଚିମାଞ୍ଚଳ ମଧ୍ୟରେ ଥିବା ଭୂକମ୍ପୀୟ ଅନ୍ତରାୟ ଯୋଗୁ ଯେ କୌଣସି ମୁହୂର୍ତ୍ତରେ ସେଠାରେ ଭୂମିକମ୍ପ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ରାୟ କହିଛନ୍ତି। ସତର୍କତା ଦୃଷ୍ଟିରୁ ଉତ୍ତରାଖଣ୍ଡରେ ୧୮ଟି ସେସ୍‌ମୋଗ୍ରାଫ୍ (ଭୂମିକମ୍ପ ସମୟରେ ଭୂପୃଷ୍ଠର ଗତି ମାପକ) ଷ୍ଟେଶନ୍ ରହିଛି। ଗତ ୬ ତାରିଖରେ ତୁର୍କୀ, ସିରିଆରେ ଅନୁଭୂତ ୭.୮ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଦୁଇ ଦେଶର ନକ୍ସାକୁ ବଦଳାଇ ଦେଇଛି। ଏଥିରେ ୪୬,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ଅନେକ ଲୋକ ଏବେ ବି ନିଜ ପ୍ରିୟଜନଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି। ସିରିଆ ଓ ତୁର୍କୀର ସ୍ଥିତିକୁ ଦେଖି ଏବେ ଅନ୍ୟ ଦେଶଗଡ଼ିକ ଏପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଖାଲି ସେତିକି ନୁହେଁ, ଭୂକମ୍ପ ସମ୍ପର୍କରେ ଆଗୁଆ ଅବଗତ ହେବା ଲାଗି ବୈଜ୍ଞାନିକଙ୍କ ପକ୍ଷରୁ ଅଧ୍ୟୟନ ମଧ୍ୟ ଆରମ୍ଭ ହୋଇଯାଇଛି। ହିମାଳୟର ପ୍ଲେଟ୍ ସ୍ଥିତିକୁ ଅନୁଧ୍ୟାନ କଲେ ସେଠାରେ ଯେକୌଣସି ମୁହୂର୍ତ୍ତରେ ଭୂମିକମ୍ପ ହେବା ଅନୁମାନ କରାଯାଏ। ଏହାର ତୀବ୍ରତା ୮.୦ କିମ୍ବା ତା'ଠାରୁ ଅଧିକ ରହିବ। ଅନ୍ୟପକ୍ଷେ ଭାରତର ୫୯% ଜନବସତି ମୁଣ୍ଡ ଉପରେ ଭୂକମ୍ପଜନିତ ବିପଦ ରହିଥିବା ବୈଜ୍ଞାନିକମାନେ ମତ ଦେଇଛନ୍ତି।






## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇ କଥାକୁ,**
**ନାଆ ପେଲିଦେଲି କଲିକତାକୁ ।**

କେତେକ ବ୍ୟକ୍ତି କୌଣସି କଥାକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି । ଏଇ ସାମାନ୍ୟ କଥାଟା ହୋଇପାରିବନି ଯେ ଏତେ ଚିନ୍ତା ବୋଲି କହି ଫୁଙ୍କାରରେ ଉଡ଼େଇ ଦେଇଥାନ୍ତି । କଥାକୁ ଗୁରୁତ୍ୱର ସହକାରେ ନ ନେଇ ବେପରୁଆ ମନୋଭାବ ପୋଷଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଏକ ଆଖି ଆଖି ନୁହେଁ,**
**ଏକ ସାକ୍ଷୀ ସାକ୍ଷୀ ନୁହେଁ ।**

ଦୁଇ ଆଖିରେ ଯେମିତି ଦେଖା ଯାଇଥାଏ, ଏକ ଆଖିରେ ସେମିତି ଦେଖାଯାଇ ନ ଥାଏ । ସେହିପରି ସାକ୍ଷୀ ଯେତେ ସଂଖ୍ୟାରେ ସପକ୍ଷରେ ଥାଏ, ପ୍ରମାଣ ସେତିକି ଦୃଢ଼ ହୋଇଥାଏ । ଏକ ସଂଖ୍ୟା କେବେହେଲେ ବଳିଷ୍ଠ ବା ଶ୍ରେଷ୍ଠ ସଂଖ୍ୟା ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆକ୍ରାନ୍ତଙ୍କ ସଂଖ୍ୟା ୩୦କୁ ବୃଦ୍ଧି

ବାଲେଶ୍ୱର ଅଫିସ/ସୋର, ୨୨।୨

ବାଲେଶ୍ୱର ଜିଲା ସୋର ପୌରାଞ୍ଚଳ ଅଧୀନ ଗାନ୍ଧୀ ସେବାସଂଘ ପୁରୁବାଇ କନ୍ୟାଶ୍ରମରେ ଅସୁସ୍ଥ ଅନ୍ତେବାସୀଙ୍କ ସଂଖ୍ୟା ୩୦କୁ ବୃଦ୍ଧି ପାଇଛି । ୧୭ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ବେଳେ ୧୩ଜଣ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା କନ୍ୟାଶ୍ରମ ପରିଚାଳନା ସମ୍ପାଦିକା ସୁମତୀ ମହାନ୍ତି ସୂଚନା ଦେଇଛନ୍ତି ।

ସୂଚନା ଅନୁଯାୟୀ, ପୁରୁବାଇ କନ୍ୟାଶ୍ରମରେ ମୋଟ୍ ୧୫୭ ଅନ୍ତେବାସିନୀ ରହିଛନ୍ତି । ଗତ ୧୭ତାରିଖରେ ୨୭ଜଣ ଅନ୍ତେବାସୀ ଜ୍ୱର, ପେଟବ୍ୟଥା ଓ ମୁଣ୍ଡବିନ୍ଧାରେ ଆକ୍ରାନ୍ତ ହୋଇଥିଲେ । ସେଥିମଧ୍ୟରୁ ୩ଜଣ ଗୁରୁତର ହୋଇପଡ଼ିବାରୁ ସେମାନଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଆଇସିୟୁରେ ରଖାଯାଇଥିଲା । ସେଠାରେ ଜଣେ ଦଶମ ଶ୍ରେଣୀର ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା । ସେହିଦିନଠାରୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ଚାଲିଛି । ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନିରଞ୍ଜନ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦ୍ଦେବଙ୍କ ସମେତ ଡାକ୍ତରୀ ଟିମ୍ କନ୍ୟାଶ୍ରମରେ ପହଞ୍ଚି ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିଥିଲେ । ସମସ୍ତ ଅନ୍ତେବାସୀଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ମାତ୍ର ୫ଜଣଙ୍କଠାରେ ଜାପାନିଜ ଏନସେଫାଲାଇଟିସ ବାହାରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସୋର ପୌରାଞ୍ଚଳ କର୍ତ୍ତୃପକ୍ଷ କନ୍ୟାଶ୍ରମ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । କନ୍ୟାଶ୍ରମର ଅସ୍ୱାସ୍ଥ୍ୟକର ପରିବେଶ ଦେଖି ସଫେଇ କରାଯିବା ସହ ଦୀର୍ଘଦିନ ଧରି ଡ୍ରେନ୍‌ରେ ଜମି ରହିଥିବା ଅଳିଆ ପାଣି ନିଷ୍କାସନ, ମଶା ଧୂଆଁ, ଅଳିଆ ଆବର୍ଜନା ସଫେଇ କାର୍ଯ୍ୟ ଜାରି ରହିଛି । ଏହାପରେ ମଧ୍ୟ ଅସୁସ୍ଥଙ୍କ ସଂଖ୍ୟା ବୃଦ୍ଧି ପାଉଛି । ମଙ୍ଗଳବାର ସନ୍ଧ୍ୟାରେ ଆଶ୍ରମରେ ଥିବା ଅନ୍ତେବାସୀଙ୍କ ମଧ୍ୟରୁ ୫ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି ।




ପୁରୁବାଇ କନ୍ୟାଶ୍ରମ

**କନ୍ୟାଶ୍ରମ ଅନ୍ତେବାସୀ ଅସୁସ୍ଥ ଘଟଣା**

# ବିମାନରେ ଯାତ୍ରୀଙ୍କ ଚିକିତ୍ସା କରି ଜୀବନ ବଞ୍ଚାଇଲେ ଏମ୍‌ପି ରାଜଶ୍ରୀ ମଲ୍ଲିକ

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ବୁଧବାର ଦିଲ୍ଲୀ ଯାତ୍ରା କରୁଥିବାବେଳେ ବିମାନରେ ଅସୁସ୍ଥ ହୋଇପଡ଼ିଥିବା ଜଣେ ଯାତ୍ରୀଙ୍କୁ ଚିକିତ୍ସା କରି ତାଙ୍କ ଜୀବନ ରକ୍ଷା କରିଛନ୍ତି । ଏନେଇ ସେ ତାଙ୍କ ଫେସ୍‌ବୁକ୍ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି । ରାଜଶ୍ରୀ ଇଣ୍ଡିଗୋ ଏୟାରଲାଇନ୍ସର ୬ଇ୨୦୬୫ ବିମାନରେ ଦିଲ୍ଲୀ ଯାତ୍ରା କରୁଥିଲେ । ବିମାନଟି ପୂର୍ବାହ୍ନ ୧୦ଟା ୨୦ ମିନିଟ୍‌ରେ ଦିଲ୍ଲୀରେ ଅବତରଣ କରିଥିଲା । ଅବତରଣ କରିବାର ୨୦ ମିନିଟ୍ ପୂର୍ବରୁ ବିମାନରେ ଯାଉଥିବା ବ୍ରହ୍ମପୁରର ଜଣେ ଯାତ୍ରୀଙ୍କୁ ବାତ ମାରିବାରୁ ସେ ଅଚେତ ହୋଇପଡ଼ିଥିଲେ । ପେଷାରେ ଡାକ୍ତର ଥିବା ଏମ୍‌ପି ରାଜଶ୍ରୀ ଏହା ଦେଖି ତତ୍‌କ୍ଷଣାତ୍ ସିଟ୍‌ରୁ ଉଠି ତାଙ୍କ ଚିକିତ୍ସା ଆରମ୍ଭ କରିଥିଲେ । ଉପସ୍ଥିତ ବୁଦ୍ଧି ଖଟାଇ 'ମାଉଥ୍ ଓପନ ଆଣ୍ଡ୍ କ୍ଲିନ୍' ପଦ୍ଧତିରେ ଚିକିତ୍ସା କରିବା ସହିତ ବିମାନର ଅକ୍ସିଜେନ ମାସ୍କ ଓ ମସାଜ ଦେଇ ତାଙ୍କର ଜୀବନ ରକ୍ଷା କରିଥିଲେ । ଏମ୍‌ପିଙ୍କ ଏହି ମହାନ କାର୍ଯ୍ୟକୁ ବିମାନର ସମସ୍ତ ଯାତ୍ରୀ ଓ ବିମାନ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ । ସୂଚନାଯୋଗ୍ୟ, ପୂର୍ବରୁ ୨୦୧୮-୧୯ରେ ମଧ୍ୟ ରାଜଶ୍ରୀ ମଲ୍ଲିକ ବିମାନରେ ଯାଉଥିବା ଜଗତ୍‌ସିଂହପୁରର ଆଉଜଣେ ଯାତ୍ରୀଙ୍କର ଚିକିତ୍ସା କରି ଜୀବନ ରକ୍ଷା କରିଥିଲେ । ସେତେବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଏମ୍‌ପିଙ୍କ ପ୍ରଶଂସା କରିଥିଲେ ।




ମାସକୁ ୨୬ ହଜାର ଟଙ୍କା ଦରମା ଏବଂ ୧୦ ହଜାର ଟଙ୍କା ପେନ୍‌ସନ୍ ଦାବିରେ ଭୁବନେଶ୍ୱର ପିଏମ୍‌ଜିଠାରେ ବୁଧବାର ଆଶାକର୍ମୀମାନେ ନୃତ୍ୟ ମାଧ୍ୟମରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ପ୍ରମିଳାଙ୍କ ବିରୋଧରେ ମାନହାନି ମାମଲା କରିବି: ଜୟନାରାୟଣ

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କ ବିରୋଧରେ ମାନହାନି ମାମଲା ରୁଜୁ କରିବାକୁ ଚେତାବନୀ ଦେଇଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ବୁଧବାର ବିରୋଧୀ ଦଳ ନେତା କହିଛନ୍ତି, ପ୍ରମିଳା ମଲ୍ଲିକ ରାଜ୍ୟର ମନ୍ତ୍ରୀ । ସେ ଯାହା କହୁଛନ୍ତି ସରକାର କହୁଛନ୍ତି । ସେ କହିଛନ୍ତି, ମାନ୍ୟବର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କର ହତ୍ୟାରେ ଷଡ଼ଯନ୍ତ୍ର ନାହିଁ ତ? କ୍ରାଇମ୍‌ବ୍ରାଞ୍ଚ ଯେତେବେଳେ ତଦନ୍ତ କରୁଛି, ତଦନ୍ତକୁ ଏହା ପ୍ରଭାବିତ କରିବନି ତ? ଜଣେ ମନ୍ତ୍ରୀ ଯେତେବେଳେ ଷ୍ଟେଟ୍‌ମେଣ୍ଟ ଦେବେ ତାହା ସରକାରଙ୍କ ଉକ୍ତି ବୋଲି ଧରାଯିବ । ମନ୍ତ୍ରୀଙ୍କ ବିରୋଧରେ ମାନହାନି ମାମଲା କରିବେ ବୋଲି ଜୟନାରାୟଣ କହିଛନ୍ତି । ସୂଚନାଯୋଗ୍ୟ, ଏହି ହତ୍ୟା ଘଟଣାରେ କେନ୍ଦ୍ରମନ୍ତ୍ରୀ ଓ ବିରୋଧୀ ଦଳ ନେତା ସମ୍ପୃକ୍ତି ଥିବା ନେଇ ରାଜସ୍ୱ ମନ୍ତ୍ରୀ ପରୋକ୍ଷରେ ଇଙ୍ଗିତ କରିଥିଲେ । ପ୍ରମିଳା କହିଛନ୍ତି, ସେ ଯେଉଁଭଳି ହେଉଛନ୍ତି କୌଣସି ମହିଳା କର୍ମଚାରୀ ତାଙ୍କ ସହ କଥାବାର୍ତ୍ତା କିମ୍ବା କାମ କରିବା ସମ୍ଭବ ନୁହେଁ । ତାଙ୍କ ଦେହ ଖରାପ । ସେ ଉତ୍ତେଜିତ ହୋଇଯାଉଛନ୍ତି । ଡାକ୍ତରୀ ପରୀକ୍ଷା କରିବା ଦରକାର ବୋଲି ସେ କହିଛନ୍ତି ।

# ଭାଉଜଙ୍କୁ ଶିଳପୁଆରେ ଛେଚି ହତ୍ୟା

ଆର.ଉଦୟଗିରି, ୨୨।୨(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ଗ୍ରାମ ବଙ୍ଗଳା ସାହିରେ ବୁଧବାର ଭାଉଜଙ୍କୁ ଶିଳପୁଆରେ ଛେଚି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତକ ହେଲେ ସଞ୍ଜୟ ପାଇକଙ୍କ ସ୍ତ୍ରୀ ଅନିତା । ସଞ୍ଜୟ ୨ ବର୍ଷ ତଳେ ଡେଙ୍ଗମା ଅଞ୍ଚଳର ଅନିତାଙ୍କୁ ବିବାହ କରିଥିଲେ । ସ୍ୱାମୀ କାମ କରିବାକୁ ବାହାର ରାଜ୍ୟକୁ ଯାଇଥିବା ବେଳେ ସ୍ତ୍ରୀଙ୍କୁ ଶାଶୁଘରେ ଛାଡ଼ି ଯାଇଥିଲେ । ବୁଧବାର ସଞ୍ଜୟଙ୍କ ମା'ଙ୍କୁ ୪ର୍ଥ ପୁଅ ରୁନା ପାଇକ ଆକ୍ରମଣ କରୁଥିବା ସମୟରେ ଅନିତା ଛଡ଼ାଇଥିଲେ । ସେ ସମୟରେ ରୁନା ରାଗିଯାଇ ଭାଉଜଙ୍କ ଚୁଟି ଧରି ତଳେ ପକାଇ ଶିଳପୁଆରେ ମୁଣ୍ଡ ପଛପଟକୁ ଛେଚି ଛେଚି ଆକ୍ରମଣ କରିଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ଅନିତାଙ୍କୁ ଆର୍.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ଅନିତାଙ୍କୁ ମୃତ ଘୋଷଣା କରିଥିଲେ । ଅଭିଯୁକ୍ତ ଦିଅର ଫେରାର ଥିବାବେଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ନେଇ ନଂ.୨୧/୨୩ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି ।

# ଏସ୍‌ପିଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ

ଧର୍ମଶାଳା, ୨୨।୨(ଡି.ଏନ.ଏ.)

**ଧର୍ମଶାଳା ଥାନା ଅଧିକାରୀଙ୍କ ବିରୋଧରେ ଏସ୍‌ଆଇଙ୍କ ନିର୍ଯାତନା ମାମଲା**

ଯାଜପୁର ଜିଲା ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଉକ୍ତ ଥାନାର ଏସ୍‌ଆଇ ଚାକିରିରୁ ଅବସର ନେବା ପାଇଁ ଯାଜପୁର ଏସ୍‌ପିଙ୍କ ନିକଟକୁ ଲିଖିତ ଅବେଦନ କରିଥିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି । ଏସ୍‌ପି ବିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଯାଜପୁର ରୋଡ୍ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଧର୍ମଶାଳା ଥାନାରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି । ସୂଚନାଯୋଗ୍ୟ, ଏସ୍‌ଆଇ ରାଧାନାଥ ଦାସ ତାଙ୍କ ଅବସର ଓ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ଥାନାରେ ଥିବା ଅଫିସରମାନଙ୍କ ମଧ୍ୟରେ ଠିକ ଭାବେ କାର୍ଯ୍ୟ ବଣ୍ଟନ କରାଯାଉନାହିଁ । ଅନ୍ୟମାନଙ୍କ ତୁଳନାରେ ତାଙ୍କୁ ଅଧିକ କେଶ ଦିଆଯାଉଛି । ଥାନା ଅଧିକାରୀ ନିଜେ ସର୍ବନିମ୍ନ ୩ରୁ ଅଧିକ ବଡ଼ ମାମଲା ତଦନ୍ତ କରିବାର ନିୟମ ରହିଥିବା ବେଳେ ଉକ୍ତ ଥାନା ଅଧିକାରୀ ତ୍ରିପାଠୀ କିନ୍ତୁ ଏହା କରୁ ନ ଥିବା ଦାସ ତାଙ୍କ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି । ଏଥିସହିତ ତାଙ୍କ ମା'ଙ୍କ ଦେହ ଖରାପ ହୋଇଥିବାରୁ ଘରକୁ ଛୁଟିରେ ଯିବା ପାଇଁ ସେ ଥାନା ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ଥାନା ଅଧିକାରୀ ଛୁଟି ଦେଉ ନାହାନ୍ତି । ତେଣୁ ଥାନା ଅଧିକାରୀ ତ୍ରିପାଠୀ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବାରୁ ସେ ଚାକିରିରୁ ଅବସର ନେବାକୁ ନିଷ୍ପତ୍ତି ନେଇ ମଙ୍ଗଳବାର ଯାଜପୁର ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଏ ସମ୍ପର୍କରେ ଏସ୍‌ଡିପିଓ ପଟ୍ଟନାୟକଙ୍କୁ ପଚାରାଯିବାରୁ ସେ ଘଟଣାର ତଦନ୍ତ କରି ସବିଶେଷ ତଥ୍ୟ ଏସପିଙ୍କୁ ହସ୍ତାନ୍ତର କରିବେ ବୋଲି କହିଛନ୍ତି । ଥାନା ଅଧିକାରୀ ତ୍ରିପାଠୀଙ୍କୁ ପଚାରିବାରେ ସେ କହିଛନ୍ତି, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ । ତଦନ୍ତ ପରେ ଏହା ସ୍ପଷ୍ଟ ହେବ ।

# ନଦୀରେ ବୁଡ଼ି ବଡ଼ ଝିଅ ମୃତ: ମା', ସାନ ଝିଅ ଉଦ୍ଧାର

ନିଶ୍ଚିନ୍ତକୋଇଲି, ୨୨।୨(ସ୍ୱ.ପ୍ର.)

**ଏକାଦଶାହରେ ଅଘଟଣ: ଶୁଦ୍ଧିକ୍ରିୟା ଅଧା ରହିଲା**

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ବୁହାଲୋ ପଞ୍ଚାୟତ ସାଧକନଗର ଗାଁରେ ବୁଧବାର ଏକାଦଶାହ ନିମନ୍ତେ ପ୍ରସ୍ତୁତି ଚାଲିଥିଲା ବେଳେ ଏକ ଅଘଟଣ ଘଟିଛି । ଫଳରେ ଶୁଦ୍ଧିକ୍ରିୟା ସମାପନ ହେବା ପରିବର୍ତ୍ତେ ଅଧାରେ ରହିଯାଇଛି । ଲୁଣାନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ମା' ଓ ୨ ଝିଅ ଭାସି ଯାଇଥିଲେ । ଗ୍ରାମବାସୀ ମା' ଓ ସାନଝିଅକୁ ଉଦ୍ଧାର କରିଥିଲା ବେଳେ ବଡ଼ଝିଅଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି । ଏ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସାଧକନଗର ଗାଁର ଅକ୍ଷୟ କୁମାର ସାହୁଙ୍କ ସମ୍ପର୍କୀୟ ମୃତ ହାଡିବନ୍ଧୁ ସାହୁଙ୍କ ବୁଧବାର ଏକାଦଶାହ ଥିଲା । ଏକାଦଶାହ ଉପଲକ୍ଷେ ଭୋଜିର ଆୟୋଜନ ହୋଇଥିଲା । ଘରକୁ ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ଆସିବାରେ ଲାଗିଥିଲେ । ଏହି ସମୟରେ ଅକ୍ଷୟଙ୍କ ପତ୍ନୀ ଝୁନୁଲତା ତାଙ୍କ ବଡ଼ଝିଅ ରତ୍ନପୂର୍ଣ୍ଣା (୧୪) ଓ ସାନଝିଅ ସମ୍ପୂର୍ଣ୍ଣା (୮) ଗାଧୋଇବାକୁ ଲୁଣାନଦୀକୁ ସକାଳ ୯ଟାରେ ଯାଇଥିଲେ । ଏହି ସମୟରେ ମା' ଓ ୨ ଝିଅ ଲୁଣାନଦୀ ମଙ୍ଗଳାଗଣ୍ଡ ନିକଟରେ ଗାଧୋଉଥିବା ବେଳେ ପାଣିରେ ଭାସି ଯାଇଥିଲେ । ମା' ଓ ୨ ଝିଅ ପରସ୍ପର ହାତ ଧରାଧରି ହୋଇ ବଞ୍ଚାଅ ବଞ୍ଚାଅ ବୋଲି ଚିତ୍କାର କରିଥିଲେ । ସେମାନଙ୍କ ପାଟି ଶୁଣି ପାଖରେ ଥିବା ଗାଁର କେତେଜଣ ସାହସୀ ଯୁବକ ନଦୀକୁ ଡେଇଁ ମା' ଝୁନୁଲତା ଓ ସାନଝିଅ ସମ୍ପୂର୍ଣ୍ଣାଙ୍କୁ ଉଦ୍ଧାର କରିଥିଲେ । କିନ୍ତୁ ବଡ଼ଝିଅ ରତ୍ନପୂର୍ଣ୍ଣା ପାଣିରେ ବୁଡିଯାଇଥିଲେ । ଯୁବକମାନେ ନଦୀରେ ରତ୍ନପୂର୍ଣ୍ଣାଙ୍କୁ ଖୋଜି ପାଇ ନ ଥିଲେ । ଖବରପାଇ ନିଶ୍ଚିନ୍ତକୋଇଲି ଅଗ୍ନିଶମ ସେବା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନଦୀରେ ଖୋଜାଖୋଜି କରିବାର ୨ ଘଣ୍ଟା ପରେ ରତ୍ନପୂର୍ଣ୍ଣାଙ୍କୁ ପାଇଥିଲେ । କର୍ମଚାରୀମାନେ ଗ୍ରାମବାସୀଙ୍କ ସହାୟତାରେ ରତ୍ନପୂର୍ଣ୍ଣାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ସମ୍ପର୍କରେ ତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ଅଭିଯୋଗକୁ ଭିତ୍ତିକରି ପୋଲିସ ପହଞ୍ଚି ରତ୍ନପୂର୍ଣ୍ଣାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିଲା । ମୃତଦେହ ବ୍ୟବଚ୍ଛେଦ ପରେ ଗାଁକୁ ଅଣାଯାଇ ସଂସ୍କାର କରାଯାଇଛି । ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଚିନ୍ମୟୀ ସାହୁ କହିଛନ୍ତି ।

# ସ୍ତ୍ରୀଙ୍କ ବେକ କାଟି ହତ୍ୟା ପରେ ବେକ କାଟିଲେ ସ୍ୱାମୀ

ଟିକିରି, ୨୨।୨(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଟିକିରି ଥାନା ଅନ୍ତର୍ଗତ ଶଙ୍କରଡା ପଞ୍ଚାୟତ ଖଡିକାଯୋଡି ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି । ଏକ ଦମ୍ପତିଙ୍କ ମଧ୍ୟରେ ଯୁକ୍ତିତର୍କ ପରେ ସ୍ୱାମୀ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀଙ୍କ ବେକ କାଟି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ମୃତା ମହିଳା ହେଲେ ଖଡିକାଯୋଡି ଗ୍ରାମର ସୁନିତା ମାଝୀ । ତାଙ୍କ ସ୍ୱାମୀ ତୟାପୁଟ ଗ୍ରାମର ସମ୍ବଡ ମାଝୀଙ୍କୁ ଗୁରୁତର ଅବସ୍ଥାରେ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ପ୍ରକାଶ ଯେ, ୩ ବର୍ଷ ତଳେ ତୟାପୁଟ ଗ୍ରାମର ସମ୍ବଡ ଖଡିକାଯୋଡି ଗ୍ରାମର ସୁନିତାଙ୍କୁ ବିବାହ କରିଥିଲେ । ସେମାନଙ୍କର ୨ ବର୍ଷର ଏକ ଝିଅ ଅଛି । ସୁନୀତା ବାପଘରେ ଥିଲେ । ସମ୍ବଡ଼ ସେଠାକୁ ଯାଇଥିବା ବେଳେ ବୁଧବାର ଅପରାହ୍ନରେ କୌଣସି ଏକ କଥାକୁ ନେଇ ସ୍ତ୍ରୀ ସୁନୀତାଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ସମ୍ବଡ଼ ଏକ ଛୁରିରେ ସୁନୀତାଙ୍କ ବେକ କାଟି ଦେଇଥିଲେ । ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ପରେ ସମ୍ବଡ଼ ନିଜ ଗାଁକୁ ଆସି ମାନସିକ ଭାରଭାସ୍ୟ ହରାଇ ନିଜ ବେକ କାଟିଥିଲେ । ସେ ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଛନ୍ତି । ଏପଟେ ସୁନୀତାଙ୍କ ପରିବାର ଲୋକେ ହତ୍ୟାକାଣ୍ଡ ନେଇ ଟିକିରି ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି ।




ସାମାଜିକ ସୁରକ୍ଷା ସମେତ ୭ ଦଫା ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ କରୁଥିବା ଓଡ଼ିଶା କୃଷକ ସାଥୀ ସଂଘର ସଦସ୍ୟାସଦସ୍ୟ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୃତ୍ତିକା ନକ୍ଷତ୍ରର ପ୍ରତ୍ୟେକ କାମରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ । ଇଚ୍ଛା ନ ଥିଲେ ମଧ୍ୟ ଦୂର ସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ । ସହକର୍ମୀମାନଙ୍କ ସାହାଯ୍ୟରେ ଆଶା କରୁଥିବା ଦିଗରୁ ଅର୍ଥ ପାଇବେ । ବହୁତ ଦିନରୁ ଅଟକିଥିବା କାମକୁ ସମ୍ପୂର୍ଣ୍ଣ କରିବେ । ଦୂର ସମ୍ପର୍କୀୟ ବନ୍ଧୁଙ୍କ ଆଗମନ ।

**ବୃଷ** ପରୋକ୍ଷ ଶତ୍ରୁତା କାରଣରୁ ସମ୍ପର୍କୀୟାଙ୍କ ଦ୍ୱାରା ଅପଯଶ ପାଇପାରନ୍ତି । ରୋହିଣୀ ମାନସିକ ଅସ୍ଥିରତା ରହିଥିଲେ ମଧ୍ୟ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ । ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ । ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବ୍ୟକ୍ତି ସାହାଯ୍ୟ କରିବେ ।

**ମିଥୁନ** ଆରଦ୍ରା ନକ୍ଷତ୍ରର ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ । ଖୋଜୁଥିବା ଜିନିଷ ସୁବିଧାରେ ପାଇଯିବେ । ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ । କଳା, ସଙ୍ଗୀତ ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ । ଗଡ଼ି ଆସୁଥିବା ମୋକଦ୍ଦମାର ବିଚାର ସମ୍ଭାବନା ।

**କର୍କଟ** କର୍ମକ୍ଷେତ୍ରର ସଙ୍କଟଜନକ ସ୍ଥିତିରେ ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ । ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ । ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି, ତାହା ସାମାନ୍ୟ ବିଳମ୍ବରେ ପାଇବେ । ପୁଷ୍ୟା ନକ୍ଷତ୍ର ସଭାସମିତିରେ ଯୁକ୍ତିତର୍କରୁ ଦୂରେଇ ରହିବା ଭଲ ।

**ସିଂହ** ବନ୍ଧୁଙ୍କ ଫେରିବା ବାଟର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପଡ଼ିବେ । ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ । ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ରର ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ । ପରିବାରର ଆବଶ୍ୟକ ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆସିବାର ସମ୍ଭାବନା ରହିଛି ।

**କନ୍ୟା** ଦୀର୍ଘ ଦିନ ହେଲା ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ । ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ । ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ । ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । ସନ୍ତାନହେତୁକ ଚିନ୍ତା ଟଳିବ ।

**ତୁଳା** ମନ ଛଟପଟ ହେଉଥିଲେ ମଧ୍ୟ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ । ଅନ୍ୟମାନଙ୍କ ସାହାଯ୍ୟ ଲାଭ କରି କାମ ହାସଲ କରିବେ । ସ୍ୱାତୀ ନକ୍ଷତ୍ର ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି । ନିର୍ମାଣ କାର୍ଯ୍ୟରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ ।

**ବିଛା** ସାମାନ୍ୟ ଧୈର୍ଯ୍ୟ ଧରିଲେ ସମସ୍ୟାର ସରଳ ସମାଧାନ ହୋଇଯିବ । କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ । ବିଶାଖା ନକ୍ଷତ୍ର ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ।

**ଧନୁ** ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ । ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ । ସାମ୍ବାଦିକତା, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ । ଉତ୍ତରାଷାଢ଼ା ନକ୍ଷତ୍ର ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ ।

**ମକର** ଚିନ୍ତା ନ କରି କାମରେ ମନ ଦିଅନ୍ତୁ, ମିତ୍ରମାନେ ସହଯୋଗର ହାତ ବଢ଼ାଇବେ । ଆତିଥ୍ୟ ଗ୍ରହଣ ପୂର୍ବକ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି । ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ । ଶ୍ରବଣା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଲାଭବାନ୍ ହେବେ ।

**କୁମ୍ଭ** ଗତକାଲିର ଘଟଣାବଳୀ ସକାଶେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ । ଆଜିର ଯାତ୍ରା ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି । ପୂର୍ବଭାଦ୍ରବ ନକ୍ଷତ୍ର ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ । ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ ।

**ମୀନ** କେତେକ ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ । ଆଜି ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ । ଉତ୍ତର ଭାଦ୍ରବ ନକ୍ଷତ୍ର ଗୁରୁପାକ ଦ୍ରବ୍ୟ ଭୋଜନ ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ । ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ ।

ଆଜି ଫାଲ୍‌ଗୁନ ଶୁକ୍ଳ ଚତୁର୍ଥୀ ଗୁରୁବାର, ଫେବୃୟାରୀ ୨୩ ତାରିଖ, ରାଶି ନକ୍ଷତ୍ର-ରେବତୀ/ମୀନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୪ ଗତେ ଘ.୦୭।୪୬ ମଧ୍ୟେ, ଘ୧୦।୫୧ ଗତେ ଘ.୦୧।୦୯ ମଧ୍ୟେ, ଶୁଦ୍ଧ ଶୁଭବେଳା । ଦିବା ଘ.୦୧।୨୬ ଗତେ ଘ.୦୨।୫୨ ମଧ୍ୟେ ରାହୁକାଳ ।



ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଛତିଶଗଡ଼ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି। ବୁଧବାର ବିଦାୟୀ ଦିନରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ତାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଉଛନ୍ତି।

# ସିବିଆଇ, ଏସ୍ଆଇଟି ତଦନ୍ତ ଦାବିରେ ବିରୋଧୀ ଅଟଳ

**ନବ ଦାସ ହତ୍ୟାକାଣ୍ଡ**

- ଫେଲ୍ ମାରିଲା ସର୍ବଦଳୀୟ ବୈଠକ
- ଗୁରୁବାର ଯାଏ ଗୃହ ମୁଲତବୀ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ବିଧାନସଭା ଦ୍ୱିତୀୟ ଦିନ ଅଚଳ ହୋଇଛି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଦ୍ୱାରା ହେଉଥିବା ତଦନ୍ତକୁ ବିରୋଧୀ ଭାଜପା ଓ କଂଗ୍ରେସ କଡ଼ା ବିରୋଧ କରିଛନ୍ତି। କ୍ରାଇମବ୍ରାଞ୍ଚ ତଦନ୍ତ ଉପରେ ଭରସା ନାହିଁ। ଘଟଣାର ସତ୍ୟାସତ୍ୟ ପଦାକୁ ଆସିପାରିବ ନାହିଁ। ଏହି ସ୍ପର୍ଶକାତର ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରିବାକୁ ଭାଜପା ଦାବି କରିଥିବା ବେଳେ ଏସ୍ଆଇଟି ତଦନ୍ତ କରିବାକୁ କଂଗ୍ରେସ ଦାବି କରିଛି। ଏହି ପ୍ରସଙ୍ଗରେ ବିରୋଧୀ ସରକାରଙ୍କୁ ଘେରିଥିବା ବେଳେ ଶାସକ ଦଳ ମଧ୍ୟ କାଉଣ୍ଟର ଆଟାକ କରିଛି। କେନ୍ଦ୍ରୀୟ ଅବହେଳାକୁ ନେଇ ଶାସକ ଦଳ ବିଧାନସଭାରେ ପ୍ରତିବାଦ କରିଛି। ବିରୋଧୀ ଓ ଶାସକଙ୍କ ହଟ୍ଟଗୋଳରେ ଗୃହ କାର୍ଯ୍ୟ ବରବାଦ ହୋଇଯାଇଛି। ଦିନତମାମ କେବଳ ବିଧାନସଭାରେ ହଟ୍ଟଗୋଳ ଏବଂ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳିଛି। ଗୃହକୁ ସ୍ୱାଭାବିକ କରିବାକୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ ତାହା ଫେଲ୍ ମାରିଛି।

ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ବାଚସ୍ପତି ଗୃହକୁ ପ୍ରବେଶ କରିଥିଲେ। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୂର୍ବରୁ ପ୍ରସ୍ତୁତ ବିରୋଧୀ ଦଳ ସଦସ୍ୟମାନେ ନବ ଦାସ ହତ୍ୟାକାଣ୍ଡ ଘଟଣାକୁ ନେଇ ପ୍ରବଳ ହଟ୍ଟଗୋଳ କରିଥିଲେ। କଂଗ୍ରେସ ଓ ଭାଜପା ସଦସ୍ୟମାନେ ହାତରେ ପ୍ଲାକାର୍ଡ ଦେଖାଇ ଗୃହର ମଧ୍ୟଭାଗକୁ ଆସି ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହି ଘଟଣାର ସିବିଆଇ ତଦନ୍ତ କରିବାକୁ ଭାଜପା ଦାବି କରିଥିବା ବେଳେ କଂଗ୍ରେସ ଏସ୍ଆଇଟି ଦ୍ୱାରା କରିବାକୁ ଦାବି କରିଛି। ଅନ୍ୟପକ୍ଷରେ ଶାସକ ଦଳର ସଦସ୍ୟମାନେ ମଧ୍ୟ କେନ୍ଦ୍ର ବିରୋଧରେ ଚାଷୀ ଓ ଗରିବ ମାରଣ ନୀତି ଚଳିବ ନାହିଁ ବ୍ୟାନର ଧରି ପ୍ରତିବାଦ କରିଥିଲେ। ଉଭୟ ବିରୋଧୀ ଓ ଶାସକ ଦଳ ସଦସ୍ୟଙ୍କ ହଟ୍ଟଗୋଳରେ ଗୃହ ପ୍ରକମ୍ପିତ ହୋଇଥିଲା। ବାଚସ୍ପତି ବିରୋଧୀ ଓ ଶାସକ ଦଳର ସଦସ୍ୟଙ୍କୁ ଗୃହ କାର୍ଯ୍ୟରେ ଯୋଗ ଦେବାକୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବାଚସ୍ପତି ବାଧ୍ୟ ହୋଇ ୧୦ଟା ୩୨ରେ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ପରିସ୍ଥିତିରେ କୌଣସି ସୁଧାର ଆସି ନ ଥିଲା। ବିରୋଧୀ ଦଳ ସଦସ୍ୟମାନେ ବ୍ୟାନର ଧରି ପୁଣି ହଟ୍ଟଗୋଳ ଆରମ୍ଭ କରିଥିଲେ। ହଟ୍ଟଗୋଳ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହରେ ନବ ଦାସ ହତ୍ୟା ଘଟଣା ଉପରେ ବିବୃତି ଦେଇଥିଲେ। ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ସ୍ୱାଭାବିକ କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ଓ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ସର୍ବଦଳୀୟ ବୈଠକରେ କୌଣସି ନିର୍ଯାସ ବାହାରିପାରି ନ ଥିଲା। ବିରୋଧୀ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଅପରାହ୍ନରେ ମଧ୍ୟ ଗୃହ ସ୍ୱାଭାବିକ ହୋଇପାରି ନ ଥିଲା। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଭାଜପା ଓ କଂଗ୍ରେସ ସଦସ୍ୟମାନେ ସମାନ ଦାବି ଦୋହରାଇ ଗୃହରେ ପ୍ରବଳ ହୋହଲ୍ଲା କରିଥିଲେ। ଶାସକ ଦଳର ସଦସ୍ୟମାନେ ମଧ୍ୟ କେନ୍ଦ୍ର ଅବହେଳାକୁ ନେଇ ବିରୋଧୀଙ୍କୁ ପାଲଟା ଆକ୍ରମଣ କରିଥିଲେ। ପାଟିତୁଣ୍ଡ ମଧ୍ୟରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ବାଚସ୍ପତି କହିଥିଲେ, ଗୁରୁବାର ଗୃହରେ ବିରୋଧୀ ଦଳଙ୍କ ଦାବି ଉପରେ ମୋଶନ ଜରିଆରେ ଆଲୋଚନା ହେବ। ମାତ୍ର ବିରୋଧୀ ଦଳ ତାହାକୁ ଗ୍ରହଣ କରି ନ ଥିଲେ। ହଟ୍ଟଗୋଳ ହେବାରୁ ବାଚସ୍ପତି ଗୃହକୁ ଗୁରୁବାର ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।



ବିଧାନସଭାରେ ବୁଧବାର ବିରୋଧୀ ଭାଜପା, କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରୁଛନ୍ତି।

**ନବ ଦାସ ହତ୍ୟାକାଣ୍ଡ**

# ପଶ୍ଚିମ ଓଡ଼ିଶାର ପୂର୍ବତନ ମନ୍ତ୍ରୀଙ୍କ ଆଡ଼କୁ କଂଗ୍ରେସର ଇସାରା

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ହତ୍ୟା ଘଟଣାରେ ବିଜେଡିର ଜଣେ ପଶ୍ଚିମ ଓଡ଼ିଶା ନେତାଙ୍କ ହାତ ଥିବା ନେଇ କଂଗ୍ରେସ ଇଙ୍ଗିତ କରିଛି। ନବଙ୍କ ସହ ସମ୍ପୃକ୍ତ ବାହୁବଳୀ ନେତାଙ୍କ ରାଜନୈତିକ ଶତ୍ରୁତା ଥିଲା ଏବଂ ସେ ତାଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି କଂଗ୍ରେସ ସନ୍ଦେହ ପ୍ରକାଶ କରିଛି। ଏହାସହ ପଶ୍ଚିମ ଓଡ଼ିଶାର ସେହି ନେତାଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ମଧ୍ୟ ଦଳ ଦାବି କରିଛି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ନବ ଦାସଙ୍କ ହତ୍ୟା ମାମଲାରେ ୩ଟି କାରଣ ହୋଇଥାଇପାରେ। ପ୍ରଥମତଃ ଗୋପାଳର ବ୍ୟକ୍ତିଗତ ଶତ୍ରୁତା, ଦ୍ୱିତୀୟତଃ ରାଜନୈତିକ ଶତ୍ରୁତା ଓ ଶେଷରେ ବ୍ୟବସାୟିକ ଶତ୍ରୁତା। ପାରିପାର୍ଶ୍ୱିକ ପ୍ରମାଣରୁ ଜଣାପଡୁଛି ଯେ, ନବ ଦାସ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହେବାବେଳେ ଶାସକ ଦଳ ନେତୃତ୍ୱ ଭିତରେ ଅନ୍ତର୍ଦ୍ୱନ୍ଦ୍ୱ ଦେଖାଦେଇଥିଲା। ବ୍ରଜରାଜନଗର ନିର୍ବାଚନବେଳେ ଏହା ପ୍ରମାଣିତ ହୋଇଥିଲା। ନବଙ୍କ ସହ ତାଙ୍କ ଦଳର ଜଣେ ପୂର୍ବତନ ମନ୍ତ୍ରୀଙ୍କର ରାଜନୈତିକ ଶତ୍ରୁତା ଥିଲା। ବରଗଡ଼ ଜିଲାର ସମ୍ପୃକ୍ତ ପୂର୍ବତନ ମନ୍ତ୍ରୀ ଜଣେ ଗୁଣ୍ଡା ପ୍ରକୃତିର ଲୋକ। ସେ ଏହି ହତ୍ୟା କରିଥାଇପାରନ୍ତି ବୋଲି ନରସିଂହ ସନ୍ଦେହ କରିବା ସହ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବାର ଆବଶ୍ୟକତା ରହିଥିବା ନେଇ କହିଛନ୍ତି।

ସେହିପରି କଂଗ୍ରେସ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି ମଧ୍ୟ ନବ ଦାସ ହତ୍ୟା ପଛରେ ପଶ୍ଚିମ ଓଡ଼ିଶାର ଜଣେ ବାହୁବଳୀ ନେତାଙ୍କ ସମ୍ପୃକ୍ତି ଆଡ଼କୁ ଅଙ୍ଗୁଳି ଉଠାଇଛନ୍ତି। ତାଙ୍କର ନବଙ୍କ ସହ ପଡୁ ନ ଥିଲା। ତେଣୁ ନବଙ୍କୁ ପଶ୍ଚିମ ଓଡ଼ିଶାର ସେହି ବିଜେଡି ନେତା ମାରିବା ଭଳି ଲାଗୁଛି। ତେବେ କିଏ ସେହି ବାହୁବଳୀ ନେତା, ତାଙ୍କ ନାଁ କହିବାକୁ ତାରା ମନା କରିଦେଇଛନ୍ତି। ନବ ଦାସ ହତ୍ୟା ମାମଲାର ତଦନ୍ତ ହାଇକୋର୍ଟଙ୍କ ନ୍ୟାୟିକ ତତ୍ତ୍ୱାବଧାନରେ ଏସ୍ଆଇଟି ଦ୍ୱାରା କରାଯିବାକୁ କଂଗ୍ରେସ ଦାବି କରିଛି। କ୍ରାଇମବ୍ରାଞ୍ଚ ତଦନ୍ତକୁ କଂଗ୍ରେସ ସିଧାସଳଖ ଖାରଜ କରିବା ସହ ଏହା ବିଶ୍ୱାସଯୋଗ୍ୟ ନୁହେଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ନବ ଦାସ ହତ୍ୟାର ୪ ଦିନ ପୂର୍ବରୁ ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ମଧ୍ୟରେ କ’ଣ ଟେଲିଫୋନିକ ବାର୍ତ୍ତାଳାପ ହୋଇଥିଲା ତାହା ଯାଞ୍ଚ ପରିଧିକୁ ଅଣାଯାଉ ବୋଲି ମଙ୍ଗଳବାର ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ଦାବି କରିଥିଲେ। ଏହାସହ ଏହି କାର୍ଯ୍ୟ ଓଡ଼ିଶା ପୋଲିସ ଠିକ୍‌ଭାବେ କରିପାରିବ ନାହିଁ। ତେଣୁ ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆଯାଉ ବୋଲି ସେ ଦାବି କରିଥିଲେ।

# ଟିଭିରେ ମୋଦିଙ୍କ ପ୍ରଚାର ଚାଲିଛି: ରାହୁଲ

**ଶିଲଂ, ୨୨।୨**

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଭାଷଣ ଦିଅନ୍ତି, ସେତେବେଳେ ଏହା ସମସ୍ତ ଟିଭିରେ ପ୍ରଚାର ଭଳି ପ୍ରସାର କରାଯାଇଥାଏ। କିନ୍ତୁ ମୋର ଭାଷଣ କେଉଁଠାରେ ଆପଣ ଦେଖି ପାରିବେ ନାହିଁ। କାରଣ ଏବେ ପ୍ରାୟ ଗଣମାଧ୍ୟମ ଦୁଇରୁ ତିନି ବଡ ଶିଳ୍ପପତିଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛି। ସେମାନଙ୍କର ପିଏମ୍ ମୋଦିଙ୍କ ସହ ଲିଙ୍କ ଅଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ମେଘାଳୟ ବିଧାନସଭା ନିର୍ବାଚନ ପ୍ରଚାର ପରିପ୍ରେକ୍ଷୀରେ ରାହୁଲ ଗାନ୍ଧୀ ଭାଜପାକୁ ଟାର୍ଗେଟ କରି କହିଛନ୍ତି। ଏଥିସହ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ପରୋକ୍ଷରେ ଭାଜପାକୁ ସାହାଯ୍ୟ କରୁଛି ବୋଲି ଶିଲଂଠାରେ ବୁଧବାର ଏକ ନିର୍ବାଚନୀ ରାଲିରେ ରାହୁଲ ଅଭିଯୋଗ କରିଛନ୍ତି।






# ଜୟନାରାୟଣଙ୍କୁ ନେଇ ବିଜେଡି, ଭାଜପା ନେତ୍ରୀ ମୁହାଁମୁହିଁ

- ଜୟନାରାୟଣ ଆସିଲେ ମହିଳା ବିଧାୟିକା ଗୃହରେ ସୁରକ୍ଷିତ ନୁହନ୍ତି: ସ୍ନେହାଙ୍ଗିନୀ
- ୧୧୧ ବିଜେଡି ନେତା, ମନ୍ତ୍ରୀଙ୍କ ବିରୋଧରେ ୧୭୪ ମାମଲା ରହିଛି: ସୋନାଲି

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

ନବ ଦାସଙ୍କ ହତ୍ୟାକାଣ୍ଡ ଘଟଣାରେ ବିରୋଧୀ ଏବଂ ଶାସକ ଦଳର ନେତାମାନେ ପରସ୍ପର ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିବାରେ ଲାଗିଛନ୍ତି। ବିଜେଡି ନେତ୍ରୀ ତଥା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ବୁଧବାର ବିଧାନସଭାରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ କରିଥିବା ବେଳେ ଭାଜପା ଏହାର ଜବାବ ରଖିଛି।

ବିଜେଡି ବିଧାୟକା ସ୍ନେହାଙ୍ଗିନୀ କହିଛନ୍ତି, ବାଚସ୍ପତିଙ୍କୁ ଯାଇ ବିରୋଧୀ ଦଳ ନେତାଙ୍କ ବିରୋଧରେ ଭେଟିଛୁ। ବିରୋଧୀ ଦଳ ନେତାଙ୍କ ନାଁରେ ଆପରାଧିକ ମାମଲା ରହିଛି। ଗୃହରେ ଥିବା ସମସ୍ତ ମହିଳା ବିଧାୟିକା ଏବେ ସୁରକ୍ଷିତ ମନେ କରୁନାହାନ୍ତି। ତେଣୁ ବାଚସ୍ପତି ତାଙ୍କୁ ବିରୋଧୀ ଦଳ ନେତା ମାନ୍ୟତା ସ୍ୱୀକୃତିକୁ ପ୍ରତ୍ୟାହାର କରନ୍ତୁ ବୋଲି ସ୍ନେହାଙ୍ଗିନୀ କହିଛନ୍ତି।

ଶାସକ ଦଳ ନେତ୍ରୀଙ୍କ ଏଭଳି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ଭାଜପା ନେତ୍ରୀ ସୋନାଲି ସାହୁ କହିଛନ୍ତି, ବିରୋଧୀ ଦଳ ନେତାଙ୍କୁ ବ୍ୟକ୍ତିଗତ ଆକ୍ଷେପ କରି ବିଜୁ ଜନତା ଦଳର ନେତା, ବିଧାୟକ, ଏମ୍‌ପି ଓ ମନ୍ତ୍ରୀମାନେ ପାଗଳ ବୋଲି କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ଦ୍ୱାରା ସାମ୍ବିଧାନିକ ପଦର ଗାରିମାକୁ ନଷ୍ଟ କରାଯାଇଛି। କୋଇଲା ଦୁର୍ନୀତିରେ ମୁଖ୍ୟମନ୍ତ୍ରୀ ଏବଂ ଚିଟ୍‌ଫଣ୍ଡ ଦୁର୍ନୀତିରେ ତାଙ୍କ କାର୍ଯ୍ୟାଳୟର ସମ୍ପୃକ୍ତି ବିଷୟରେ ରାଜ୍ୟବାସୀଙ୍କୁ ଅଛପା ନାହିଁ। ସେହିପରି ୧୧୧ ଜଣ ବିଜେଡି ନେତା ଓ ମନ୍ତ୍ରୀଙ୍କ ବିରୋଧରେ ୧୭୪ଟି ମାମଲା ରହିଛି। ସେଥି ମଧ୍ୟରୁ ୧୫୧ଟି ସଙ୍ଗୀନ ଦଫା ରହିଛି। କାହାକୁ ଆକ୍ଷେପ କରିବା ପୂର୍ବରୁ ବିଜୁ ଜନତା ଦଳର ନେତାମାନେ ନିଜ ଦଳର ନେତା ଓ ମନ୍ତ୍ରୀଙ୍କ ବିଷୟରେ ଜାଣିବା ଉଚିତ୍ ବୋଲି ସୋନାଲି କହିଛନ୍ତି।

# ନିଜ ତଦନ୍ତକାରୀ ସଂସ୍ଥା ଉପରେ ଓଡ଼ିଶା ସରକାରଙ୍କ ଭରସା ନାହିଁ: ପୀତାମ୍ବର

- ଏଫ୍‌ବିଆଇକୁ ଲେଖି ଭାରତର ସକ୍ଷମତା ଉପରେ ପ୍ରଶ୍ନବାଚୀ ଲଗାଇଛନ୍ତି: ସୁରେଶ
- ଭାଜପା ରାଜନୀତି କରିବା ଛଡ଼ା କିଛି ଜାଣିନି: ସସ୍ମିତ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ହତ୍ୟା ଆଜିକୁ ୨୪ ଦିନ ବିତିଗଲାଣି। ଏହିଭଳି ଜଘନ୍ୟ ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ କିଏ ତାହା ଏ ପର୍ଯ୍ୟନ୍ତ ଜଣାପଡ଼ିଲା ନାହିଁ। କ୍ରାଇମବ୍ରାଞ୍ଚର ତଦନ୍ତ ବର୍ତ୍ତମାନ ସମ୍ପୂର୍ଣ୍ଣ ଦିଗହରା ହୋଇଛି। ବୋଧହୁଏ ଓଡ଼ିଶା ସରକାରଙ୍କର ନିଜ ତଦନ୍ତ ବ୍ୟବସ୍ଥା ଉପରେ ବିଶ୍ୱାସ ନାହିଁ। ସେଥିପାଇଁ ଗୁଜରାଟ, ଭାରତ ସରକାର ଓ ଏଫ୍‌ବିଆଇ ଉପରେ ଭରସା କରୁଛନ୍ତି ବୋଲି ଭାଜପା ନେତା ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୀତାମ୍ବର କହିଛନ୍ତି, ଶାସକ ଦଳ ପୂର୍ବରୁ ଏହି ତଦନ୍ତକୁ କୋର୍ଟ ମନିଟର୍ଡ ତଦନ୍ତ ବୋଲି ପ୍ରଚାର କରୁଥିଲା। ହାଇକୋର୍ଟଙ୍କ ଏନେଇ କୌଣସି ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ ରାଜ୍ୟ ସରକାରଙ୍କ ପାଖରେ ଅଛି କି ବୋଲି ଭାଜପା ସରକାରଙ୍କୁ ପ୍ରଶ୍ନ କରିଥିଲା। ଏହାର ଉତ୍ତର ଏ ପର୍ଯ୍ୟନ୍ତ ମିଳିଲା ନାହିଁ କି ସେ ସମ୍ପର୍କରେ ଚିଠି ସରକାର ସର୍ବସମ୍ମୁଖରେ ପ୍ରକାଶ କଲେନାହିଁ। ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କ ଆଇନଗତ ପରାମର୍ଶଦାତା ନୁହନ୍ତି। କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଜଣେ ପୋଲିସ ଅଧିକାରୀ ସର୍ଭିସ୍ ରିଭଲଭରରୁ ଗୁଳିକରି ହତ୍ୟା କଲେ। ଏହି ହତ୍ୟାରେ ଗୋପାଳ ଦାସଙ୍କୁ କିଏ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିଥିଲା ସେମାନଙ୍କୁ କ୍ରାଇମବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିନାହିଁ। ରାଜ୍ୟ ସରକାର ରାଜ୍ୟବାସୀଙ୍କ ଆଗରେ ମିଥ୍ୟା ତଥ୍ୟ ରଖିବା ବନ୍ଦ କରନ୍ତୁ। ରାଜ୍ୟ ସରକାର ଏଫ୍‌ବିଆଇକୁ ବିଶ୍ୱାସ କରୁଛନ୍ତି। ସରକାର ନାର୍କୋ ଆନାଲିସିସ୍ ପାଇଁ ବାହାର ରାଜ୍ୟ ଉପରେ ଭରସା କରୁଛନ୍ତି। ଯଦି ରାଜ୍ୟ ସରକାରଙ୍କ ନିଜ ତଦନ୍ତକାରୀ ସଂସ୍ଥା ଉପରେ ଭରସା ନାହିଁ ତେବେ ପୂରା ଘଟଣାର ତଦନ୍ତ ସିବିଆଇକୁ କାହିଁକି ଦେଉନାହାନ୍ତି ବୋଲି ପୀତାମ୍ବର ପ୍ରଶ୍ନ କରିଛନ୍ତି। ଦେଶରେ ବଡ଼ ବଡ଼ ଅପରାଧ ମାମଲାରେ ବିଭିନ୍ନ ରାଜ୍ୟ ସରକାର ହୁଅନ୍ତୁ କି ରାଜ୍ୟର ହାଇକୋର୍ଟ ହୁଅନ୍ତୁ ବା ସୁପ୍ରିମକୋର୍ଟ ହୁଅନ୍ତୁ ସେମାନେ ତଦନ୍ତ ପାଇଁ ସବୁବେଳେ ସିବିଆଇ ଉପରେ ଭରସା କରନ୍ତି। ହାଇକୋର୍ଟ କେବେ ମଧ୍ୟ କୌଣସି ନିତିଦିନିଆ ତଦନ୍ତକୁ ସୁପରଭାଇଜ୍ କିମ୍ବା ଚିଠା ମାଧ୍ୟମରେ ଉପଦେଶ ଦିଅନ୍ତି ନାହିଁ। ବିଜେଡିର ସସ୍ମିତ ପାତ୍ର ବର୍ତ୍ତମାନ ଦିଲ୍ଲୀରେ ଖବରଦାତା ସମ୍ମିଳନୀ କରି ଯେଉଁ ତଥ୍ୟ ରଖିଛନ୍ତି ତାହା ମିଥ୍ୟା ବୋଲି ସେ କହିଛନ୍ତି।

ଭାଜପା ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି, ସିବିଆଇ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭରସା ନାହିଁ। ଏଫ୍‌ବିଆଇ ତ କାଲି ଆଉ କାହା କଥା କହିବ। ଏଫ୍‌ବିଆଇକୁ ସହଯୋଗ ପାଇଁ ଲେଖି ଭାରତର ସକ୍ଷମତା ଉପରେ ନବୀନ ପ୍ରଶ୍ନଚିହ୍ନ ଲଗାଇଛନ୍ତି। ଏହାଦ୍ୱାରା ବିଦେଶରେ ଭାରତର ଛବି ଖରାପ ହେବ। ତେଣୁ ସିବିଆଇ ଉପରେ ଭରସା କରି ମାମଲା ହସ୍ତାନ୍ତର କରନ୍ତୁ ବୋଲି ସେ କହିଛନ୍ତି।

ବିଜେଡି ଏମ୍‌ପି ସସ୍ମିତ ପାତ୍ର କହିଛନ୍ତି, ନବ ଦାସଙ୍କ ହତ୍ୟାକାଣ୍ଡର ତଦନ୍ତ ପାଇଁ ରାଜ୍ୟ ସରକାର ଆମେରିକାର ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇର ସହାୟତା ଲୋଡ଼ିଥିବା ବେଳେ ଏହି ଘଟଣାକୁ ନେଇ ଭାଜପା ଶସ୍ତା ରାଜନୀତି କରୁଛି। ନବଙ୍କ ହତ୍ୟାକାଣ୍ଡର ଅଭିଯୁକ୍ତ ଗୋପାଳ ଦାସ ଗୁଜରାଟ ଷ୍ଟେଟ୍ ଫରେନସିକ୍ ସାଇନ୍ସ ଲାବରେଟୋରିର ବିଶେଷଜ୍ଞଙ୍କ ଦ୍ୱାରା ନାର୍କୋ-ଆନାଲିସିସ୍‌ର ସମ୍ମୁଖୀନ ହୋଇଥିଲା ଯାହା ଦେଶରେ ସର୍ବୋତ୍ତମ। ଅଭିଯୁକ୍ତଙ୍କ ଫରେନସିକ୍ ସାଇକୋଲୋଜିକାଲ୍ ଆସେସ୍‌ମେଣ୍ଟ ଏବଂ ଲେରେଡ ଭଏସ୍ ଆନାଲିସିସ୍ ଟେଷ୍ଟ ନୂଆଦିଲ୍ଲୀ ସ୍ଥିତ ସେଣ୍ଟ୍ରାଲ ଫରେନସିକ୍ ସାଇନ୍ସ ଲାବରେଟୋରିର ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିଲା ଯାହା ଏକ କେନ୍ଦ୍ରୀୟ ଅନୁଷ୍ଠାନ। ବର୍ତ୍ତମାନ ଅଭିଯୁକ୍ତର ଆଚରଣ ସଂକ୍ରାନ୍ତରେ ବିଶ୍ଳେଷଣ ପାଇଁ ଆମେରିକାର ଏଫ୍‌ବିଆଇର ସହାୟତା ଲୋଡ଼ାଯାଇଛି। ଏ ସଂକ୍ରାନ୍ତୀୟ ସୁବିଧା ପାଇଁ ଭାରତ ସରକାରଙ୍କୁ ଚିଠି ଲେଖାଯାଇଛି। ସେହିଭଳି ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ମନୋନୀତ ଜଣେ ଅବସରପ୍ରାପ୍ତ ବିଚାରପତି ଏହି ଯାଞ୍ଚର ତଦାରଖ କରୁଛନ୍ତି। ତେବେ ଏଭଳି ଘଟଣାରେ ଭାଜପା କେବଳ ରାଜନୀତି କରିବା ବ୍ୟତୀତ ଆଉ କିଛି ଜାଣିନି ବୋଲି ସସ୍ମିତ କହିଛନ୍ତି।


ଠିକ୍ ସମୟରେ ସଠିକ୍ ଟୀକାଦେଇ ଆପଣଙ୍କ ଶିଶୁକୁ ସୁରକ୍ଷିତ ରଖନ୍ତୁ।

DSPL-462




**ଟୀକାକରଣ ସୂଚୀ**

| ବୟସ | ଟୀକା |
|---|---|
| ଜନ୍ମ ସମୟରେ | ବିସିଜି,ଓପିଭି, ହେପାଟାଇଟିସ୍- ବି (ଜନ୍ମ ମାତ୍ରା) |
| ୬ ସପ୍ତାହ (ଦେଢ ମାସ) | ଓପିଭି-୧,ପେଣ୍ଟାଭାଲେଣ୍ଟ-୧,ଏଫ୍‌ଆଇପିଭି-୧,ଆର୍‌ଭିଭି-୧,ପିସିଭି-୧ |
| ୧୦ ସପ୍ତାହ (ଅଢେଇ ମାସ) | ଓପିଭି-୨,ପେଣ୍ଟାଭାଲେଣ୍ଟ-୨,ଆର୍‌ଭିଭି-୨ |
| ୧୪ ସପ୍ତାହ (ସାଢେ ତିନି ମାସ) | ଓପିଭି-୩, ପେଣ୍ଟାଭାଲେଣ୍ଟ-୩ ,ଏଫ୍‌ଆଇପିଭି-୨,ଆର୍‌ଭିଭି-୩,ପିସିଭି-୨ |
| ୯-୧୨ମାସ | ଏମ୍‌ଆର୍-୧,ଭିଟାମିନ୍-କ***, ପିସିଭି ବୁଷ୍ଟର, ଜେଇ-୧**, ଏଫ୍‌ଆଇପିଭି-୩ |
| ୧୬-୨୪ମାସ | ଏମ୍‌ଆର୍-୨,ଭିଟାମିନ୍-କ ***, ଡିପିଟି ବୁଷ୍ଟର-୧, ଓପିଭି ବୁଷ୍ଟର-୧,ଜେଇ-୨** |
| ୫-୬ ବର୍ଷ | ଡିପିଟି ବୁଷ୍ଟର-୨ |
| ୧୦ ବର୍ଷ | ଟି.ଡି |
| ୧୬ ବର୍ଷ | ଟି.ଡି |
| ଗର୍ଭବତୀ ମହିଳା | ଟି.ଡି-୧, ଟି.ଡି-୨, ଟି.ଡି ବୁଷ୍ଟର* |

* ଯଦି ୩ ବର୍ଷ ଭିତରେ ଟିଟି/ଟିଡି ଟିକାର ଦୁଇଟି ମାତ୍ରା ନେଇଥିବେ।
** କେବଳ ଜେଇ ପ୍ରବଣ ଜିଲ୍ଲା ମାନଙ୍କ ନିମନ୍ତେ
*** ଭିଟାମିନ୍-କ ୯ ମାସରୁ ଆରମ୍ଭ ହୋଇ ୫ ବର୍ଷ ପର୍ଯ୍ୟନ୍ତ ପ୍ରତି ୬ମାସ ବ୍ୟବଧାନରେ ଦିଆଯାଏ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
OIPR-10003/13/0150/2223

ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ। କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି। ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ– ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। –ଶ୍ରୀମା

# ବିପର୍ଯ୍ୟୟର ସଙ୍କେତ



ଅଶୋକ ମୋଡି

ସମୁଦ୍ରପଉନରୁ ୬,୦୦୦ ଫୁଟ୍ ଉଚ୍ଚରେ ଥିବା ହିମାଳୟର ଜୋଷୀମଠ ଦବିଯାଉଛି। ଜାନୁୟାରୀ ପ୍ରାରମ୍ଭରେ ସେଠାରେ ଘର, ହୋଟେଲ ଏବଂ ରାସ୍ତାରେ ବଡ଼ ଫାଟ ଦେଖାଯାଇଛି। ଏହି ସହରର ଭାଗ୍ୟ ଏବେ ସୂତା ଖିଅରେ ଝୁଲୁଛି। ଜୋଷୀମଠ ହେଉଛି ଭାରତର ଦାୟିତ୍ୱହୀନତାର ଏକ ଗମ୍ଭୀର ପ୍ରତିଛବି। ଭୂସ୍ଖଳନ ଦ୍ୱାରା ଜମା ହୋଇଥିବା ଶିଳାଗୁଡ଼ିକର ଏକ ଦୁର୍ବଳ ସ୍ତର ଉପରେ ଜମା ହୋଇଥିବା ମାଟି ଉପରେ ଜୋଷୀମଠ ରହିଛି। ଏହା ବି ଏକ ଭୂକମ୍ପପ୍ରବଣ ଅଞ୍ଚଳରେ ଅବସ୍ଥିତ। ଜଙ୍ଗଲ ଧ୍ୱଂସ ମଧ୍ୟ ଜୋଶୀମଠ ସମସ୍ୟାକୁ ଆହୁରି ଖରାପ କରୁଛି । ଯେଉଁ ପାହାଡ଼ ଉପରେ ଜୋଷୀମଠ ଅବସ୍ଥିତ ତା'ଚଟାଣର ଉତ୍ତରପଶ୍ଚିମ ପାଦଦେଶକୁ ଅଲକାନନ୍ଦା ନଦୀ କ୍ଷୟ କରିଚାଲିଛି। ଅଧିକ ଚାପ ସମ୍ଭାଳିବାର କ୍ଷମତା ଜୋଷୀମଠର ନାହିଁ ବୋଲି ୧୯୩୦ ଦଶନ୍ଧିରୁ ସ୍ପଷ୍ଟ ହୋଇଛି। ପ୍ରଥମେ ୧୯୭୦ ଦଶନ୍ଧିରେ ଜୋଷୀମଠର ରାସ୍ତାରେ ଫାଟ ଦେଖାଯାଇଥିଲା। ୧୯୭୬ରେ ଉତ୍ତରପ୍ରଦେଶ ଦ୍ୱାରା ନିଯୁକ୍ତ ଏକ କମିଟି ଜୋଷୀମଠ(ସେତେବେଳେ ଉତ୍ତରପ୍ରଦେଶରେ ଥିଲା) ଦବିବା ସ୍ଥିତି ଉପରେ ଅନୁଧ୍ୟାନ କରିଥିଲା। ଏହା ସହ ଦବୁ ନ ଥିବା କିମ୍ବା ଭୂସ୍ଖଳନ ହେଉ ନ ଥିବା ନିର୍ଦ୍ଦିଷ୍ଟ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ କରିବାକୁ କମିଟି ପରାମର୍ଶ ଦେଇଥିଲା। ଏଭଳି ସତର୍କତାକୁ ଅଣଦେଖା କରାଗଲା । ସ୍ଥାନୀୟ ଆକ୍ଟିଭିଷ୍ଟମାନେ ଅସୁରକ୍ଷିତ ନିର୍ମାଣ ରୋକିବା ଲାଗି ଲଢ଼ି ସଫଳ ହୋଇପାରି ନ ଥିଲେ।

୧୯୯୦ ଦଶନ୍ଧିର ପ୍ରାରମ୍ଭରେ ଆର୍ଥିକ ଉଦାରୀକରଣ ପରେ ହିମାଳୟ ଅଞ୍ଚଳରେ ସମସ୍ୟା ବଢ଼ିବାରେ ଲାଗିଲା। ଏକ ଲାଭଦାୟକ ନିର୍ମାଣଭିତ୍ତିକ ଅନିୟନ୍ତ୍ରିତ ପୁଞ୍ଜିବାଦ ଢାଞ୍ଚାକୁ ଆପଣାଇବା ଯୋଗୁ ଏହା ଘଟିଥିଲା। ୧୯୯୩ରେ ଜୋଷୀମଠ ପାଖରେ ଥିବା ସହର ଉଲିରେ ସ୍କି-ରିସର୍ଟ ରୋପୱେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ଯୋଗୁ ସମସ୍ୟା ବଢ଼ିଲା। ଏହା ଥିଲା ଏକ ବ୍ୟାପକ ନିର୍ମାଣ କାର୍ଯ୍ୟକ୍ରମର ଅୟମାରମ୍ଭ। ରାଜ୍ୟ ସରକାର ହିମାଳୟରୁ ଉଦ୍‌ଗମ ନଦୀରେ ଜଳବିଦ୍ୟୁତ୍ ଡ୍ୟାମ୍ ନିର୍ମାଣ କରିବା ଲାଗି ଯୋଜନାଗୁଡ଼ିକ ଆରମ୍ଭ କରିଦେଲେ। ୪୦୦ ମେଗାୱାଟ୍ ବିଷ୍ଣୁପ୍ରୟାଗ ପ୍ଲାଣ୍ଟ ୨୦୦୬ରେ କାର୍ଯ୍ୟକ୍ଷମ ହେଲା। ଏହାସହ ବିବାଦୀୟ ୫୨୦ ମେଗାୱାଟ୍ ତପୋବନ–ବିଷ୍ଣୁଗଡ ଡ୍ୟାମ୍ ସେହି ବର୍ଷ ଆରମ୍ଭ କରାଗଲା। ଏହି ଯୋଜନାରେ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ପାଇଁ ଜୋଷୀମଠ ପାହାଡ଼ ପାଦଦେଶରେ ଉଲି ସ୍କି–ରିସର୍ଟର ଠିକ୍ ତଳେ ଏକ ଟନେଲ ନିର୍ମାଣ କରିବାକୁ ପଡ଼ିଲା। ୨୦୦୯ରେ ଟନେଲ ଖୋଳୁଥିବା ମେଶିନ ପାହାଡ଼ରେ ଥିବା ଭୂତଳ ଜଳ ଉତ୍ସକୁ କ୍ଷତିକଲା , ଯାହା ଉପରେ ଜୋଶୀମଠ ଓ ନିକଟସ୍ଥ ସହରଗୁଡ଼ିକ ନିର୍ଭରଶୀଳ ଥିଲେ। ପରେ ଧୋଇଲାମାଟି ସେହି ଶୂନ୍ୟସ୍ଥାନ ପୂରଣ କରାଯାଇଥିଲେ ମଧ୍ୟ ତାହା ଜୋଷୀମଠ ଦବିବାର ଏକ କାରଣ ବୋଲି ବିଶେଷଜ୍ଞ ଓ ପରିବେଶବିତମାନେ ବିଶ୍ୱାସ କରୁଛନ୍ତି।



ଜୁନ୍ ୨୦୧୩ରେ ସେହି ଅଞ୍ଚଳରେ ଏକ ପ୍ରଳୟଙ୍କରୀ ବନ୍ୟା ଯୋଗୁ ୪,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଫଳରେ ଏହି ଘଟଣା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ତାହାର ବିଚାର କରି କୋର୍ଟ ସେହି ଅଞ୍ଚଳରେ ଅତ୍ୟଧିକ ଡ୍ୟାମ୍ ନିର୍ମାଣକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଥିଲେ। ବିଭାଗୀୟ ଅଧିକାରୀମାନେ ଡ୍ୟାମ ଓ ଏଥିସହ ଜଡ଼ିତ ବିସ୍ଫୋରଣ, ଟନେଲ ଖୋଳା, ମାଇନିଂ ଏବଂ ଜଙ୍ଗଲ ଧ୍ୱଂସର ବିଧ୍ୱଂସକାରୀ ପ୍ରଭାବ ବୃଦ୍ଧିକୁ ନେଇ କୋର୍ଟ ମଧ୍ୟ ବିସ୍ମୟ ପ୍ରକାଶ କରିଥିଲେ। କୋର୍ଟ ନିର୍ଦ୍ଦେଶ ବଳରେ ସରକାର ପ୍ରଖ୍ୟାତ ପରିବେଶବିତ, ବୈଜ୍ଞାନିକ ତଥା ଆକ୍ଟିଭିଷ୍ଟ କର୍ମୀ ରବି ଛୋପ୍ରାଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ କମିଟି ଗଠନ କରିଥିଲେ। ହିମାଳୟର ପାହାଡ଼, ନଦୀ ଏବଂ ଜନସମୁଦାୟ ବିଶ୍ୱତାପନ ଜନିତ ସଙ୍କଟରେ ଥିଲେ ବୋଲି ଜଣାଇଥିଲେ। କମିଟି ପ୍ରକାଶ କରିଥିଲା ଯେ,ସରକାରଙ୍କ ଅନିୟନ୍ତ୍ରିତ ବିକାଶ ଯୋଜନା ଯୋଗୁ ଅଧିକ ଜଙ୍ଗଲ ନଷ୍ଟ ଏବଂ ଜୈବବିବିଧତା କ୍ଷତି ହେବ। ଏସବୁ ଭବିଷ୍ୟତରେ ଏକ ବଡ଼ ବିପର୍ଯ୍ୟୟକୁ ଆମନ୍ତ୍ରଣ କରିବ ବୋଲି କମିଟି ସତର୍କ କରିଦେଇଥିଲା। କମିଟି ମଧ୍ୟ ୨୩ଟି ଡ୍ୟାମର କାର୍ଯ୍ୟ ବନ୍ଦ କରିବା ଲାଗି ପ୍ରସ୍ତାବ ଦେଇଥିଲା। ଦ୍ୱିତୀୟ କମିଟି ଛୋପ୍ରା କମିଟିର ମତକୁ ସମର୍ଥନ କରିବାରୁ ସରକାର ଏକ ତୃତୀୟ କମିଟି ନିଯୁକ୍ତ କଲେ। ଏହି କମିଟି ଅଧିକ ଡ୍ୟାମ୍‌ର କାମ ଆରମ୍ଭ କରିବାକୁ କହିଲା ଏବଂ ଜୁଲାଇ ୨୦୨୦ରେ ଅଧିକାରୀମାନେ ଜୋଷୀମଠ ପାହାଡ଼ର ପାଦଦେଶରେ ଦୁର୍ବଳ ଓ ଭୂସ୍ଖଳନ ଅଞ୍ଚଳ ଦେଇ ହେଲଙ୍ଗ–ମାରୱାରି ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର୍ ଆହ୍ୱାନ କଲେ। ଏହି ରାସ୍ତା ଦୁଇ ବର୍ଷ ପରେ ଆରମ୍ଭ କରାଗଲା। ବାସ୍ତବରେ ଏହା ଥିଲା ଏକ ପରିସଂସ୍ଥା କ୍ଷତିକାରୀ ପଦକ୍ଷେପ।

ବିପର୍ଯ୍ୟୟ ଲଗାତର ଘଟିଚାଲିଲା। ଫେବୃୟାରୀ ୨୦୨୧ରେ ଆଉ ଏକ ବନ୍ୟା ମୁଖ୍ୟତଃ ତପୋବନ–ବିଷ୍ଣୁଗଡ ଏବଂ ଅନ୍ୟ ଏକ ଡ୍ୟାମ୍ ସ୍ଥଳରେ ଅନେକ ଶହ ଲୋକଙ୍କ ମୃତ୍ୟୁର କାରଣ ହେଲା। ଆକ୍ଟିଭିଷ୍ଟମାନେ ଏହି ଡ୍ୟାମଗୁଡ଼ିକ ନିର୍ମାଣ ବନ୍ଦ କରିବାକୁ ଉତ୍ତରାଖଣ୍ଡ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ। କୋର୍ଟ କେବଳ ଏହି ମାମଲାକୁ ଖାରଜ କରି ନ ଥିଲେ, ବରଂ ଅଯଥାରେ କୋର୍ଟଙ୍କ ସମୟ ନଷ୍ଟ କରୁଥିବାରୁ ଆବେଦନକାରୀଙ୍କୁ ଭର୍ତ୍ସନା କରିବା ସହ ସେମାନଙ୍କ ଉପରେ ଜରିମାନା ଲାଗୁ କରିଥିଲେ। ପରେ ଅକ୍ଟୋବର ୨୦୨୧ରେ ଅତି ପ୍ରବଳ ବର୍ଷା ଯୋଗୁ ଜୋଷୀମଠ ଅଞ୍ଚଳରେ ଦେଖାଯାଇଥିବା ଫାଟ କ୍ରମଶଃ ବଡ଼ ହେଲା। ଜାନୁୟାରୀ ୨୦୨୩ ସୁଦ୍ଧା ଘର ଭୁଶୁଡ଼ିବା ଆଶଙ୍କା ଦେଖାଦେବାରୁ ସହରର ଅଧିକାଂଶ ଅଞ୍ଚଳ ବାସ ଅନୁପଯୋଗୀ ହେଲା। ଅନେକ ଶହ ପରିବାରକୁ ଆଶ୍ରୟସ୍ଥଳୀକୁ ନିଆଯାଇଛି।

ବିପତ୍ତି ବଢ଼ିବା ସହ ସେଠାକାର ଗୁରୁତ୍ୱପୂର୍ଣ୍ଣ ସୂଚନା ମଧ୍ୟ ସାମ୍ନାକୁ ଆସିବା କଷ୍ଟକର ହୋଇଛି। ନିକଟରେ କେନ୍ଦ୍ର ସରକାର ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)କୁ ଜୋଶୀମଠ ଯେଉଁଭଳି ଭାବେ ଦବୁଛି ତାହାର ସାଟେଲାଇଟ ଇମେଜ ପ୍ରକାଶ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଅଧିକାରୀମାନଙ୍କୁ ଏହି ଘଟଣା ସମ୍ପର୍କରେ ମିଡିଆ ସମ୍ମୁଖରେ କିଛି ନ କହିବାକୁ ବାରଣ କରାଯାଇଛି। କେବଳ ଜୋଷୀମଠ ନୁହେଁ ହିମାଳୟ ଅଞ୍ଚଳରେ ଆହୁରି ଅନେକ ସହର ଓ ରାସ୍ତାରେ ମଧ୍ୟ ସମାନ ପ୍ରକାର ସମସ୍ୟା ଦେଖାଯାଉଛି। ଜଙ୍ଗଲ ପଦା ହେବା, ହ୍ରଦ, ଆର୍ଦ୍ରଭୂମି ଏବଂ ପ୍ରାକୃତିକ ଜଳାଶୟ ଉପରେ ନିର୍ମାଣ କାର୍ଯ୍ୟ ଚାଲିବା, ସହରାଞ୍ଚଳରେ ବର୍ଜ୍ୟ ପାହାଡ ସଦୃଶ ଠୁଳ ହେବା ଯୋଗୁ ହିମାଳୟ ଅଞ୍ଚଳରେ ବ୍ୟାପକ ପରିବର୍ତ୍ତନ ଦେଖାଯିବା ସହ ବିପଦ ବଢ଼ିବାରେ ଲାଗିଛି। ଏହା ସହ ନଦୀଗୁଡ଼ିକ ଅତ୍ୟଧିକ ପ୍ରଦୂଷିତ ହୋଇଯାଇଛି।

ତଥ୍ୟକୁ ଅତିରଞ୍ଜିତ କରିବାର ସରକାରଙ୍କ ଅଭ୍ୟାସ ତାଙ୍କ ଉତ୍ତରଦାୟିତ୍ୱ ଅଭାବକୁ ବି ସୂଚାଉଛି। ୨୦୧୫ରେ ଏକ ଡେଟା ରିଭିଜନ ପରେ ମୋଟ ଘରୋଇ ଉତ୍ପାଦ ଅଭିବୃଦ୍ଧି ଅକଳ୍ପନୀୟ ଭାବେ ବୃଦ୍ଧି ପାଇଥିଲା ବୋଲି ସରକାର କହିଥିଲେ। କିନ୍ତୁ ୨୦୧୮ରେ ଯେତେବେଳେ ଗରିବୀ ବଢ଼ିଥିବା ଜଣାପଡ଼ିଲା ସେତେବେଳେ ସରକାର ନିଜ ସର୍ଭେକୁ ରଦ୍ଦ କରିଥିଲେ। ନିଯୁକ୍ତି ସଙ୍କଟ ଥିବା ସତ୍ତ୍ୱେ ଅର୍ଥମନ୍ତ୍ରୀ ଆଶ୍ଚର୍ଯ୍ୟଜନକ ଭାବେ ଅବାସ୍ତବ ବେରୋଜଗାର ତଥ୍ୟ ପ୍ରକାଶ କରିଥିଲେ। ଆର୍ଥିକ ଆଲୋଚନା ଏବଂ ନୀତିକୁ ନେଇ କିଛି ନ ଜାଣିବା କିମ୍ବା ନ ଶୁଣିବାର ଛଳନା କରି କ୍ଷତିକାରକ କାମକୁ ଅଣଦେଖା କରୁଛନ୍ତି ଭାରତର ପ୍ରତିଷ୍ଠିତ ନୀତିନିର୍ଦ୍ଧାରକ ବର୍ଗ । ଏଭଳି ବିପର୍ଯ୍ୟୟକୁ ପ୍ରକୃତି ବିଚଳନର ଦ୍ୱାହି ଦେଇ ସେମାନେ ଜୋଷୀମଠର ଭାଗ୍ୟକୁ ଅନ୍ଧକାରକୁ ଠେଲି ଦେଇଛନ୍ତି। ବିପର୍ଯ୍ୟୟମୁଖୀ ଜୋଶୀମଠ ହେଉଛି ନିର୍ଲଜ ଉତ୍ତରଦାୟିତ୍ୱର ଏକ ପ୍ରତିଛବି ଯାହା ଭାରତୀୟ ରାଜନୀତି ଓ ସମାଜକୁ କ୍ଷତି କରୁଛି। ଜୋଷୀମଠର ବାସ୍ତବ ସ୍ଥିତି ଉପରେ ଯାଞ୍ଚ କରାଯିବା ଉଚିତ ।

**ଭିଜିଟିଂ ପ୍ରଫେସର, ଇଣ୍ଟରନ୍ୟାଶନାଲ ଇକୋନୋମିକ ପଲିସି, ପ୍ରିନ୍ସଟନ ୟୁନିଭର୍ସିଟି**

## ଜୀବନ ପ୍ରବାହ



ଅନୀତା ପଟ୍ଟନାୟକ

ପିଲାଦିନେ ଆମ ଘର ଆଗରେ ଗୋଟିଏ ଗଛରେ ଦୁଇଟି ଗୋବରା ଚଢ଼େଇ ରହୁଥିଲେ ଓ ତାଙ୍କ ନୀଡ଼ରେ ଦୁଇଟି ସୁନ୍ଦର ଛୁଆ ଦେଇଥିଲେ। ପକ୍ଷୀ ଦମ୍ପତିଙ୍କର ଫେରିବାର ସମୟ ହେଲେ ଛୁଆ ଚଢ଼େଇଗୁଡ଼ିକ ବ୍ୟତିବ୍ୟସ୍ତ ହୋଇ ରାବି ଉଠୁଥିଲେ। ଏହାର ଉଦ୍ଦେଶ୍ୟ ଜାଣିବା ପାଇଁ ମୁଁ ବାପାଙ୍କୁ ପଚାରିବାରୁ ବାପା କହିଲେ, ପିଲାଗୁଡ଼ିଙ୍କର ଖାଇବା ସମୟ ହୋଇଯାଇଥିବାରୁ ଚଢ଼େଇ ଦମ୍ପତି ସେମାନଙ୍କର ଥଣ୍ଟରେ ଆଣିଥିବା ଖାଦ୍ୟକୁ ପିଲାମାନଙ୍କୁ ଦେବେ ଓ ସେମାନେ ଶାନ୍ତ ହୋଇ ରହିବେ। ସେଦିନ ମୁଁ ଜାଣି ପାରିଲି ଚଢ଼େଇ ଦମ୍ପତି ସକାଳୁ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ସ୍କୁଲ ଯିବା ବୟସ ହେବାରୁ ଦେଖିଲି ମୋର ମାତାପିତା ଖୁବ୍ ବ୍ୟସ୍ତ ହୋଇ ଘରର ସମସ୍ତଙ୍କ ପାଇଁ ରନ୍ଧାରନ୍ଧି କରି ମତେ ସ୍କୁଲରେ ଛାଡ଼ି ଅଫିସକୁ ଯାଉଥିଲେ ଓ ମୋର ଛୁଟି ହେବାପରେ ମତେ ଘରକୁ ଧରି ଫେରୁଥିଲେ। ବେଶ୍ କିଛିଦିନ ଅନୁଧ୍ୟାନ କରି ଜାଣିଲି ଯେ ମୋର ମାତାପିତା ପିଲାଦିନେ ଦେଖିଥିବା ଚଢ଼େଇ ଦମ୍ପତିଙ୍କ ପରି ସବୁଦିନ ଖାଦ୍ୟ ଅନ୍ୱେଷଣରେ ଧାଉଁଛନ୍ତି। ଦିନେ ଦେଖିଲି କଳା ଛୋଟବଡ଼ ଜନ୍ଦା ଗୋଟିଏ ଧାଡ଼ି ହୋଇ ସମସ୍ତ ମା' ରଖିଥିବା ଚିନି ଡବାରୁ ଗୋଟିଏ ଗୋଟିଏ ଚିନିଦାନା ଧରି ଖୁବ୍ ଜୋରରେ ଗୋଟିଏ ଗାତ ଆଡ଼କୁ ଚାଲିଯାଉଛନ୍ତି। ସେ ଦିନ ଜାଣିଲି ଜନ୍ଦା ଓ ପିମ୍ପୁଡ଼ି ମଧ୍ୟ ସବୁଦିନ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ଆମଘରେ ଥିବା ଗାଈକୁ ବାପା ସକାଳୁ ଖୋଲି ଦିଅନ୍ତି। ସେ ମଧ୍ୟ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଇ ସନ୍ଧ୍ୟାରେ ତା'ର ବାଛୁରି ପାଖକୁ ଫେରିଆସେ। ଦେଖିଲି ସାପ, ମାଙ୍କଡ଼, ବିଲେଇ ସମସ୍ତେ ଖାଦ୍ୟ ଅନ୍ୱେଷଣରେ ଦିନସାରା ବ୍ୟସ୍ତ।

ଦିନେ ମୁଁ ରାସ୍ତାରେ ଯାଉଥିବା ସମୟରେ ଦେଖିଲି ଅନେକ ସରକାରୀ, ବେସରକାରୀ ଆଧାତ୍ମିକ ସଂସ୍ଥା ଏକ ବା ବିଭିନ୍ନ ପ୍ରକାରର ସେବାକାର୍ଯ୍ୟରେ ଲିପ୍ତ। ଏସବୁ ସେବା ମଧ୍ୟରୁ କେଉଁଟି ସବୁଠାରୁ ଉତ୍ତମ ତାହା ମୋର ଜାଣିବାକୁ ଇଚ୍ଛା ହେଲା। ମା, ବାପା, ଶିକ୍ଷକ ସମସ୍ତେ କହିଲେ ସବୁ ସେବା ସମାନ। ମୋର ମନରେ ପ୍ରଶ୍ନ ଉଠିଲା ଯଦି ସବୁ ସେବା ସମାନ ତେବେ ଏତେ ପ୍ରକାର ସଂସ୍ଥା ଦ୍ୱାରା କାହିଁକି ସେବା କରାଯାଉଛି ? ସବୁ ସେବାକାର୍ଯ୍ୟ ସମାନ ଭାବରେ ପବିତ୍ର ଓ ହିତକାରକ କି? ଏପରି ପ୍ରଶ୍ନ ମନରେ ଥିବା ସମୟରେ ମୋର ପିତାଙ୍କ ସହିତ ମୁଁ ଜଣେ ଗେରୁଆ ବସ୍ତ୍ର ପିନ୍ଧିଥିବା ସାଧୁଙ୍କ ପାଖକୁ ଯାଇଥିଲି। ବାପା ଆଶ୍ରମରେ ଅନ୍ୟମାନଙ୍କ ସହିତ କଥୋପକଥନ କରୁଥିବା ସମୟରେ ମୁଁ ସାଧୁ ବାବାଙ୍କୁ ମୋର ମନର କଥାକୁ କହିଥିଲି। ସେ ମତେ କହିଥିଲେ କ୍ଷମତା ଲୋଭି କ୍ଷମତା ଲୋଭରେ ଯେଉଁ ସେବା କରନ୍ତି ବା ବାଧ୍ୟତାମୂଳକ ଭାବେ ଲୋକ ଦେଖାଣିଆ ପାଇଁ ଯେଉଁ ସେବାକାର୍ଯ୍ୟ କରାଯାଏ ତାହା ଲାଭ ଅପେକ୍ଷା ଅନେକ ହାନିକାରକ ହୋଇଥାଏ। କ୍ଷମତା ଲୋଭୀମାନେ ଯେଉଁ କର୍ମଶାଳା ସେବାର ପ୍ରଶିକ୍ଷଣ ପାଇଁ ଖୋଲିଥାନ୍ତି ତାହା ଦୋକାନ ସଦୃଶ ଦୃଷ୍ଟି ଆକର୍ଷଣ ଓ ସାଜସଜ୍ଜା କରି ଲୋକଙ୍କୁ ଆକୃଷ୍ଟ କରିଥାନ୍ତି। ଧୂର୍ତ୍ତ ପ୍ରଚାରରେ କ୍ଷଣସ୍ଥାୟୀ ଫଳ ମିଳେ ଏହା ପରିବେଶକୁ ନୈରାଶ୍ୟ ଓ ବିଫଳତା ଦିଏ। ମୋର ମୁଣ୍ଡକୁ ଆଉଁସି ଦେଇ ଗୁରୁଦେବ କହିଲେ, କୌଣସି ସ୍ୱାର୍ଥ ନ ଥାଇ ପ୍ରେମପୂର୍ଣ୍ଣ ସେବାକୁ ହିଁ ପ୍ରକୃତ ସେବା କୁହାଯାଏ।

ସେ କହିଲେ, ସେବା ପାଇଁ ହୃଦୟରେ ଭାବ, ମସ୍ତିଷ୍କରେ ବୁଦ୍ଧି ଓ ହାତରେ ଶକ୍ତି ଦରକାର। ହୃଦୟରେ ନିଃସ୍ୱାର୍ଥପର ପ୍ରେମ, ବିନମ୍ରତା ଆବଶ୍ୟକ। ଯେତେବେଳେ ମନ, ବୁଦ୍ଧିମତାପୂର୍ଣ୍ଣ ବିଚାରଶକ୍ତି ସହ ସମସ୍ୟା ଓ ତା'ର ସମାଧାନ ବିଷୟକ ଜ୍ଞାନପାଏ ଓ ହସ୍ତ ଉପଶମକାରୀ ସ୍ପର୍ଶରେ ଆଗ୍ରହ ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସମୟ, ଶକ୍ତି ଓ ଦକ୍ଷତାକୁ ଆନନ୍ଦର ସହ ବିନିଯୋଗ କରେ, ତାହା ସେବାକାର୍ଯ୍ୟରେ ପରିଣତ ହୁଏ। ସେବା ପାଇଁ ଭଗବତ ବିଶ୍ୱାସ ଅନିବାର୍ଯ୍ୟ। ସେବା ପାଇଁ ସ୍ୱାର୍ଥଶକ୍ତିରୁ ମୁକ୍ତ ହେବା ଆବଶ୍ୟକ। ସେ କିଛି ସମୟ ପାଇଁ ତାଙ୍କର ଅଲୌକିକ ଶକ୍ତି ମତେ ଦେଖାଇଥିଲେ। ଦେଖିଲି ଗୁରୁଦେବ ଓ ମୁଁ କିଛି ସମୟ ପାଇଁ ଆକାଶ ମାର୍ଗରେ ବୁଲୁଛୁ। ତଳେ ପୃଥିବୀରେ ମୋର ସାଙ୍ଗସାଥୀ, ବାପା, ମାଆ, ବନ୍ଧୁବାନ୍ଧବ, ପ୍ରାଣୀଜଗତ ସମସ୍ତେ ଖାଦ୍ୟ ଅନ୍ୱେଷଣରେ ବ୍ୟସ୍ତ। ସେ ମତେ କହିଲେ, ଜୀବନ ଅର୍ଥ ଖାଦ୍ୟ ଅନ୍ୱେଷଣ ନୁହେଁ, ଏହାଠାରୁ କିଛି ଅଧିକ। ପ୍ରକୃତିସ୍ଥ ଚିତ୍ତରେ ହୃଦୟଙ୍ଗମ କଲି ପ୍ରକୃତରେ ମୋ ସହିତ କଥାବାର୍ତ୍ତା କରୁଥିବା ଲୋକଟି ଗୁରୁଦେବ ନ ଥିଲେ, ମୋ ଭିତରେ ଥିବା କିଛି ଏକ ଚେତନଶକ୍ତି ମୋ ସହିତ କଥାବାର୍ତ୍ତା କରୁଥିଲା। ସେ ମତେ କହିଥିଲା ଜୀବନ କ୍ଷଣ ଭଙ୍ଗୁର, ଖାଦ୍ୟକୁ ଅନ୍ୱେଷଣ ପାଇଁ ଉଦ୍ଦିଷ୍ଟ ନୁହେଁ। ନିଃସ୍ୱାର୍ଥପର ଓ ସେବା ମାଧ୍ୟମରେ ତୁ ମତେ ପାଇପାରିବୁ।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସେକ୍ଟର–୧୦, ସିଡିଏ, କଟକ, ମୋ:୯୬୯୨୯୮୦୦୨୬**

## ଏଇ ଭାରତରେ

ମନ୍ଦିରର ବର୍ଜ୍ୟଫୁଲରୁ ବିଭିନ୍ନ ଜିନିଷ ତିଆରି କରି ଅନ୍ୟମାନଙ୍କୁ ରୋଜଗାର ପନ୍ଥା ଦେଖାଉଛନ୍ତି ଦିଲ୍ଲୀର ପୁନମ୍ ସହରାବତ। ଖୁବ୍ କମ୍ ନିବେଶରେ କିଭଳି ବ୍ୟବସାୟରୁ ଲାଭ ମିଳେ ତାହାର ବାଟ ମଧ୍ୟ ଦେଖାଇଛନ୍ତି ପୁନମ୍। ସେ ବର୍ଜ୍ୟଫୁଲ ସଂଗ୍ରହ କରି ତାହାକୁ ଶୁଖାଇ ଗୁଣ୍ଡ କରିବା ପରେ ସେଥିରୁ ଅଗରବତି ଓ ବିଭିନ୍ନ ଘରସଜ୍ଜା ଜିନିଷ ତିଆରି କରୁଛନ୍ତି। ୨୦୧୯ରେ ସେ ତାଙ୍କ ବାନ୍ଧବୀ ପିଙ୍କି ଯାଦବଙ୍କ ସହ ମିଶି ବିଜ୍‌ନେସ ଆରମ୍ଭ କରି 'ଆରୁହୀ ଏଣ୍ଟରପ୍ରାଇଜେସ' ଆରମ୍ଭ କରି ତା'ମାଧ୍ୟମରେ ବର୍ଜ୍ୟଫୁଲରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ। ଏହି କାର୍ଯ୍ୟରେ ସେ ୬ ଜଣ ବ୍ୟକ୍ତିଙ୍କୁ ନିଯୁକ୍ତ କରିଛନ୍ତି। ସବୁଖର୍ଚ୍ଚ ବାଦ୍ ପୁନମ୍ ମାସକୁ ୬୦ ହଜାର ଟଙ୍କା ରୋଜଗାର କରୁଛନ୍ତି। ଏହାସହ ୫୦୦ରୁ ଅଧିକ ମହିଳାଙ୍କୁ ପ୍ରଶିକ୍ଷଣ ଦେଇସାରିଲେଣି। ପୁନମ୍‌ଙ୍କ ଏହି ଉଦ୍ୟମ ଯୋଗୁ ଆଖପାଖ ମନ୍ଦିରରେ ବର୍ଜ୍ୟଫୁଲ ଯୋଗୁ ସୃଷ୍ଟି ହେଉଥିବା ପରିବେଶ ପ୍ରଦୂଷଣ ଅନେକାଂଶରେ ଦୂର ହୋଇପାରିଛି। ୧୦୦୦ରୁ ୨୦୦୦ଟଙ୍କା ନିବେଶରେ ଏଭଳି ବିଜ୍‌ନେସ୍ ଆରମ୍ଭ କରାଯାଇପାରିବ ବୋଲି କହନ୍ତି ପୁନମ୍। ପ୍ରଥମେ ଫୁଲରୁ ଅଗରବତି ତିଆରି କୌଶଳ ଶିକ୍ଷା କରିବାକୁ ଚାହିଁଥିଲେ ବି କାହାର ସାହାଯ୍ୟ ପାଇପାରି ନ ଥିଲେ। ପରେ ଗୋବରରୁ ଜିନିଷ ତିଆରି କରୁଥିବା ଜଣେ ବ୍ୟକ୍ତିଙ୍କଠାରୁ କୌଶଳ ଶିଖି ସେ ଫୁଲରୁ ଜିନିଷ ତିଆରି ଆରମ୍ଭ କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଫେବୃୟାରୀ ୧୯୯୮

- ଲୋକସଭାର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ବେଳେ ହିଂସାକାଣ୍ଡ ଘଟି ୧୪ ଜଣଙ୍କ ପ୍ରାଣହାନି।
- ରେଳ ମନ୍ତ୍ରଣାଳୟ ଅଧୀନସ୍ଥ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ରେଳ ଇଣ୍ଡିଆ ଟେକ୍‌ନିକାଲ ଆଣ୍ଡ୍ ଇକୋନୋମିକ ସର୍ଭିସେସେ ଲିମିଟେଡ ଶ୍ରୀଲଙ୍କାକୁ ଡିଜେଲଚାଳିତ ରେଳ ଇଞ୍ଜିନ ରପ୍ତାନୀ ନେଇ ଶ୍ରୀଲଙ୍କା ରେଳବାଇ ସହ ଏକ ଚୁକ୍ତି ସ୍ୱାକ୍ଷରିତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 4 | | | | |
| | | | | | | 7 | 2 | 3 |
| | 3 | 9 | | | | 1 | | 4 |
| 8 | | 1 | | | 3 | | | 7 |
| | | | | | | | 6 | |
| 3 | 2 | 7 | | | | | | |
| 9 | | | | 1 | 2 | | | |
| | | | | | | | 5 | |
| 4 | 1 | | | 9 | | 8 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 1 | 3 | 8 | 2 | 4 | 7 | 9 |
| 2 | 8 | 3 | 9 | 4 | 7 | 1 | 6 | 5 |
| 4 | 9 | 7 | 1 | 5 | 6 | 8 | 2 | 3 |
| 9 | 4 | 2 | 8 | 7 | 3 | 6 | 5 | 1 |
| 1 | 6 | 5 | 4 | 2 | 9 | 7 | 3 | 8 |
| 7 | 3 | 8 | 5 | 6 | 1 | 2 | 9 | 4 |
| 5 | 1 | 6 | 2 | 3 | 4 | 9 | 8 | 7 |
| 8 | 2 | 4 | 7 | 9 | 5 | 3 | 1 | 6 |
| 3 | 7 | 9 | 6 | 1 | 8 | 5 | 4 | 2 |

ଗତକାଲିର ଉତ୍ତର

# ମାନସିକ ଅସୁସ୍ଥତାରେ ପରିବାରର ଭୂମିକା



ରାଜୀବ କର୍ମୀ

ପରିବାର ଏମିତି ଏକ ସ୍ଥାନ, ଯେଉଁଠି ଶୈଶବରୁ ବ୍ୟକ୍ତିର ପୂର୍ଣ୍ଣାଙ୍ଗ ଜୀବନର ମୂଳଦୁଆ ପଡ଼ିଥାଏ। ବ୍ୟକ୍ତିର ଶାରୀରିକ ଏବଂ ମାନସିକ ବିକାଶ ଏହି ପରିବାରରୁ ହିଁ ଆରମ୍ଭ ହୋଇଥାଏ। ଭଲ ପାଇବା, ଘୃଣା କରିବା, ଦୁଃଖ ପ୍ରକାଶ କରିବା, ରାଗିବା, କାନ୍ଦିବା, ହସିବା ଇତ୍ୟାଦି ଆବେଗାତ୍ମକ ବିକାଶ ଏବଂ ବ୍ୟବହାରରେ ପରିବର୍ତ୍ତନ ପରିବାରରେ ହିଁ ହୋଇଥାଏ। ପାରିବାରିକ ଦାୟିତ୍ୱବୋଧ, ପରିବାରରେ ଉପୁଜୁଥିବା ଦ୍ୱନ୍ଦ୍ୱକୁ ପରିଚାଳନା ଏବଂ ଭବିଷ୍ୟତରେ ଆଉ ଗୋଟିଏ ପରିବାର ତିଆରି କରିବାର ଦକ୍ଷତା ପ୍ରତ୍ୟେକ ପରିବାର ସଦସ୍ୟଙ୍କ ପାଖରେ ସୃଷ୍ଟି କରିବା ପରିବାରର ମୂଳମନ୍ତ୍ର।

ପରିବାର ହେଉଛି ବ୍ୟକ୍ତିର ପ୍ରଥମ ତଥା ମହତ୍ୱପୂର୍ଣ୍ଣ ସୁରକ୍ଷା ବଳୟ। ଦୁଃଖ ଓ ଅସୁବିଧା ସମୟରେ ପରିବାରର ସଦସ୍ୟମାନେ ଜଣେ ଆଉ ଜଣକୁ ସାହାଯ୍ୟ କରିଥାନ୍ତି। ଯେଉଁଠି ପାରିବାରିକ ବନ୍ଧନ ଯେତେ ସୁଦୃଢ଼ ସେଠି ସୁରକ୍ଷା ବଳୟ ମଧ୍ୟ ସେତେ ବଳିଷ୍ଠ। ଏହି ବନ୍ଧନ ପରିବାରର ସଦସ୍ୟମାନଙ୍କର ମାନସିକ ସ୍ୱାସ୍ଥ୍ୟର ଉଭୟ ବିକାଶ ଏବଂ ଅବନତି ପାଇଁ ଗୁରୁତ୍ୱ ବହନ କରେ। ମାନସିକ ଅସୁସ୍ଥଙ୍କ ପାଇଁ ପରିବାର ଏକ ସ୍ୱର୍ଗ ପରି। ମାନସିକ ରୋଗ ଔଷଧ ଦ୍ୱାରା ୨୦ ଭାଗ ଭଲ ହେଉଥିବା ବେଳେ ୮୦ ଭାଗ ଅକ୍ଷମତା ପରିବାରର ସହଯୋଗ ଦ୍ୱାରା ଭଲ ହୋଇଥାଏ। ମାନସିକ ଅସୁସ୍ଥ ବ୍ୟକ୍ତି ଔଷଧ ସେବନ ସହିତ ଦୈନନ୍ଦିନ ଦିନଚର୍ଯ୍ୟାରେ ଉନ୍ନତି ଆଣିବା, ପରିବାରର ଛୋଟ ଛୋଟ କାମରେ ସାମିଲ କରିବା, ପରିବାରର ଅନ୍ୟ ସଦସ୍ୟମାନଙ୍କ ସହିତ ଭାବ ବିନିମୟ କରିବା, ଛୋଟ ଛୋଟ ଆୟ ବୃଦ୍ଧିକାରୀ କାମରେ ସାମିଲ କରିବା ଏବଂ ପରିବାରର ଦାୟିତ୍ୱ ନେବାରେ ସାହାଯ୍ୟ କରିବା ଇତ୍ୟାଦିରେ ପରିବାରର ସହଯୋଗ କରିପାରିବ।

ବ୍ୟକ୍ତିଟି ଦୀର୍ଘଦିନ ଧରି ଅସୁସ୍ଥ ହେବା ଫଳରେ ତାହାର ମୌଳିକ କୌଶଳଗୁଡ଼ିକ ହରେଇ ଦେଇଥାଏ। ଔଷଧ ସେବନ ସହିତ ବ୍ୟକ୍ତିଟି ଭୁଲି ଯାଇଥିବା ଜୀବନ କୌଶଳକୁ ଫେରେଇ ଆଣିବା ଜରୁରୀ। ତେଣୁ ପରିବାରର ସଦସ୍ୟମାନେ ଅସୁସ୍ଥ ବ୍ୟକ୍ତିକୁ ଭଲପାଇବା, ସଫାସୁତୁରା ରଖିବା, ଗାଧୋଇ ଦେବା, ଭଲ ପୋଷାକ ପରିଧାନ କରେଇବା, ଏକାଠି ବସି ତା' ସାଙ୍ଗରେ କଥା ହେବା, ଟିଭି ଦେଖିବା, ପରିବାରର ସଦସ୍ୟ ମାନଙ୍କ ସହିତ ଏକାଠି ଖାଇବା, ବାହାରକୁ ଗଲେ ସାଙ୍ଗରେ ନେଇଯିବା, ସମ୍ପର୍କୀୟମାନଙ୍କ ସହିତ ପରିଚୟ କରାଇବା, ଗାଳି ଗୁଲଜ ନ କରିବା ଇତ୍ୟାଦି ଦ୍ୱାରା ମାନସିକ ଅସୁସ୍ଥ ବ୍ୟକ୍ତି ନିଜେ ଖୁସି ଅନୁଭବ କରିବ।

ପରିବାରର ସହଯୋଗ ଦ୍ୱାରା ମାନସିକ ଅସୁସ୍ଥତାରେ ଉନ୍ନତିସମ୍ଭାବନା ଅଧିକ। ଫଳରେ ପାର୍ଶ୍ୱ ପ୍ରତିକ୍ରିୟା, ପୁନଃ–ଅସୁସ୍ଥତା ଏବଂ ଡାକ୍ତରଖାନାରେ ଭର୍ତ୍ତିର ହାରକୁ କମ୍ କରାଯାଇପାରିବ। ପରିବାରର ସଦସ୍ୟମାନେ କୌଣସି ପକ୍ଷପାତିତା ଶିକାର ନ ହୋଇ ମାନସିକ ସ୍ୱାସ୍ଥ୍ୟକୁ ବୁଝିବା ଦରକାର। ପରିବାରର ସହଯୋଗ ନ ହେଲେ ଚିକିତ୍ସାରେ ଅଧିକ ବ୍ୟୟ ହେବାର ସମ୍ଭାବନା ଥାଏ ଏବଂ ଅଧିକ ଦିନ ଧରି ଚିକିତ୍ସା କରିବାକୁ ପଡ଼େ।

ମାନସିକ ଅସୁସ୍ଥ ବ୍ୟକ୍ତିର ଯତ୍ନନେବା ଏତେ ସହଜ ନୁହେଁ। ଦିନ–ଦିନ, ସପ୍ତାହ–ସପ୍ତାହ, ମାସ–ମାସ, ବର୍ଷ–ବର୍ଷ ଏପରି କି ୧୦ ବର୍ଷ, ୨୦ ବର୍ଷ, ୩୦ ବର୍ଷ ଏପରି କି ବଞ୍ଚିଥିବା ପର୍ଯ୍ୟନ୍ତ ଯତ୍ନ କରିବାକୁ ପଡ଼ିଥାଏ। ଏତେ ଦିନ ଧରି ଯତ୍ନକାରୀ ନିଜର ମାନସିକ, ଶାରୀରିକ ଏବଂ ପାରିବାରିକ ଅସୁବିଧାକୁ ଜଳାଞ୍ଜଳି ଦେଇ ସେବା କରିଥାନ୍ତି। ରାତି ରାତି ଧରି ଅନିଦ୍ରା ରହିବା ଏବଂ ଖାଦ୍ୟ ପେୟରେ ଅବହେଳା ଇତ୍ୟାଦି ଅସୁବିଧା ଯତ୍ନକାରୀ ଭୋଗିଥାଏ। ଅସୁସ୍ଥ ବ୍ୟକ୍ତିର ଯତ୍ନ ନେବାପାଇଁ ଯତ୍ନକାରୀଙ୍କୁ ଅନେକ ସମୟରେ ନିଜର ରୋଜଗାର ହରେଇବାକୁ ପଡ଼େ। ଫଳରେ ପରିବାରର ଆୟ କମେ। ମୁଖ୍ୟ ଆୟକାରୀ ଯଦି ମାନସିକ ରୋଗୀ ତେବେ ପରିବାରଟି ଅନେକ ଦୁଃଖଦୁର୍ଦ୍ଦଶା ଦେଇ ଗତିକରେ। ପିଲାମାନେ ପାଠ ପଢ଼ି ପାରନ୍ତି ନାହିଁ। ଅନ୍ୟ ସଦସ୍ୟମାନଙ୍କ ଉପରେ ରୋଜଗାରର ଚାପ ପଡ଼େ। ଅଧିକ ଆୟ କରିବାକୁ ସମସ୍ତଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼େ। ଯାହାଫଳରେ ମୁଖ୍ୟ ଯତ୍ନକାରୀ ସହିତ ଅନ୍ୟ ସଦସ୍ୟମାନେ ମଧ୍ୟ ଶାରୀରିକ, ମାନସିକ ଏବଂ ଆର୍ଥିକ ବୋଝର ଶିକାର ହୁଅନ୍ତି। ଅନେକ ସମୟରେ ପରିବାର ସଦସ୍ୟମାନେ ସାମାଜିକ ବିଭେଦତାର ମଧ୍ୟ ଶିକାର ହୁଅନ୍ତି।



ପରିବାରରେ ମୁଖ୍ୟତଃ ପ୍ରାଥମିକ ଯତ୍ନକାରୀ କେବଳ ଜଣେ ହିଁ ବ୍ୟକ୍ତି ହୋଇଥାନ୍ତି। ଅନେକାଂଶରେ ମହିଳାମାନେ ଯତ୍ନକାରୀର ଦାୟିତ୍ୱ ନେଇଥାନ୍ତି। କେତେକ ସମୟରେ ପ୍ରାଥମିକ ଯତ୍ନକାରୀର ନିଜର ପାରିବାରିକ ଦାୟିତ୍ୱ ସହିତ ମାନସିକ ଅସୁସ୍ଥ ବ୍ୟକ୍ତିର ଯତ୍ନ ପାଇଁ ଅତିରିକ୍ତ ଦାୟିତ୍ୱ ନେବାକୁ ପଡ଼େ। ବୋହୂ କିମ୍ବା ପୁଅ ଯଦି ପ୍ରାଥମିକ ଯତ୍ନକାରୀ, ତେବେ ସେ ନିଜ ପରିବାରକୁ ଉଚିତ ସମୟ ଦେଇପାରେ ନାହିଁ। ମା' ଯଦି ପ୍ରାଥମିକ ଯତ୍ନକାରୀ, ତେବେ ମାନସିକ ଅସୁସ୍ଥ ପାଇଁ ବେଶି ସମୟ ବ୍ୟୟ କରୁଥିବାରୁ ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ଈର୍ଷାଭାବ ସୃଷ୍ଟି ହେବାର ସମ୍ଭାବନା ଥାଏ ; ଫଳରେ ପରିବାରରେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ। ଅବିବାହିତ ପୁଅ ଝିଅ ଯଦି ମାନସିକ ରୋଗୀ ତେବେ ବୃଦ୍ଧା ମା' ଯତ୍ନକାରୀର ହୋଇଥାନ୍ତି। ସେ ବଞ୍ଚିଥିବା ପର୍ଯ୍ୟନ୍ତ ଯତ୍ନ କରିଥାନ୍ତି, କିନ୍ତୁ ତାଙ୍କ ପରେ ଅସୁସ୍ଥଙ୍କ ଦାୟିତ୍ୱ ନେବ କିଏ ? ପ୍ରାଥମିକ ଯତ୍ନକାରୀକୁ ମାନସିକ ରୋଗୀର ଅହୋରାତ୍ର ସେବାରେ ନିଜର ଦେହ ପା କଥା ବି ଭୁଲିଯିବାକୁ ପଡ଼େ। କେତେକ କ୍ଷେତ୍ରରେ ଛୋଟ ଛୋଟ ପିଲାମାନେ ପ୍ରାଥମିକ ଯତ୍ନକାରୀ ହୋଇଥାନ୍ତି। ଯା'ଫଳରେ ସେମାନେ ନିଜର ଶୈଶବକୁ ଉପଭୋଗ କରିପାରନ୍ତି ନାହିଁ।

ପ୍ରାଥମିକ ଯତ୍ନକାରୀ ଉପରେ ପଡୁଥିବା ବୋଝକୁ ପରିବାର ସଦସ୍ୟମାନଙ୍କ ସହଯୋଗରେ କମ୍ କରାଯାଇପାରିବ। ଅସୁସ୍ଥ ବ୍ୟକ୍ତିକୁ ନିଜର ଯତ୍ନ ନିଜେ ନେବାରେ ସାହାଯ୍ୟ କଲେ ପରିବାରର ବୋଝ କମ୍ ହେବ। ମାନସିକ ଅସୁସ୍ଥ ବ୍ୟକ୍ତିର ଦେଖାଶୁଣା କରିବା ପାଇଁ ଅନ୍ୟ ସଦସ୍ୟମାନେ କିଛି ସମୟ ଦେଲେ ପ୍ରାଥମିକ ଯତ୍ନକାରୀଙ୍କୁ କିଛି ସମୟ ମିଳିପାରିବ ; ଯା' ଫଳରେ ସେ ନିଜର ବନ୍ଧୁବାନ୍ଧବ ଘରକୁ କିମ୍ବା ନିଜ ସ୍ୱାସ୍ଥ୍ୟର ଯତ୍ନ ନେଇପାରିବେ। ନିଜ ଦେହ ପା କଥା ଚିନ୍ତା କରିପାରିବେ। ପରିବାରର ଅନ୍ୟ ସଦସ୍ୟଙ୍କ ପାଇଁ କିଛି ସମୟ ଦେଇପାରିବେ। ବର୍ଷ ବର୍ଷ ଧରି ସେଇ ସମାନ କାମକୁ କରିକରି ନିଜର ମାନସିକ ଚାପରୁ କିଛି ସମୟ ମୁକ୍ତି ମିଳିପାରିବ। ଯତ୍ନକାରୀ କୌଣସି ବୃତ୍ତିଗତ ସେବାକାରୀ ହୋଇ ନ ଥା'ନ୍ତି। ତାଙ୍କର କାମକୁ ପ୍ରଶଂସା କରିବା ଦରକାର। ତେଣୁ ପରିବାରର ଅନ୍ୟ ସଦସ୍ୟମାନେ ଯତ୍ନକାରୀର ଦାୟିତ୍ୱକୁ ନିଜ ଭିତରେ ବଣ୍ଟନ କଲେ ଅସୁସ୍ଥତାର ବୋଝ କମ୍ ହେବ।

**ଶଗଡ଼ା, ବୌଦ୍ଧ**
**ମୋ: ୮୩୨୮୮୪୮୧୪୫**

## ଚିରନ୍ତନୀ

ତନୁରେ ଲାଗେ କୋମଳ ବାଆ
କପୋଳେ ଲାଗେ ପାଦପ–ଛାୟା
ପାଦପ ଡାଳେ ଡାହୁକ ଡାକେ
ଡାକେ କପୋତ ପକ୍ଷୀ
ଗ୍ରାମର ବାଳା ଏ ପଥେ ପାଦ ରଖି!

–(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱତନ୍ତ୍ର ରାଜ୍ୟ ପାହ୍ୟାକୁ ନେଇ ଅଶାନ୍ତି ସୃଷ୍ଟି ନ ହେଉ

ମହାଶୟ,

ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ବା ମାନ୍ୟତା ରାଜନୈତିକ, ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ମନୋମାଳିନ୍ୟ, ଅସହିଷ୍ଣୁତା ସୃଷ୍ଟିକରି ଦେଶର ସାର୍ବଭୌମତ୍ୱ ଓ ଏକତାକୁ ବିପଦମୁଖୀ କରାଇଥାଏ । ଜମ୍ମୁ–କଶ୍ମୀରକୁ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ମାନ୍ୟତାକୁ ଉଦାହରଣ ଭାବେ ନିଆଯାଇପାରେ। ଜମ୍ମୁ –କଶ୍ମୀର ଭାରତରେ ବିଲୟ ହେବା ପରଠାରୁ ଏଇ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଜମ୍ମୁ କଶ୍ମୀର ରାଜ୍ୟରେ ରାଜନୈତିକ ଅସ୍ଥିରତା, ଆର୍ଥିକ ପ୍ରଗତି କ୍ଷେତ୍ରରେ ଦୁର୍ନୀତି ଏବଂ ଅସମାନତା ଦେଖାଯାଇଥିଲା। ତତ୍‌ସଙ୍ଗେ ଆତଙ୍କବାଦ ଓ ହିଂସା ଭାରତର ପ୍ରଶାସନିକ ସେବାରେ ମୁଣ୍ଡବ୍ୟଥାର କାରଣ ହୋଇଥିଲା । କେବଳ ଓଡ଼ିଶା ପାଇଁ ନୁହେଁ, ବିଭିନ୍ନ ରାଜ୍ୟରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଓ ମାନ୍ୟତା ପ୍ରଦାନ ଦାବିକୁ ବନ୍ଦ କରିବା ଏବଂ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିକୁ ଅଗ୍ରାହ୍ୟ କରିବା ଯଥାର୍ଥ । ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନକୁ କେନ୍ଦ୍ରକରି ଦେଶ ଓ ରାଜ୍ୟଗୁଡ଼ିକ ମଧ୍ୟରେ ଅଶାନ୍ତି ସୃଷ୍ଟି ନ ହେଉ। ଭାରତରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନକୁ ଉଚ୍ଛେଦ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ।

**–ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ୍ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଅଧ୍ୟାପକଙ୍କୁ ଛାତ୍ରଙ୍କ ମରଣାନ୍ତକ ଆକ୍ରମଣ

- କ୍ଲାସ ବିଳମ୍ବ ହେବା କହିବାରୁ ମାରିଲେ
- ଡାକ୍ତରଖାନାରେ ଅଧ୍ୟାପକ, ଛାତ୍ର କୋର୍ଟ ଚାଲାଣ

ସମ୍ବଲପୁର,୨୨।୨(ବ୍ୟୁରୋ)

ଝାରସୁଗୁଡ଼ା ଜିଲା ସଦର ଥାନା କଟାପାଲିସ୍ଥିତ ପିକେଏସ୍ଏସ୍ ସ୍ନାତକ ମହାବିଦ୍ୟାଳୟରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। କଲେଜର ଇଂରାଜୀ ଅଧ୍ୟାପକ ଅମିତ ବାରିକ ଜଣେ ଛାତ୍ରଙ୍କୁ କ୍ଲାସ ବିଳମ୍ବରେ ଆସିବାର କାରଣ ପଚାରିଥିଲେ। ଏତିକିରେ ଯୁକ୍ତ ୩ ତୃତୀୟ ବର୍ଷ କଳା ଛାତ୍ର ଦିନେଶ ସହିସ ଉତ୍କ୍ଷିପ୍ତ ହୋଇ ଅଧ୍ୟାପକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଅଧ୍ୟାପକ ବାରିକ ଗୁରୁତର ଅବସ୍ଥାରେ ଏବେ ସମ୍ବଲପୁରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସଦର ଥାନାରେ ଏ ନେଇ ଏକ ମାମଲା (ନଂ.୩୦/୨୩) ରୁଜୁ କରାଯାଇଛି। ଛାତ୍ର ଦିନେଶଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।



ଗିରଫ ଛାତ୍ର ଦିନେଶ ସହିସ।

ସୂଚନାକ୍ରମେ, ଦିନେଶ କଲେଜ ଆସିବା ସମୟରେ ଅଧ୍ୟାପକ ବାରିକ ତାଙ୍କୁ ବିଳମ୍ବ ହେବାର କାରଣ ପଚାରିଥିଲେ। ଅଧିକାଂଶ ଦିନ କଲେଜକୁ ବିଳମ୍ବରେ ଆସୁଛ ବୋଲି କହିଥିଲେ। ଏଥିରେ ଦିନେଶ ରାଗିଯାଇ ଅଧ୍ୟାପକଙ୍କୁ ମୁଥ ଓ ଲାତ ମାରିଥିଲେ। ସମସ୍ତ ଘଟଣା କଲେଜ କ୍ୟାମ୍ପସରେ ଘଟିଥିଲ। ଗୁରୁତର ଅବସ୍ଥାରେ ଅଧ୍ୟାପକ ବାରିକଙ୍କୁ ପ୍ରଥମେ ଝାରସୁଗୁଡାସ୍ଥିତ ଏକ ଘରୋଇ ମେଡିକାଲକୁ ନିଆଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସମ୍ବଲପୁରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଧ୍ୟାପକ ବାରିକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଓ ଅଭିଯୁକ୍ତ ଦିନେଶଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ ଦିନେଶ ଜୁଡୋ କରାଟେରେ ଟ୍ରେନର ଥିବାବେଳେ ବିଭିନ୍ନ ସ୍ଥାନରେ ପିଲାମାନଙ୍କୁ ତାଲିମ ପ୍ରଦାନ କରନ୍ତି।

# ଓମାନରେ ବସ୍ ଦୁର୍ଘଟଣା, ୩ ଓଡ଼ିଆ ମୃତ

ଗମ୍ଭାରିମୁଣ୍ଡା/ବାଣପୁର,୨୨।୨(ଡି.ଏନ୍.ଏ.)

ଓମାନର ମସ୍କଟ ସହରରେ ଏକ ବସ୍ ଦୁର୍ଘଟଣା ଘଟିଥିବା ବେଳେ ମୃତକଙ୍କ ମଧ୍ୟରେ ୩ଜଣ ଓଡ଼ିଆ ଥିବା ଜଣାପଡ଼ିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀର ବାଣପୁର ଥାନା ମୁକ୍ତାଦେଇପୁର ଗ୍ରାମର ବାଲା ମୁଦୁଲି (୫୬), ଚିଲିକା ବ୍ଲକ ପ୍ରାଣଦେଇପୁର ଗ୍ରାମର ତପନ ବେହେରା (୫୮) ଏବଂ ଟାଙ୍ଗୀ ଥାନା ରଘୁନାଥପୁର ସାହିର ମହେଶ୍ୱର ବେହେରା। ଏହି ୩ଜଣଙ୍କ ମୃତଦେହ ବୁଧବାର ଗାଁରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି।

## ଗାଁରେ ପହଞ୍ଚିଲା ମୃତଦେହ

ମିଳିଥିବା ସୂଚନା ଅନୁଯାୟୀ, ଏହି ତିନିଜଣ ଦୁଇ ପଇସା ରୋଜଗାର ପାଇଁ କିଛି ବର୍ଷ ତଳେ ସୁଦୂର ଓମାନ ଯାଇଥିଲେ। ସେଠାରେ ଥିବା ଗଲଫର ଏକ କନଷ୍ଟ୍ରକ୍ସନ କମ୍ପାନୀରେ କାମକରି ଆସୁଥିଲେ। ହେଲେ ଗତ ଶୁକ୍ରବାର କମ୍ପାନୀ କାର୍ଯ୍ୟ ଛୁଟିଥିବାରୁ ଘରକୁ ଟଙ୍କା ପଠାଇବା ପାଇଁ କମ୍ପାନୀ ଗାଡ଼ିରେ ଏହି ୩ଜଣଙ୍କ ସମେତ ୫୩ଜଣ ବ୍ୟାଙ୍କ ଯାଉଥିଲେ। ହେଲେ ମସ୍କଟ ସିଟିରେ ଗାଡିଟି ହଠାତ୍ ଭାରସାମ୍ୟ ହରାଇ ନିକଟସ୍ଥ ଏକ ଡିଭାଇଡରରେ ପିଟି ହୋଇଯାଇଥିଲା। ଫଳରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଆହତ ହୋଇଥିଲେ। ତେବେ ମୃତକଙ୍କ ମଧ୍ୟରୁ ୩ଜଣ ଓଡ଼ିଆ ଥିଲେ। ତେବେ କମ୍ପାନୀ ପକ୍ଷରୁ ୩ଜଣଙ୍କ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକଙ୍କୁ ଜଣାଇବା ସହ ମୃତଦେହକୁ ପଠାଇବା ବ୍ୟବସ୍ଥା କରିଥିଲେ। ପ୍ରଥମେ କୋଲକାତା ବିମାନବନ୍ଦରରେ ୩ ମୃତଦେହ ପହଞ୍ଚିବା ପରେ ସେଠାରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଗ୍ରାମକୁ ଅଣାଯାଇଥିଲା। ମୃତଦେହ ଦେଖି ପରିବାର ଲୋକ ଦୁଃଖରେ ଭାଙ୍ଗିପଡ଼ିଥିଲେ।

# ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ବାଲିଗୁଡା,୨୨।୨(ସ୍ୱ.ପ୍ର.):** ବାଲିଗୁଡା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ତାଙ୍କ ମା' ମଙ୍ଗଳବାର ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ନଂ.୮୦/୨୩ରେ ମାମଲା ରୁଜୁ ହୋଇଛି। ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ବଡ଼ଝିଅ (୧୭) ମଙ୍ଗଳବାର ବାଲିଗୁଡା ତାରେଣିଆ ମାର୍କେଟ କମ୍ପ୍ଲେକ୍ସର ଟେକ୍ନୋବାଇଟ୍ ଦୋକାନକୁ ଯାଇଥିଲେ। ଝିଅ ସହ ତା' ସାଙ୍ଗ ମଧ୍ୟ ଥିଲା। ସେଠାରେ ଝିଅକୁ ଆମ୍ବଶାଳ ଗ୍ରାମର ନିର୍ମଳ ମଲ୍ଲିକ ଅପହରଣ କରି ନେଇଯାଇଥିବା ସେ ଅଭିଯୋଗ କରିଛନ୍ତି।

# ରାଜ୍ୟରେ ଖୋଲିବ ଆଉ ୮ ୟୁପିଏଚ୍ସି

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ରାଜ୍ୟରେ ଉନ୍ନତ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଆଉ ୮ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ୟୁପିଏଚ୍ସି) ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ(ଏନ୍ୟୁଏଚ୍ଏମ୍) ଅଧୀନରେ ୭ଟି ଜିଲାରେ ଏହି ୮ ୟୁପିଏଚ୍ସି ଖୋଲିବ। ଯାଜପୁର ଜିଲାର ଯାଜପୁର ଓ ବ୍ୟାସନଗର, ମୟୂରଭଞ୍ଜ ଜିଲାର ରାଇରଙ୍ଗପୁର, ମାଲକାନଗିରି ଜିଲାର ମାଲକାନଗିରି, ବାଲେଶ୍ୱରର ସୋର, ସୁନ୍ଦରଗଡ଼ର ରାଜଗାଙ୍ଗପୁର, ଅନୁଗୋଳର ତାଳଚେର ଓ କଟକର ଝୋଲାସାହିରେ ୟୁପିଏଚ୍ସି ଖୋଲାଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ରୂପାନ୍ତରଣ ପାଇଁ ୧୪୭ ହସ୍ପିଟାଲ ଚିହ୍ନଟ

## 'ଆମ ହସ୍ପିଟାଲ' କାର୍ଯ୍ୟକ୍ରମ

- ଜିଲାପାଳଙ୍କୁ କ୍ଷମତା ହସ୍ତାନ୍ତର, ଜିଲାସ୍ତରୀୟ କମିଟି ଗଠନ
- ଅକ୍ଟୋବର ସୁଦ୍ଧା କାମ ସାରିବାକୁ ଲକ୍ଷ୍ୟ

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ରାଜ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ସମ୍ପ୍ରସାରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମ ପର୍ଯ୍ୟାୟରେ ୩୦ଟି ଜିଲାର ୧୪୭ଟି ହସ୍ପିଟାଲକୁ 'ଆମ ହସ୍ପିଟାଲ' କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବୁଧବାର ସୂଚନା ଦେଇଛନ୍ତି। ଏହି ହସ୍ପିଟାଲଗୁଡ଼ିକୁ '୫-ଟି' ଢାଞ୍ଚାରେ ରୂପାନ୍ତରିତ କରାଯିବ। ଏହି ପ୍ରଥମ ପର୍ଯ୍ୟାୟ ରୂପାନ୍ତରଣ କାମ ଚଳିତବର୍ଷ ଅକ୍ଟୋବର ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରତିଜିଲାରେ ଅଧିକ ସଂଖ୍ୟକ ରୋଗୀ ଆସୁଥିବା ହସ୍ପିଟାଲଗୁଡ଼ିକୁ ମୁଖ୍ୟତଃ ଏଥିରେ ସାମିଲ କରାଯାଇଛି। ଜିଲାୱାରି ହସ୍ପିଟାଲଗୁଡ଼ିକୁ ଚିହ୍ନଟ କରାଯାଇ ରୂପାନ୍ତରଣ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଚିହ୍ନଟ ୧୪୭ଟି ହସ୍ପିଟାଲ ମଧ୍ୟରେ ଗଞ୍ଜାମ ଜିଲାର ସର୍ବାଧିକ ୧୩ଟି ଥିବାବେଳେ ବରଗଡ଼ ଜିଲାର ୫, ଝାରସୁଗୁଡ଼ାର ୨, ସୁନ୍ଦରଗଡ଼ର ୭, ସମ୍ବଲପୁରର ୪, ଦେବଗଡ଼ର ୧, କେନ୍ଦୁଝରର ୬, ମୟୂରଭଞ୍ଜର ୯, ବାଲେଶ୍ୱରର ୮, ଭଦ୍ରକର ୫, ଯାଜପୁରର ୭, ଢେଙ୍କାନାଳର ୪, ଅନୁଗୋଳର ୫, ସୁବର୍ଣ୍ଣପୁରର ୨, ବଲାଙ୍ଗୀରର ୫, ନୂଆପଡ଼ାର ୨, ନବରଙ୍ଗପୁରର ୪, କଳାହାଣ୍ଡିର ୫, କନ୍ଧମାଳର ୩, ବୌଦ୍ଧର ୨, କଟକର ୯, କେନ୍ଦ୍ରାପଡ଼ାର ୫, ଜଗତ୍ସିଂହପୁର ୪, ପୁରୀ ୬, ଖୋର୍ଦ୍ଧାର ୮, ନୟାଗଡ଼ର ୪, ଗଜପତିର ୨, ରାୟଗଡ଼ାର ୩, କୋରାପୁଟର ୫ ଓ ମାଲକାନଗିରିରେ ୨ଟି ହସ୍ପିଟାଲ ରହିଛି। ଆବଶ୍ୟକ ନିର୍ମାଣ କାର୍ଯ୍ୟ ଏବଂ ଯନ୍ତ୍ରପାତି କ୍ରୟ ନିମନ୍ତେ ପ୍ରଶାସନିକ ଅନୁମୋଦନ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳଙ୍କୁ କ୍ଷମତା ହସ୍ତାନ୍ତର କରାଯାଇଛି। ଏଥିପାଇଁ ଆବଶ୍ୟକ ଅର୍ଥ ରାଜ୍ୟ ବଜେଟ ଓ ଡିଏମ୍ଏଫ୍ ପାଣ୍ଠିରୁ ଯୋଗାଇ ଦିଆଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ସେହିପରି ହସ୍ପିଟାଲ ରୂପାନ୍ତରଣ ନିମନ୍ତେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ କମିଟି କରାଯାଇଛି। ଏଷ୍ଟିମେଟ୍ ପ୍ରସ୍ତୁତି, ଅନୁମୋଦନ ଏବଂ କାର୍ଯ୍ୟାୟନ ସଂସ୍ଥା ଚୟନ ଆଦି ନିମନ୍ତେ ମଧ୍ୟ ଜିଲାସ୍ତରୀୟ କମିଟିକୁ କ୍ଷମତା ପ୍ରଦାନ କରାଯାଇଛି। ଜିଲା ପୋଲିସ ଅଧୀକ୍ଷକ, ସମ୍ପୃକ୍ତ ସହରାଞ୍ଚଳ କମିଶନର ବା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ଜନ ସ୍ୱାସ୍ଥ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ପାନୀୟଜଳ ଯୋଗାଣ ଯନ୍ତ୍ରୀ, ସମ୍ପୃକ୍ତ ବିଡିଓ, ମେଡିକାଲ ଅଫିସର, ଜାତୀୟ ସ୍ୱାସ୍ଥ୍ୟ ମିଶନର ପ୍ରକଳ୍ପ ପରିଚାଳକ ପ୍ରମୁଖ ଅଧିକାରୀ କମିଟି ସଦସ୍ୟ ଭାବେ କାର୍ଯ୍ୟ କରିବେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜିଲାସ୍ତରୀୟ କମିଟିର ଆବାହକ ଦାୟିତ୍ୱ ସମ୍ପାଦନ କରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଆୟୁର୍ବେଦ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଛି

**ଉତ୍ତମ ଜୀବନଚର୍ଯ୍ୟା ଓ ଖାଦ୍ୟାଭାସ ସହ କେତେକ ସ୍ୱାସ୍ଥ୍ୟ ଅନୁକୂଳ ପରାମର୍ଶ ବର୍ତ୍ତମାନ ସମୟରେ ଜୀବନଯାପନ ପାଇଁ ବିଶେଷ ସହାୟକ ହୋଇଥାଏ। ଏପରିକି ବୈଦିକ ଯୁଗରୁ ନୀରୋଗ ଜୀବନ ପାଇଁ ଆୟୁର୍ବେଦ ପ୍ରଚଳିତ ହୋଇଆସିଛି। ବିଶେଷକରି ପୂର୍ବକାଳରେ ମଧ୍ୟ ରାଜାରାଜୁଡ଼ାମାନଙ୍କର ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ପ୍ରାକୃତିକ ପରିବେଶରୁ ମିଳୁଥିବା ଚେରମୂଳି ଓ ଔଷଧୀୟ ବୃକ୍ଷ ଆଦିର ଉପଯୋଗ ବୈଦ୍ୟମାନେ ହିଁ କରୁଥିଲେ। ପରେ ଏହା ଜନସାଧାରଣଙ୍କ ହିତରେ କାର୍ଯ୍ୟକାରୀ କରିବା ପାଇଁ କବିରାଜ ବା ବୈଦ୍ୟମାନେ ଆୟୁର୍ବେଦୀୟ ଚିକିତ୍ସା ପଦ୍ଧତିକୁ ଉପଯୋଗକଲେ। ବିଜ୍ଞାନ ଯୁଗରେ ମଧ୍ୟ ଆୟୁର୍ବେଦ ପ୍ରତି ଲୋକଙ୍କର ଆଗ୍ରହ ରହିଛି, କାରଣ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଦୀର୍ଘ ବର୍ଷର ଅଭିଜ୍ଞତା ଓ ପ୍ରତିଷ୍ଠିତ ବୈଦ୍ୟ ପରମ୍ପରା ଓଡ଼ିଶା ଆୟୁର୍ବେଦ ଭବନର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ଦାସଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍କାର...**



ମନୋଜ କୁମାର ଦାସ

**ପ୍ର-୧: ବାଲ୍ୟଜୀବନ କିଭଳି ଅତିବାହିତ କରିଥିଲେ?**

ଉ- ମୋ ଜନ୍ମ ଜାମଶେଦପୁରଠାରେ ହୋଇଥିବାରୁ ମୁଁ ସେଠାରେ ମୋ ଅଜା ଗୋକୁଳାନନ୍ଦ ଦାସଙ୍କ ଘରେ ବାଲ୍ୟଜୀବନ ବିତାଇଥିଲି। ପରବର୍ତ୍ତୀ ସମୟରେ ମୁଁ ଆମ ଘର କଟକକୁ ଆସିଲି। ଏପରିକି ରେଲୱେ ସେଟଲମେଣ୍ଟ ହାଇସ୍କୁଲ ଏବଂ ଚୌଦ୍ୱାର କଲେଜରୁ ଶିକ୍ଷା ଲାଭ ଶେଷକରି ଆଗକୁ ଆଗକୁ ମାଡ଼ିଚାଲିଛି।

**ପ୍ର-୨: ପ୍ରାରମ୍ଭିକ ବୃତ୍ତିଗତ ଜୀବନ କିପରି ଆରମ୍ଭ ହେଲା?**

ଉ- ଉଚ୍ଚଶିକ୍ଷା ସମାପ୍ତି ପରେ ମୁଁ ବେସରକାରୀ ଚାକିରି କରୁଥିଲି। ଏହି ସମୟରେ ଜଷ୍ଟିସ ରାଧାଚରଣ ପଟ୍ଟନାୟକଙ୍କ ସଂସ୍ପର୍ଶରେ ଆସିଥିଲି। ତାଙ୍କ ଶୁଭେଚ୍ଛା ଓ ପରାମର୍ଶ ପୂର୍ବରୁ ଜେଜେଙ୍କ ଦ୍ୱାରା ସ୍ଥାପିତ ଆୟୁର୍ବେଦିକ ସଂସ୍ଥାରେ କାର୍ଯ୍ୟ କରିବା ପାଇଁ ପରିବାର ଲୋକେ ପ୍ରେରିତ କରିଥିଲେ। ଏପରିକି ଧୀରେ ଧୀରେ ଜେଜେଙ୍କ ପାଖକୁ ନିୟମିତ ଆସୁଥିବା ସେ ସମୟର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ସୁପରାମର୍ଶରେ ମୁଁ ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତି ପାଇଁ ଅଣ୍ଟା ଭିଡ଼ିବା ସହ ବୃତ୍ତିଗତ ଜୀବନର ଅୟମାରମ୍ଭ କରିଥିଲି।

**ପ୍ର-୩: ଓଡ଼ିଶା ଆୟୁର୍ବେଦ ଭବନ ଯାତ୍ରା କିପରି ଚାଲିଛି?**

ଉ- ମୋ ଜେଜେ ତଥା ଜଣାଶୁଣା କବିରାଜ ବନମାଳୀ ଦାସଙ୍କ ଦ୍ୱାରା ୧୯୪୨ରୁ ଓଡ଼ିଶା ଆୟୁର୍ବେଦ ଭବନ ପ୍ରତିଷ୍ଠା ହୋଇଥିଲା। ଏଠାରେ ସେ ଔଷଧ ତିଆରି କରି ରୋଗୀ ସେବା ସହ ଗ୍ରାମ୍ୟ ଓ ଜଙ୍ଗଲଜାତ ବିଭିନ୍ନ ଔଷଧୀୟ ବୃକ୍ଷର ଚେରମୂଳିରୁ ସଂଗୃହୀତ ବସ୍ତୁକୁ ନେଇ ସ୍ୱାସ୍ଥ୍ୟ ଉପଯୋଗୀ ଆୟୁର୍ବେଦକ୍ ଔଷଧ ବୈଦିକ ଶାସ୍ତ୍ରୀୟ ଶୈଳୀରେ ପ୍ରସ୍ତୁତ କରାଯାଇଥାଏ। ବିଶେଷକରି ଜନସାଧାରଣଙ୍କ ଆସ୍ଥା ଓ ଆଗ୍ରହ ଧୀରେ ଧୀରେ ବଢ଼ିବାର ସହ ଏକ ପ୍ରତିଷ୍ଠିତ ଆୟୁର୍ବେଦୀୟ ସଂସ୍ଥା ଭାବେ ପରିଚିତି ଲାଭ କରିଥିଲା। ଫଳରେ ସେବେଠାରୁ ଆଜି ପର୍ଯ୍ୟନ୍ତ ଆମେ ମଧ୍ୟ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରି ଖୁସି ଅନୁଭବ କଲୁ। ଏପରିକି ଆମ ଦ୍ୱାରା ପରୀକ୍ଷିତ ଉତ୍ତମ ଗୁଣମାନର ଔଷଧୀୟ ଚେରମୂଳି, ତୈଳ, ବନ୍ୟଜାତ ସାମଗ୍ରୀ ସବୁ ବର୍ଗର ଲୋକଙ୍କ ପସନ୍ଦର ଔଷଧ ହୋଇଯାଇଥିଲା। ଆଧୁନିକ ଯୁଗୋପଯୋଗୀ ପ୍ୟାକିଂରେ ବର୍ତ୍ତମାନ ଏହାକୁ ଉପଲବ୍ଧ କରାଇପାରୁଛୁ। କେବଳ ଓଡ଼ିଶା ନୁହେଁ, ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଆଦି ରାଜ୍ୟକୁ ଆମ ଔଷଧ ପ୍ରେରଣ ହେଉଛି।

**ପ୍ର-୪: ଆଧୁନିକ ବିଜ୍ଞାନ ଯୁଗରେ ଆୟୁର୍ବେଦୀୟ ଔଷଧର ଚାହିଦା କିଭଳି ରହିଛି?**

ଉ- ବୈଦିକଯୁଗରୁ ଆୟୁର୍ବେଦିକ ଚିକିତ୍ସା ମାନବକୁ ପାର୍ଶ୍ୱ ପ୍ରତିକ୍ରିୟାବିହୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇ ଆସୁଛି। ଫଳରେ ଆୟୁର୍ବେଦ ମଧ୍ୟ ଏକ ବିଜ୍ଞାନ ସମ୍ମତ ଚିକିତ୍ସା ପଦ୍ଧତି ବୋଲି ଧରାଯାଏ। ଏପରିକି ସର୍ବଭାରତୀୟସ୍ତରରେ ମଧ୍ୟ ଏହାର ପ୍ରବେଶିକା ପରୀକ୍ଷା କରାଯାଇ ଆୟୁର୍ବେଦ ଚିକିତ୍ସା ପାଠ୍ୟକ୍ରମ ପାଇଁ ବିଦ୍ୟାର୍ଥୀ ଚୟନ କରାଯାଇଥାଏ। ବର୍ତ୍ତମାନ ଏହାକୁ ବିଏଏମ୍ଏସ୍ ସ୍ନାତକ ଓ ସ୍ନାତକୋତ୍ତର ଭାବେ ଏମ୍ଡି ଏମ୍ଏସ୍ ଆଦି ପାଠ୍ୟକ୍ରମ ପ୍ରଚଳିତ ହୋଇଛି। ସମାନ୍ତରାଳ ଭାବେ ବିଭିନ୍ନ ରୋଗ ପାଇଁ ମଧ୍ୟ ଔଷଧ ଉପଲବ୍ଧ ହେଲାଣି। ଏହାର ଉନ୍ନତି ଦିଗରେ ଆୟୁର୍ବେଦିକ କଲେଜ ମଧ୍ୟ ସ୍ଥାପିତ ହୋଇଛି। ବର୍ତ୍ତମାନ ସରକାରଙ୍କର ଆୟୁଷ ମନ୍ତ୍ରଣାଳୟ ଉନ୍ନତିକୁ ଆଉ ୨ପାଦ ଆଗେଇ ନେଇଛନ୍ତି।

**ପ୍ର-୫: ଆପଣଙ୍କ ଦ୍ୱାରା ପ୍ରସ୍ତୁତ ଔଷଧର ବଜାର ଚାହିଁଦା କ'ଣ ରହିଛି?**

ଉ- ଆମ ଦ୍ୱାରା ପ୍ରସ୍ତୁତ ଔଷଧ ବର୍ତ୍ତମାନ ସମୟରେ ମଧ୍ୟ ବଜାରରେ ଆଦୃତ ହେଉଛି। ବିଶେଷ କରି ଶିବାଷ୍ଟକ ଚୂର୍ଣ୍ଣ ଗ୍ୟାସ୍, ଏସିଡିଟି, ବଦହଜମି ଓ କୋଷ୍ଠକାଠିନ୍ୟ ପାଇଁ ଆମ ଉତ୍ପାଦ ବେଶ୍ ଉପାଦେୟ ହୋଇପାରିଛି। ବିଭିନ୍ନ ସମୟରେ ଏହାକୁ ସେବନ ପାଇଁ ସବୁ ବର୍ଗର ଚିକିତ୍ସକ ପରାମର୍ଶ ଦେଉଛନ୍ତି। ଏତଦ୍ଭିନ୍ନ ଚ୍ୟବନପ୍ରାଶ୍, ରୁମାଟ୍ରିଟ୍ ଅଏଲ୍, ପେଟ ସୁଦ୍ଧି ଚୂର୍ଣ୍ଣ, ପଞ୍ଚାରିଷ୍ଟ, ରାସନାଦିବଟି ମଧ୍ୟ ଲୋକଙ୍କ ଦ୍ୱାରା ଆଦୃତ ହୋଇପାରିଛି। ଏକକ ଚେରମୂଳି ଭାବେ ଯଥା ଅଶ୍ୱଗନ୍ଧା, ଜାମୁନ, ମେଥି, ଗୁଡ଼ମାରି, ଅଁଳା ସହିତ ଅନ୍ୟାନ୍ୟ ୧୫୦ରୁ ଅଧିକ ପ୍ରକାର ଔଷଧ ପ୍ରସ୍ତୁତି ଓ ବିତରଣ ହେଉଛି।

**ପ୍ର-୬ : ଆପଣଙ୍କ ଆଗାମୀ ଲକ୍ଷ୍ୟ କ'ଣ ରହିଛି?**

ଉ- ଓଡ଼ିଶାରେ ଏକ ଅତ୍ୟାଧୁନିକ ବୈଦ୍ୟଶାଳା ସ୍ଥାପନ ମୋର ଲକ୍ଷ୍ୟ। ଏଥିସହ କିପରି ଗ୍ରାମୀଣ କୃଷକମାନେ ଔଷଧୀୟ ବୃକ୍ଷ ଚାଷକରି ଉକ୍ତ ଚେରମୂଳିରୁ ବିଶୁଦ୍ଧ ଗୁଣବତ୍ତା ଔଷଧ ପ୍ରସ୍ତୁତ କରିପାରିବେ ସେ ଦିଗରେ ମଧ୍ୟ ପ୍ରଚେଷ୍ଟା ଜାରି ରହିଛି। ଫଳରେ ଓଡ଼ିଶାର କୃଷି, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ଅଭିବୃଦ୍ଧି ଘଟିବ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍ଆଇଟି/୧୧/୨୩/୦୫, ତାରିଖ: ୧୫।୦୨।୨୦୨୩

ଭାରତର ରାଷ୍ଟ୍ରପତିଙ୍କ ତରଫରୁ, ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ବିଳାସପୁର ଡିଭିଜନ ନିମ୍ନଲିଖିତ ସାମଗ୍ରୀ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି:

| କ୍ର. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ଧାର୍ଯ୍ୟ ସମୟ | ଟେଣ୍ଡର ମୂଲ୍ୟ ₹ | ଇଏମ୍ଡି ₹ |
|---|---|---|---|---|---|
| ୧. | ୧୧୨୨୫୦୫୯ଏ | ୨୩।୦୩।୨୦୨୩ | ୧୦.୩୦ | ୦୦ | ୩,୮୫,୫୨୦.୦୦ |

**ବର୍ଣ୍ଣନା: ୧.** ଆରଡିଏସ୍ଓ ବିନିର୍ଦ୍ଦିଷ୍ଟତା ସଂ.ଆରଡିଏସ୍ଓ/୨୦୦୮/ଇଏଲ୍/ଏସ୍ପିଇସି/୦୦୭୧ ଆରଇଭି.୫ [ଜୁନ୍ ୨୦୧୬] ଅନୁରୂପ ଟ୍ରାକ୍ସନ୍ କନ୍ଭର୍ଟର, ଅକ୍ଜିଲାରୀ କନ୍ଭର୍ଟର ଏବଂ ଭିସିୟୁ ସମ୍ବଳିତ ଆଇଜିବିଟି ଆଧାରିତ ୩ - ଫେଜ୍ ଡ୍ରାଇଭ୍ ପ୍ରପଲ୍ଶନ୍ ଇକ୍ୱିପମେଣ୍ଟ ସହିତ **(୧)** ଟର୍ମିନାଲ ବ୍ରାକେଟ୍, ବସ୍ ବାର୍ ଲିଙ୍କ୍ ଏବଂ **(୨)** ମୁଖ୍ୟ ଟ୍ରାନ୍ସଫର୍ମର୍ ଏବଂ ଟ୍ରାକ୍ସନ୍ କନ୍ଭର୍ଟର, ଅକ୍ଜିଲାରୀ କନ୍ଭର୍ଟର ମଧ୍ୟରେ ସଂଯୋଗ ପାଇଁ ଆବଶ୍ୟକ କପର୍ ବ୍ରେଡ୍ ଏବଂ ନିମ୍ନଲିଖିତ ଆର୍ଡିଏସ୍ଓ ସଂଶୋଧନ ଫର୍ଦ୍ଦ ଅନୁରୂପ **୧) ଆର୍ଡିଏସ୍ଓ/୨୦୧୭/ଇଏଲ୍/ଏମ୍ଏସ୍/୦୪୫୭ (ଆର୍ଇଭି ୦) ତାରିଖ ୧୨।୦୧।୨୦୧୭ ୨) ଆର୍ଡିଏସ୍ଓ/୨୦୧୨/ଇଏଲ୍/ଏମ୍ଏସ୍/୦୪୧୩ (ଆର୍ଇଭି୧) ତାରିଖ: ୨୫।୦୪।୨୦୧୬, ଡବ୍ଲ୍ୟୁଏଜି୯ ଲୋକୋ ପାଇଁ ଉପଯୁକ୍ତ ।** ଟେଣ୍ଡରଦାତାମାନେ ଦୟାକରି ଆଇଆର୍ଇପିଏସ୍ ୱେବ୍ସାଇଟ୍: **https://www.ireps.gov.in** ପରିଦର୍ଶନ କରନ୍ତୁ ।

**ଦ୍ରଷ୍ଟବ୍ୟ:** ବିବାଦୀୟ ପରିସ୍ଥିତିରେ ଇଂରାଜୀ ଲେଖା ସଂସ୍କରଣକୁ ପ୍ରମାଣିତ ବିବେଚନା କରାଯିବ ।

CPR/10/465 — ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର/ବିଳାସପୁର

South East Central Railway @secrail

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.69-KUR-TRD-OT-2022-23

**କାର୍ଯ୍ୟର ନାମ:** ତିନି ବର୍ଷ ନିମନ୍ତେ ତାଳଚେର (TLHR) ଷ୍ଟେସନ ଠାରେ M/s ମହାନଦୀ କୋଲ ଫିଲ୍ଡସ୍ (MCL) ର ସାଇଡ଼ିଙ୍ଗ୍ ଠାରେ OHE ରକ୍ଷଣାବେକ୍ଷଣ ଏବଂ SPI ରକ୍ଷଣାବେକ୍ଷଣ ।

**ଆନୁମାନିକ ମୂଲ୍ୟ (ଟଙ୍କାରେ):** 7,15,16,793.99, EMD (ଟଙ୍କାରେ): 5,07,600/-, ଶେଷ ହେବା ଅବଧି: 1095 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ: ତା.01.03.2023ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.15.03.2023 ରିଖ 1300 ଘଣ୍ଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)/ ଖୋର୍ଦ୍ଧା ରୋଡ଼

PR-1031/N/22-23

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.EPC-CECONIBBS 2023007, ତା.17.02.2023ରିଖ

**କାର୍ଯ୍ୟର ନାମ:** ଇଂଜିନିୟରିଂ, କ୍ରୟ ଏବଂ ନିର୍ମାଣ (EPC) ପ୍ରଣାଳୀରେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂଆ B.G. ରେଲ ଲିଙ୍କ୍ ପ୍ରକଳ୍ପର ଦଶପଲ୍ଲା ଏବଂ ବାଣିଗୁଛା ଷ୍ଟେସନ ମଧ୍ୟରେ OHE ନିମନ୍ତେ ବୋଲ୍ଟ ଗ୍ରାଉଟିଙ୍ଗ୍ ଏବଂ ପ୍ଲେଟ୍ ଫିକ୍ସିଙ୍ଗ୍ ସହିତ ଟନେଲ T-1 (800 ମିଟର ଲମ୍ବ, ସିଏଚ୍. କି.ମି. 106.825 ରୁ କି.ମି. 107.625 ପର୍ଯ୍ୟନ୍ତ), ଟନେଲ T-2 (1775 ମିଟର ଲମ୍ବ, ସିଏଚ୍. କି.ମି. 108.225 ରୁ କି.ମି. 110.000 ପର୍ଯ୍ୟନ୍ତ) ଏବଂ ଟନେଲ T-3 (2620 ମିଟର ଲମ୍ବ, ସିଏଚ୍. କି.ମି. 126.420 ରୁ କି.ମି. ସିଏଚ୍. 129.040 ପର୍ଯ୍ୟନ୍ତ) ର ନିର୍ମାଣ ଏବଂ ଅନ୍ୟ ସମ୍ପର୍କିତ କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 34521.00 ଲକ୍ଷ, EMD(ଟଙ୍କାରେ): 1,73,00,000/- , କାର୍ଯ୍ୟ ଶେଷ ହେବା ଅବଧି: 26(ଛବିଶି)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.04.2023 ରିଖ 1200 ଘଣ୍ଟିକାରେ ।

ଉପରୋକ୍ତ EPC-ଟେଣ୍ଡରର ସମସ୍ତ ବିବରଣୀ RFP ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବ୍ସାଇଟ୍ http://www.ireps.gov.in ରେ ଉପଲବ୍ଧ ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଉପରୋକ୍ତ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ୍ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-173/CF/22-23

**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍ଟି-ସିକେପି-ଓଟି-୦୨-୨୦୨୩, ତାରିଖ ୨୧।୦୨।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍ନାଲ୍ ଏବଂ ଟେଲିକମ୍ ଇଞ୍ଜିନିୟର/ସିଓ/ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ **ଟେଣ୍ଡର ନଂ. ଏସ୍ଟି-ସିକେପି-ଓଟି-୦୨-୨୦୨୩-୧, ୨, ୩, ୪, ୫, ୬, ୭ ଓ ୮** ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା **ତା୧୫।୦୩।୨୦୨୩ରିଖ ୧୫.୦୦ ଘଣ୍ଟିକାରେ** ଖୋଲାଯିବା ପାଇଁ ଧାର୍ଯ୍ୟ ଅଟେ । ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଟେଣ୍ଡରକୁ ଅଣଦେଖା କରିଦିଆଯିବ । ଯଥାକ୍ରମେ କ୍ର.ସଂ. ଓ କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; **ଅମାନତ ରାଶି:** (୧) ଚକ୍ରଧରପୁର ଡିଭିଜନରେ ୩୭ଟି ଷ୍ଟେସନଠାରେ ପିଏ ସିଷ୍ଟମ୍କୁ ବଦଳାଇବା; ₹୫୬,୧୯,୮୪୫.୩୫; ₹୧,୧୨,୪୦୦/- । (୨) ଜରେଇକେଲା ୟାର୍ଡଠାରେ ଲେଭଲ୍ କ୍ରସିଂ ଗେଟ୍ ନଂ.୧୯୮ ବଦଳରେ ଆର୍ୟୁବି/ଏଲ୍ଏଚ୍ଏସ୍ ନିମନ୍ତେ ଏସ୍ ଆଣ୍ଡ ଟି କାର୍ଯ୍ୟ; ₹୧୮,୩୬,୭୨୪.୮୧; ₹୩୬,୭୦୦/- । (୩) ରାଜଖରସୁଆଁ-ବଡ଼ବିଲ ସେକ୍ସନରେ ୨୯ ଗୋଟି ସେତୁର ପୁନଃନିର୍ମାଣ ପାଇଁ ସିଗ୍ନାଲିଂ କାର୍ଯ୍ୟ; ₹୩୦,୦୬,୨୪୯.୦୬; ₹୬୦,୧୦୦/- । (୪) ଟାଟାନଗର, ଆଦିତ୍ୟପୁର, ଚକ୍ରଧରପୁର, ଡାଙ୍ଗୋଆପୋଷି, ବଣ୍ଡମୁଣ୍ଡା, ରାଉରକେଲା ଏବଂ ଝାରସୁଗୁଡ଼ା ଷ୍ଟେସନଠାରେ ଟେଲିକମ୍ ସର୍କିଟଗୁଡ଼ିକର ପିଆଇଜେଏଫ୍ କେବୁଲ ବଦଳାଇବା; ₹୮୯,୭୨,୪୫୯.୬୩; ₹୧,୭୯,୫୦୦/- । (୫) ସିନି, ରାଉରକେଲା, ଝାରସୁଗୁଡ଼ାରେ ତିନିଟି ହେଲ୍ଥ ୟୁନିଟ୍ଠାରେ ହସ୍ପିଟାଲ ମ୍ୟାନେଜମେଣ୍ଟ ଇନ୍ଫର୍ମେଶନ୍ ସିଷ୍ଟମ୍ର କମିଶନିଂ; ₹୧୪,୮୫,୦୯୪/-; ₹୨୯,୭୦୦/- । (୬) ଏସ୍ଏସଇ/ଟେଲି/ବଣ୍ଡମୁଣ୍ଡାଙ୍କ ଅଧୀନସ୍ଥ ସେକ୍ସନରେ ବିବିଧ ଟେଲିକମ୍ କାର୍ଯ୍ୟ; ₹୧୭,୭୯,୨୫୨.୯୭; ₹୩୫,୬୦୦/-। (୭) ଚକ୍ରଧରପୁର ଡିଭିଜନରେ ଇନ୍ଫ୍ରିଞ୍ଜଡ୍ ସିଗ୍ନାଲକୁ ଆର୍ଏଚ୍ଏସ୍ରୁ ଏଲ୍ଏଚ୍ଏସ୍କୁ ସ୍ଥାନାନ୍ତର କରିବା; ₹୩୭,୩୭,୧୯୭.୫୫; ₹୭୪,୮୦୦/- । (୮) ବଣ୍ଡମୁଣ୍ଡା-ରାଉରକେଲା-ବୀରମିତ୍ରପୁର ସେକ୍ସନରେ ୧୪ ଗୋଟି ଲାଟେରାଇଟ୍ ଷ୍ଟୋନ୍ ସ୍ଲାବ୍ ସେତୁକୁ ଆର୍ସିସି ବକ୍ସ ଦ୍ୱାରା ପୁନରୁଦ୍ଧାର କାର୍ଯ୍ୟ ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟ; ₹୪୯,୪୦,୬୫୫.୮୭; ₹୯୮,୮୦୦/- । ସମାପ୍ତି ଅବଧି: କ୍ର.ସଂ. ୧, ୨, ୩, ୫ ଓ ୭ ପାଇଁ ୦୬ (ଛଅ) ମାସ; କ୍ର.ସଂ. ୪ ପାଇଁ ୦୯ (ନଅ) ମାସ ଏବଂ କ୍ର.ସଂ. ୬ ଓ ୮ ପାଇଁ ୧୨ (ବାର) ମାସ । ଟେଣ୍ଡର ବିବରଣୀ ୱେବ୍ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ୍ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଏବଂ ସେମାନେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ । (PR-1150)

**National Entrance Screening Test (NEST) 2023**

**Admission to 5-year Integrated MSc Programmes in Biology, Chemistry, Mathematics, and Physics at NISER (Bhubaneswar) and UM-DAE CEBS (Mumbai)**
(Autonomous institutions under the Department of Atomic Energy, Government of India)

The National Entrance Screening Test (NEST) is a compulsory test for admission to the 5-year Integrated MSc programme in basic sciences - Biology, Chemistry, Mathematics and Physics - at National Institute of Science Education and Research (NISER), Bhubaneswar and University of Mumbai - Department of Atomic Energy Centre for Excellence in Basic Sciences (UM-DAE CEBS), Mumbai. NEST 2023 will be conducted in around 120 towns and cities all over India on **June 24, 2023 (Saturday)**.

**The candidates admitted to the programme are eligible to receive an annual scholarship of Rs.60,000 through DISHA program of Department of Atomic Energy, Government of India. In addition, the scholarship recipients receive a grant of Rs.20,000 per annum for summer internship. Candidates selected by DST for the INSPIRE-SHE program are endorsed for INSPIRE scholarship by NISER and CEBS.**

For detailed information on NEST 2023 application procedure and previous years' question papers please visit NEST 2023 website: **www.nestexam.in**

**Application:**
Through ONLINE portal ONLY.
Visit **www.nestexam.in** to apply.
Online portal opens on Feb. 27, 2023, & closes on May 17, 2023

**Examination:**
ONLINE/computer based ONLY.
Date of examination: June 24, 2023 (Saturday)
Time: 9:00 AM - 12:30 PM (1st session)
2:30 PM - 6:00 PM (2nd session)
**Results announcement : July 10, 2023**

**Address for correspondence :**
The Chief Coordinator, NEST 2023
NISER Bhubaneswar,
P.O.: Jatni, Dist: Khurda,
Odisha - 752050, India
E-mail: **nest-exam@niser.ac.in**
Website: **www.nestexam.**

**Fees structure and mode of payment :**
Male (General and OBC categories): **Rs.1200/-**
Male (SC and ST categories) : **Rs.600/-**
Female (all categories): **Rs.600/-**
Divyangjan candidates: **Rs.600/-**
Pay ONLY via Net banking/ Credit card/ Debit card

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल,खूँटी**

अल्कालीन ई–निविदा आमंत्रण सूचना

अल्पकालीन ई– निविदा आमंत्रण सूचना संख्या – **RDD/SD/KHUNTI/46/2022-23**

कार्य की विस्तृत विवरणी:–

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | खूँटी जिला अन्तर्गत अड़की प्रखण्ड के खेसारी बेड़ा से जोजो हातु पथ में बेड़ाहातु के पास मारंगलो नदी पर पुल निर्माण। | 4,43,41,100/– | 8,86,900/– | 10,000/– | 18 माह |
| | खूँटी जिला के कर्रा प्रखण्ड अन्तर्गत पंचायत डुमरगड़ी के कोने बिरदा मुख्य पथ में बेलारी नाला पर पुल निर्माण। | 3,07,22,400/– | 6,14,500/– | 10,000/– | 18 माह |

2. वेबसाइट में निविदा प्रकाशन की तिथि – 28/02/2023 कार्यालय अवधि तक।
3. ई–निविदा प्राप्ति की अंतिम तिथि एवं समय –13/03/2023 अपराह्न 5:00 बजे तक
4. ग्रामीण विकास विशेष प्रमंडल, खूँटी/मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ० एफ० पी० भवन, धुर्वा, राँची में निविदा शुल्क, अग्रधन की राशि, Bank Credit Certificate एवं Affidavit (Section X) जमा करने की तिथि एवं समय 14/03/2023 अपराह्न 05:00 बजे तक
5. निविदा खोलने का स्थान – मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ० एफ० पी० भवन, धुर्वा, राँची
6. तकनीकी निविदा खोलने की तिथि एवं समय –15/03/2023 अपराह्न 2:00 बजे
7. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता,ग्रामीण विकास विशेष प्रमंडल, खूँटी।
8. ई–निविदा प्रकोष्ठ का दूरभाष सं० – 6201188328
9. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैकर्स चेक जो कार्यपालक अभियंता, ग्रामीण विकास विशेष प्रमंडल, खूँटी के पदनाम से देय हो देना होगा।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,खूँटी

PR 290897 Rural Development(22-23).D

## ସଂକ୍ଷେପରେ

### ଧର୍ମଶାଳା ମୁନି ସମାଜର ବାର୍ଷିକ ସମ୍ମିଳନୀ

ଧର୍ମଶାଳା,୨୨।୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ୍ ଦୁବଗାଡ଼ିଆ ଗ୍ରାମସ୍ଥିତ ଆମ ଗାଁ, ଆମ ବିକାଶ କୋଠ ଘରେ ଅଖିଳ ଭୂମଣ୍ଡଳୀୟ ସର୍ବୋ ଶିରମଣି ମୁନି ସମାଜ ଧର୍ମଶାଳା ଶାଖାର ଅଷ୍ଟାଦଶ ବାର୍ଷିକ ମୁନି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୋଗୀ ବନମାଳି ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୋଗୀ ସୁଧାଂଶୁ ସାମଲ ସତ୍ୟ ପତାକା ଉତ୍ତୋଳନ କରିଥିଲେ। ମୁନିମତି ବେବିନା ମୁନି ସଙ୍ଗୀତ ଗାନ କରିଥିଲେ। ନାରାୟଣ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାରେ ଯୋଗୀ ସୁବାସ ମୁନି, ଶରତ ମୁନି, ରବି ମୁନି, ସଚୀ ମୁନି, ରମେଶ ମୁନି, ରଞ୍ଜନ ମୁନି, ସନାତନ ମୁନି ଓ ସୌଭାଗ୍ୟ ମୁନି ଯୋଗଦେଇ ଆଧାତ୍ମିକ ଜୀବନଯାପନ ପାଇଁ ମୁନି ସମାଜରେ ପ୍ରବେଶ କରିବାକୁ ଅହ୍ୱାନ କରିଥିଲେ। ଏହି ଅବସରରେ ଯୋଗାଚାର୍ଯ୍ୟ ଧ୍ରୁବ ମୁନି, ଦାଶରଥୀ ମୁନି, ଜଗନ୍ନାଥ ମୁନି ଓ ଶ୍ରୀବସ୍ତ ମୁନିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଛତିଆ, ଫାଜିଲପୁର, ରଥିଆ, ବାତୋ, ମହିମାନଗର, କୁରିକଣା, ମହିଶରା, ଲକ୍ଷ୍ମୀଧରପୁର, କୁଆଁପାଳ ଓ ସୁକିନ୍ଦା ଅଞ୍ଚଳର ମୁନି ଏବଂ ମୁନିମତିମାନେ ଉପସ୍ଥିତ ଥିଲେ।

### ଶିକ୍ଷାବିତ୍‌ଙ୍କ ସ୍ମୃତିସଭା

ପାଣିକୋଇଲି, ୨୨।୨(ଡି.ଏନ୍.ଏ.): କୋରେଇ ବ୍ଲକ ଅନ୍ତର୍ଗତ କରଦା ବାପୁଜୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ବିଜୟ କୁମାର ବେହେରାଙ୍କ ଏକାଦଶାହ ଅବସରରେ କରଦା ଗାନ୍ଧୀପୀଠରେ ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ମୃତିଚାରଣ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁବ୍ରତା ନାୟକଙ୍କ ସଭାପତିତ୍ୱରେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ପ୍ରଶାନ୍ତ କୁମାର ମହାପାତ୍ର ସଭା ପରିଚାଳନା କରିଥିଲେ। ଜନାର୍ଦ୍ଦନ ସେନାପତି, ଭଗବାନ ପୃଷ୍ଟି, ଗୁଣନିଧି ସାହୁ, ଦେବାଶିଷ ସାହୁ, ଅଶୋକ ସାହୁ, ବାସନ୍ତୀ ଦାସ, ଚିନ୍ତାମଣି ସାହୁ, କାର୍ତ୍ତିକ ସ୍ୱାଇଁ, ମୋହନ ସାହୁ, ନରହରି ସାହୁ, ଶ୍ୟାମସୁନ୍ଦର ସେନାପତି, ଭାସ୍କର ସାହୁ ପ୍ରମୁଖ ସ୍ମୃତି ଚାରଣ କରିବା ସହ ପ୍ରାରମ୍ଭରେ ବିଜୟ ସାର୍‌ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ଲିଙ୍ଗେଶ୍ୱର ପୀଠରେ ନୃତ୍ୟ ପ୍ରତିଯୋଗିତା

ପାଣିକୋଇଲି, ୨୨।୨( ଡି.ଏନ୍.ଏ.): ବୈତରଣୀ କୂଳରେ ଅବସ୍ଥିତ ବାବା ଲିଙ୍ଗେଶ୍ୱର ପୀଠ ମୂଳାପାଳଠାରେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ତା'ର ୫୩ତମ ବାର୍ଷିକୋତ୍ସବ ପାଳନ କରିଛି। ଏହି ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୬ଟି ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଦୁଇ ଦିନ ଭଜନ ପ୍ରତିଯୋଗିତା ହେବ। ପରେ କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମରେ ସଭାପତି ଦୈତାରୀ ଧଳ, ସମ୍ପାଦକ ପ୍ରଦୀପ ଧଳ, ଉପସଭାପତି ସଦାନନ୍ଦ ସାମଲ, ସହସମ୍ପାଦକ ନିତ୍ୟାନନ୍ଦ ପରିଡ଼ା, କୋଷାଧକ୍ଷ ପ୍ରମୋଦ ସାହୁ, ଦାମୋଦର ଧଳ, ମାନସ ଧଳ, ଆନନ୍ଦ ଚନ୍ଦ୍ର ପାଳ, ରାଜକିଶୋର ମଲ୍ଲିକ, ମଦନ ମୋହନ ମାଝୀ, ବିଷ୍ଣୁ ଧଳ, ଭବ ପ୍ରସାଦ ଧଳ, ତାପସ ଧଳ, ନାଣ୍ଟୁ ମଳିକ, ରମେଶ ସାହୁ, ଗଦାଧର ଧଳଙ୍କ ସମେତ ସମସ୍ତ ସଦସ୍ୟ ଓ ଅନୁଷ୍ଠାନର କର୍ମଚାରୀ ଉପସ୍ଥିତ ଥିଲେ।

# ବ୍ୟାସନଗରରେ ପ୍ରତିଷ୍ଠା ହେବ ୟୁପିଏଚ୍‌ସି

- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି
- ପ୍ରତିଶ୍ରୁତିରେ ଅଟକିଛି ସୁପର ସ୍ପେଶାଲିଟି ହସ୍ପିଟାଲ
- କାମରେ ଲାଗିବନି ୟୁପିଏଚ୍‌ସି

ଯାଜପୁର ଅଫିସ,୨୨।୨:

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରର ସର୍ବାଙ୍ଗୀନ ବିକାଶ ନେଇ ସରକାର ତତ୍ପରତା ଦେଖାଉଥିବା କହୁଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହେଉନାହିଁ। ଏହାସହ ଖଣି ଏବଂ ଶିଳ୍ପସଂସ୍ଥା ପରିପୂର୍ଣ୍ଣ ଦାନଗଦି ଓ ସୁକିନ୍ଦା ବ୍ଲକ ଅଧିବାସୀ ପ୍ରଦୂଷଣ ଯନ୍ତାରେ ଶଡ୍ଡୁଥିବାବେଳେ ରୋଗଦୁଃଖ ଏମାନଙ୍କ ପାଇଁ ଚିର ସହଚର ହୋଇଛି। ଏପରିସ୍ଥଳେ ସରକାର ବ୍ୟାସନଗର ସହରରେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେବା ବଦଳରେ ଅଣଦେଖା କରୁଥିବା ପରିତାପର ବିଷୟ ବୋଲି ମତପ୍ରକାଶ ପାଇଛି।

ବ୍ୟାସନଗର ସହରରେ ୧୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଟି ଡାକ୍ତରଖାନା ପ୍ରତିଷ୍ଠା କରିବାକୁ ପ୍ରାୟ ୧ ଦଶନ୍ଧି ହେଲା ଦାବି ହୋଇ ଆସୁଛି। ହେଲେ ତାକୁ କାର୍ଯ୍ୟକାରୀ କରିବା ବଦଳରେ ଜିଲାର ଯାଜପୁର ଏବଂ ବ୍ୟାସନଗର ସହରରେ ୨ଟି ଅର୍ବାନ ପ୍ରାଇମେରୀ ହେଲ୍‌ଥ ସେଣ୍ଟର(ୟୁପିଏଚ୍‌ସି) ପାଇଁ ଅନୁମତି ମିଳିଛି। ମଙ୍ଗଳବାର ଏନେଇ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଏହି ୟୁପିଏଚ୍‌ସି ପ୍ରତିଷ୍ଠା କରିବାକୁ ୨୦୧୮ରୁ ପଦକ୍ଷେପ ଗ୍ରହଣ କରାଯାଇଥିଲେ ହେଁ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ତାହା ଶୀତଳ ଭଣ୍ଡାରରେ ପଡି ରହିଛି।



ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ଅନ୍ୟପକ୍ଷେ ବେସରକାରୀ ଭାବେ ପ୍ରାୟ ଦେଢ ଲକ୍ଷ ଲୋକସଂଖ୍ୟା ବିଶିଷ୍ଟ ଏହି ସହରବାସୀଙ୍କ ଉପଯୁକ୍ତ ସ୍ୱାସ୍ଥ୍ୟସେବାରେ ୟୁପିଏଚ୍‌ସି ସେତେଟା କାମରେ ଲାଗିବ ନାହିଁ ବୋଲି ମତପ୍ରକାଶ ପାଇଛି। ଏହାର ସୁଯୋଗରେ ସହରର ପ୍ରାୟ ଅଧିକାଂଶ ଔଷଧ ଦୋକାନରେ କଟକ, ଭୁବନେଶ୍ୱର ଆଦି ଅଞ୍ଚଳରୁ ଡାକ୍ତରମାନେ କ୍ଲିନିକ ଖୋଲି ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି।

ଖଣି ଓ ଶିଳ୍ପ କାରଖାନାର ଆଗମନ ପରେ ଯକ୍ଷ୍ମା, ଝାଡ଼ାବାନ୍ତି ଓ ଅନ୍ୟାନ୍ୟ ପେଟ ରୋଗ ଏ ଅଞ୍ଚଳ ପାଇଁ ସାଧାରଣ କଥା ହୋଇଛି। ଲୋକଙ୍କ ଘନଘନ ଅଭିଯୋଗ ଡାକ୍ତର ନାହାନ୍ତି, ଶଯ୍ୟା ନାହିଁ, ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯନ୍ତ୍ରପାତି ନାହିଁ, ଔଷଧ ନାହିଁ। ଖାଲି ନାହିଁ ଆଉ ନାହିଁ। ଲୋକେ ବାଧ ହୋଇ ଚିକିତ୍ସା ପାଇଁ ଅନ୍ୟ ଯାଗାକୁ ଯାଇ ହଇରାଣ ହେଉଛନ୍ତି। ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରେ ଶିଳ୍ପ କମ୍ପାନୀଗୁଡିକ ଲାଭାଂଶର ପ୍ରାୟ ୫ପ୍ରତିଶତ ଅଞ୍ଚଳର ଉନ୍ନୟନରେ ଖର୍ଚ୍ଚ କରିବାର ନିୟମ ରହିଛି। କମ୍ପାନୀଗୁଡିକ ଜିଲା ପ୍ରଶାସନ ତରଫରୁ ଖର୍ଚ୍ଚ ନ କରି ନିଜ ପକ୍ଷରୁ ଖର୍ଚ୍ଚ କରୁଥିବା କହୁଛନ୍ତି। ହେଲେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ସ୍ୱାସ୍ଥ୍ୟଶିବିରରେ ସ୍ୱାସ୍ଥ୍ୟସେବା ସୀମିତ ରହୁଛି। ଡୁବୁରୀଠାରେ ଏକ ବେସରକାରୀ ଡାକ୍ତରଖାନା ପ୍ରତିଷ୍ଠା ହୋଇଥିଲେ ହେଁ ତାହା ସାଧାରଣ ଲୋକଙ୍କ କାମରେ ଲାଗୁ ନାହିଁ। ଏହାବାଦ ବ୍ୟାସନଗର ସହରର ସ୍ୱାସ୍ଥ୍ୟସେବାରେ ଡିଏମ୍ଏଫ୍(ଜିଲା ଖଣିଜ ପ୍ରତିଷ୍ଠାନ) ପାଣ୍ଠିରୁ ଏଯାଏ ଟଙ୍କାଟିଏ ବି ଖର୍ଚ୍ଚ ହୋଇ ପାରିନାହିଁ। ଖଣି ପ୍ରଭାବିତ ସୁକିନ୍ଦା, ଦାନଗଦି, ଧର୍ମଶାଳା, ବଡଚଣା ପ୍ରଭୃତି ବ୍ଲକ ଅଞ୍ଚଳରେ ଡିଏମ୍ଏଫ୍ ପାଣ୍ଠିରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ହେଉଛି। ଡିଏମ୍ଏଫ୍ ପାଣ୍ଠିରେ ଜିଲାର ଯେଉଁ ଅଞ୍ଚଳ ହେଉନା କାହିଁକି ସେହି ଅଞ୍ଚଳର ଉନ୍ନତି ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଉଛି। କିନ୍ତୁ ବିଡମ୍ବନା ଯେ, କାହିଁକି ବ୍ୟାସନଗର ସହରର ବିକାଶରେ ଡିଏମ୍ଏଫ୍ ପାଣ୍ଠିର ବିନିଯୋଗ ହେଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷକରି ସ୍ୱାସ୍ଥ୍ୟକ୍ଷେତ୍ର ଏଠାରେ ଅବହେଳିତ ହୋଇ ପଡିଛି। ୩୦ ଶର୍ଯ୍ୟା ବିଶିଷ୍ଟ ଯାଜପୁରରୋଡ ସିଏଚ୍‌ସି ଲୋକ ସଂଖ୍ୟା ତୁଳନାରେ ଯଥେଷ୍ଟ ହେଉନାହିଁ। ରାଜୀବ ଗାନ୍ଧୀ ଷ୍ଟାଡିୟମ ନିକଟରେ ୟୁପିଏଚ୍‌ସି ପାଇଁ ପରିକଳ୍ପନା ହୋଇଥିଲା। ତାହା ବି କାର୍ଯ୍ୟକାରୀ ହୋଇ ପାରିନାହିଁ। ଏବେ ପୁଣି ସେହି ୟୁପିଏଚ୍‌ସି ପ୍ରତିଷ୍ଠା କରିବାକୁ ଅନୁମୋଦନ ମିଳିଛି। ୟୁପିଏଚ୍‌ସିରେ ଆଉଟଡୋର ରହିବ, ସପ୍ତାହକୁ କେତେକ ବିଶେଷଜ୍ଞ ଡାକ୍ତର ଆସି ରୋଗୀଙ୍କୁ ପରାମର୍ଶ ଦେବେ, ଫିଜିଓଥେରାପି ଆଦି ସେବା ମିଳିବ। ହେଲେ ଏଥିରେ ରୋଗୀମାନଙ୍କ ପାଇଁ ବେଡ ସୁବିଧା ରହିବ ନାହିଁ। କେବଳ ୨ ଜଣ ନିୟମିତ ଡାକ୍ତର ସେବା ପ୍ରଦାନ କରିବେ। ଯାହାକି ଶିଳ୍ପ କାରଖାନା ଓ ଖଣି ପ୍ରଭାବିତ ବ୍ୟାସନଗର ସହରବାସୀଙ୍କ ପାଇଁ ସ୍ୱାସ୍ଥ୍ୟସେବା ପୁଣି ଅସମାହିତ ହୋଇ ରହିବ ଯିବ ବୋଲି ମତପ୍ରକାଶ ପାଇଛି। ସେହପିରି ଜିଲା ସଦର ମହକୁମା ଯାଜପୁର ସହରରେ ମଧ୍ୟ ଏକ ୟୁପିଏଚ୍‌ସି ପ୍ରତିଷ୍ଠା କରିବାକୁ ସରକାର ଘୋଷଣା କରିଛନ୍ତି। ଏହାବାଦ ସରକାର ପ୍ରତ୍ୟେକ ନିର୍ବାଚନ ମଣ୍ଡଳିର ପିଏଚ୍‌ସି ଏବଂ ସିଏଚ୍‌ସିକୁ ୫-ଟି ଯୋଜନାରେ ଉନ୍ନତିକରଣ କରି ଆମ ହସପିଟାଲ କରିବାକୁ ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ରୋଡ ସିଏଚ୍‌ସିର ସୁପରିଟେଣ୍ଡେଣ୍ଟ ସନ୍ତୋଷ କୁମାର ପୃଷ୍ଟିଙ୍କୁ ପଚାରିବାରେ ସେ କହିଛନ୍ତି, ସହରବାସୀଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୟୁପିଏଚ୍‌ସି ବହୁ କାମରେ ଲାଗିବ। ବିଭିନ୍ନ ସମୟରେ ବିଶେଷଜ୍ଞ ଡାକ୍ତରମାନେ ଆସି ରୋଗୀମାନଙ୍କୁ ପରାମର୍ଶ ଦେବେ।

### ବିଶ୍ୱ ସ୍କାଉଟ୍ ପ୍ରତିଷ୍ଠା ଦିବସ ପାଳିତ

ଯାଜପୁର ଟାଉନ,୨୨।୨(ଡି.ଏନ.ଏ.):

ସାରାବିଶ୍ୱରେ ପାଳନ କରାଯାଉଥିବା ସ୍କାଉଟ୍ ଗାଇଡ୍ ସଂଗଠନର ପ୍ରତିଷ୍ଠା ଦିବସ ତଥା ସ୍କାଉଟ୍ ଜନ୍ମଦାତା ଲର୍ଡ ଷ୍ଟିଫେନସନ୍ ସ୍ମିଥ୍ ବେଡେନ୍ ପାୱେଲଙ୍କ ଜନ୍ମଦିବସକୁ ଚିନ୍ତନ ଦିବସ ରୂପେ ଯାଜପୁର ସ୍କାଉଟ୍ ଗାଇଡ୍ ଭବନରେ ପାଳନ କରାଯାଇଛି। ପ୍ରାତଃରେ ସର୍ବଧର୍ମ ପ୍ରାର୍ଥନା ସଭାରେ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ, ଯାଜପୁର ମଣ୍ଡଳ ଶିକ୍ଷାଧିକାରୀ ସ୍ମୃତିରେଖା ନାୟକ, କୋଷାଧକ୍ଷ ମିହିର ରଞ୍ଜନ ନାୟକ, ଜିଲା ସଂଯୋଜକ ଅବିନାଶ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ସମାଜର ସେବା କରି ଈଶ୍ୱରଙ୍କ ସେବକ ହେବା ସହ ଆଦର୍ଶ ମଣିଷ ହେବା ପାଇଁ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ଗାଇଡ୍ କ୍ୟାପ୍‌ଟେନ୍ ସ୍ୱପ୍ନାରାଣୀ ପତି, ସ୍କାଉଟ୍ ମାଷ୍ଟର ସୂର୍ଯ୍ୟମଣି ପଣ୍ଡା, ତାରାକାନ୍ତ ଦାସ ଓ ସତ୍ୟରଞ୍ଜନ ଓଝା ପ୍ରମୁଖ ପରିଚାଳନା କରିଥିଲେ।



# ୨୮ ସୁଦ୍ଧା କାର୍ଯ୍ୟକ୍ଷମ ହେବ ସନ୍ଦେଶ ଆପ୍



ସମୀକ୍ଷା ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ରସୁଲପୁର,୨୨।୨(ଡି.ଏନ.ଏ.):

**ଇ-ପଞ୍ଚାୟତ ସଭା ସମୀକ୍ଷା**

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ଇ-ପଞ୍ଚାୟତ ସଭା ପାଇଁ ଏକ ସମୀକ୍ଷା ବୈଠକ ବିଡିଓ ଅବନିକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ୨୮ ତାରିଖ ସୁଦ୍ଧା ପଞ୍ଚାୟତରେ ସନ୍ଦେଶ ଆପ୍ କାର୍ଯ୍ୟକ୍ଷମ ହେବ ବୈଠକରେ ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ନାମରେ ସନ୍ଦେଶ ଆପ୍‌ରେ ଏକ ଆକାଉଣ୍ଟ୍ ଖୋଲାଯିବ। ଉକ୍ତ ଆକାଉଣ୍ଟ ସହ ପଞ୍ଚାୟତର ୱାର୍ଡସ୍ତରୀୟ ନିର୍ବାଚିତ ପ୍ରତିନିଧିଙ୍କ ସମେତ ସବୁ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ, ପଞ୍ଚାୟତ ଅଧୀନ କର୍ମଚାରୀ, ପ୍ରଧାନଶିକ୍ଷକ, ଅଙ୍ଗନୱାଡି କର୍ମୀ, ଆଶା, ଏଏନ୍ଏମ୍, ସିଏଚଓ ଭଳି ଏକାଧିକ ଅଧିକାରୀଙ୍କୁ ଏଥିରେ ଯୋଡ଼ାଯିବ। ଯେଉଁମାନେ ଇ-ପଞ୍ଚାୟତ ବୈଠକରେ ସଦସ୍ୟ ଭାବେ ଯୋଗଦେବେ ସେମାନଙ୍କୁ ବୈଠକ ସମ୍ପର୍କରେ ଗ୍ରୁପ ଜରିଆରେ ନୋଟିସ କରାଯିବ। ବୈଠକରେ ଆଲୋଚାନର ବିଷୟ ସମ୍ପର୍କରେ ନୋଟିସରେ ଉଲ୍ଲେଖ କରାଯିବ। ଉକ୍ତ ବିଷୟ ସମ୍ପର୍କରେ ହେଉଥିବା ଆଲୋଚନାର ବିଷୟଗୁଡିକୁ ବିଶଦ ଭାବରେ ସନ୍ଦେଶ ଆପ୍‌ରେ ଅପଲୋଡ୍ କରାଯିବ। ପ୍ରତ୍ୟେକ ମାସରେ ନିୟମିତ ବୈଠକ ଆୟୋଜନ ସହ ତା'ର ତଥ୍ୟକୁ ଅନଲାଇନରେ ଉପଲବ୍ଧ ପାଇଁ ନିଶ୍ଚିତ କରାଯିବ। ଉକ୍ତ ତଥ୍ୟ ଆଧାରରେ ପଞ୍ଚାୟତର ବିକାଶ ଯୋଜନାକୁ କାର୍ଯ୍ୟକାରୀ କରାଯିବା ଉପରେ ଗୁରୁତ୍ୱ ଦିଆଯିବ। ଆସନ୍ତା ଆର୍ଥିକ ବର୍ଷରେ ତଦ୍‌ନୁଯାଇ ସରକାରୀ ଅନୁଦାନ ପଞ୍ଚାୟତକୁ ଆସିବ ବୋଲି ଏବିଡିଓ ଦିବ୍ୟକାନ୍ତି ମିଶ୍ର ସୂଚନା ଦେଇଛନ୍ତି। ଜିପିଓ ପ୍ରଫୁଲ ଜେନା ବୈଠକ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅତିରିକ୍ତ କମ୍ପ୍ୟୁଟର ପ୍ରୋଗାମର ଶେଷଦେବ କର ଓ ସରୋଜ ନାୟକଙ୍କୁ ୨୮ ପଞ୍ଚାୟତରେ ସନ୍ଦେଶ ଆପ୍ କାର୍ଯ୍ୟକ୍ଷମ କରିବାକୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏ ଦିଗରେ ସରପଞ୍ଚ, ନିର୍ବାହୀ ଅଧିକାରୀ ଓ ଜିଆର୍ଏସ୍‌ମାନେ ସମ୍ପୃକ୍ତ ପ୍ରୋଗାମରମାନଙ୍କୁ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

### ଖଣି ନିଗମ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

କାଳିଆପାଣି,୨୨।୨(ଡି.ଏନ.ଏ.)

ଓଡ଼ିଶା ଖଣି ନିଗମ ପକ୍ଷରୁ କାଙ୍କଡ଼ପାଳ ପଞ୍ଚାୟତରେ ଏକ ସାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆରୋଗ୍ୟ ନାମକ ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିରକୁ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୂର ସଂଘର ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ନିଗମର ଦକ୍ଷିଣ କାଳିଆପାଣି ଖଣି ପରିଚାଳକ ଗଣେଶ୍ୱର ଭୂୟାଁଙ୍କ ନେତୃତ୍ୱରେ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା ମଧୁସ୍ମିତା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଜିଲା ପରିଷଦ ସଭ୍ୟ ଜେମା ଚାଖି, ସ୍ଥାନୀୟ ସରପଞ୍ଚ ସଞ୍ଜୟ ପରିଡ଼ା ଅତିଥିଭାବେ ଯୋଗ ଦେଇଥିଲେ। ଖଣି ନିଗମ କେନ୍ଦ୍ରୀୟ ଚିକିତ୍ସାଳୟର ଡାକ୍ତର ବିଶ୍ୱଜିତ ବେହେରା ଓ ଜ୍ୟୋତିଷ୍ମାନ ଦାସ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ନିଗମ ପକ୍ଷରୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ସୂର୍ଯ୍ୟକାନ୍ତ ବେହେରାଙ୍କ ସହ ଡାକ୍ତରଖାନର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।



# ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ୍‌ରେ ରକ୍ତ ସଂରକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



ଅତିଥି ରକ୍ତ ସଂରକ୍ଷଣ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

କଳିଙ୍ଗନଗର,୨୨।୨(ଡି.ଏନ.ଏ.):

କଳିଙ୍ଗନଗରର ଶିଳ୍ପାଞ୍ଚଳର ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ୍‌ରେ ବୁଧବାର ଏକ ରକ୍ତ ସଂରକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଅସ୍ତ୍ରୋପଚାର ସମୟରେ ଓ ପରବର୍ତ୍ତୀ ସମୟର ଜରୁରୀକାଳୀନ ସ୍ଥିତିକୁ ମୁକାବିଲା କରିବା ଲାଗି ପ୍ରସ୍ତୁତ ରହିବା ଏବଂ ଦୁର୍ଘଟଣାଗ୍ରସ୍ତ ରୋଗୀ ଏବଂ ଅନ୍ୟାନ୍ୟ ଘାତକ ରୋଗ ପାଇଁ ସେବା ପ୍ରଦାନ କରିବାରେ ହସ୍ପିଟାଲ୍‌କୁ ଏହି ସୁବିଧା ସକ୍ଷମ କରିବ। ଏହି କେନ୍ଦ୍ରକୁ ଟାଟା ଷ୍ଟିଲ୍ କଳିଙ୍ଗନଗରର କର୍ପୋରେଟ୍ ସର୍ଭିସେସ୍ ବିଭାଗର ଚିଫ୍ ଦେବଦୁତ୍ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ସୁଧାଂଶୁ ଶେଖର ସୁତାର, ହସ୍ପିଟାଲ୍‌ର ବିଭିନ୍ନ ବିଭାଗର କନସଲ୍‌ଟାଣ୍ଟ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏହି କେନ୍ଦ୍ରର ବାର୍ଷିକ କ୍ଷମତା ହେଉଛି ସମ୍ପୂର୍ଣ୍ଣ ମାନବ ରକ୍ତ ଆଇପିର ୨୦୦୦ ୟୁନିଟ୍ ସଂରକ୍ଷଣ। ଯାହାକୁ ଓଡ଼ିଶାର ଡ୍ରଗସ୍ ଆଣ୍ଡ୍ କଣ୍ଟ୍ରୋଲ ଡାଇରେକ୍ଟୋରେଟ୍‌ର ଅନୁମୋଦନ ମିଳିଛି। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଓଡ଼ିଶା ରକ୍ତ କେନ୍ଦ୍ର ଅଧୀନରେ ଅଭିଜ୍ଞ ତଥା ଯୋଗ୍ୟ ବ୍ଲଡ୍ ବ୍ୟାଙ୍କ ମେଡିକାଲ୍ ଅଧିକାରୀ ଓ ଟେକ୍ନିସିଆନ୍‌ମାନଙ୍କ ଦ୍ୱାରା ଏହି ରକ୍ତ ସଂରକ୍ଷଣ ୟୁନିଟ୍ ପରିଚାଳିତ ହେବ। ଏହି ଅଞ୍ଚଳର ରୋଗୀମାନେ ପୂର୍ବରୁ ଗୋଟିଏ ୟୁନିଟ୍ ରକ୍ତ ପାଇଁ ଯାଜପୁର ଟାଉନ୍ ଯିବାକୁ ପଡୁଥିଲା। ଏପରି କି ରକ୍ତଦାନ କରିବା ଲାଗି ରକ୍ତଦାତାମାନେ ହସ୍ପିଟାଲ୍‌ରେ ପହଞ୍ଚି ପାରୁ ନ ଥିଲେ। ସେହି ସମସ୍ୟାକୁ ଦୃଷ୍ଟିରେ ରଖି ରକ୍ତ ସଂରକ୍ଷଣ କେନ୍ଦ୍ର ସ୍ଥାପନ ହୋଇଛି ବୋଲି ସୁଧାଂଶୁ ଶେଖର ସୁତାର କହିଛନ୍ତି।

# ଡିଫା କପ୍ ଫୁଟବଲ: ମହାଲକ୍ଷ୍ମୀ କ୍ଲବ ସେମିରେ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଧର୍ମଶାଳା,୨୨।୨(ଡି.ଏନ.ଏ.):

ଧର୍ମଶାଳା ଫୁଟବଲ୍ ଆସୋସିଏଶନ ଆନୁକୂଲ୍ୟରେ ବାଣୀପୀଠ ଖେଳ ପଡ଼ିଆରେ ଚାଲିଥିବା ୨୫ତମ ଡିଫା କପ୍ ଓ ୫ମ ରଞ୍ଜିତ ସ୍ୱାଇଁ ଫୁଟବଲ୍ ଟୁର୍ନାମେଣ୍ଟର ବୁଧବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଟ୍ରାଇବ୍ରେକର ଜରିଆରେ ମହାଲକ୍ଷ୍ମୀ କ୍ଲବ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ମହାଲକ୍ଷ୍ମୀ କ୍ଲବର ଲେପା ହେମ୍ବ୍ରମ ଗୋଟିଏ ଗୋଲ ଦେଇ ଟିମ୍‌କୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ୱାଇଏଏଫ୍‌ସି ଚୌଦ୍ୱାର ଦଳର ପରେଶ ବେହେରା ଗୋଟିଏ ଗୋଲ ଦେଇ ମ୍ୟାଚ୍‌କୁ ଡ୍ର କରାଇଥିଲେ। ମ୍ୟାଚ୍ ଅମିମାଂଶିତ ହେବାରୁ ଟ୍ରାଇବ୍ରେକରର ସହାୟତା ନିଆଯାଇଥିଲା। ଏହା ଜରିଆରେ ୩/୦ ଗୋଲରେ ମହାଲକ୍ଷ୍ମୀ କ୍ଲବ ବିଜୟୀ ହୋଇଥିଲା। ମ୍ୟାଚ୍‌ର ସର୍ବଶ୍ରେଷ୍ଠ ଖେଳାଳି ମହାଲକ୍ଷ୍ମୀ କ୍ଲବର ଗୋଲ କିପର ରମେଶ ସେଠୀଙ୍କୁ ମ୍ୟାନ୍‌ଅଫ୍‌ଦି ମ୍ୟାଚ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌କୁ ଚିତ୍ତରଞ୍ଜନ ଓଝା ଓ ଶୈଳେଷ ପାଣି ପରିଚାଳନା କରିଥିବା ବେଳେ ଅଶ୍ୱିନୀ ଧଳ ଓ ସେକ ଆସିଫ ଲାଇନରେ ସହାୟତା କରିଥିଲେ। ଅତିଥିଭାବେ ଦର୍ଶନ ହାଇସ୍କୁଲ୍ ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ ଓ ଚୋରମୁହାଁ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଗୁରୁବାର ଆୟୋଜକ ଡିଫା ଓ ଏମ୍ଏମ୍ଏ କ୍ଲବ ଯାଜପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କ୍ଲବ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି।

# କଶ୍ମୀର କୋଳି ଚାଷରେ ସ୍ୱାବଲମ୍ବୀ ରାଜେନ୍ଦ୍ର

କଳିଙ୍ଗନଗର,୨୨।୨(ଡି.ଏନ.ଏ.):

କଳିଙ୍ଗନଗର ଶିଳ୍ପାଞ୍ଚଳରେ ନବେ ଦଶକରୁ କୃଷି ଧୂଳିସାତ ହୋଇସାରିଛି। ଅନ୍ୟପକ୍ଷରେ ଏହି ଶିଳ୍ପାଞ୍ଚଳରେ ନିଯୁକ୍ତି ନ ପାଇ ଯୁବଗୋଷ୍ଠୀ ହତାଶ ହେଉଥିବାବେଳେ ନିଜ ନାଆରେ ନିଜେ ନାଉରୀ ପାଲଟିଛନ୍ତି ଏଠାକାର ଜଣେ ଉଦ୍ୟମୀ ଚାଷୀ ରାଜେନ୍ଦ୍ର ଘଡ଼ାଇ। ନିଜର ୨ ଏକର ଜମି ମଧ୍ୟରୁ ୧ ଏକର ଜମିରେ ସେ କଶ୍ମୀର କୋଳି ଚାଷ କରିଛନ୍ତି। ଏହି ଚାଷରେ ସେ କେବଳ ନିଜେ ସ୍ୱାବଲମ୍ବୀ ହୋଇଛନ୍ତି ତାହା ନୁହେଁ, ଅନ୍ୟ ଦୁଇ ଜଣଙ୍କୁ ରୋଜଗାର ମଧ୍ୟ ଯୋଗାଇ ଦେଇଛନ୍ତି। ଦାନଗଦି ବ୍ଲକ୍ ମାନତୀରା ପଞ୍ଚାୟତ କେନ୍ଦୁଡିପି ଗ୍ରାମର ଚାଷୀ ରାଜେନ୍ଦ୍ର ଅନ୍ୟମାନଙ୍କ ପରି ଶିଳ୍ପରେ ଶ୍ରମିକ ଭାବେ ୧୨ ଘଣ୍ଟା ଖଟିବାକୁ ଆଦୌ ପସନ୍ଦ କରନ୍ତି ନାହିଁ। ଯୁକ୍ତ ୩ ପଢ଼ିଥିଲେ ମଧ୍ୟ ସେ ନିଜ ପୈତୃକ ଜମିରେ ପାରମ୍ପରିକ ଧାନ ଚାଷ କରୁଥିଲେ। ଗତ ବର୍ଷ ୟୁ-



କଶ୍ମୀର କୋଳି ଚାଷ କରିଥିବା ଚାଷୀ ରାଜେନ୍ଦ୍ର।

ଟ୍ୟୁବରେ ବିଦେଶୀ କୋଳି ଚାଷ ଓ ତାର ସଫଳତା ଦେଖି ଏଥିପ୍ରତି ସେ ମନ ବଳାଇଥିଲେ। ନିଜର ୧ ଏକର ଜମିରେ ବିଦେଶୀ କୋଳିର ପ୍ରାୟ ୪୦୦ ଚାରା ସେ ଲଗାଇଲେ। ମାତ୍ର ବର୍ଷକ ମଧ୍ୟରେ ସେହି ଗଛରେ ଏବେ ଅନେକ କୋଳି ଫଳିଛି। ଏଠାରେ ୪ ପ୍ରକାର ଗଛ ଲାଗିଛି। ଚାଷୀ ରାଜେନ୍ଦ୍ର ଅଦ୍ୟାବଧି ଖର୍ଚ୍ଚ କରିଥିବା ମୋଟ ୪୦ ହଜାର ଟଙ୍କା ଚଳିତ ବର୍ଷ ଆୟ ହୋଇଯିବା ପରେ ଆଗାମୀ ଫଳରେ ନିଶ୍ଚୟ ଅଧିକ ଲାଭ ମିଳିବ ବୋଲି ଆଶାବ୍ୟକ୍ତ ଅଛନ୍ତି। ଶିଳ୍ପାଞ୍ଚଳର ପ୍ରଦୂଷିତ ପରିବେଶ ମଧ୍ୟରେ ତାଙ୍କର ନିଆରା ପ୍ରୟାସ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ରାଜନଗର,୨୨।୨(ଡି.ଏନ.ଏ.): ରାଜନଗର ବ୍ଲକ ଅନ୍ତର୍ଗତ କଣ୍ଡିରା ଗାଁର ହେମନ୍ତ ସେଠୀ (୩୧)ଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ହେମନ୍ତ ରାଜକନିକା ଥାନା ଅନ୍ତର୍ଗତ ଜୟନଗରରେ ନିଜ ମାମୁଘର ଗାଁରେ ସପରିବାର ସହ ରହୁଥିଲେ। ମଙ୍ଗଳବାର ବୋଡରେ ପ୍ଲଗ୍ ଲଗାଇବା ବେଳେ ସେ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ଆଳିରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ମରଶରୀରକୁ ଗାଁକୁ ଅଣାଯାଇଥିଲା। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### କୃଷି,କୃଷକଙ୍କ ସମସ୍ୟା ସମାଧାନରେ ସରକାର ବିଫଳ

କେନ୍ଦ୍ରାପଡ଼ା ଅଫିସ,୨୨।୨: ରାଜ୍ୟ ସରକାର କୃଷି ଓ କୃଷକଙ୍କ ସମସ୍ୟା ପ୍ରତି ଅଣଦେଖା କରୁଛନ୍ତି । କେନ୍ଦ୍ରାପଡ଼ା ଜିଲାର ଅର୍ଥନୈତିକ କୃଷି ଭିତ୍ତିରେ ପରିଚାଳିତ ହୋଇଥିଲେ ମଧ୍ୟ କୃଷି ଓ କୃଷକଙ୍କ ସମସ୍ୟା ସମାଧାନରେ ଜିଲା ପ୍ରଶାସନ ବିଫଳ ହୋଇଛି । କେନ୍ଦ୍ରପଡ଼ାର ଏହି ସମସ୍ୟା ସମ୍ପର୍କରେ ଜିଲା ଭାଜପା ପକ୍ଷରୁ ଦୁହୁରିଆସ୍ଥିତ କାର୍ଯ୍ୟାଳୟ ପରିସରରେ ବୁଧବାର ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା । ସମ୍ପାଦକ ଅଭିମନ୍ୟୁ ଗୋଛାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୂବନମୋହନ ଜେନା, ବରିଷ୍ଠ ନେତା ଅଲେଖ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ । ସେମାନେ କହିଥିଲେ, ଜିଲା ଅର୍ଥନୀତିର ୬୫ ଭାଗ କୃଷିରୁ ଆସୁଛି । ତେବେ ଫସଲ ଉତ୍ପାଦନ ପରେ ସରକାରୀ ମଣ୍ଡରେ ଅନିୟମିତତା ଚରମ ସୀମାରେ ପହଞ୍ଚିଛି। ଖାଦ୍ୟ ଯୋଗାଣ ମନ୍ତ୍ରୀ ମହାକାଳପଡ଼ା ଜିଲାର ବିଧାୟକ ହୋଇଥିଲେ ମଧ୍ୟ ଏନେଇ ମୁହଁ ଖୋଲୁନାହାନ୍ତି । ବିଜେଡି ସରକାରଙ୍କ ପକ୍ଷରୁ ନିର୍ବାଚନ ପୂର୍ବରୁ ଶିଳ୍ପ ଓ ବନ୍ଦର ପ୍ରତିଷ୍ଠାନ ପାଇଁ ପ୍ରତିଶ୍ରୁତି ମିଳିଥିଲା । ଏନେଇ ପରିବେଶ ମଞ୍ଜୁରୀ ପରି ପ୍ରାଥମିକ ଆବଶ୍ୟକତା ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇନାହିଁ । ଏବେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ କୃଷି ଯନ୍ତ୍ରପାତି ମେଳା ଆୟୋଜିତ ହେଉଛି। ସେଠାରେ ମିଳୁଥିବା କୃଷି ଯନ୍ତ୍ରପାତିର ସରକାରୀ ଦର ଆକାଶ ଛୁଆଁ ହୋଇଛି। ସମାନ ଯନ୍ତ୍ରପାତି ବଜାରରେ ଖୁବ କମଦରରେ ମିଳୁଛି । ଏହି ମେଳା ଦ୍ୱାରା କେତେକ ବ୍ୟବସାୟୀଙ୍କୁ ସରକାରୀ ଅର୍ଥ ଆତ୍ମସାତ୍ ପାଇଁ ସୁଯୋଗ ଦିଆଯାଉଛି। ଜଳ ପରିଚାଳନା, ତାଲିମ, ମଣ୍ଡି, ଶୀତଳଭଣ୍ଡାର ଆଦି ଆବଶ୍ୟକତା ଅଛି । ତେବେ କାଗଜପତ୍ରରେ ଏହା ସୀମିତ ରହୁଛି। ଏପରିକି ଆତ୍ମାରେ ଆସୁଥିବା ଅର୍ଥର ଠିକ ହିସାବ ମିଳୁନାହିଁ । ଆତ୍ମାର ଅନୁଦାନ ଅର୍ଥ ସମ୍ପର୍କରେ ତଦନ୍ତ କରାଯିବାକୁ ସେମାନେ ଦାବି କରିଥିଲେ ।

# କେନ୍ଦ୍ରାପଡ଼ା ଜିଲାରେ ପିଇବାକୁ ପାଣି ନାହିଁ

କେନ୍ଦ୍ରାପଡ଼ା ଅଫିସ, ୨୨।୨

## ସରକାରଙ୍କ ସର୍ଭେ ରିପୋର୍ଟ

- ଜଳ ଜୀବନ ମିଶନର ୪ ବର୍ଷରେ ୧ ପଞ୍ଚାୟତ ସମ୍ପୂର୍ଣ୍ଣ
- ରାଜକନିକାରେ ନାହିଁ, ପାଣି ଯାଉଛି ଭଦ୍ରକ
- ବିଭିନ୍ନ ପ୍ରକଳ୍ପରେ ନଦୀ ପାଣିକୁ ରୋକାଯାଉଛି




କେନ୍ଦ୍ରାପଡ଼ା ଜିଲାର ମାନଚିତ୍ର ।

ରାଜ୍ୟ ସରକାରଙ୍କ ସର୍ଭେ ରିପୋର୍ଟରେ କେନ୍ଦ୍ରାପଡ଼ା ଜିଲାର କୌଣସି ବ୍ଲକ ଅଞ୍ଚଳରେ ପିଇବାକୁ ଉପଯୁକ୍ତ ପାଣି ନାହିଁ । ଏହି ଜିଲାରେ ପାନୀୟ ଜଳ ସଙ୍କଟ ଉତ୍କଟ ହେଉଛି । ୯ ବ୍ଲକ ଅଞ୍ଚଳ ମଧ୍ୟରୁ ୪ଟିରେ ଭୂତଳ ଜଳ ସଙ୍କଟ ଅଛି । ଅବଶିଷ୍ଟ ୫ ବ୍ଲକରେ ଏହି ସମସ୍ୟା ଗୁରୁତର ହୋଇଛି । ୨୦୧୯ରେ ଜଳ ଜୀବନ ମିଶନରେ କେନ୍ଦ୍ରାପଡ଼ା ଜିଲା ସାମିଲ ହୋଇଛି । ତେବେ ଗତ ୪ ବର୍ଷ ମଧ୍ୟରେ ଜିଲାର ୨୪୯ ପଞ୍ଚାୟତ ମଧ୍ୟରୁ ଏକମାତ୍ର ପଟ୍ଟାମୁଣ୍ଡାଇ ବ୍ଲକ ଅଣ୍ଡରା ପଞ୍ଚାୟତରେ ଥିବା ୪୦୩ ଘରକୁ ପାଇପ ଯୋଗେ ଜଳ ଯୋଗାଣ ହେଉଛି । ସେହିପରି ଜିଲାର ୧୫୯୨ ରାଜସ୍ୱ ଗ୍ରାମରୁ ମାତ୍ର ୧୧୯ ଗ୍ରାମକୁ ଜଳ ଯୋଗାଣ ହେଉଛି । ତାହା ମଧ୍ୟ ଗ୍ରାମର ସମସ୍ତ ଘର ପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ । ଏପରି ତଥ୍ୟ ରାଜ୍ୟ ସରକାରଙ୍କ ଓ୍ୱାଟର ରିସୋର୍ସ ସର୍ଭେ ରିପୋର୍ଟ ଓ ଜଳଜୀବନ ମିଶନ ତଥ୍ୟରୁ ସୂଚନା ମିଳିଛି । ଏବେ ପାନୀୟ ଜଳ ବିନା ଏହି ଜିଲା ମରୁଭୂମି ପାଲଟିବା ଆଶଙ୍କା ପ୍ରକଟ କରାଯାଇଛି ।

ରାଜ୍ୟ ସଭାର ଏକ ପ୍ରଶ୍ନର ଉତ୍ତର ପାଇଁ ଗତ ଫେବୃୟାରୀ ୨୧ରେ ରାଜ୍ୟ ସରକାରଙ୍କ ଓ୍ୱାଟର ରିସୋର୍ସ ବିଭାଗ ପକ୍ଷରୁ ବିଭାଗୀୟ ସହକାରୀ ସଚିବ ସୁବ୍ରତ କୁମାର ପଣ୍ଡା ଚିଠି (ନଂ- ୪୮୯୧) କରିଛନ୍ତି । ଏଥିରେ ବିଭାଗ ପକ୍ଷରୁ ଦର୍ଶାଯାଇଛି, ଏହି ଜିଲାର ଲୁଣାଞ୍ଚଳ ଚିହ୍ନଟ ପାଇଁ ସର୍ଭେ ହୋଇଛି । ଜିଲାର ରାଜନଗର, ରାଜକନିକା, ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଭୂତଳ ଜଳ ଦୁର୍ବଳ ଥିବାରୁ ସମ୍ପୂର୍ଣ୍ଣ ଲୁଣା ପାଣି ବାହାରୁଛି । ସେହିପରି ଜିଲାର ଅବଶିଷ୍ଟ ଆଳି ବ୍ଲକ ଅଞ୍ଚଳର ୨୨୮୦୫ ହେକ୍ଟର ମଧ୍ୟରୁ ୧୯୯୫୨ ହେକ୍ଟର ଅଞ୍ଚଳରେ ଭୂଗର୍ଭ ଜଳ ଭାରି ଦୁର୍ବଳ । ଏଥିସହ ଡେରାବିଶ ବ୍ଲକ ଅଞ୍ଚଳର ୧୭୪୧୬ ହେକ୍ଟର ମଧ୍ୟରୁ ୯୮୮ ହେକ୍ଟର, ଗରଦପୁରର ୧୪,୫୮୮ ହେକ୍ଟର ମଧ୍ୟରୁ ୫୫୦ ହେକ୍ଟର, କେନ୍ଦ୍ରାପଡ଼ାର ୨୪୮୦୩ ହେକ୍ଟର ମଧ୍ୟରୁ ୧୮୭୫୦ ହେକ୍ଟର ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୨୮୨୪୨ ହେକ୍ଟର ଅଞ୍ଚଳ ମଧ୍ୟରୁ ୧୬୯୭୨ ହେକ୍ଟର ଅଞ୍ଚଳରେ ଭୂଗର୍ଭ ଜଳ ସ୍ଥିତି ଉଦ୍‌ବେଗଜନକ ରହିଛି । ରାଜ୍ୟ ସରକାରଙ୍କ ଏହି ସର୍ଭେ ରିପୋର୍ଟ ଜିଲାବାସୀଙ୍କୁ ଚିନ୍ତାରେ ପକାଇଥିବା ବେଳେ ଜଳ ଜୀବନ ମିଶନର ନଳ ଭିତରେ ଜଳ ଯୋଜନା ସ୍ଥିତି ଆହୁରି ସଙ୍ଗିନ ହୋଇଛି । ଏହାର ତଥ୍ୟ ଅନୁଯାୟୀ କୌଣସି ବ୍ଲକ ଅଞ୍ଚଳରେ ଏହି ମିଶନ ଶତ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ । କେବଳ ଅଣ୍ଡରା ପଞ୍ଚାୟତକୁ ଜଳ ଯୋଗାଣ ହୋଇଛି । ସେହିପରି ଏହି ମିଶନରେ ଯେଉଁ ୧୧୯ ଗ୍ରାମରେ ପାଇପ ଯୋଗେ ପାଣି ଯାଉଥିବା ଦର୍ଶାଯାଇଛି, ସେଥିରେ ମଧ୍ୟ ସମସ୍ତଙ୍କ ନିକଟରେ ପହଞ୍ଚି ନାହିଁ ।

ଏ ସମ୍ପର୍କରେ ରାଜକନିକାର ସ୍ୱରାଜ ଦାସ, ପଟ୍ଟାମୁଣ୍ଡାଇର ଡ. ପି.ଏନ. ଗୌରାଙ୍ଗ, କେନ୍ଦ୍ରାପଡ଼ାର ଡା. ମିଳନ କୁମାର, ଡେରାବିଶର ଶିବାଶିଷ ମହାନ୍ତି, ମାର୍ଶାଘାଇର ପ୍ରତାପ କୁମାର ମହାନ୍ତି କହିଛନ୍ତି, ଉପକୂଳ କେନାଲ, ଜଳ ସଂରକ୍ଷଣ, ନଦୀ ଜଳର ସୁପରିଚାଳନା ଆଦି ଯୋଜନା ନ ଥିବାରୁ ଆସନ୍ତା ୧୦ ବର୍ଷ ମଧ୍ୟରେ କେନ୍ଦ୍ରାପଡ଼ା ଜିଲା ମରୁଭୂମି ପାଲଟିବାକୁ ଯାଉଛି । କେନ୍ଦ୍ରାପଡ଼ାର ଏହି ଜଳ ସଙ୍କଟରୁ ମୁକୁଳିବା ପାଇଁ ରାଜ୍ୟର ଏକମାତ୍ର ଜିଲା ଭାବେ ପ୍ରଥମ ପର୍ଯ୍ୟାୟରେ ଜଳ ଶକ୍ତି ସଂରକ୍ଷଣ ଅଭିଯାନ ଆରମ୍ଭ ହୋଇଥିଲା । ତେବେ ଏହି ଅଭିଯାନ ଗ୍ରୀନ ମହାନଦୀ ଯୋଜନା ପରି କାଗଜପତ୍ରରେ ସୀମିତ ଅଛି । ବିଭିନ୍ନ ସ୍ଥାନରେ ପାଣି ରୋକା ଯାଉଥିବାରୁ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମ୍‌ରେ ଥିବା ଜିଲାରେ ପ୍ରବାହିତ ନଦୀ ଖରାଦିନ ଆରମ୍ଭରୁ ଶୁଖି ଯାଉଛି । ଏହାର କାରଣ ଖୋଜା ନ ଯାଇ ନଦୀରୁ ବିଭିନ୍ନ ଶିଳ୍ପ ଓ ପ୍ରକଳ୍ପ ପାଇଁ ଜଳ ଯୋଗାଣ ହେଉଛି । ଏପରି କି ରାଜକନିକା ବ୍ଲକରେ ଭୂତଳ ଜଳ ସଙ୍କଟ ଦେଖାଦେଇଥିବା ବେଳେ ଏଠାରେ ପ୍ରବାହିତ ଖରସ୍ରୋତା ନଦୀରୁ ଭଦ୍ରକ ଜିଲାର ତିହିଡି, ଧାମନଗର ଓ ବାସୁଦେବପୁର ଅଞ୍ଚଳକୁ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର ତତ୍ପର ହେଉଛନ୍ତି। ପ୍ରଶାସକ ଓ ରାଜନେତାଙ୍କ ପାଇଁ ଏହି ଜିଲାରେ ପାନୀୟ ଜଳ ସଙ୍କଟ ଗୁରୁତର ହୋଇଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲ କହିଛନ୍ତି, ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି। ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରାଯାଉଛି। ସେହିପରି ଜଳ ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି ।

### ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ରାଜନଗର,୨୨।୨(ଡି.ଏନ.ଏ.)

ରାଜନଗର ବ୍ଲକ ସାନବଡ ଗୋପାଳପୁରସ୍ଥିତ ଶିବାନନ୍ଦ ବିଦ୍ୟାମନ୍ଦିରର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିରର ସଭାପତି ଦିଲ୍ଲୀପ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ସଂସ୍କାରଧର୍ମୀ ହେବା ସହିତ ଭବିଷ୍ୟତରେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ କନିକା ରାଜା ସାହେବ ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ଯୋଗଦେଇ ଶିଶୁଟିର ସଫଳତା ପଛରେ ମାଆଙ୍କ ଆଶୀର୍ବାଦର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନୀତ ବକ୍ତା ବରିଷ୍ଠ ଖବରଦାତା ଭାସ୍କର ରାଉତରାୟ, ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ସାମାଜିକକର୍ମୀ ସର୍ବେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଅଧ୍ୟାପକ ସର୍ବେଶ୍ୱର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ଶୁଭ୍ରଜ କୁମାର ବରାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁମା ସୁଚିତ୍ରା ବେହେରା ଧନ୍ୟବାଦ ଦେଇଥିଲେ। ମୁଖ୍ୟ ଅତିଥି ବିଧାୟକ ସାହୁକୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ପରେ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଦାଦନ ଖଟିବାକୁ ଯିବେ ଜନ ପ୍ରତିନିଧି

ମହାକାଳପଡ଼ା,୨୨।୨(ଡି.ଏନ୍.ଏ.)



ବ୍ଲକ ସଭାଗୃହରେ ଆୟୋଜିତ ଦ୍ୱିତୀୟ ସାଧାରଣ ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ।

- ପଞ୍ଚାୟତ ସମିତି ବୈଠକରେ ଉଦ୍‌ବେଗ
- ଗାଁରେ ଉନ୍ନୟନ କାମ ବନ୍ଦ
- ଶିକ୍ଷା,ସ୍ୱାସ୍ଥ୍ୟ,ଶିଶୁ ବିକାଶ, ପାନୀୟ ଜଳ ଯୋଜନା ଦିଗହରା

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ସରକାରଙ୍କ ଜନକଲ୍ୟାଣ ଯୋଜନା ବିଭିନ୍ନ ଗାଁରେ ପହଞ୍ଚି ପାରୁନାହିଁ । ଫଳରେ ଗାଁର ଉନ୍ନୟନ କାମ ବନ୍ଦ ହୋଇଛି । ଶିକ୍ଷା,ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଯୋଜନା ଦିଗହରା ହୋଇଛି ବୋଲି ଉପସ୍ଥିତ ଜନ ପ୍ରତିନିଧିମାନେ ସଙ୍ଗିନ ଅଭିଯୋଗ କରିଛନ୍ତି । ବୁଧବାର ପୂର୍ବାହ୍ନରେ ବ୍ଲକ ସଭାଗୃହଠାରେ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ୯ମାସ ପରେ ଆୟୋଜିତ ଏହି ବୈଠକରେ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ । ନିଜ ଅଞ୍ଚଳର ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇ ନିର୍ବାଚିତ ହୋଇଥିବା ଜନପ୍ରତିନିଧିମାନେ ଗାଁରେ କାହାକୁ କାମଧନ୍ଦା ଯୋଗାଇ ଦେଇପାରୁ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ । ସେହିପରି ଟିକରପଙ୍ଗା ପଞ୍ଚାୟତ ସମିତି ସଭ୍ୟ ରାଜ ମିଶ୍ର ବୈଠକରେ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ । ଦୀର୍ଘ ନ ମାସ ପରେ ବୈଠକ ହେବାକୁ କ୍ଷୋଭ ପ୍ରକାଶ କରିବା ସହ ଜନ ପ୍ରତିନିଧିମାନେ ଗାଁ ବିକାଶ ପାଇଁ ଜନ ସାଧାରଣଙ୍କୁ ଦେଇ ଥିବା ପ୍ରତିଶ୍ରୁତି ଯଦି ପୂରଣ ନ ହୁଏ ତେବେ ବାଧ୍ୟ ହୋଇ ଦାଦନ ଖଟିବାକୁ ସୁରଟ ଯିବେ ବୋଲି କହିଥିଲେ ।

ଅପରପକ୍ଷେ ତିଖିରି ପଞ୍ଚାୟତର ବିଦ୍ୟାଳୟଗୁଡିକରେ ଅଧିକାଂଶ ସମୟରେ ଶିକ୍ଷକମାନେ ସ୍କୁଲ ଆସୁ ନାହାନ୍ତି । ଫଳରେ ଛାତ୍ରୀଛାତ୍ରମାନଙ୍କ ଉପସ୍ଥାନ କମୁଛି । ଏଥିସହିତ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ହ୍ରାସ ପାଉଛି ବୋଲି ଅଭିଯୋଗ କରାଯାଇଥିଲା । ସେହିପରି ସମନ୍ୱିତ ଶିକ୍ଷାକ୍ଷେତ୍ରରେ ଅନେକ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ରହୁଛି। କୋମଳମତୀ ଶିଶୁମାନେ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ରହୁଛନ୍ତି ବୋଲି ସରପଞ୍ଚ ଚାମେଲି ଓଝା ଅଭିଯୋଗ କରିଥିଲେ । ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତ ପେଟଚ୍ଛେଲା କେନ୍ତଆ ଗ୍ରାମରେ ଆଜକୁ ଦୀର୍ଘ ୫ବର୍ଷ ହେବ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ରହିଛି । ଫଳରେ ଶିକ୍ଷା,ସୁଷମ ଖାଦ୍ୟ ପ୍ରଦାନ ବାଧାପ୍ରାପ୍ତ ହେଉଛି ବୋଲି ସ୍ଥାନୀୟ ଜନପ୍ରତିନିଧି କହିଥିଲେ। ଶବରପଡ଼ା ଜଙ୍ଗଲ ଘେରିଠାରେ ଏକ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବା ପାଇଁ ସରପଞ୍ଚ ପ୍ରସନ୍ନ କୁମାର ବେହେରା ଦାବି କରିଥିଲେ । ସେହିପରି ଖୁରୁଷିଆ , ଲେବିଦାଣ୍ଡିଆ , ରାଜଗଡ , ଜମ୍ବୁ , ରାମନଗର , ବାରଡାଙ୍ଗ , ଗୋଗୁଆ , ବର୍ହିହି , ବଡକୂଳ, ବଟୀଘର ପଞ୍ଚାୟତର ଶିକ୍ଷା , ସ୍ୱାସ୍ଥ୍ୟ , ପାନୀୟ ଜଳ , ଗମନାଗମନ , ଶୌଚାଳୟ ସଂକ୍ରାନ୍ତରେ ଜନପ୍ରତିନିଧିମାନେ ଅଭିଯୋଗ ଉଠାଇଥିଲେ। ଏହି ସାଧାରଣ ବୈଠକରେ ବିଡ଼ିଓ ଦେବାଶିଷ ରାଉତ,ବ୍ଲକ ଉପାଧ୍ୟକ୍ଷ ବିଜୟ ଶୁକ୍ଳାଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷକ ଠିକାଦାରୀ କରୁଥିବା ଅଭିଯୋଗ

### ଜିଲାପାଳଙ୍କୁ ଅବଗତ କଲେ ଗ୍ରାମବାସୀ

କେନ୍ଦ୍ରାପଡ଼ା ଅଫିସ,୨୨।୨

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଡାମରପୁର ଜେନାପାଟଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ରାଉତ ବିଦ୍ୟାଳୟରେ ପିଲାମାନଙ୍କୁ ଶିକ୍ଷାଦାନ କରିବା ପରିବର୍ତ୍ତେ ଠିକାଦାରୀ କରୁଥିବା ନେଇ ଅଭିଭାବକମାନେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ । ମାତ୍ର ବ୍ଲକ ଶିକ୍ଷାଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଅଧିବାସୀ ଜିଲା ଶିକ୍ଷାଧିକାରୀ, ଗଣଶିକ୍ଷାମନ୍ତ୍ରୀ, ୫-ଟି ସଚିବ, କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ଗ୍ରାମବାସୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ପ୍ରଧାନ ଶିକ୍ଷକ ରାଉତ ରାଜନୈତିକ ଲୋକଙ୍କୁ ହାତକରି ଠିକାଦାରୀ କରୁଛନ୍ତି । ଏଫ୍‌ଡିଆର ଫଣ୍ଡରେ ହୋଇଥିବା ମାଟି ରାସ୍ତାକୁ ହାଣି ସେଠାରେ ନୂଆ ଢଳେଇ ରାସ୍ତା କରିବାକୁ ମସୁଧା ଚଳାଇଛନ୍ତି । ଜେନାପାଟଣାରୁ ତେଲିପାଟଣା ପର୍ଯ୍ୟନ୍ତ ୨୦୨୨-୨୩ ଆର୍ଥିକ ବର୍ଷ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ମାଟିରାସ୍ତା ଲାଗି ୮ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା । ଉକ୍ତ ଆର୍ଥୀକ ବର୍ଷରେ କାମ ଆରମ୍ଭ ହୋଇ ଜୁନ ମାସ ସୁଧା ୨ ଲକ୍ଷ ଟଙ୍କା ବ୍ୟୟ କରାଯାଇ ରାସ୍ତା କାମ ବନ୍ଦ ଥିଲା । ମାତ୍ର ପ୍ରଧାନଶିକ୍ଷକ ରାଉତ ପୂର୍ବରୁ ଥିବା ରାସ୍ତାକୁ ଜେସିବି ଲଗାଇ ତାଡ଼ି ଦେଉଥିବା ଦେଖି ଲୋକେ ସରପଞ୍ଚ ଅନୁସୟା ନାଥଙ୍କୁ ଖବର ଦେଇଥିଲେ । ଖବର ପାଇ ସରପଞ୍ଚ ନାଥ ଓ ଗ୍ରାମର ଲୋକେ ସେଠାକୁ ଯାଇ ପ୍ରତିବାଦ କରିବାରୁ ପ୍ରଧାନଶିକ୍ଷକ ରାଉତ ସେମାନଙ୍କୁ ଘଉଡାଇ ଦେବା ସହ ଏ ରାସ୍ତା କାମ ଆସିଛି । ନୂତନ ରାସ୍ତା ନିର୍ମାଣ କରାଯିବ ସେଥି ଲାଗି ଏରାସ୍ତା ଭାଙ୍ଗାଯାଉଛି ବୋଲି କହିଥିଲେ । ଏନେଇ ଗ୍ରାମର ନୃସିଂହ ଚରଣ ଆଚାର୍ଯ୍ୟ, ସନ୍ୟାସୀ ସାହୁ, ନୃସିଂହ ଚରଣ ସାହୁ, ଅଜୟ କୁମାର ଖୁଣ୍ଟିଆ, ଅଶୋକ କୁମାର ସାହୁ, ନଟବର ତରାଇ, ଶରତ ବିଶ୍ୱାଳ , ନିରଞ୍ଜନ ଦାଶ, ବୈକୁଣ୍ଠ ସାହୁ,ମଙ୍ଗୁଲୀ ମଳିକ, ମାଧବ ବେହେରା ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ସରପଞ୍ଚଙ୍କ ପ୍ରତିନିଧି ବସନ୍ତ ନାଥଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ପ୍ରଧାନ ଶିକ୍ଷକ ରାଉତ ନିୟମିତ ବିଦ୍ୟାଳୟକୁ ନ ଆସି ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରିବା ପରିବର୍ତ୍ତେ ଦଳୀୟ କାର୍ଯ୍ୟକ୍ରମ ଓ ଠିକାଦାରୀରେ ସମୟ ବିତାଉଛନ୍ତି। ଏ ବାବଦରେ ପ୍ରଧାନ ଶିକ୍ଷକ ବିଜୟ ରାଉତଙ୍କୁ ଯୋଗାଯୋଗ କରିବାରୁ ଏହି ଅଭିଯୋଗ ଭିତ୍ତିହୀନ, ସେହି କାମ କିଏ କରୁଛି ମୁଁ ଜାଣିନାହିଁ ବୋଲି କହିଛନ୍ତି ।

# କୃଷି, କୃଷକର ଉନ୍ନତି ପାଇଁ କାମ କରିବା ଚାହାଁନ୍ତି ରଶ୍ମିକାନ୍ତ

### ଆମେରିକା, ନାଟୋ ସଙ୍ଗଠନରେ କାମ କରିବା ପରେ ଗାଁ ମୁହାଁ

ଆଳି,୨୨।୨(ଡି.ଏନ୍.ଏ.)

ଆମେରିକା ଓ ନାଟୋ ସଙ୍ଗଠନରେ ଦୀର୍ଘ ୨୦ ବର୍ଷ କାମ କରିବା ପରେ ନିଜ ଜନ୍ମଭୂମି ଓଡ଼ିଶାରେ କୃଷି ଓ କୃଷକର ଉନ୍ନତି ନିମନ୍ତେ କାମ କରିବାକୁ ଇଚ୍ଛା ପ୍ରକଟ କରିଛନ୍ତି କେନ୍ଦ୍ରାପଡ଼ା ଜିଲା ଆଳି ରାଇସରପୁର ଗ୍ରାମର ରଶ୍ମିକାନ୍ତ ବେହେରା । ବୁଧବାର ଏକ ଖବରଦାତା ସମ୍ମିଳନୀରେ ସେ ଏହା ପ୍ରକାଶ କରିଛନ୍ତି। ରଶ୍ମୀକାନ୍ତଙ୍କ ବାପା ରାଇସରପୁର ଗ୍ରାମର ରଘୁନାଥ ବେହେରା ସାଇକେଲ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ଫଳରେ ତାଙ୍କ ପରିବାର ଅତି କଷ୍ଟରେ ଚାଲୁଥିଲା । ଏଭଳି ପରିସ୍ଥିତିରେ ରଶ୍ମିକାନ୍ତ ମାଟ୍ରିକ ପରୀକ୍ଷାରେ ଫେଲ ହେବା ପରେ ୧୯୯୮ରେ ଘରୁ ବମ୍ବେ ଚାଲିଯାଇଥିଲେ ଚାକିରୀ ଅନ୍ୱେଷଣରେ । ସେଠାରେ ସେ ସ୍ୱଳ୍ପ ବେତନରେ କାମ କରି ନିଜ ଗୁଜୁରାଣ ମେଣ୍ଟାଇବା ସହିତ ବାପାଙ୍କ ନିକଟକୁ କିଛି ଟଙ୍କା ପଠାଉଥିଲେ । ଏହାପରେ ସେ ୨୦୦୨ରେ କୁଏତ ଯାଇଥିଲେ । ଏହି ସମୟରେ ଆମେରିକା ଓ ଇରାକ ଯୁଦ୍ଧ ଚାଲିଥିଲା । ନାଟୋ ଏବଂ ୟୁଏସ୍ ସେନା ପକ୍ଷରୁ ପଡ଼ିଥିବା ଆର୍ମି ଶିବିରରେ ତାଙ୍କୁ କାମ କରିବାର ସୁଯୋଗ ମିଳିଥିଲା । ଏହାପରେ ସେ ଆଉ ପଛକୁ ନ ଫେରି ନିଜର ଇଚ୍ଛା ଶକ୍ତି ଓ କାର୍ଯ୍ୟଦକ୍ଷତାର ପ୍ରମାଣ ଦେଇ ନାଟୋ ସଙ୍ଗଠନର ଜଣେ ସ୍ଥାୟୀ କର୍ମଚାରୀ ଭାବେ ଚାକିରି ପାଇଥିଲେ । ରଶ୍ମିକାନ୍ତ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କ୍ୟାମ୍ପରେ ସଫଳତାର ସହ କାର୍ଯ୍ୟ କରିଥିବା ଯୋଗୁ ନାଟୋ ମିଲିଟାରୀ ସଙ୍ଗଠନ ପକ୍ଷରୁ ତାଙ୍କୁ ୩୦ରୁ ଉର୍ଦ୍ଧ୍ୱ ମେଡାଲ ମିଳିଛି । ଦୀର୍ଘ ୨୦ ବର୍ଷର ଅଭିଜ୍ଞତା ଓ ଦକ୍ଷତାର ସହିତ ଦୈନିକ ୧୨ ଘଣ୍ଟା କାର୍ଯ୍ୟ ସମ୍ପାଦନ କରିଥାନ୍ତି। ତାଙ୍କ ଆଖିସାମ୍ନାରେ ଘଟିଥିବା ଅନେକ ଯୁଦ୍ଧର ଛାତିଥରା କାହାଣୀ ସେ ବର୍ଣ୍ଣନା କରିଛନ୍ତି । ରଶ୍ମିକାନ୍ତଙ୍କ ଏହି କାର୍ଯ୍ୟ ପରେ ପରିବାରର ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଘଟିଛି । ଏପରି କି ରଶ୍ମିକାନ୍ତ ଜଣେ ପରିବେଶବିତ ଭାବେ ଜଣାଶୁଣା । ରଶ୍ମିକାନ୍ତ ନିଜ ହାତରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଗ୍ରାମର ବିଭିନ୍ନ ସ୍ଥାନରେ ଚାରା ରୋପଣ କରିଛନ୍ତି । ଏପରିକି ଗ୍ରାମର ଅନେକ ଲୋକଙ୍କ ସୁବିଧା ଅସୁବିଧା ସମୟରେ ସେ ସହଯୋଗର ହାତ ବଢ଼ାଇଛନ୍ତି । ଏବେ ରଶ୍ମିକାନ୍ତ ନିଜ ଜନ୍ମଭୂମି ଓଡିଶାକୁ ଫେରି କୃଷି ଓ କୃଷକର ଉନ୍ନତି କରିବାକୁ ଇଚ୍ଛା ପ୍ରକଟ କରିଛନ୍ତି । ରାଜ୍ୟ କିମ୍ବା କେନ୍ଦ୍ର ସରକାର ଯଦି ତାଙ୍କ ଦକ୍ଷତାର ପ୍ରମାଣ ନେଇ ତାଙ୍କୁ କିଛି ସହଯୋଗ କରିଲେ ସେ ନିଜ ଅଞ୍ଚଳ ପାଇଁ କିଛି କରିପାରିବେ ବୋଲି ଆଶା ରଖିଛନ୍ତି ।



ସେନା ଅଧିକାରୀ ରଶ୍ମିକାନ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

### ବାଇକ୍ ଦୁର୍ଘଟଣାରେ ବୃଦ୍ଧା ଗୁରୁତର

ବାଲିକୁଦା,୨୨।୨(ସ୍ୱ.ପ୍ର.)

ବାଲିକୁଦା ଥାନା ଅନ୍ତର୍ଗତ ତେନ୍ତୁଲି ବେଲାରି ଗାଁର ଫଗୁ ସ୍ୱାଇଁଙ୍କ ପତ୍ନୀ ଚନି(୬୫) ମଙ୍ଗଳବାର ଅପରାହ୍ନରେ ନିଜ ଝିଅ ଘର ମାଳଗଡ ଯାଇ ଘରକୁ ଚାଲି ଚାଲି ଫେରୁଥିଲେ। ମାଳଗଡ଼ ଗାଁରେ ଜଣେ ବ୍ୟକ୍ତି ବାଇକ (ନଂ.ଓଡି ୨୧ ବି ୭୭୯୫)ରେ ଆସି ବୃଦ୍ଧାଙ୍କୁ ଧକ୍କା ଦେଇଥିଲେ। ଏଥିରେ ମହିଳାଙ୍କ ଗୋଡ଼ ଭାଙ୍ଗିଯିବା ସହ ସେ ଗୁରୁତର ଆହତ ହୋଇଥିଲେ। ବାଇକ୍ ଚାଳକ ଜଣଙ୍କ ଦୁର୍ଘଟଣା ଘଟାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବରପାଇ ଅନନ୍ତପୁର ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିବା ସହ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ ଦୁର୍ଘଟଣାସ୍ଥଳରୁ ଉକ୍ତ ବାଇକ୍‌କୁ ପୋଲିସ ଜବତ କରିଥିଲା। ବୁଧବାର ଉକ୍ତ ଘଟଣାରେ ବାଲିକୁଦା ଥାନାରେ ନଂ. ୮୨/୨୩ରେ ମାମଲା ରୁଜୁ ହୋଇଛି। ଚନିଙ୍କ ପୁଅ ରବୀନ୍ଦ୍ରଙ୍କ ଅଭିଯୋଗ କରିଛନ୍ତି ଯେ, ମା’ ଫେରିବା ବାଟରେ ଅନନ୍ତପୁର ଭୁଆସୁଣି ଗାଁର ନରେଶ ପରିଡ଼ା ଦ୍ରୁତଗତିରେ ବାଇକ୍ ଆଣି ଧକ୍କା ଦେଇଥିଲେ। ମା’ ଏବେ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

# ଭିତରକନିକା ମହୋତ୍ସବ ପାଇଁ ତତ୍ପରତା



ପ୍ରଶାସନିକ ଅଧିକାରୀମାନେ ମହୋତ୍ସବସ୍ଥଳ ବୁଲି ଦେଖୁଛନ୍ତି ।

### ମହୋତ୍ସବ ସ୍ଥଳ ପରିଦର୍ଶନ କଲେ ପ୍ରଶାସନିକ ଅଧିକାରୀ

ରାଜନଗର,୨୨।୨(ଡି.ଏନ.ଏ.)

ରାଜନଗର ବ୍ଲକର ନଳିତାପାଟିଆଠାରେ ଦ୍ୱିତୀୟ ଭିତରକନିକା ମହୋତ୍ସବ ମାର୍ଚ୍ଚ ୧୦ରୁ ୧୨ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହେବ। କୋଣାର୍କ ଓ ଚିଲିକା ମହୋତ୍ସବ ଭଳି ଭିତରକନିକାର ଜୈବ ବିବିଧତା ଓ ଇକୋ ଟୁରିଜିମର ପ୍ରସାର ପ୍ରଚାର ପାଇଁ ଏହି ମହୋତ୍ସବ ଆୟୋଜନ କରାଯାଇଛି । ଗତ ୨୦ ତାରିଖରେ କେନ୍ଦ୍ରାପଡ଼ା ପ୍ରଦକ୍ଷଣ ଭବନ ସମ୍ମିଳନୀ କକ୍ଷରେ ଜିଲାପାଳ ଅମ୍ରିତ ଋତୁରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଏହି ମହୋତ୍ସବ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୁଧବାର ମହୋତ୍ସବସ୍ଥଳ ଖମାରସାହି ପଞ୍ଚାୟତ ନଳିତାପାଟିଆଠାରେ ଜିଲାର ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ସ୍ଥାନ ନିରୂପଣ କରିବା ସହ ରୂପରେଖ ସ୍ଥିର କରିଛନ୍ତି। ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲାପାଳ ନିରଞ୍ଜନ ବେହେରା, ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ବିଡିଓ ସମୀର କୁମାର ବେହେରା, ତାଳଚୁଆ ଆଇଆଇସି ଅନାମ ଚରଣ ନାୟକ, କନିକା ରେଞ୍ଜ ଅଫିସର ମାନସ କୁମାର ଦାସ ପ୍ରମୁଖ ଭିତରକନିକା ମହୋତ୍ସବ ସ୍ଥଳରେ ପହଞ୍ଚି ମଞ୍ଚ ନିର୍ମାଣ, ପଲ୍ଲିଶ୍ରୀ ମେଳା, ପାର୍କିଂସ୍ଥଳ ସହିତ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିଲେ । ନଳିତାପାଟିଆଠାରୁ ପାର୍କିଂ ସ୍ଥଳ ଯାଏ ନଦୀପଟରେ ବ୍ୟାରିକେଡ୍ ନିର୍ମାଣ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ପ୍ରଶାସନିକ ଅଧିକାରୀମାନେ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି । ୨୦୨୦ରେ ପ୍ରଥମଥର ପାଇଁ ଭିତରକନିକା ମହୋତ୍ସବର ଆୟୋଜନ କରାଯାଇଥିଲା । ଏହାପରେ ଭିତରକନିକାରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା । କୋଭିଡ କଟକଣା ଯୋଗୁ ୨୦୨୧ ଓ ୨୦୨୨ ମସିହାରେ ମହୋତ୍ସବ ଅନୁଷ୍ଠିତ ହୋଇପାରି ନ ଥିଲା । ଚଳିତବର୍ଷ ଏହା ସାଧାରଣ ମହୋତ୍ସବ ନ ହୋଇ ଜୈବ ବିବିଧତା, ଇକୋ ଟୁରିଜିମ ଓ ବିଭିନ୍ନ ୱାର୍କସପ୍ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ଓ ସ୍ଥାନୀୟ ଛାତ୍ରୀଛାତ୍ରମାନଙ୍କୁ ଭିତରକନିକା ସମ୍ପର୍କରେ ଜଣାଇବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ସଂକ୍ଷେପରେ

### ରାଜ୍ୟ ଭାଜପା ଏସ୍‌ସି ମୋର୍ଚ୍ଚା ସମ୍ପାଦକ ହେଲେ କୃଷ୍ଣ ନାୟକ

ଛତ୍ରପୁର,୨୨।୨(ଡି.ଏନ୍.ଏ.): ରାଜ୍ୟ ଭାଜପା ଏସ୍‌ସି ମୋର୍ଚ୍ଚାର ସମ୍ପାଦକ ଭାବେ ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳର କୃଷ୍ଣଚନ୍ଦ୍ର ନାୟକ ନିଯୁକ୍ତ ହୋଇଛନ୍ତି। ଏନେଇ ସ୍ଥାନୀୟ ଅଂଚଳର ନେତା ଓ କର୍ମୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନ କ୍ରମେ ରାଜ୍ୟ ଏସ୍‌ସି ମୋର୍ଚ୍ଚାର ସଭାପତି ବିଭୁ ତରେଇଙ୍କ ସୁପାରିଶ କ୍ରମେ ତାଙ୍କୁ ଏହି ନିଯୁକ୍ତି ମିଳିଛି । ଏନେଇ କେନ୍ଦ୍ରମନ୍ତ୍ରୀ, ରାଜ୍ୟ ଭାଜପା ସଭାପତି, ରାଜ୍ୟ ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି, ଜିଲା ଭାଜପା ସଭାପତି ବିଭୂତି ଜେନା, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ରଙ୍କ ସମେତ ରାଜ୍ୟ ନେତୃବୃନ୍ଦଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି । ଦଳର ସମସ୍ତ ଅଗ୍ରଗତି ପାଇଁ ସବୁ କାମ କରିବେ ବୋଲି ସେ ସୂଚନା ଦେଇଛନ୍ତି।

### ଖେଳପଡ଼ିଆ ପାର୍ଶ୍ୱରୁ ନବଜାତକ ଉଦ୍ଧାର

ଛତ୍ରପୁର,୨୨।୨(ଡି.ଏନ୍.ଏ ): ଗଞ୍ଜାମ ଜଲା ହେଡ୍‌କ୍ୱାର୍ଟର ଛତ୍ରପୁର ପିଲିବନ୍ଧ ନିକଟ ଖେଳ ପଡ଼ିଆ ପାର୍ଶ୍ୱରୁ ବୁଧବାର ସକାଳେ ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି। ଶିଶୁର କାନ୍ଦ ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିଥିଲେ। ପରେ ତାଙ୍କୁ ଉଦ୍ଧାର କରି ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲର ଏକ ଡାକ୍ତରୀ ଟିମ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ପରେ ଭଲ ଥିବା କହିଛନ୍ତି। ଆବଶ୍ୟକ ପଡ଼ିଲେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯିବ ବୋଲି ଡାକ୍ତର କହିଛନ୍ତି। କେଉଁ ପରିସ୍ଥିତିରେ ଏବଂ କିଏ ନବଜାତ ଶିଶୁ ପୁତ୍ରକୁ ଛାଡ଼ି ପଳାଇଯାଇଛନ୍ତି ତାହା ଆଲୋଚନାର ବିଷୟ ହୋଇଛି।

### ବିଷକ୍ରିୟାରେ ଜଣେ ମୃତ

ଗୋପାଳପୁର,୨୨।୨(ଡି.ଏନ.ଏ.):ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଥିବା ନେଇ ବୁଧବାର ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅଧୀନ ରଙ୍ଗିପୁର ଗ୍ରାମରେ ମଙ୍ଗଳବାର ଲଡୁ ନାହାକଙ୍କ ପୁଅ ଜଗନ୍ନାଥ ନାହାକ କୌଣସି କାରଣକୁ ନେଇ ବିଷ ପିଇ ଦେଇଥିଲେ। ପରେ ସେ ଗୁରୁତର ହେବାରୁ ପରିବାର ଲୋକ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲଡୁଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କ ବାପା ବୁଧବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୪/୨୩ରେ ମାମଲା ରୁଜୁ କରି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

### ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଗୋପାଳପୁର,୨୨।୨(ଡି.ଏନ.ଏ.): ଗୋଳନ୍ଥରା ଥାନା ଅଞ୍ଚଳରେ ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ କଳାକନା ବୁଲାଇ ଅଳଙ୍କାର ଓ ଟଙ୍କା ଲୁଟ କରିଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅଧିନ ହରପ୍ରିୟା ବେହେରା ରାଲବ ରୋଡ ତ୍ରିପତି ନଗରରେ ରହୁଥିବା ବେଳେ ଘରେ ତାଲା ପକାଇ ପୁଅର ପରୀକ୍ଷା ଯୋଗୁ ବ୍ରହ୍ମପୁର କମାପଲ୍ଲୀରେ ରହୁଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ରୁପା ଅଳଙ୍କାର, ମୁଦି, ୫୦ ହଜାର ଟଙ୍କା ଓ ଲେପଟପ୍ ଚୋରି କରି ଚମ୍ପଟ ମାରିଥିଲେ। ହରପ୍ରିୟାଙ୍କ ଘର ସମ୍ମୁଖରେ ରହୁଥିବା ମିନତୀ ସେଠୀ ଚୋରି ସମ୍ପର୍କରେ ଜଣାଇଥିଲେ। ଖବର ପାଇ ହରପ୍ରିୟା ଘରେ ପହଞ୍ଚିବା ପରେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏନେଇ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେଶ ନଂ. ୧୦୬/୨୩ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ଜଳିଗଲା କୋଇଲା ବୋଝେଇ ଟ୍ରକ୍

ରମ୍ଭା,୨୨।୨:ରମ୍ଭା ସହର ମିଞ୍ଚିନି ପାଟଣା ନିକଟସ୍ଥ ଜାତୀୟ ରାଜପଥ ଉପରେ ଏକ କୋଇଲା ବୋଝେଇ ଟ୍ରକ ମଙ୍ଗଳବାର ରାତିରେ ଜଳିଯାଇଛି। ଟ୍ରକଟି କଟକରୁ ବ୍ରହ୍ମପୁର ଅଭିମୁଖେ ରାତିରେ ଯାଉଥିବା ବେଳେ ସର୍ଟସର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା। ଡ୍ରାଇଭର ଓ ହେଲପର ଟ୍ରକକୁ ରାସ୍ତା ପାର୍ଶ୍ୱରେ ରଖିଦେଇ ଓହ୍ଲାଇ ପଡ଼ିଥିଲେ। ଖଲ୍ଲିକୋଟ ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଟ୍ରକରେ ଲାଗିଥିବା ନିଆଁକୁ ସମ୍ପୂର୍ଣ୍ଣ ଭାବେ ଲିଭାଇଥିଲେ।

### ଜଗମୋହନରେ ବ୍ୟାଙ୍କ ପ୍ରତିଷ୍ଠା ଦାବି

ଧରାକୋଟ, ୨୨।୨ (ଡି.ଏନ୍.ଏ): ଧରାକୋଟ ବ୍ଲକର ଜଗମୋହନ ପଞ୍ଚାୟତରେ ଏକ ବ୍ୟାଙ୍କ ପ୍ରତିଷ୍ଠା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଗର୍ଭବତୀ ମହିଳାଙ୍କ ଠାରୁ ହରିଶ୍ଚନ୍ଦ୍ର ଯୋଜନା ପାଇଁ ଲୋକେ ବ୍ୟାଙ୍କ ଉପରେ ନିର୍ଭର କରୁଥିବା ଦେଖାଯାଉଛି। ଧରାକୋଟ ବ୍ଲକର ଋଷିକୁଲ୍ୟା ନଦୀ ଉତ୍ତର ପାର୍ଶ୍ୱରେ ଅବସ୍ଥିତ ଜାହାଡା ଠାରେ ମାତ୍ର ଗୋଟିଏ ବ୍ୟାଙ୍କ ରହିଛି। ଫଳରେ ଏଠାରେ ବହୁ ଭିଡ଼ ହେଉଥିବା ବେଳେ ଲୋକେ ଠିକ୍ ଭାବେ ଉପକୃତ ହୋଇପାରୁନାହାନ୍ତି। ତେଣୁ ଜଗମୋହନ ଠାରେ ଗୋଟିଏ ବ୍ୟାଙ୍କ ସ୍ଥାପନ ପାଇଁ ଲୋକେ ଦାବି କରିଛନ୍ତି।

# ପଞ୍ଚାୟତ ବୁଲିଲେ, ସମସ୍ୟା ଶୁଣିଲେ

## ଶେରଗଡ଼ରେ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ

ଶେରଗଡ଼, ୨୨।୨(ଡି.ଏନ୍.ଏ):



ବିଡିଓଙ୍କ ପ୍ରକୋଷ୍ଠରେ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି ସଚିବ ।

ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଶୁଭ୍ରାଂଶୁ କୁମାର ମିଶ୍ର ବୁଧବାର ଶେରଗଡ଼ ବ୍ଲକର ୪ ପଞ୍ଚାୟତ ଗସ୍ତ କରିଛନ୍ତି। ପିତଳ, ଡେଙ୍ଗାପଦର, ଧବଳପୁର, କୁମାରପାଣି ପଞ୍ଚାୟତରେ ପହଞ୍ଚି ଲୋକମାନଙ୍କଠାରୁ ବିଭିନ୍ନ ସମସ୍ୟା ଶୁଣିଛନ୍ତି। ପିତଳରେ ସରପଞ୍ଚ ରାମ ରାଘବ ପାତ୍ର ଓ ସମିତି ସଭ୍ୟ ଦନାର୍ଦ୍ଦନ ପାତ୍ର, ଗ୍ରାମ ସେବକ ପ୍ରଦ୍ୟୁମ୍ନ କୁମାର ଦାଶଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଡେଙ୍ଗାପଦର, ଧବଳପୁର, କୁମାରପାଣି ପଞ୍ଚାୟତ ଯାଇ ପଞ୍ଚାୟତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଦେଖିବା ସହ ପଞ୍ଚାୟତରେ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ପିତଳ, ତହଁର ପଞ୍ଚାୟତରେ ଋଷିକୁଲ୍ୟା ନଦୀରେ ପଥର ବନ୍ଧ ସହ ଆନିକଟ କରିବା, ଶୀତଳ ଭଣ୍ଡାର ନିର୍ମାଣ କରିବା ଲାଗି ବରିଷ୍ଠ ନେତା ହୀନ ବେହେରା ଦାବି କରିଥିଲେ। ଏହାପରେ ଶେରଗଡ଼ ଉଦୟ ପ୍ରତାପ ଡିଗ୍ରୀ ମହାବିଦ୍ୟାଳୟ ପରିଦର୍ଶନ କରି ପରିଚାଳନା କମିଟି ସହିତ ଆଲୋଚନା କରିଥିଲେ। ମହାବିଦ୍ୟାଳୟରେ ବିଜ୍ଞାନ ଓ ବାଣିଜ୍ୟ ଡିଗ୍ରୀ ଖୋଲିବାକୁ କମିଟି ସଦସ୍ୟ ଦାବି କରିଥିଲେ। କଲେଜରେ ଲାବୋରେଟୋରୀ ଗୃହ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ପତ୍ର ଓ ଏଷ୍ଟିମେଟ କରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାନ୍ତୁ ବୋଲି କହିଥିଲେ। ପରେ ପଞ୍ଚୁଆଁଣ୍ଠିଲ୍ଲିତ ମା' ତାରାତାରିଣୀ ପୀଠ ପରିଦର୍ଶନ କରିଥିଲେ। ଶେରଗଡ଼ ପଞ୍ଚାୟତରେ ପାର୍କ ପ୍ରତିଷ୍ଠା, ଶେରଗଡ଼କୁ ଏନ୍ଏସି ଘୋଷଣା, ହାଟବନ୍ଧକୁ ସ୍ୱତନ୍ତ୍ର ଅନୁଦାନ ଦ୍ୱାରା ଉନ୍ନତିକରଣ କରିବା, କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା, ଇଣ୍ଡୋର ଖେଳ ପଡିଆ ପ୍ରତିଷ୍ଠା କରିବା ଆଦି ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସମିତି ସଭ୍ୟା ଶ୍ରୀମତୀ ଚୌଧୁରୀଙ୍କ ଉପସ୍ଥିତରେ ଗୌରହରି ବିଷୋୟୀ, ବାବୁ ପ୍ରଧାନ ପ୍ରମୁଖ ପ୍ରଦାନ କରିଥିଲେ। ସେହିପରି ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ସ୍ପେଶାଲିଷ୍ଟ ଡାକ୍ତର ନିଯୁକ୍ତି ଦେବାକୁ ଖବରଦାତା ସୁବ୍ରତ କୁମାର ପଣ୍ଡା ଅନୁରୋଧ କରିଥିଲେ।

# ସମ୍ପତ୍ତି ତାଲିକା ଦେବେ ଶିକ୍ଷା ଅଧିକାରୀ

ଛତ୍ରପୁର,୨୨।୨(ଡି.ଏନ୍.ଏ): ଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ଅଧିକାରୀ ଏଣିକି ବାର୍ଷିକ ସମ୍ପତ୍ତି ଦାଖଲ କରିବେ। ଏନେଇ ଗଣଶିକ୍ଷା ବିଭାଗର ଅଣ୍ଡର ସେକ୍ରେଟାରୀ ନବୀନ ଚନ୍ଦ୍ର କୁମ୍ରା ଗଞ୍ଜାମ ଜିଲା ଶିକ୍ଷା ନିର୍ଦ୍ଦେଶକ, ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟକୁ ଗତ ୧୩ ତାରିଖରେ ଚିଠି (ନଂ ୩୪୧୩) କରିଛନ୍ତି। ଜିଏ ଡିପାର୍ଟମେଣ୍ଟ ରିଜୋଲେସନ ସଂଖ୍ୟା ୪୯୨୦, ତା ୧୨।୦୨।୨୦୨୧ ଅନୁସାରେ ଏହି ଚିଠି କରିଛନ୍ତି। ଶିକ୍ଷା ବିଭାଗ ଅଧୀନ ସବୁ ବର୍ଗର ଅଧିକାରୀଙ୍କ ପକ୍ଷରୁ ଦାଖଲ ସମ୍ପତି ତାଲିକା ପବ୍ଲିକ ଡୋମେନ୍‌ରେ ରହିବ। ଯେକୌଣସି ଜନସାଧାରଣ ଉକ୍ତ ଡୋମେନରୁ ଶିକ୍ଷା ବିଭାଗ ଅଧିକାରୀଙ୍କ ସମ୍ପତ୍ତି ତାଲିକା ସମ୍ବନ୍ଧୀୟ ତଥ୍ୟ ଜାଣିପାରିବେ ବୋଲି କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଗତ ୧୭ ତାରିଖରେ ଏକ ନିର୍ଦ୍ଦେଶନାମା (ନମ୍ବର- ୩୧୪୬) ଜାରି କରାଯାଇଛି। ନିଜ ଅଧୀନରେ ସମସ୍ତ ଅଧିକାରୀଙ୍କୁ ଏହି ନିର୍ଦ୍ଦେଶ ଦେବାକୁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନଶିକ୍ଷକ ଏବଂ ସେକ୍ସନ ଅଫିସରଙ୍କୁ ଜିଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶନାମା ଜାରି କରିଛନ୍ତି।

# ବାଇକ୍ ଚାଳକଙ୍କୁ ୧୧ ହଜାର ଟଙ୍କା ଜରିମାନା

ସୋରଡ଼ା, ୨୨।୨ (ଡି.ଏନ୍.ଏ):

ସୋରଡ଼ାରୁ ଭଞ୍ଜନଗର ଯାଉଥିବା ଜଣେ ବାଇକ ଚାଳକଙ୍କୁ ସଡ଼କ ପରିବହନ ବିଭାଗ ପକ୍ଷରୁ ଚେକିଂ ବେଳେ ୧୧ ହଜାର ଟଙ୍କା ଚାଲାଣ କଟାଯାଇଛି। ସ୍ଥାନୀୟ ବାଙ୍କବଜାରର ନିରଞ୍ଜନ ମୁନିଙ୍କ ବାଇକ୍‌କୁ ନେଇ ତାଙ୍କ ସାଙ୍ଗ ଜିତୁ ସାହୁ ଭଞ୍ଜନଗର ଯାଇଥିଲେ। ତେବେ ବିନା ହେଲମେଟ ସହିତ ମୋବାଇଲରେ କଥାହୋଇ ଗାଡ଼ି ଚାଳନା କରୁଥିଲେ। କଣ୍ଟେଇପଲ୍ଲୀ ନିକଟରେ ଚେକିଂ ବେଳେ ଧରାପଡ଼ିଥିଲେ। ବିନା ହେଲମେଟ ପାଇଁ ୧୦୦୦, ଡିଏଲ୍ ନଥିବାରୁ ୫ ହଜାର ଟଙ୍କା ଓ ମୋବାଇଲରେ କଥାହୋଇ ଗାଡ଼ି ଚଳାଉଥିବାରୁ ୫ ହଜାର ଟଙ୍କା ମିଶାଇ ମୋଟ୍ ୧୧ ହଜାର ଟଙ୍କା ଚାଲାଣ କଟାଯାଇଥିଲା। ସେହିପରି ମଙ୍ଗଳବାର ଦନ୍ତଲିଙ୍ଗି ଗ୍ରାମର ସୀମାଞ୍ଚଳ ବେହେରା ସୋରଡ଼ା ଆସୁଥିବା ବେଳେ ବିଭୁତିଆ ନିକଟରେ ଆରଟିଓ ଟିମ ହାବୁଡରେ ପଡ଼ିଥିଲେ। ହେଲମେଟ୍ ନଥିବାରୁ ୧୦୦୦ ଟଙ୍କା, ଡିଏଲ୍ ନଥିବାରୁ ୫ହଜାର ଟଙ୍କା ଚାଲାଣ କଟାଯାଇଥିଲା।

# ଜାଲ ସାର୍ଟିଫିକେଟ ଦେବା ମାମଲା: ସ୍କୁଲ ପରିଚାଳକ ଗିରଫ

ବ୍ରହ୍ମପୁର ଅଫିସ୍, ୨୨।୨

ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ଧର୍ମନଗରସ୍ଥିତ ଏସଏକ୍ସ ଘରୋଇ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଜାଲ ସାର୍ଟିଫିକେଟ ଦେବା ମାମଲାରେ ସ୍କୁଲ ପରିଚାଳକ ଦୀର୍ଘ ମାସ ଧରି ଫେରାର ଥିଲେ। ବୁଧବାର ରାତ୍ର ସାଢ଼େ ୯ ଟାରେ ଇଞ୍ଜିନିରିଂ ସ୍କୁଲ ଛକରୁ ତାଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଗାନ୍ଧୀ ନଗର ଅଞ୍ଚଳର ସୁଶାନ୍ତ ପୃଷ୍ଟି। ଅନ୍ୟ ଜଣେ ଅଭିଯୁକ୍ତ ଗିରଫ ହୋଇ ଜେଲରେ ଅଛନ୍ତି।

ସୂଚନା ପ୍ରକାରେ, ଅନିତା ମହାନ୍ତି ନାମକ ଜଣେ ମହିଳା ତାଙ୍କ ପୁଅ ରୋହିତ ମହାନ୍ତିଙ୍କୁ ୨୦୧୯ରେ ୧୦ମ ଶ୍ରେଣୀରେ ଏସଏକ୍ସ ପବ୍ଲିକ ସ୍କୁଲରେ ନାମ ଲେଖାଇଥିଲେ। ଏ ବାବଦକୁ ଟଙ୍କା ପୈଠ କରିବା ପରେ ପ୍ରମାଣପତ୍ର ମାଗିବାରୁ ସ୍କୁଲ କର୍ତ୍ତୃପକ୍ଷ କିଛି ଦେଇନଥିଲେ । ପରୀକ୍ଷାଫଳ ପ୍ରକାଶ ପାଇବା ପରେ ମଧ୍ୟ ମାର୍କସିଟ ଓ ଟିସି ମାଗିବାରୁ କିଛି ନ ଦେଇ ଯୁକ୍ତ ୨ ବିଜ୍ଞାନରେ ନାମ ଲେଖାଇବାକୁ ବାଧ କରିଥିଲେ। ସିଏଚ୍ଏସ୍‌ଇ ସହ ଦଶମ ସାର୍ଟିଫିକେଟ ଏକ ସମୟରେ ଦିଆଯିବ ଏବଂ ଆପଣ ଯୁକ୍ତ ୩ରେ ନାମ ଲେଖାଇବେ ବୋଲି ସୁଶାନ୍ତ କହିଥିଲେ। ଯୁକ୍ତ ୨ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ମାର୍କସିଟ ମାଗିବାରୁ କିଛି ଦେଇନଥିଲେ ଏବଂ ପରେ ସହଯୋଗୀ ଲମ୍ବୋଦର ମହାନ୍ତିଙ୍କୁ ସାକ୍ଷାତ କରିଥିଲେ। ସେ ହ୍ୱାଟସ୍ ଆପ୍‌ରେ କର୍ଣ୍ଣାଟକ ହୁବୁଲି ବୋର୍ଡର ଦଶମ ସାର୍ଟିଫିକେଟ ଏବଂ ଯୁକ୍ତ ୨ ବିଜ୍ଞାନର ଓଡ଼ିଶା ଷ୍ଟେଟ ଓପନ ସ୍କୁଲିଂର ମାର୍କସିଟ ଦେଇଥିଲେ। ଏହି ସାର୍ଟିଫିକେଟ ସମ୍ପର୍କରେ ବ୍ରହ୍ମପୁର ବୋର୍ଡ ଅଫିସ୍‌ରେ ସେ ପଚାରିବାରୁ ସେଭଳି କିଛି ସଂସ୍ଥା ନ ଥିବା କହିଥିଲେ। ପରେ ସାମସ ପୋର୍ଟାଲରେ ଫର୍ମ ପକାଇ ଯୁକ୍ତ ୩ ନାମ ଲେଖାପାଇଁ ଆବେଦନ କରିଥିଲେ ରୋହିତ। ଏକ ଘରୋଇ ସ୍କୁଲ ଇକ୍ୟୁଭେଲେଣ୍ଟ ସାର୍ଟିଫିକେଟ ଆଣିବାକୁ କହିଥିଲେ । ବୋର୍ଡ ଅଫିସରେ ପ୍ରମାଣପତ୍ର ସମ୍ପର୍କରେ ପଚାରିବାରୁ ଏଭଳି କୌଣସି ସଂସ୍ଥା ନଥିବା ସେମାନେ କହିଥିଲେ । ଏ ନେଇ ଏସଏକ୍ସ ସ୍କୁଲ ମାଲିକଙ୍କୁ ପଚାରିବାରୁ ପ୍ରଥମେ ୨୦ ହଜାର ପରେ ୩୦ ହଜାର ଓ ୧୦ ହଜାର ଟଙ୍କା ପୈଠ କରି ଯୁକ୍ତ ୩ ନାମ ଲେଖାଇବା ପାଇଁ ବାଧ କରିଥିଲେ। ତାଙ୍କ ପୁଅକୁ ମିଳିଥିବା ସବୁ ସାର୍ଟିଫିକେଟ ଜାଲ ବୋଲି ଜାଣିପାରି ୨୦୨୨ ସେପ୍ଟେମ୍ବର ୨୨ରେ ଟାଉନ ଥାନାରେ ଅନିତା ଅଭିଯୋଗ କରିଥିଲେ । ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ବହୁ ଛାତ୍ରଛାତ୍ରୀଙ୍କୁ ଏଭଳି ଜାଲ ପ୍ରମାଣପତ୍ର ଦେଇଥିବାରୁ ସେମାନେ ଉଚ୍ଚଶିକ୍ଷାରେ ନାମ ଲେଖାଇବାରୁ ବଞ୍ଚିତ ହୋଇ ଉକ୍ତ ସ୍କୁଲ ଆଗରେ ଧାରଣା ଦେଇଥିଲେ। ଅଭିଯୁକ୍ତ ସୁଶାନ୍ତ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ ମଧ୍ୟ ଜାମିନ ମିଳିନଥିଲା। ଏହି ମାମଲାରେ ଗତ ୯ତାରିଖ ସୁଶାନ୍ତଙ୍କ ସହଯୋଗୀ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ତାରାତାରିଣୀ ମୂଳ ନିବାସୀ ତଥା ଗଜପତି ନଗର ତୃତୀୟ ଲାଇନ ନିବାସୀ ଲମ୍ବୋଦର ମହାନ୍ତି ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲେ । ତାଙ୍କ ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା।

# ଗଞ୍ଜାମରେ ବିହନ ପରୀକ୍ଷାଗାର ଉଦ୍‌ଘାଟିତ



ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଛତ୍ରପୁର, ୨୨।୨(ଡି.ଏନ୍.ଏ):

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡାଠାରେ ଥିବା ଆଞ୍ଚଳିକ କୃଷି ତାଲିମ ସମ୍ପ୍ରସାରଣ ପ୍ରତିଷ୍ଠାନ ପରିସରରେ ଜିଲାର ବିହନ ପରୀକ୍ଷାଗାରକୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ବୁଧବାର ଉଦଘାଟନ କରିଛନ୍ତି। ରାଜ୍ୟର ଭୁବନେଶ୍ୱର ଠାରେ ପ୍ରଥମ ବିହନ ପରୀକ୍ଷାଗାର ସ୍ଥାପିତ ହୋଇଥିବା ବେଳେ ଏହା ଦ୍ୱିତୀୟ ପରୀକ୍ଷାଗାର ଭାବେ ଲୋକାର୍ପିତ ହୋଇଛି । ଏହି ପରୀକ୍ଷାଗାରରେ ଦକ୍ଷିଣାଞ୍ଚଳର ୧୦ଟି ଜିଲାରୁ ୪୦ ପ୍ରକାରର ବିହନ କିସମ ପରୀକ୍ଷା କରାଯିବ। ଏଠାରେ ବିହନର ଶୁଦ୍ଧତା, ଆଦ୍ରତା, ଗଜାଶକ୍ତି ଅନାନ୍ୟ ଶସ୍ୟ କିସମ, ପୋକ ଦ୍ୱାରା କ୍ଷୟକ୍ଷତି ଇତ୍ୟାଦି ପରୀକ୍ଷା କରାଯିବ। ଜିଲାପାଳ ଶ୍ରୀ ପରିଡ଼ା ପରୀକ୍ଷାଗାର ପରିସରରେ ଇଏଲ୍‌ଆଇସା ରିଡର (ବିଭିନ୍ନ ପ୍ରକାର ଭୂତାଣୁଜନିତ ରୋଗର ପରୀକ୍ଷଣ ସକାଶେ ଉଦ୍ଦିଷ୍ଟ) ଯନ୍ତ୍ର ସ୍ଥାପନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭି. କୀର୍ତ୍ତିଭାସନ, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ମୁଖ୍ୟ ଜିଲା କୃଷି ଅଧିକାରୀ ଦିଲ୍ଲୀପ କୁମାର ଖୁଣ୍ଟିଆ, ଉପ କୃଷି ଅଧିକାରୀ ବସନ୍ତ କୁମାର ଦେ, ଏସ୍‌ସିଓ ଅରୁଣ କୁମାର ବେହେରା, କୁମରବର ପ୍ରଧାନ, ବ୍ରହ୍ମପୁର କୃଷି ଜିଲା ଅଧିକାରୀ ଅକ୍ଷୟ କୁମାର ସାହୁ, ଗୋଷ୍ଠୀ କୃଷି ଅଧିକାରୀ ବିଦୁର ସେଠ ମାଝୀ, ଅଜିତ ମହାପାତ୍ର, ପ୍ରଶାନ୍ତ କୁମାର ନାଥ, ସହକାରୀ କୃଷି ଅଧିକାରୀ ଶୁଭଶ୍ରୀ ଜେନା, ଭାନୁପ୍ରିୟା ମିଶ୍ର, ସୁଭଦ୍ରା ରାଣୀ ମଲ୍ଲିକ, କୃଷି କର୍ମଚାରୀ ଅନ୍ତର୍ଯ୍ୟାମୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସାମର୍ଥ୍ୟ ତାଲିମ ଶିବିର ଉଦ୍‌ଯାପିତ

ଆର.ଉଦୟଗିରି,୨୨।୨(ଡି.ଏନ୍.ଏ.)




ତାଲିମ ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

ମୋହନା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଦିବ୍ୟାଙ୍ଗ ଶିକ୍ଷାର୍ଥୀ ପାଇଁ ଅନ୍ତର୍ନିର୍ବେଶୀ ଶିକ୍ଷା ଉପରେ ଆଧାରିତ ଶିକ୍ଷକ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମ ଶିବିର ଦୁଇଟି ପର୍ଯ୍ୟାୟରେ ୭୩ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଚାଲିଥିଲା। ଜାତୀୟ ଶିକ୍ଷା ନୀତି ୨୦୨୦ ଓ ଆରପିଡବ୍ଲ୍ୟୁଡି ୨୦୧୬ ଅନୁଯାୟୀ ସମସ୍ତ ସରକାରୀ ବିଦ୍ୟାଳୟରେ ସାଧାରଣ ବର୍ଗର ପିଲାମାନଙ୍କ ସହ ସ୍ୱତନ୍ତ୍ର ଆବଶ୍ୟକତା କରୁଥିବା ଶିକ୍ଷାର୍ଥୀ ଶିକ୍ଷା ଲାଭ କରିପାରିବେ ଓ ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ପାଇପାରିବେ। ଏହି କାର୍ଯ୍ୟକ୍ରମକୁ ମୋହନା ବିଇଓ ଶ୍ରୀଦେବଦାସ ତମରାପୁ ଓ ଏବିଇଓ କୁନା ପାତ୍ର ପ୍ରତିଦିନ ତଦାରଖ କରନ୍ତି। ବରିଷ୍ଠ ସାଧନ କର୍ମୀ ଭାବେ ଜୟ ସେଠୀ, ସୁମନ୍ତ ପ୍ରଧାନ, ଇତିରଞ୍ଜନ ମହାପାତ୍ର, ଗୌରହରି ପୋଲାଇ ଓ ସିଆର୍‌ସିସି ସିଦ୍ଧାର୍ଥ ପାତ୍ର ତାଲିମ କାର୍ଯ୍ୟକ୍ରମକୁ ପରିଚାଳିତ କରିଥିଲେ। ସାଧନ ସମ୍ବଳ କର୍ମୀ ପ୍ରକାଶ କୁମାର ସାହୁ ଓ ସୁମନ୍ତ ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପଞ୍ଚାୟତ ସମିତି ବୈଠକରେ ଉଦ୍‌ବେଗ

# ଗର୍ଭବତୀ, ଶିଶୁଙ୍କୁ ମିଳୁଛି ପୋକରା ଛତୁଆ

ବେଗୁନିଆପଡ଼ା,୨୨।୨(ଡି.ଏନ.ଏ.)

ଛୋଟ ଶିଶୁ ତଥା ଗର୍ଭବତୀଙ୍କୁ ମାଗଣାରେ ଦିଆଯାଉଥିବା ଛତୁଆ ଓ ବାଦାମ ଲଡୁ ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ଏଭଳି ଅବ୍ୟବସ୍ଥାକୁ ନେଇ ବେଗୁନିଆପଡ଼ା ବ୍ଲକ ସମିତି ସମ୍ମିଳନୀରେ ଅଭିଯୋଗ କରିଛନ୍ତି ସମିତି ସଭ୍ୟା। ବେଗୁନିଆପଡ଼ା ବ୍ଲକର ସମିତି ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ବେଳେ ଛତୁଆ ଏକ ମୁଖ୍ୟ ପ୍ରସଙ୍ଗ ହୋଇଥିଲା। ଏଥିରେ ଦୁର୍ନୀତି ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଉକ୍ତ ବୈଠକରେ କବିସୂର୍ଯ୍ୟନଗର ବିଧାୟିକାଙ୍କ ସମେତ ବିଡିଓ, ସିଡିପିଓ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ବୈଠକରେ ପଞ୍ଚାୟତ ସମିତି ସଭ୍ୟା ନିମ୍ନମାନର ଛତୁଆ ଓ ଲଡୁ ପିଲା ତଥା ଗର୍ଭବତୀଙ୍କୁ ଦିଆଯାଉଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ପୂର୍ବରୁ ଏ ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ବେଗୁନିଆପଡ଼ା ବ୍ଲକକୁ ଖଲ୍ଲିକୋଟ ବ୍ଲକର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଛତୁଆ ଯୋଗାଣ ଦାୟିତ୍ୱ ଦୀର୍ଘ ଦିନରୁ ଚଞ୍ଚକତା ପୂର୍ବକ ହାତେଇଥିବା ଜଣାପଡ଼ିଛି। ପ୍ୟାକେଟରେ କୌଣସି ତାରିଖ ନ ରହିବା ସହ ନିମ୍ନମାନର ଖାଦ୍ୟ ପ୍ରସ୍ତୁତ ହୋଇଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଛି। ତେବେ ଏ ନେଇ ତଦନ୍ତ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। କିନ୍ତୁ ଏହି ଘଟଣାକୁ ନେଇ କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନି।

# ପରୀକ୍ଷାର୍ଥୀ ଏକ ଘଣ୍ଟା ପୂର୍ବରୁ ବାହାରକୁ ଯାଇପାରିବେନି

## ଯୁକ୍ତ୨ ପରୀକ୍ଷା ପାଇଁ କଡ଼ା ବ୍ୟବସ୍ଥା

ଭଞ୍ଜନଗର,୨୨।୨(ଡି.ଏନ.ଏ)



କେଏସ୍‌ୟୁବି କଲେଜରେ ଅନୁଷ୍ଠିତ ବୈଠକରେ ଅଧକ୍ଷ ଉଦ୍‌ବୋଧନ ଦେଉଛନ୍ତି।

ଆସନ୍ତା ମାର୍ଚ୍ଚ ପହିଲାରୁ ଅପ୍ରେଲ ୫ ତାରିଖ ଯାଏ ଯୁକ୍ତ୨ କଳା, ବାଣିଜ୍ୟ ଏବଂ ବିଜ୍ଞାନ ବାର୍ଷିକ ଥିଓରି ପରୀକ୍ଷା ହେବ। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ (କେଏସ୍‌ୟୁବି) କଲେଜ ଏବଂ ସାବିତ୍ରୀ ମହିଳା କଲେଜରେ ୨ଟି ହବ୍ ହୋଇଛି। ହବ୍ ଏବଂ ପରୀକ୍ଷା ପରିଚାଳନା ପାଇଁ ବୁଧବାର କେଏସ୍‌ୟୁବି କଲେଜରେ ପ୍ରସ୍ତୁତି ବୈଠକ ହୋଇଥିଲା। ବୈଠକରେ ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ଅଧକ୍ଷତା କରିଥିଲେ। ପରୀକ୍ଷା ହଲ୍ ଭିତରକୁ ଷ୍ଟାଫ୍ ଏବଂ ଛାତ୍ରୀଛାତ୍ରଙ୍କୁ ସମ୍ପୂର୍ଣ୍ଣ ମୋବାଇଲ ବାରଣ କରାଯାଇଛି। ପରୀକ୍ଷା ଆରମ୍ଭର ୩୦ ମିନଟ ପରେ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ଦେବାପାଇଁ ସୁଯୋଗ ଦିଆଯିବନାହିଁ କି ପରୀକ୍ଷାର ଏକ ଘଣ୍ଟା ଭିତରେ ବାହାରକୁ ଯିବାକୁ ଦିଆଯିବନାହିଁ। ତ୍ରିସ୍ତରୀୟ ସୁରକ୍ଷା ମଧ୍ୟରେ ପରୀକ୍ଷା ହେବ। ବୈଠକରେ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସାତ୍ୟକୀ ସାହୁ, ଷ୍ଟାଫ୍ କାଉନ୍ସିଲ ସେକ୍ରେଟାରୀ ପ୍ରାଧ୍ୟାପିକା ଆରତିବାଳା ପ୍ରଧାନ, ଶୈକ୍ଷିକ ପରିଷଦ ସମ୍ପାଦକ ପ୍ରାଧ୍ୟାପକ ବିଭାସ ଦାସ, ଯୁକ୍ତ୨ ଭେଲୁଏଶନ୍ ଜୋନ୍ ସୁପରଭାଇଜର ଅଧ୍ୟାପକ ରଜନୀକାନ୍ତ ତ୍ରିପାଠୀ, ହବ୍ ସୁପରଭାଇଜର ଅଧ୍ୟାପକ ସୁନିଲ ଦାସ, ଡେପୁଟି ସୁପରିଣ୍ଟେଣ୍ଡାଣ୍ଟ ହରମୋହନ ନାୟକ, ବୁଦ୍ଧିନାଥ ବେହେରା, ସନାତନ ବେହେରା, ଅମିୟ ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସେହିଭଳି ସାବିତ୍ରୀ ମହିଳା କଲେଜରେ ଅଧକ୍ଷ ଡ.ଜୟରାମ ସେନାପତିଙ୍କ ଅଧକ୍ଷତାରେ ପ୍ରସ୍ତୁତି ସମୀକ୍ଷା ହୋଇଥିଲା। ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବ ଭିଡିଓ କନଫରେନ୍ସ ମାଧ୍ୟମରେ ଅଧକ୍ଷଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

# ଅଧ୍ୟାପିକା-ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୨୨।୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏକାଡେମିକ୍ ଏବଂ ଆଡମିନିଷ୍ଟ୍ରେଟିଭ୍ ଡେଭଲପମେଣ୍ଟ ସଣ୍ଟଓ ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭରସିଟିସ୍ ନୂଆଦିଲ୍ଲୀର ମିଳିତ ସହଯୋଗରେ ଶିକ୍ଷାଦାନ ଏବଂ ଅନୁସନ୍ଧାନ ପାଇ ଆଇସିଟି ଉପକରଣର ଉପାଦେୟତା ନିମନ୍ତେ ଚାଲିଥିବା ଅଧ୍ୟାପିକା- ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧକ୍ଷତା କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଉପସ୍ଥିତ ଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅରୁଣ କୁମାର ପୂଜାରୀ ଉପସ୍ଥିତ ଥିଲେ। ନୋଡାଲ ଅଫିସର, ଡକ୍ଟର ମୃତ୍ୟୁଞ୍ଜୟ ସ୍ୱାଇଁ ଉଦ୍‌ଯାପନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ସଂଯୋଜକ ଡ. ରାଜ କିଶୋର କାମ୍ପା ଅଧ୍ୟାପିକା- ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଅଭିମୁଖ୍ୟ ସମ୍ପର୍କରେ କହିଥିଲେ। ଇଓଟର ଯୁଗ୍ମ ନିର୍ଦ୍ଦେଶକ ଡ଼.ଅମରେନ୍ଦ୍ର ପାନି ଅଂଶଗ୍ରହଣକାରୀମାନଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସ୍ତରରେ ଶିକ୍ଷା ଓ ଦକ୍ଷତା ବିକାଶ ଦିଗରେ ନିର୍ଦ୍ଦେଶିତ କାର୍ଯ୍ୟକ୍ରମଗୁଡିକ ପାଇଁ ମନୋନୀତ ହୋଇଥିବା କହିଥିଲେ। ସାମୁଦ୍ରିକ ବିଜ୍ଞାନ ବିଭାଗ ଆସୋସିଏଟ୍ ପ୍ରଫେସର ଡ. ତମୋଗନା ଆଚାର୍ଯ୍ୟଙ୍କୁ ଏଫଡିପି ପ୍ରୋଗ୍ରାମର 'ଶ୍ରେଷ୍ଠ ଅଂଶଗ୍ରହଣକାରୀ' ଭାବେ ଘୋଷିତ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଅନ୍ୟ କର୍ମୀବୃନ୍ଦ ଯଥା ଡ. ବନମାଳୀ ଖୁଣ୍ଟୁଆ, ଡ. ବିଷ୍ଣୁ ଚରଣ ବେହେରା ଓ ଶ୍ରୀ ଦେଗୁଲ ସୁଦର୍ଶନ ଏଥିରେ ସହଯୋଗ କରିଥିଲେ। ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୨୩ ଫେବୃୟାରୀ, ୨୦୨୩



# ରାଜପଥରୁ ହଟୁନି ଜବରଦଖଲ

**■ ଦୁର୍ଘଟଣା ବଢ଼ିଚାଲିଛି ■ ବିପଦରେ ଧନଜୀବନ**

ରସୁଲପୁର,୨୨।୨(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ନିକଟସ୍ଥ ବ୍ରାହ୍ମଣୀ ନଦୀଠାରୁ ଖଣ୍ଡିତର ପାର୍ଶ୍ୱସ୍ଥ ଖରସ୍ରୋତା ନଦୀ ମଧ୍ୟରେ ୧୨ କି.ମି. ପର୍ଯ୍ୟନ୍ତ ୧୬ନମ୍ବର ଜାତୀୟ ରାଜପଥ ଉପରେ ଦିନକୁ ଦିନ ଜବରଦଖଲ ବଢ଼ିବାରେ ଲାଗିଛି। ହେଲେ ଜବରଦଖଲ ହଟାଇବା ଦିଗରେ ରାଜପଥ କର୍ତ୍ତୃପକ୍ଷ, ସ୍ଥାନୀୟ ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନାହିଁ। ଫଳରେ ରାଜପଥର ଏଭଳି ସ୍ଥିତି ଦୁର୍ଘଟଣା ମାତ୍ରାକୁ ବଢ଼ାଉଛି। ରାଜପଥ ଦେଇ ଯାତାୟାତ କରୁଥିବା ଧନଜୀବନ ପ୍ରତି ବିପଦ ବଢ଼ିବାରେ ଲାଗିଛି। ତେଣୁ ଏଥିପ୍ରତି ଜିଲା ପ୍ରଶାସନର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ରାଜପଥକୁ ଅନୁପ୍ରବେଶ ମନା ବୋଲି କୁହାଯାଉଛି। ଏପରି କି ବୁଲା ଗୋରୁ, ଗାଡ଼ିମୋଟର ରାଜପଥ ମଧ୍ୟକୁ ଅବାଧ ପ୍ରବେଶକୁ ବାରଣ କରାଯାଇଛି। ଏଥି ସକାଶେ ରାଜପଥର ଉଭୟ ପାର୍ଶ୍ୱରେ ଲୁହା ପ୍ଲେଟ ବାଡ଼ା ଲଗାଯାଇଛି। ରାଜପଥ ପାର୍ଶ୍ୱସ୍ଥ ଗାଁ ଲୋକଙ୍କ ସୁରକ୍ଷିତ ଯାତାୟାତ ପାଇଁ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକାଧିକ ଓଭର ବ୍ରିଜ, କାର୍ଟ ଅଣ୍ଡର ପାସ(ସିୟୁପି), ଭେଇକିଲ ଅଣ୍ଡର ପାସ(ଭିୟୁପି) ନିର୍ମାଣ କରାଯାଇଛି। ମାତ୍ର ଏ ସବୁ ସତ୍ତ୍ୱେ ରାଜପଥରୁ ଜବରଦଖଲ ଉଚ୍ଛେଦ ହୋଇପାରୁନାହିଁ। ବାରବାଟୀଠାରେ ରାଜପଥ ଉପରେ ଦୈନିକ ପରିବାହାଟ ବସୁଛି। ଏହାଛଡ଼ା ୧୨ କି.ମି. ଲମ୍ବ ରାଜପଥର ଉଭୟ ପାର୍ଶ୍ୱରେ ତରଭୁଜ, ପଇଡ଼, ଚା'ପାନ, ଜଳଖିଆ ଦୋକାନ, ଠେଲାଗାଡ଼ି ଓ ହୋଟେଲ ଆଦି ବ୍ୟବସାୟ ଚାଲିଛି। ରାଜପଥ ଦେଇ ଯାଉଥିବା ଯାତ୍ରୀ ରାସ୍ତାରେ ଗାଡ଼ିଗୁଡ଼ିକୁ ବେଆଇନ ଭାବେ ପାର୍କିଂକରି ବିଭିନ୍ନ ସାମଗ୍ରୀ କିଣିବା ସହ ଜଳଖିଆ ଓ ମିଲ୍ ଖାଉଛନ୍ତି। ଚା' ମଧ୍ୟ ପିଉଛନ୍ତି। ଏଭଳି ସ୍ଥିତି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ହୋଟେଲଗୁଡ଼ିକ ସମ୍ମୁଖରେ ଘଣ୍ଟାଘଣ୍ଟା ଧରି ବେଆଇନ ପାର୍କିଂ ଯୋଗୁ ଦୈନିକ ଅଧିକାଂଶ ଦୁର୍ଘଟଣା ଘଟୁଛି। ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଅନେକ ମୂଲ୍ୟବାନ ଜୀବନ ଚାଲି ଯାଉଛି। ଗତ ଜାନୁୟାରୀରେ ରାଜପଥର ଗୋପାଳପୁର ଛକ ନିକଟରେ ଘଟିଥିବା ଦୁର୍ଘଟଣାକୁ ଏକ ଉଦାହରଣ ଭାବରେ ନିଆଯାଇ ପାରେ। ଏଠାରେ ଟ୍ରକ୍‌ର ବେଆଇନ ପାର୍କିଂ ଯୋଗୁ ଦୁର୍ଘଟଣା ଘଟିଥିଲା। ଏଥିରେ ଘଟଣା ସ୍ଥଳରେ ୨ କାର୍ ଯାତ୍ରୀ ପ୍ରାଣ ହରାଇଥିଲେ। ୩ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗୁରୁତର ହୋଇଥିଲେ। ସଡ଼କ ଦୁର୍ଘଟଣା ଯୋଗୁ ଅଧିକାଂଶ ବ୍ୟକ୍ତିଙ୍କ ମୃତ୍ୟୁ ଘଟୁଛି। ମୃତକଙ୍କ ମଧ୍ୟରେ ଯୁବକମାନଙ୍କ ସଂଖ୍ୟା ଅଧିକ ବୋଲି ଜଣାପଡ଼ିଛି। ଜବରଦଖଲ ଏକ ଅପରାଧ ହୋଇଥିଲେ ବି ଲୋକେ ଏଥିରୁ ନିବୃତ୍ତ ରହୁନାହାନ୍ତି।

ହେଲେ ଏ ସବୁ ପ୍ରଶାସନିକ ଅଧିକାରୀ ଦେଖି ନ ଦେଖିବା ଭଳି ହେଉଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ପୋଲିସର କୋହଳ ମନୋଭାବ ଯୋଗୁ ରାଜପଥ ଉପରେ ଜବରଦଖଲ ବଢୁଛି ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମାଙ୍କୁ ପଚାରିବାରୁ ସେ ଜିଲା ପ୍ରଶାସନକୁ ଦୋଷ ଦେଇଛନ୍ତି। ସେ କହିଛନ୍ତି, ରାଜପଥ ଜବରଦଖଲ କରାଯାଇ ବ୍ୟବସାୟ ହେଉଥିବା ଖବର ସମ୍ପର୍କରେ ସେ ଅବଗତ ଅଛନ୍ତି। ରାଜପଥ ଉପରେ ଯେକୌଣସି ଜବରଦଖଲ ବେଆଇନ। ତାହାକୁ ହଟାଇବା ପାଇଁ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଯାଜପୁର ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ଏହା ସତ୍ତ୍ୱେ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ଏ ନେଇ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ପୁଣି ରିମାଣ୍ଡର ଦିଆଯିବ। ତଥାପି କୌଣସି ପଦକ୍ଷେପ ନିଆ ନ ଗଲେ ଉପରିସ୍ଥ ଅଧିକାରୀଙ୍କୁ ଚିଠି ଜରିଆରେ ଅବଗତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଜିଲା ପ୍ରଶାସନର ପ୍ରତିକ୍ରିୟା ମିଳି ପାରିନାହିଁ।



ରାଜପଥ କଡ଼ରେ ରହିଥିବା ଦୋକାନ ।

# ଜଳିଗଲା ୪ ବଖରା

ଚଣ୍ଡିଖୋଲ,୨୨।୨(ଡି.ଏନ.ଏ.):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ପଞ୍ଚାୟତ ଶାସନ ସୀମା ଗ୍ରାମରେ ମଙ୍ଗଳବାର ରାତିରେ ନିଆଁ ଲାଗି ଗ୍ରାମର ଆଶିଷ ଦାସଙ୍କ ୪ ବଖରା ଘର ଜଳିଯାଇଛି। ତାଙ୍କ ଘରେ ହଠାତ ନିଆଁ ଲାଗି ଯାଇଥିଲା। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସବୁକିଛି ପୋଡି ପାଉଁଶ ହୋଇ ଯାଇଥିଲା। ଘରେ ଥିବା ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। ନିଆଁ ଲାଗିବାର କାରଣ ଜଣା ପଡି ନ ଥିଲେ ମଧ୍ୟ ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁ ଏହା ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଛି। ବୁଧବାର ସ୍ଥାନୀୟ ସରପଞ୍ଚ ଓ ରାଜସ୍ୱ ବିଭାଗ ଅଧିକାରୀ ବିପନ୍ନ ପରିବାରକୁ ଭେଟିଛନ୍ତି। ତୁରନ୍ତ ବିପନ୍ନ ପରିବାରକୁ ସରକାରୀ ସାହାଯ୍ୟ ସହିତ ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଜଳିଯାଇଥିବା ଘର ।

# ବାରବାଟୀ ବାଇପାସ୍ ରାସ୍ତାରେ ବସ୍ ଚଳାଚଳ ଦାବି



ବସ୍ ରହଣି ଦାବିରେ ଧାରଣା ଦେଇଥିବା ଜନସାଧାରଣ ।

ରସୁଲପୁର,୨୨।୨(ଡି.ଏନ.ଏ.):

**୧୬ ନମ୍ବର ଜାତୀୟ ରାଜପଥରେ ପ୍ରତିବାଦ**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ବାଇପାସ ରାସ୍ତାରେ ଯାତ୍ରୀବାହୀ ବସ୍ ଚଳାଚଳ ପାଇଁ ଦାବି ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ରାଜପଥ ଉପରେ ପ୍ରତିବାଦ ସଭା କରିବା ସହ ବସ୍‌ଗୁଡ଼ିକ ବାଇପାସ ରାସ୍ତା ଦେଇ ଚଳାଚଳ କରିବାକୁ ଚାଳକଙ୍କୁ ଅନୁରୋଧ କରିଛନ୍ତି। ତେବେ ଏଥିରେ ବ୍ୟତୀକ୍ରମ ଘଟିଲେ ଆଗାମୀ ଦିନରେ ବସ୍ ଚଳାଚଳରେ ରୋକ ଲଗାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।

୧୬ ନମ୍ବର ଜାତୀୟ ରାଜପଥ ଚଣ୍ଡିଖୋଲଠାରୁ ଭଦ୍ରକ ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ ଓ ମରାମତି କାର୍ଯ୍ୟ ଶେଷ ହୋଇଛି। ରାଜପଥକୁ ୬ ଥାକିଆ ନିର୍ମାଣ ସହ ବାରବାଟୀ ଠାରେ ୨ଟି ଅଧିକ ଗଳିପୋଲ ନିର୍ମାଣ କରାଯାଇଛି। ଗଳିପୋଲ ନିର୍ମାଣ ଯୋଗୁ ବଜାର ଅଞ୍ଚଳଟି ଗଳି ପୋଲତଳେ ରହିଯାଉଛି। ମାତ୍ର ବସଗୁଡିକ ଉପର ରାସ୍ତା ଦେଇ ଯାତାୟତ କରୁଛି। ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଯାତ୍ରୀ ବିଶ୍ରାମଗାର ରାଜପଥର ବାଇପାସ୍ ରାସ୍ତା ପାର୍ଶ୍ୱରେ ନିର୍ମାଣ କରାଯାଇଛି। ଏହାର ଅର୍ଥ ଯାତ୍ରୀବାହୀ ବସ୍‌ଗୁଡିକ ବାଇପାସ ରାସ୍ତା ଦେଇ ଯାତାୟାତ କରିବ। ଯାତ୍ରୀ ବିଶ୍ରାମଗାର ନିକଟରେ ବସ ରହଣି ସହ ଏଠାରୁ ଯାତ୍ରୀମାନେ ବସରେ ବିଭିନ୍ନ ସ୍ଥାନକୁ ଯା–ଆସ କରିପାରିବେ। ମାତ୍ର ରାଜପଥ ସମ୍ପ୍ରସାରଣ ପରଠାରୁ ବସ୍‌ଗୁଡିକ ବାଇପାସ ରାସ୍ତା ଦେଇ ଯାତାୟାତ ନ କିର ଓଭର ବ୍ରିଜ ଦେଇ ଯାଉଛି। ଫଳରେ ଯାତ୍ରୀମାନେ ଦୂରଦୂରାନ୍ତକୁ ଯିବା ପାଇଁ ଅନ୍ୟ ଉପାୟ ନ ପାଇ ଉପର ରାସ୍ତାରେ ଯାତାୟାତ କରୁଛନ୍ତି। ଉପର ରାସ୍ତାକୁ ଯା–ଆସ କରିବାରେ ବରିଷ୍ଠ ନାଗରିକ, ଶିଶୁ, ମହିଳାମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ଏ ଦିଗରେ ଜିଲା ପ୍ରଶାସନ ଧ୍ୟାନ ଦେବା ସହ ବସ୍ ଗୁଡିକୁ ଠିକ ସ୍ଥାନରେ ରହଣି କରିବା ଦିଗରେ ପଦକ୍ଷେପ ନେବାକୁ କୁହାଯାଇଛି। ଅନ୍ୟପକ୍ଷରେ ବାଇପାସ୍ ରାସ୍ତା ଉପରେ ଦୈନିକ ପରିବାହାଟ ବସୁଥିବାରୁ ରାସ୍ତା ଜାମ୍ ରହୁଛି। ଏହାକୁ ଦେଖି ବସ୍ ଚାଳକମାନେ ବାଇପାସ୍ ରାସ୍ତାକୁ ବ୍ୟବହାର କରୁନାହାନ୍ତି। ତେଣୁ ଏଠାରେ ଚାଲିଥିବା ରାସ୍ତା ଜବରଦଖଲରେ ନିୟନ୍ତ୍ରଣ ଆଣିବା ଦିଗରେ ପଦକ୍ଷେପ ନେବାକୁ ଆନ୍ଦୋଳନକାରୀ ପ୍ରଶାସନକୁ ନିବେଦନ କରିଛନ୍ତି।

# ସାପ୍ତାହିକ ହାଟ ଉଦ୍‌ଘାଟିତ

ଚଢ଼େଇଧରା,୨୨।୨(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତ ଅନ୍ତର୍ଗତ କୁକୁଡ଼ାଖଳି ପୁରୁଣା ହାଟ ପଡ଼ିଆ ଶିବ ମନ୍ଦିର ପ୍ରାଙ୍ଗଣରେ ସାପ୍ତାହିକ ହାଟ ଉଦ୍‌ଘାଟିତ ହୋଇଯାଇଛି। ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଫିତା କାଟି ହାଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସରପଞ୍ଚ ରବୀନ୍ଦ୍ର କୁମାର ସେଠୀ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ପ୍ରହ୍ଲାଦ ଲେଙ୍କା, ଜଳଧର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସନ୍ତୋଷ କୁମାର ବିଶାଳ ହାଟ ପରିଚାଳନାରେ ସହଯୋଗ କରିଥିଲେ। ସଭାପତି ଜଗଦୀଶ ଜେନାମଣିଙ୍କ ପ୍ରଚେଷ୍ଟା ଫଳରେ ଏହା ସମ୍ଭବ ହୋଇପାରିଛି। ଏଠାରେ ଦୀର୍ଘ ବର୍ଷ ପୂର୍ବରୁ ହାଟ ବସୁଥିଲା। ପରେ କୌଣସି କାରଣକୁ ନେଇ ୪୦ ବର୍ଷରୁ ଅଧିକ ସମୟ ଧରି ହାଟ ବନ୍ଦ ହୋଇଯାଇଥିଲା। ଏହା ପୁନର୍ବାର ଖୋଲିଥିବାରୁ ସ୍ଥାନୀୟ ଅଞ୍ଚଳ ଲୋକଙ୍କ ମନରେ ଖୁସି ଦେଖିବାକୁ ମିଳିଛି। ଏହି ହାଟ ପ୍ରତ୍ୟକ ସପ୍ତାହର ବୁଧବାର ଓ ରବିବାର ବସିବ ବୋଲି କୁହାଯାଇଛି।



ଅତିଥି ସାପ୍ତାହିକ ହାଟକୁ ଉଦ୍‌ଘାଟନ କରୁଛନ୍ତି ।

# ପ୍ରାଚୀନ ଶୈବପୀଠ ଅବହେଳିତ

ପ୍ରୀତିପୁର,୨୨।୨(ଡି.ଏନ୍.ଏ.)

ଯାଜପୁରର ପ୍ରାଚୀନ ସାହିତ୍ୟ, ନୃତତ୍ତ୍ୱ, ପ୍ରତ୍ନତତ୍ତ୍ୱ, ଭାସ୍କର୍ଯ୍ୟ, ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସମୃଦ୍ଧ ଇତିହାସ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଥାଏ। ଏହା ଶକ୍ତିକ୍ଷେତ୍ର ଭାବେ ସାରା ଭାରତ ବର୍ଷରେ ପ୍ରସିଦ୍ଧି ଲାଭ କରିଛି। କିନ୍ତୁ ଏବେ ବି ଅନେକ ଶୈବ ସଂସ୍କୃତି କ୍ଷେତ୍ର ଏଠାରେ ଅବହେଳିତ ହୋଇ ପଡ଼ିଛି। ସେଥିମଧ୍ୟରୁ ବିଞ୍ଝାରପୁର ଥାନା ଆଙ୍ଗାଲୋ ପଞ୍ଚାୟତରେ ଥିବା ପ୍ରାଚୀନ ଶ୍ୟାମେଶ୍ୱର ଶୈବପୀଠ ଅନ୍ୟତମ । ଏହି ପୀଠଟି ଏକ କୋଳାହଳଶୂନ୍ୟ ନିକାଞ୍ଚନ ସ୍ଥାନରେ ରହିଛି। ଉକ୍ତ ପୀଠଟି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଛି। ପୀଠରେ ଜଳ, ପରିମଳ, ଆଲୋକୀକରଣ, ରାସ୍ତା, ସୁରକ୍ଷା ପ୍ରାଚୀର, ଯାତ୍ରୀ ବିଶ୍ରାମାଗାର ବ୍ୟବସ୍ଥା ନାହିଁ। ଗ୍ରାମବାସୀଙ୍କ ଦ୍ୱାରା ଅର୍ଥ ସଂଗ୍ରହ କରାଯାଇ ପୀଠର ଉନ୍ନତି ସହ ବାବାଙ୍କ ନୀତିକାନ୍ତି ପାଳିତ ହୋଇଥାଏ। ଜାଗର ସମେତ ମୁଖ୍ୟ ପର୍ବପର୍ବାଣିରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଏଠାରେ ଶ୍ରଦ୍ଧାଳୁ ଯାହା ମାନସିକ କରନ୍ତି ତାହା ଫଳପ୍ରଦ ହୁଏ ବୋଲି ବିଶ୍ୱାସ ରହିଛି। ମହାଶିବରାତ୍ରି ଦିନ ପ୍ରତ୍ୟୁଷରୁ ଶ୍ୟାମେଶ୍ୱରଙ୍କ ବଡ଼ସିଂହାର ବେଶ ଦର୍ଶନ କଲେ ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି କୁହାଯାଏ। ଉକ୍ତ ପୀଠରେ ପ୍ରତି ସୋମବାର ଓ ସଂକ୍ରାନ୍ତିରେ ଭକ୍ତମାନଙ୍କ ଭିଡ଼ ଲାଗିଥାଏ। ସରକାର ଉକ୍ତ ପୀଠ ପ୍ରତି ଦୃଷ୍ଟିଦେଲେ ତାହା ଦର୍ଶନୀୟ ସ୍ଥାନ ଭାବେ ପରିଚିତ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଦ୍ୱାରା ଏକ ଉନ୍ନୟନ ପରିଷଦ କମିଟି ଗଠନ କରାଯାଇ ଶ୍ରଦ୍ଧାଳୁଙ୍କ ଲାଗି ପାନୀୟ ଜଳ, ଆନନ୍ଦବଜାରରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥାଏ। ତେଣୁ ଏହି ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ସହିତ ସରକାରୀ ସହାୟତା ପ୍ରଦାନ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଗୋପୀନାଥ ଦାସ, ଅଟଳ ବିହାରୀ ନାୟକ, କୈଳାସ ସାମଲ, ଅମ୍ବିକା ପ୍ରସାଦ ସାମଲ, ଆନନ୍ଦ ଚନ୍ଦ୍ର ସାମଲ, ଶରତ ଚନ୍ଦ୍ର ଜେନା, ନାଲୁ ଜେନା, ଗଜେନ୍ଦ୍ର ରାଉତ, ଦୁର୍ଯ୍ୟୋଧନ ଜେନା, ନୃସିଂହ ରାଉତ, ଅମିୟ ଧଳ, ଗୌରାଙ୍ଗ ପରିଡ଼ା, ସନାତନ ସାମଲ, ଦିଗାମ୍ବର ପରିଡ଼ା, ଅକ୍ଷୟ ସାମଲ, ଅଜିତ ସାମଲ ପ୍ରମୁଖ ଦାବି କରିଛନ୍ତି।



ବାବା ସ୍ୱମେଶ୍ୱର ପୀଠ ।


## ODISHA PUBLIC SERVICE COMMISSION, CUTTACK

**NOTICE**

**No. 1920/PSC Dt.22.02.2023**
**(DR - IV) (2PH-02-2022-23)**

No. D-328: It is for information of all provisionally qualified candidates relating to recruitment for the post of **Assistant Director (Law)**, pursuant to Advertisement No. 22 of 2021-22 that the Document Verification and Viva Voce Test will be conducted from **02.03.2023 to 04.03.2023** as per the following programme.

The candidates are required to reach the office of OPSC at 19, Dr. P.K. Parija Road, Cuttack - 753001, **30 minutes before** the commencement of document verification as per the scheduled programme.

**PROGRAMME FOR VERIFICATION OF ORIGINAL CERTIFICATES/DOCUMENTS etc.**

| Date of | Time of Verification | Time of Viva Voce Test | Roll Nos. of Candidates to be verified | Board |
|---|---|---|---|---|
| 02.03.2023 | 09.00 A.M. | 10.45 A.M. | 100031, 100033, 100060, 100099, 100146, 100168, 100202, 100205, 100219, 100289, 100303 = **11 Candidates** | Board - I |
| | | | 100353, 100418, 100473, 100476, 100491, 100502, 100511, 100518, 100544, 100546, 100555 = **11 Candidates** | Board - II |
| | 01.00 P.M. | 03.00 P.M. | 100569, 100570, 100711, 100769, 100808, 100830, 100873, 100891 = **08 Candidates** | Board - I |
| | | | 100907, 100933, 100994, 101005, 101010, 101025, 101034, 101035 = **08 Candidates** | Board - II |
| 03.03.2023 | 09.00 A.M. | 10.45 A.M. | 101051, 101073, 101130, 101182, 101204, 101256, 101266, 101283, 101290, 101295, 101302 = **11 Candidates** | Board - I |
| | | | 101315, 101384, 101395, 101519, 101530, 101542, 101565, 101602, 101603, 101654, 101702 = **11 Candidates** | Board - II |
| | 01.00 P.M. | 03.00 P.M. | 101705, 101714, 101747, 101752, 101764, 101775, 101783, 101840 = **08 Candidates** | Board - I |
| | | | 101899, 101925, 101932, 101949, 102040, 102077, 102080, 102089 = **08 Candidates** | Board - II |
| 04.03.2023 | 09.00 A.M. | 10.45 A.M. | 102119, 102186, 102187, 102219, 102223, 102240, 102278, 102288, 102297, 102322, 102352 = **11 Candidates** | Board - I |
| | | | 102354, 102377, 102382, 102429, 102444, 102451, 102458, 102526, 102533, 102569, 102701 = **11 Candidates** | Board - II |
| | 01.00 P.M. | 03.00 P.M. | 102731, 102793, 102827, 102828, 102830, 102837, 102845 **= 07 Candidates** | Board - I |
| | | | 102848, 102861, 102869, 102878, 102889, 102916, 102924 **= 07 Candidates** | Board - II |

**N.B.:** The documents of the concerned candidates shall be verified on the same day before commencement of Viva Voce Test as per the above schedule. The candidates who are having V.V. Test in **Morning Session** must report in Office of the Commission sharply at **08.30 A.M.** and those having V.V. Test in the **Afternoon Session** must report **at 12.30 P.M.** positively.

It is also made clear that the candidature of these candidates for the above recuritment is purely provisional. The candidature is liable to rejection in the event of inadequacy/deficiency found at any stage before or after the verification of original certificates/documents and is subject to fulfilment to terms & conditions as laiddown in the Advertisement.

**THE CANDIDATES ARE REQUIED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VRIFICATION:**

1. Hard copy of online application from Mentioning Roll No. at the Top Right-Hand Corner. Application forms are available in the website of the Commission. The candidates are requied to download the same using their respective username/mobile number/e-mail and password/OTP etc. through Admin Login Section of the OPSC website.
2. Three (03) Passport Size Photographs tagged with the Application Form and One (01) pasted at space provided in the CIF (Candidate Information Form).
3. H.S.C. or Equivalent Certificate in support of declaration of age.
4. Bachelor's Degree Certificate in Law and Law Degree Marksheets from any recognized Unviersity in India.
5. Certificate showing adequate knwoledge in Computer Application.
6. Required Odia Test Pass Certificate issued within 31.12.2021.
7. In-service Certificate from the Competent Authority mentioning continuation in Government Service in case of in-service candidate availing age relaxation.
8. Caste Certificate by Birth in support of claim as SCs/STs/S.E.B.Cs (Please see and refer Note - 1 of the Advertisement) issued within
9. Recent SEBC Certificate (issued within 01.01.2019 to 31.12.2021), whereever applicable.
10. Permanent Disability Certificate indicating percentage of disability (i.e., 40% and more).
11. Discharge Certificates in case of Ex-Serviceman issued by the Commanding Officer of the Unit last served. Ex-Serviceman candidates must submit an affidavit undertaking that he has not been appointed against any civil post after retirement from military service.
12. No Objection Certificate issued by the Competent Authority in case of in-service candidates; whereever applicable.
13. Any proof of photo Identity.
14. Attestation form duly filled-in by the candidate and signed by a Gazetted Officer (to be downloaded from the website of the Commission).
15. The candidates are required to mention "Submited by me" and put their full signature and date of verification on each Xerox copy of documents.
16. Bio-data form (CIF) (to be downloaded and duly filled in with passport size photograph affixed).
17. Any other documents as per Para - 10 of the Advertisement.

**OIPR-12002/11/0278/2223** **Sd./- Secretary**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୩ ଫେବୃୟାରୀ, ୨୦୨୩

**ଜାଗାବାଡିକୁ ନେଇ ମାରପିଟ ଅଭିଯୋଗ**

ବାଲିକୁଦା,(ସ୍ୱ.ପ୍ର.): ବାଲିକୁଦା ଥାନା ମୂଳଗାଁ ଗ୍ରାମର ୨ ପଡୋଶୀ ଜଗାବାଡିକୁ ନେଇ ମାରପିଟ୍ ହୋଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଗ୍ରାମର ବ୍ରଜକିଶୋର ସାହାଣୀଙ୍କ ଜାଗାରେ ତାଙ୍କର ପଡୋଶୀ ରବୀନ୍ଦ୍ର ସାହାଣୀ ବାଉଁଶ ଖୁଣ୍ଟ ପୋତୁଥିଲେ। ଯାହାକୁ ବ୍ରଜଙ୍କ ପତ୍ନୀ ବନିତା ଓ ତାଙ୍କ ଯାଆ ରିନା ବିରୋଧ କରିଥିଲେ। ଫଳରେ ରବୀନ୍ଦ୍ର ଓ ତାଙ୍କ ବାପା ବେଣୁଧର ବନିତା ଓ ତାଙ୍କ ଯାଆ ରିନାଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିଲେ। ପାଟି ଶୁଣି ବନିତାଙ୍କ ଶ୍ୱଶୁର ଆସି ପଚାରିବାରୁ ତାଙ୍କୁ ମଧ ମାଡ ସେମାନେ ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଉକ୍ତ ଘଟଣାରେ ଦଫା ୩୪୧,୨୯୪,୩୨୩, ୫୦୬, ୩୪ ଆଇପିସିରେ ନଂ. ୮୧/୨୩ ରେ ମାମଲା ରୁଜୁ କାରିଛି।



# ଜିଲାରେ କ୍ରେଡିଟ୍-ଡେବିଟ୍ ଅନୁପାତ ନୈରାଶ୍ୟଜନକ

**ଜଗତ୍‌ସିଂହପୁର ଅଫିସ, ୨୨।୨**



ବୈଠକରେ ଜିଲାପାଳ ପାରୁଲ ପଟାୱରୀ ଓ ଅନ୍ୟମାନେ।

- ବ୍ୟାଙ୍କ ସମୂହ ଜିଲା ପରାମର୍ଶଦାତା, ଜିଲାସ୍ତରୀୟ ସମୀକ୍ଷା କମିଟି ବୈଠକ
- ପ୍ରତି ପଞ୍ଚାୟତରେ ବ୍ୟାଙ୍କ ଶାଖା ଖୋଲିବାକୁ ପରାମର୍ଶ
- ଋଣ ପ୍ରଦାନ କ୍ଷେତ୍ରକୁ ଗୁରୁତ୍ୱ ଦିଅ

୨୦୨୨ ଡିସେମ୍ବର ସୁଦ୍ଧା ଜିଲାରେ କ୍ରେଡିଟ ଡେବିଟ୍ (ସିଡି) ଅନୁପାତ ନୈରାଶ୍ୟଜନକ ସ୍ଥିତିରେ ଅର୍ଥାତ୍ ମାତ୍ର ୪୮% ରହିଛି। ଏହା ଆଦୌ ଗ୍ରହଣୀୟ ନୁହେଁ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ବ୍ୟାଙ୍କ ସମୂହ ଜିଲା ପରାମର୍ଶଦାତା ଓ ଜିଲାସ୍ତରୀୟ ସମୀକ୍ଷା କମିଟି ବୈଠକରେ ପୌରୋହିତ୍ୟ କରି ଜିଲାପାଳ ପାରୁଲ ପଟାୱରୀ କ୍ଷୁବ୍ଧ ହୋଇଥିଲେ। ସେ କହିଥିଲେ, ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବ୍ୟାଙ୍କରମାନଙ୍କ ସହଯୋଗରେ ହିଁ ସଫଳ ହୋଇପାରିବ। କିନ୍ତୁ ବ୍ୟାଙ୍କରମାନେ ଆନ୍ତରିକତା ପ୍ରକାଶ ନ କଲେ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ତେଣୁ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଅଧିକରୁ ଅଧିକ ଋଣ ଦେଇ ସିଡି ଅନୁପାତ ୭୦%ରେ ପହଞ୍ଚାଇବାକୁ ଜିଲାପାଳ ଉପସ୍ଥିତ ବିଭିନ୍ନ ବ୍ୟାଙ୍କ ଶାଖା ପରିଚାଳକମାନଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଆବଶ୍ୟକ ଋଣ ଓ ରିହାତି ପ୍ରଦାନ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କର। ଜିଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, ଯୁବ ଉଦ୍ୟୋଗୀ, ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା, ଗୃହ ନିର୍ମାଣ, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଖଦୀ ଓ କୁଟୀର ଶିଳ୍ପ ଆଦିର ହିତାଧିକାରୀଙ୍କୁ ବ୍ୟାଙ୍କ ଲିଙ୍କେଜ୍ ମାଧ୍ୟମରେ ଋଣ ପ୍ରଦାନ କରିବାକୁ ପଡିବ। ସରକାରୀ ଅଧିକାରୀମାନେ ବ୍ଲକସ୍ତରୀୟ ବିଏଲ୍‌ପିସି ବୈଠକରେ ଯୋଗଦେଇ ହିତାଧିକାରୀଙ୍କୁ ଋଣ ପ୍ରଦାନରେ କ'ଣ ସମସ୍ୟା ରହିଛି ଅନୁଧ୍ୟାନ କରି ଏହାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଅନ୍ତୁ। ସେହିପରି ପ୍ରତି ପଞ୍ଚାୟତରେ ବ୍ୟାଙ୍କ ଶାଖା ଖୋଲିବା ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି। ହିତାଧିକାରୀଙ୍କୁ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ସହାୟତା ରାଶି ପ୍ରଦାନ କରାଯାଉଛି। ବର୍ତ୍ତମାନ ଜିଲାରେ ବିଭିନ୍ନ ବ୍ୟାଙ୍କର ୧୫୮ଟି ଶାଖା ରହିଛି। ଏହି ସଂଖ୍ୟା ବଢିଗଲେ ଲୋକେ ଘର ପାଖରେ ସୁବିଧା ପାଇପାରନ୍ତେ ବୋଲି ଜିଲାପାଳ କହିଥିଲେ।

ବୈଠକରେ ଜିଲା ପରିଷଦ ସଭାପତି ମନୋଜ ଭୋଇ ମଧ ବ୍ୟାଙ୍କଗୁଡିକର ନୂଆ ଶାଖା ଖୋଲାଯାଉ ବୋଲି ଦାବି କରିଥିଲେ। ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ଚିନାରା ବାପୁଜୀ ସୁବୁଦ୍ଧି କାର୍ଯ୍ୟସୂଚୀ ଅନୁଯାୟୀ, ଆଲୋଚନାକୁ ଆଗେଇ ନେଇଥିଲେ। ବୈଠକରେ ପୂର୍ବ ବୈଠକର ବିବରଣୀ ଦୃଢୀକରଣ କରାଯାଇଥିଲା। ଜିଲାରେ ୨୦୨୩ ଜାନୁୟାରୀ ସୁଦ୍ଧା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ୯୮.୦୯% ସଫଳତା ମିଳି ପାରିଛି ବୋଲି କୁହାଯାଇଥିଲା। ବୈଠକରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଖଦୀ ଓ କୁଟୀର ଶିଳ୍ପ, କୃଷି, ବଳରାମ ଯୋଜନା, ଦୁଗ୍ଧ ଉତ୍ପାଦନ, ମତ୍ସ୍ୟ, କୁକୁଡା ଚାଷ, ଛେଳି, ଉଦ୍ୟାନ କୃଷି, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପିଏମ୍‌ଇଜିପି, ଶିଳ୍ପୀ ଉନ୍ନତି ଯୋଜନା, ଷ୍ଟାଣ୍ଡ ଅପ ଇଣ୍ଡିଆ ସ୍କିମ, ଜାତୀୟ ସହରାଞ୍ଚଳ ଜୀବିକା ମିଶନ, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅର୍ଥନୈତିକ ସାକ୍ଷରତା କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା, ଆରସେଟି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ଜତିନ୍ଦ୍ର ନାଥ ଷଡ଼ଙ୍ଗୀ, ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ସୁବାସ ଚନ୍ଦ୍ର ବେହେରା, ନାବାର୍ଡ ଡିଡିଏମ୍ ବିଶ୍ୱଭୂଷଣ ମହାନ୍ତି, ଏଲ୍‌ଡିଏମ୍ ଅଭିଷେକ ପରମାଣିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ସମସ୍ତ ବ୍ୟାଙ୍କର କ୍ଷେତ୍ରୀୟ ବିଭାଗ ମୁଖ୍ୟ, ପ୍ରାଣୀ ସମ୍ପଦ ଅଧିକାରୀ, ଜିଲା ମୁଖ୍ୟ କୃଷି ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ, ଡିଆଇସି ସାଧାରଣ ପରିଚାଳକ, ମିଶନ ଶକ୍ତି ଓ ଜୀବିକା ମିଶନ ଜିଲା ପ୍ରକଳ୍ପ ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଗ୍ରଣୀ ବ୍ୟାଙ୍କ ପରିଚାଳକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଦହିପାଳ କୁତାମଚଣ୍ଡୀ ମନ୍ଦିରରୁ ଚୋରି

**ନାଉଗାଁ,୨୨।୨(ସ୍ୱ.ପ୍ର.)**



ନାଉଗାଁ ଥାନା ଅନ୍ତର୍ଗତ ତିରୁଣା ପଞ୍ଚାୟତ ଦହିପାଳ ଗ୍ରାମରେ ଥିବା ଗ୍ରାମଦେବତୀ ମା' କୁତାମଚଣ୍ଡୀ ମନ୍ଦିରରୁ ଦୁର୍ବୃତ୍ତ ଚୋରି କରିଥିବା ଥାନାରେ ବୁଧବାର ଲିଖିତ ଅଭିଯୋଗ ହୋଇଛି। ଗ୍ରାମର ରମେଶ ଚନ୍ଦ୍ର ସାସ୍ମଲଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗରେ ଶତାଧିକ ଗ୍ରାମବାସୀ ସ୍ୱାକ୍ଷର କରିଥିଲେ। ଅଭିଯୋଗ ମୁତାବକ, ମଙ୍ଗଳବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମନ୍ଦିର ମୁଖ୍ୟଦ୍ୱାରର ତାଲା ଭାଙ୍ଗି ମା' ପିନ୍ଧିଥିବା ସୁନା ଅଳଙ୍କାର, ହୁଣ୍ଡିବାକ୍ସ, ଘଣ୍ଟ, ଘଣ୍ଟା ଆଦି ଚୋରିକରି ନେଇଥିଲେ। ଗ୍ରାମର ଉତ୍ତରପାର୍ଶ୍ୱ ଜମିରେ ମା'ଙ୍କ ହୁଣ୍ଡିବାକ୍ସ ଭଙ୍ଗାଯାଇ ପଡ଼ିଥିବା ଗ୍ରାମବାସୀ ସକାଳୁ ଦେଖିବାକୁ ପାଇଥିଲେ। ଥାନାରେ ଅଭିଯୋଗ ପରେ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନିଆଯାଇଥିଲା। ସନ୍ଧାନୀ କୁକୁର ନନ୍ଦିଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପଶିଥିବାର ଦେଖାଯାଇଥିଲା। ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ମା'ଙ୍କ ମନ୍ଦିରର ସ୍ଥାୟୀ ପୂଜକ ଭାବେ ନନ୍ଦିଗ୍ରାମର ଜଣେ ବ୍ୟକ୍ତି ନିଯୁକ୍ତ ଅଛନ୍ତି। ଯଦି ଉକ୍ତ ପୂଜକଙ୍କ କୌଣସି ଅସୁବିଧା ହୁଏ ତେବେ ଅଟକ ଥିବା ବ୍ୟକ୍ତି ମା'ଙ୍କ ପୂଜା କରିଥାନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ଏନେଇ ଥାନାରେ ମାମଲା ରୁଜୁ ସହ ତଦନ୍ତ ଜାରି ରହିଥିବା ଆଇଆଇସି ଅନିରୁଦ୍ଧ ନାୟକ କହିଛନ୍ତି।


**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 1920/PSC Dt.22.02.2023**
**(DR - IV) (2PH-02-2022-23)**

No. D-328: It is for information of all provisionally qualified candidates relating to recruitment for the post of **Assistant Director (Law)**, pursuant to Advertisement No. 22 of 2021-22 that the Document Verification and Viva Voce Test will be conducted from **02.03.2023 to 04.03.2023** as per the following programme.

The candidates are required to reach the office of OPSC at 19, Dr. P.K. Parija Road, Cuttack - 753001, **30 minutes before** the commencement of document verification as per the scheduled programme.

**PROGRAMME FOR VERIFICATION OF ORIGINAL CERTIFICATES/DOCUMENTS etc.**

| Date of | Time of Verification | Time of Viva Voce Test | Roll Nos. of Candidates to be verified | Board |
|---|---|---|---|---|
| 02.03.2023 | 09.00 A.M. | 10.45 A.M. | 100031, 100033, 100060, 100099, 100146, 100168, 100202, 100205, 100219, 100289, 100303 = **11 Candidates** | Board - I |
| | | | 100353, 100418, 100473, 100476, 100491, 100502, 100511, 100518, 100544, 100546, 100555 = **11 Candidates** | Board - II |
| | 01.00 P.M. | 03.00 P.M. | 100569, 100570, 100711, 100769, 100808, 100830, 100873, 100891 = **08 Candidates** | Board - I |
| | | | 100907, 100933, 100994, 101005, 101010, 101025, 101034, 101035 = **08 Candidates** | Board - II |
| 03.03.2023 | 09.00 A.M. | 10.45 A.M. | 101051, 101073, 101130, 101182, 101204, 101256, 101266, 101283, 101290, 101295, 101302 = **11 Candidates** | Board - I |
| | | | 101315, 101384, 101395, 101519, 101530, 101542, 101565, 101602, 101603, 101654, 101702 = **11 Candidates** | Board - II |
| | 01.00 P.M. | 03.00 P.M. | 101705, 101714, 101747, 101752, 101764, 101775, 101783, 101840 = **08 Candidates** | Board - I |
| | | | 101899, 101925, 101932, 101949, 102040, 102077, 102080, 102089 = **08 Candidates** | Board - II |
| 04.03.2023 | 09.00 A.M. | 10.45 A.M. | 102119, 102186, 102187, 102219, 102223, 102240, 102278, 102288, 102297, 102322, 102352 = **11 Candidates** | Board - I |
| | | | 102354, 102377, 102382, 102429, 102444, 102451, 102458, 102526, 102533, 102569, 102701 = **11 Candidates** | Board - II |
| | 01.00 P.M. | 03.00 P.M. | 102731, 102793, 102827, 102828, 102830, 102837, 102845 = **07 Candidates** | Board - I |
| | | | 102848, 102861, 102869, 102878, 102889, 102916, 102924 = **07 Candidates** | Board - II |

**N.B.:** The documents of the concerned candidates shall be verified on the same day before commencement of Viva Voce Test as per the above schedule. The candidates who are having V.V. Test in **Morning Session** must report in Office of the Commission sharply at **08.30 A.M.** and those having V.V. Test in the **Afternoon Session** must report **at 12.30 P.M.** positively.

It is also made clear that the candidature of these candidates for the above recuritment is purely provisional. The candidature is liable to rejection in the event of inadequacy/deficiency found at any stage before or after the verification of original certificates/documents and is subject to fulfilment to terms & conditions as laiddown in the Advertisement.

**THE CANDIDATES ARE REQUIED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VRIFICATION:**

1. Hard copy of online application from Mentioning Roll No. at the Top Right-Hand Corner. Application forms are available in the website of the Commission. The candidates are requied to download the same using their respective username/mobile number/e-mail and password/OTP etc. through Admin Login Section of the OPSC website.
2. Three (03) Passport Size Photographs tagged with the Application Form and One (01) pasted at space provided in the CIF (Candidate Information Form).
3. H.S.C. or Equivalent Certificate in support of declaration of age.
4. Bachelor's Degree Certificate in Law and Law Degree Marksheets from any recognized Unviersity in India.
5. Certificate showing adequate knwoledge in Computer Application.
6. Required Odia Test Pass Certificate issued within 31.12.2021.
7. In-service Certificate from the Competent Authority mentioning continuation in Government Service in case of in-service candidate availing age relaxation.
8. Caste Certificate by Birth in support of claim as SCs/STs/S.E.B.Cs (Please see and refer Note - 1 of the Advertisement) issued within
9. Recent SEBC Certificate (issued within 01.01.2019 to 31.12.2021), whereever applicable.
10. Permanent Disability Certificate indicating percentage of disability (i.e., 40% and more).
11. Discharge Certificates in case of Ex-Serviceman issued by the Commanding Officer of the Unit last served. Ex-Serviceman candidates must submit an affidavit undertaking that he has not been appointed against any civil post after retirement from military service.
12. No Objection Certificate issued by the Competent Authority in case of in-service candidates; whereever applicable.
13. Any proof of photo Identity.
14. Attestation form duly filled-in by the candidate and signed by a Gazetted Officer (to be downloaded from the website of the Commission).
15. The candidates are required to mention "Submited by me" and put their full signature and date of verification on each Xerox copy of documents.
16. Bio-data form (CIF) (to be downloaded and duly filled in with passport size photograph affixed).
17. Any other documents as per Para - 10 of the Advertisement.

OIPR-12002/11/0278/2223 **Sd./- Secretary**


# ଡେରାବିଶ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ଡେରାବିଶ୍ କଲେଜର ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥିମାନେ।

ଡେରାବିଶ,୨୨।୨(ସ୍ୱ.ପ୍ର.): ଡେରାବିଶ ମହା ବିଦ୍ୟାଳୟର ୪୩ ତମ ପ୍ରତିଷ୍ଠା ଦିବସ ବୁଧବାର ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ମୁଖ୍ୟ ଅତିଥିଭାବେ ଡେରାବିଶ ବିଡ଼ିଓ ଦାଶରଥି ଜେନା ଉଦ୍‌ଘାଟନ କରିବା ସହ ଏକ ସମୃଦ୍ଧ ଦେଶ ଗଠନରେ ଛାତ୍ରୀଛାତ୍ରମାନେ ସହାୟକ ହେବା ପାଇଁ କହିଥିଲେ । ମୁଖ୍ୟବକ୍ତାଭାବେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ବୌଦ୍ଧ ଗବେଷକ ଡ଼.ହରିଶ୍ଚନ୍ଦ୍ର ପୃଷ୍ଟି ଯୋଗଦେଇ ଡେରାବିଶର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତିର ଅବତାରଣା କରିବା ସହ ନିଜ ଅଞ୍ଚଳର ଐତିହ୍ୟକୁ ପ୍ରତ୍ୟେକ ଛାତ୍ରୀଛାତ୍ରମାନେ ଅବଗତ ହେବା ପାଇଁ ନିଜର ପ୍ରଚେଷ୍ଟା ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥିଭାବେ ତହସିଲଦାର ଅକ୍ଷୟ କୁମାର ପରିଡ଼ା, ଅଧ୍ୟାପକ ପ୍ରଭାକର ସାମଲ ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମଣିଷ ପଣିଆ ଭାବନା ତିଆରି କରିବା ସହ ନିଜକୁ ଜଣେ ଭଲ ମଣିଷ ଭାବେ ଗଢ଼ିତୋଳିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଏହି ଉତ୍ସବକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦେବବ୍ରତ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପକ ଅଶ୍ୱିନୀ କୁମାର ପୃଷ୍ଟି ସଂଯୋଜନା କରିଥିଲେ । ଅଧ୍ୟାପିକା ସୁବାସିନୀ ମିଶ୍ର ବେଦପାଠ କରିଥିଲେ । ଅଧ୍ୟାପକ ବୃନ୍ଦାବନ ଦାସ ଅତିଥି ପରିଚୟ, ଅଧ୍ୟାପକ ଗୁରୁଚରଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ଓ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରାଯାଇଥିଲା ।

# ୧୯୭୨ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ

**ପାଟକୁରା,୨୨।୨(ଡି.ଏନ୍.ଏ.):** ଗରଦପୁର ବ୍ଲକର କୋରୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୨ ବ୍ୟାଚ୍ ସହପାଠୀଙ୍କ ବନ୍ଧୁ ମିଳନ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ଶରତ ସେଠୀଙ୍କ ସଂଯୋଜନାରେ ଶୁକ ପରିକ୍ଷିତ ଆଶ୍ରମ ତଥା ପର୍ଯ୍ୟଟନ ସ୍ଥଳୀ କୁଦାନଗରୀଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହପାଠୀମାନେ ଦୀର୍ଘ ବର୍ଷ ପରେ ଏକାଠି ହୋଇଥିଲେ। ଏହି ଅବସରରେ ପୁରାତନ ଛାତ୍ର ଅଜି ମହାନ୍ତି, ପ୍ରସନ୍ନ ଜେନା, ଗୌରାଙ୍ଗ ସାହୁ, କେଲୁଚରଣ ସାହୁ, ଅଭିନ୍ନ ନାଥ, ଅଭୟ ମିଶ୍ର, ଉମାକାନ୍ତ ପଟ୍ଟନାୟକ, ପ୍ରଦୀପ୍ତ ମହାନ୍ତି, ଭରତ ଚନ୍ଦ୍ର ସେଠୀ, ଘନଶ୍ୟାମ ସ୍ୱାଇଁ, ଶରତ ରାଉତ, କୁଞ୍ଜବିହାରୀ ରାଉତ, କ୍ଷେତ୍ରବାସୀ ବାରିକ, ସୁବାସ ମହାନ୍ତି, ରଘୁନାଥ ସାହୁ, ଗଗନ ବିହାରୀ ମାହାଳି, ଶରତ ଜେନା, କୈଳାସ ଜେନା ପ୍ରମୁଖ ଉପସ୍ଥିତ ରହି ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଆସନ୍ତା ବର୍ଷ ପାଇଁ ବିଭିନ୍ନ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିଥିଲେ ।

# ମାଛଚାଷ, ଯୋଜନା ସମ୍ପର୍କରେ ସଚେତନତା ଶିବିର



ସଚେତନତା ଶିବିରରେ ଯୋଗଦେଇଥିବା ଅତିଥି।

**ରାଜନଗର, ୨୨।୨ (ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ମହୁଲିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ମାଛ ଚାଷ ଓ ଏଥିପାଇଁ ରହିଥିବା ରାଜ୍ୟ ତଥା କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଏକ ବ୍ଲକ୍‌ସ୍ତରୀୟ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମତ୍ସ୍ୟ ବିଭାଗ ସହଯୋଗରେ ବ୍ଲକ୍ ମତ୍ସ୍ୟ ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ରାଜନଗର ଏଏଫ୍‌ଓ ରାଜନକୁମାର ବେହେରା ଓ ଏସ୍‌ଏଫ୍‌ଟିଏ ବିକାଶ କୁମାର ନାୟକ ଯୋଗଦେଇ ମଧୁରଜଳ, କ୍ଷାରପାଣି ଓ ସାମୁଦ୍ରିକ ମାଛଚାଷ ତଥା ଉତ୍ପାଦନ ସଂକ୍ରାନ୍ତରେ କହିଥିଲେ। ଏଥିସହ ବିଭିନ୍ନ ଉଦାହରଣ ଦେଇ ଉପସ୍ଥିତ ଲୋକଙ୍କୁ ମାଛ ଚାଷ ପାଇଁ ପ୍ରୋତ୍ସାହିତ କରିଥିଲେ। ବିଶେଷକରି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଓ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ମାଛ ଚାଷ ପାଇଁ ପୋଖରି ଖନନ, ଯନ୍ତ୍ରାଂଶ ଓ ଯାଁଳ କିଣା ପାଇଁ ଦିଆଯାଉଥିବା ପ୍ରୋତ୍ସାହନ ରାଶି ତଥା ସବ୍‌ସିଡି ସମ୍ପର୍କରେ ସଚେତନ କରାଇଥିଲେ। ସେହିପରି ମତ୍ସ୍ୟ ବିଭାଗ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ରହିଥିବା ସ୍ୱତନ୍ତ୍ର ପ୍ରୋତ୍ସାହନ ଓ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଋଣ ସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ସ୍ଥାନୀୟ ସରପଞ୍ଚ ମଞ୍ଜୁଳା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାଛ ଚାଷ କରି ଆର୍ଥିକ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ।

# କେନ୍ଦ୍ର ସରକାର ଦେଶକୁ ଆଦାନୀ ହାତରେ ଟେକି ଦେଇଛନ୍ତି



ସମ୍ମିଳନୀରେ ଯୋଗଦେଇଥିବା କଂଗ୍ରେସ ନେତାମାନେ।

**କେନ୍ଦ୍ରାପଡ଼ା ଅଫିସ, ୨୨।୨**

ଗଣତନ୍ତ୍ର ନାମରେ ଦେଶରେ ଏବେ ଜଣତନ୍ତ୍ର ଶାସନ ଚାଲିଛି। କେନ୍ଦ୍ର ଶାସନରେ ଥିବା ମୋଦି ସରକାର ସାଧାରଣ ଜନତାଙ୍କ ରାଜସ୍ୱ ଅର୍ଥକୁ ହରିଲୁଟ କରୁଛନ୍ତି। ସେମାନଙ୍କ ପରିଶ୍ରମର ଜମା ଅର୍ଥକୁ ବ୍ୟବସାୟୀ ବନ୍ଧୁ ଆଦାନୀ ହାତରେ ଟେକି ଦେଇଛନ୍ତି ବୋଲି ଜିଲା କଂଗ୍ରେସ ପକ୍ଷରୁ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦର୍ଶାଯାଇଛି। ସହରର କଜଳାସ୍ଥିତ କଂଗ୍ରେସ ଭବନଠାରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଜିଲା ସଭାପତି ଅଂଶୁମାନ ମହାନ୍ତି, ବରିଷ୍ଠ ନେତା ଗଣେଶ୍ୱର ବେହେରା, ଚିନ୍ମୟ ପ୍ରସାଦ ବେହୁରା, ପ୍ରଫୁଲ୍ଲ ଦାସ, ଜୟନ୍ତ ମହାନ୍ତି ପ୍ରମୁଖ ଏହି ସମ୍ମିଳନୀରେ ସାମିଲ ହୋଇଥିଲେ। ସେମାନେ କହିଥିଲେ ଯେ, ଦେଶରେ ବେରୋଜଗାରୀ ବଢ଼ିଛି। ସେହିପରି ଦରଦାମ ବୃଦ୍ଧି, ଆର୍ଥିକ ବିଶୃଙ୍ଖଳା, ନିମ୍ନଗାମୀ ଅର୍ଥନୀତି ଆଇନ ଶୃଙ୍ଖଳା ପରିସ୍ଥିତି ଆଦି ଅତି ନିମ୍ନସ୍ତରରେ ଅଛି। ଏପରିସ୍ଥିତିରେ କେନ୍ଦ୍ର ସରକାରର ପରମ ବନ୍ଧୁ ବ୍ୟବସାୟୀ ଆଦାନୀଙ୍କୁ ସହାୟତା ଯୋଗାଇ ଦେବାରୁ ବିଶ୍ୱରେ ୩ୟ ତମ ଶ୍ରେଷ୍ଠ ଧନୀରେ ପରିଣତ କରିଥିଲେ। ଦେଶରେ ଥିବା ବ୍ୟାଙ୍କ ଓ ଏଲଆଇସିରେ ଗରିବଙ୍କ ଜମା ଟଙ୍କାକୁ ଆଦାନୀଙ୍କୁ ନିର୍ଦ୍ୱନ୍ଦ୍ୱରେ ଦିଆଯାଇଛି। ଫଳରେ ଗରିବଙ୍କ ଜମା ଟଙ୍କା ଭବିଷ୍ୟତ ଅନ୍ଧାରରରେ ରହିଥିବା ବେଳେ ଦେଶରେ ଅରାଜକତା ସୃଷ୍ଟି ହୋଇଛି। ଏ ନେଇ ଏମ୍‌ପି ତଥା କଂଗ୍ରେସ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସଂସଦରେ ଉଠାଇଥିବା ବେଳେ ସଂସଦ ବିବରଣୀରୁ କାଟି ଦିଆଯାଇଛି। ତାଙ୍କର ଭାଷଣକୁ ଲିପିବଦ୍ଧ କରିବା ସହ ଆଦାନୀଙ୍କ ସହିତ ଦେଶର ପୁଞ୍ଜିପତିଙ୍କ ସମ୍ପର୍କରେ ବ୍ୟାଙ୍କ ତଥ୍ୟ ପାଇଁ ଏହି ସମ୍ମିଳନୀରେ ଦାବି କରାଯାଇଛି।

# ସାମୁଦ୍ରିକ ବୋଟ୍ ଅଚଳ: କର୍ମଚାରୀ ବସି ଦରମା ନେଉଛନ୍ତି

**ପାରାଦୀପ,୨୨।୨(ସ୍ୱ.ପ୍ର.)**

**ସମୁଦ୍ର ପାଟ୍ରୋଲିଂ ପାଇଁ ମତ୍ସ୍ୟ ବିଭାଗ ଭଡ଼ାରେ ବୋଟ୍ ନେଉଛି**



ପାରାଦୀପ ମାଛଧରା ବନ୍ଦର ପରିସରରେ ରାଜ୍ୟ ମତ୍ସ୍ୟ ବିଭାଗ ପକ୍ଷରୁ ସମୁଦ୍ରରେ ପାଟ୍ରୋଲିଂ ପାଇଁ କିଣା ଯାଇଥିବା ବୋଟ ୩ ବର୍ଷ ହେଲା ଅଚଳ ହୋଇ ବର୍ଥରେ ବନ୍ଧା ହୋଇପଡିଛି। ଦେଢ କୋଟି ଟଙ୍କା ବିନିମୟରେ ଏହା ୨୦୦୭ରେ କିଣା ଯାଇଥିଲା। ପ୍ରାୟ ୧୨ ବର୍ଷ ସମୁଦ୍ରରେ ପାଟ୍ରୋଲିଂ କରିବା ପରେ ଖରାପ ହୋଇଥିଲା। ଏକାଧିକ ବାର ମରାମତି କରିବାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି। ଶେଷରେ ୨୦୧୯ ମତ୍ସ୍ୟ ବିଭାଗ ଉପ ନିର୍ଦ୍ଦେଶକ ପ୍ରତାପ ରାଉତ ଅନୁଧ୍ୟାନ କରିବା ପରେ ତାହା ଚଳନକ୍ଷମ ନୁହେଁ ବୋଲି ଘୋଷଣା କରିଥିଲେ। ସେବେଠାରୁ ବୋଟଟି ବର୍ଥରେ ଅଚଳ ରହିଛି। ଉକ୍ତ ବୋଟ୍ ପରିଚାଳନା ପାଇଁ ୬ ଜଣ ରେଗୁଲାର କର୍ମଚାରୀ ଥିଲେ। ଏହା ମଧ୍ୟରେ ୩ ଜଣ ଅବସର ନେଇ ସାରିଲେଣି। ଅବଶିଷ୍ଟ ୩ ଜଣ ଏବେବି ଅଛନ୍ତି। ସେମାନେ ବସି ବସି ଦରମା ପାଉଛନ୍ତି। ସମୁଦ୍ରରେ ମତ୍ସ୍ୟ ବିଭାଗ ପକ୍ଷରୁ ଯେତେବେଳେ ପାଟ୍ରୋଲିଂ ଆବଶ୍ୟକ ପଡୁଛି ସେତେବେଳେ ଭଡାରେ ବୋଟ ନେଇ କରାଯାଉଛି। ଆଲୁମିନିୟମ ଦ୍ୱାରା ନିର୍ମିତ ଏବଂ ୩୨୫ ହର୍ସ ପାୱାର ଡବଲ ଇଞ୍ଜିନ୍ ଥିବା ସି ହର୍ସ ବର୍ଷର ପ୍ରାୟ ୬ ମାସ ସମୁଦ୍ରରେ ପାଟ୍ରୋଲିଂ କରୁଥିଲା ବୋଲି ଏହାର ଚାଳକ ଏ. ଜେ. ରାଓ କୁହନ୍ତି। ପାରାଦୀପଠାରୁ ଗୋପାଳପୁର ଏବଂ ପାରାଦୀପଠାରୁ ଗହୀରମଥା ପର୍ଯ୍ୟନ୍ତ ପାଟ୍ରୋଲିଂ ହୁଏ। ଅଲିଭ୍ ରିଡେଲେ କଇଁଛ କଟକଣା ସମୟ ଓ ୨ମାସ ସାମୁଦ୍ରିକ ମାଛଧରା କଟକଣା ବେଳେ ଏହା ଅଧିକ କାମରେ ଲାଗିଥାଏ। ଏପରି କି ଅନ୍ୟ ମାଛଧରା ବୋଟ୍ ବିପଦରେ ଥିବା ବେଳେ ମଧ ଏହା କାମରେ ଲାଗୁଥିଲା। ଏବେ ସେ ସବୁ କାମ ଆଉ ହେଉନାହିଁ ବୋଲି ଚାଳକ ରାଓ କୁହନ୍ତି। ଏ ସମ୍ପର୍କରେ ଏହି ବୋଟ୍ ଦାୟିତ୍ୱରେ ଥିବା ଏଡିଏଫ୍ (ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ) ତୁଷାରକାନ୍ତ ମହାପାତ୍ରଙ୍କୁ ପଚାରିବାରେ ଉପରିସ୍ଥ ଅଧିକାରୀମାନେ ଆସି ଅନୁଧ୍ୟାନ କରି ଯାଇଛନ୍ତି। ଆଉ ଏକ ପାଟ୍ରୋଲିଂ ବୋଟ କିଣାଯିବାର ପ୍ରସ୍ତାବ ରହିଛି। ଯାହା ଉପରସ୍ତରର ଅଧିକାରୀମାନେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

# ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତାଙ୍କ ପରିବାର

**ପ୍ରେମ-ବିବାହ-ପ୍ରତାରଣା**

- ମାମଲା ରୁଜୁ ପାଇଁ ଲାଞ୍ଚ ମାଗୁଛନ୍ତି ଥାନାଧିକାରୀ: ପୀଡ଼ିତା
- ଅଭିଯୋଗ ସମ୍ପୂର୍ଣ୍ଣ ମିଛ: ଥାନା ଅଧିକାରୀ

ଫୁଲବାଣୀ ଅଫିସ, ୨୨।୨

ପ୍ରଥମେ ପ୍ରେମ । ପରେ ଚର୍ଚ୍ଚ ଏବଂ କୋର୍ଟ ମ୍ୟାରେଜ। କିଛିଦିନ ପରେ ପ୍ରତାରଣା । ଏଭଳି ଘଟଣା ଦେଖିବାକୁ ମିଳିଛି କୋଟଗଡ଼ ଥାନା ଅଞ୍ଚଳରେ। ବାହା ହୋଇ ବର୍ଷେ ବିତିଲା ପରେ ସ୍ୱାମୀ ଏବେ ସ୍ତ୍ରୀଙ୍କୁ ଘରକୁ ନେଉନାହାନ୍ତି। ଏ ନେଇ ପୀଡ଼ିତା(ସ୍ତ୍ରୀ) ଥାନାରେ ଅଭିଯୋଗ କରିଥିଲେ ହେଁ ପୋଲିସ ମାମଲା ରୁଜୁ କରୁନାହିଁ ଏଥିପାଇଁ ମୋଟା ଅଙ୍କର ଟଙ୍କା ଥାନାଧିକାରୀ ଦାବି କରୁଥିବା ଅଭିଯୋଗ କରିଛନ୍ତି ପୀଡ଼ିତା । ବାଧହୋଇ ପୀଡ଼ିତାଙ୍କ ସହ ତାଙ୍କ ପରିବାର ବୁଧବାର ଫୁଲବାଣୀ ଏସ୍‌ପିଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି।

କୋଟଗଡ଼ ଥାନା ସାଲକିବୁଡ଼ାଗୁଡ଼ା ସାଙ୍ଗଡ଼ମାହା ଗ୍ରାମର ରିଣ୍ଟୁ ଉଠାଣସିଂଙ୍କ ସହ ମାଦାଗୁଡ଼ା ଅଞ୍ଚଳ ସାର୍ତୁଲ ଗ୍ରାମର ସରିତା ସାନସେଟଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ୨୦୨୨ ଜୁନ ୧୫ରେ କେରଳ ଯାଇ ଓଟପାଲାମ ସ୍ଥିତ ଏକ ଚର୍ଚ୍ଚରେ ବିବାହ କରିଥିଲେ। ପରେ ସେଠାରୁ ଆସି ବାଲିଗୁଡ଼ା ନୋଟାରୀଙ୍କ ପାଖରେ ୨୦୨୨ ଜୁଲାଇ ୧୪ରେ ନିଜ ଇଚ୍ଛା ଅନୁସାରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିବା ସତ୍ୟପାଠ କରିଥିଲେ। ହେଲେ ରିଣ୍ଟୁଙ୍କ ପରିବାର ଲୋକେ ସରିତାଙ୍କୁ ବୋହୂ ଭାବେ ଗ୍ରହଣ କରି ନ ଥିଲେ।


ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ସରିତା ଓ ତାଙ୍କ ପରିବାର ।

ଶାଶୂଘରର ଲୋକେ ସରିତାଙ୍କୁ ମାଡ ମାରି ତଡ଼ି ଦେବା ସହିତ ଅଧିକ ଯୌତୁକ ଦାବି କରିଥିଲେ। ଏଥିସହ ରିଣ୍ଟୁଙ୍କୁ ପରିବାର ଲୋକେ ଲୁଚାଇ ରଖିଥିଲେ। ଏ ନେଇ ସରିତା କୋଟଗଡ଼ ଥାନାରେ ଗତ ଜାନୁଆରୀ ୨୩ରେ ଲିଖିତ ଅଭିଯୋଗ କରିଥିଲେ ହେଁ ଥାନାଧିକାରୀ ଆଜି ପର୍ଯ୍ୟନ୍ତ ମାମଲା ରୁଜୁ କରିନାହାନ୍ତି । ଏଥିପାଇଁ ଅର୍ଥ ଦାବି କରୁଥିବା ସରିତା ଅଭିଯୋଗ କରି ବୁଧବାର ଏସ୍‌ପିଙ୍କୁ ଭେଟିଛନ୍ତି।

ସରିତା କହିଛନ୍ତି, ଶାଶୂ ଘର ଲୋକେ ମୋତେ ନିର୍ଯାତନା ଦେବା ସହିତ ଘରୁ ତଡ଼ିଦେଲେ। ସେମାନେ ଘରେ ତାଲା ପକାଇ କୁଆଡ଼େ ଚାଲିଗଲେ । ମୁଁ ୩ ଦିନ ଶାଶୂ ଘର ବାରଣ୍ଡାରେ ରହିଲି। ତଥାପି ସେମାନେ ଆସିଲେ ନାହିଁ। ମୁଁ ବାଧହୋଇ ଥାନାରେ ଗତ ଜାନୁଆରୀ ୨୩ରେ ଏତଲା ଦେଇଥିଲେ ମଧ୍ୟ ମାମଲା ରୁଜୁ କଲେନାହିଁ। ଓଲଟି ଥାନାଧିକାରୀ ୩୦ ହଜାର ଟଙ୍କା ମାଗିଲେ । ଆମେ ଗରୀବ ଶ୍ରେଣୀର ଲୋକ । ତଥାପି ମୋ ବାପା ୧୫ ହଜାର ଟଙ୍କା ଦେଇଛନ୍ତି । ହେଲେ ମାମଲା ରୁଜୁ କରୁନାହାନ୍ତି, କି କିଛି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି । ଥାନାରେ ସିସିଟିଭି ଫୁଟେଜ ଯାଞ୍ଚ କଲେ ସେ ଟଙ୍କା ନେବାର ସମସ୍ତ ତଥ୍ୟ ପଦାକୁ ଆସିବ। ଏବେ ଥାନାଧିକାରୀ ମୋତେ କହୁଛନ୍ତି କି ତୁ ସେ ପିଲାକୁ ଛାଡ଼ । ମୁଁ ତୋ ପାଇଁ ଆଉ ଗୋଟିଏ ପିଲା ଠିକ୍ କରିଦେବି । ମୋତେ ଏଭଳି କଥା କହୁଥିବାରୁ ବାଧ ହୋଇ ଏସ୍‌ପିଙ୍କୁ ଭେଟିବାକୁ ଆସିବା ସହ ଘଟଣା ସମ୍ପର୍କରେ ଲିଖିତ ଭାବେ ଜଣାଇଛି ବୋଲି କହିଛନ୍ତି। ଏ ନେଇ କୋଟଗଡ ଥାନାଧିକାରୀ ଓମ୍ ନାରାୟଣ ପାତ୍ରଙ୍କୁ ପଚାରିବାରୁ, କିଏ ପଇସା ଦେଇଛି ନ ଦେଇଛି ତାହା ଆମର କ୍ୟାମେରା କହିବ । ମୁଁ ସେ କେଶ୍ ବୁଝୁ ନ ଥିଲି। ଆଉ ଜଣେ ବୁଝୁଥିଲେ। ମୋତେ ସେମାନେ କୌଣସି ରିପୋର୍ଟ ଦେଇନାହାନ୍ତି। ତାଙ୍କୁ ଥାନାକୁ ଆଣି ଆସନ୍ତୁ ବୋଲି କହିଛନ୍ତି। କିଏ ମିଛରେ କହିଲେ ମୁଁ କ'ଣ କହିବି । ସେମାନେ ଯେଉଁ ଦିନ ଏତଲା ଦେଇଥିଲେ, ସେତେବେଳେ ମୁଁ ଛୁଟିରେ ଥିଲି ବୋଲି କହିଛନ୍ତି।

# ମହିଳା ଜୀବିକା ସୁରକ୍ଷା ମଞ୍ଚର ଦାବିପତ୍ର ପ୍ରଦାନ

ଦଶପଲ୍ଲା ୨୨।୨(ଡି.ଏନ୍.ଏ.)

ମହିଳା ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ବୁଧବାର ୭ ଦଫା ଦାବି ନେଇ ଏକ ଦାବିପତ୍ର ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ମହିଳା ଜୀବିକା ସୁରକ୍ଷା ମଞ୍ଚର ସଂଯୋଜକ କୁନାକାନ୍ତ ନାଏକଙ୍କ ନେତୃତ୍ୱରେ ସଦସ୍ୟମାନେ ଦଶପଲ୍ଲା ବ୍ଲକ ପରିସରରେ ପହଞ୍ଚି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମଧ୍ୟରେ ଦଶପଲ୍ଲା ବ୍ଲକ ମଧ୍ୟରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଅଙ୍ଗନୱାଡ଼ି ଘର ଗୁଡ଼ିକ ସମ୍ପୂର୍ଣ୍ଣ କରିବା, ସମସ୍ତ ଗ୍ରାମକୁ କଂକ୍ରିଟ ରାସ୍ତା ଓ ରାସ୍ତାଗୁଡ଼ିକର ମରାମତି, ବର୍ଷା ଦିନ ପୂର୍ବରୁ ଗ୍ରାମାଞ୍ଚଳରେ ଥିବା ଡ୍ରେନଗୁଡ଼ିକୁ ସଫେଇ କରିବା। ନଳକୂପ ଓ ପଥର କୂପଗୁଡ଼ିକ ମରାମତି କରିବା ଆଦି ମୁଖ୍ୟ ଦାବି କରାଯାଇଛି । ବିଡ଼ିଓଙ୍କ ଅନୁପସ୍ଥିତିରେ ବ୍ଲକର ମୁଖ୍ୟ କିରାଣୀ ଅକ୍ରୁର କୁମାର ଜାନୀଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି।


ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଗଣ ବଳାତ୍କାରୀଙ୍କୁ ଧରୁନି ପୋଲିସ

ଫୁଲବାଣୀ ଅଫିସ,୨୨।୨:

କୋଟଗଡ଼ ଥାନା ଅଞ୍ଚଳର ଜଣେିକା ମହିଳାଙ୍କୁ ୨୦୨୨ ଅକ୍ଟୋବର ୧୯ରେ ଗଣ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ୪ ଜଣ ସାମିଲ ଥିବା ବେଳେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୩ ଜଣଙ୍କୁ ଆଜି ପର୍ଯ୍ୟନ୍ତ ଗିରଫ କରିପାରିନାହିଁ। ଏ ନେଇ ପୀଡ଼ିତା ବାରମ୍ବାର କୋଟଗଡ଼ ଥାନାଧିକାରୀଙ୍କୁ ଅବଗତ କରୁଥିଲେ ସୁଧା ସେ କିଛି ଶୁଣୁ ନାହାନ୍ତି । ଓଲଟି ଗିରଫ କରିବା ଲାଗି ଅର୍ଥ ଦାବି କରୁଛନ୍ତି । ଫଳରେ ବାଧ ହୋଇ ପୀଡ଼ିତା ବୁଧବାର ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ପୀଡ଼ିତାଙ୍କ କହିବା ଅନୁସାରେ, ସେ ରାୟଗଡ଼ା ଜିଲା ଚନ୍ଦ୍ରପୁର ଅଞ୍ଚଳର ବିବାହ କରିଥିଲେ। ତାଙ୍କ ସ୍ୱାମୀ ବିଗତ ୩ ବର୍ଷ ହେବ ଜେଲରେ ଅଛନ୍ତି। ପୀଡ଼ିତା ୨୦୨୨ ଅକ୍ଟୋବର ମାସରେ ତାଙ୍କ ବାପ ଘରକୁ ଆସିଥିଲେ। ସେହିମାସ ୧୯ ତାରିଖରେ ସେ ଘର ପଛପଟକୁ ଶୌଚ କରିବାକୁ ଯାଇଥିବା ବେଳେ ଗ୍ରାମର ଦାମୋଦର ନାୟକ ତାଙ୍କୁ ଛୁରି ଦେଖାଇ ଭୟଭୀତ କରି ବଳାତ୍କାର କରିଥିଲେ । ଅନ୍ୟ ୩ ଜଣ ତାଙ୍କୁ ସହଯୋଗ କରିଥିଲେ। ଘଟଣା ବିଷୟରେ କାହାକୁ ନ କହିବା ପାଇଁ ଧମକ ଦେଇଥିଲେ। ତେବେ ଏ ନେଇ ପୀଡ଼ିତା ୨୧ ତାରିଖରେ ଥାନାରେ ଏତଲା ଦେଇଥିଲେ । ପୋଲିସ ଦାମୋଦରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ହେଲେ ଅନ୍ୟ ଅଭିଯୁକ୍ତମାନଙ୍କୁ ଆଜି ପର୍ଯ୍ୟନ୍ତ ଗିରଫ କରୁନାହିଁ । ବର୍ତ୍ତମାନର ଥାନାଧିକାରୀ ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ଅର୍ଥ ଦାବି କରୁଛନ୍ତି ବୋଲି ପୀଡ଼ିତା ଅଭିଯୋଗ କରିଛନ୍ତି। ଘଟଣା ନେଇ ଥାନାଧିକାରୀ ପାତ୍ର ସେହି ପୂର୍ବ କଥା ଦୋହରାଇଛନ୍ତି । ମୋ ସମୟରେ ଏହା ହୋଇନାହିଁ। ସେତେବେଳର ଥାନାଧିକାରୀ ଏହି କେଶ୍ ନେଇଥିଲେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି । ସମ୍ପୃକ୍ତ ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପୀଡ଼ିତା ଦାବି କରିଛନ୍ତି ।

# ଫାଇଲେରିଆ ନିରାକରଣ ସଚେତନତା ଅଭିଯାନ



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ସଦସ୍ୟମାନେ ।

ଦଶପଲ୍ଲା,୨୨।୨(ଡି.ଏନ୍.ଏ.)

ଫାଇଲେରିଆ ବା ବାତଜ୍ୱରର ସମ୍ପୂର୍ଣ୍ଣ ନିରାକରଣ ପାଇଁ ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ସ୍ୱେଚ୍ଛାସେବୀମାନେ ଘର ଘର ବୁଲି ଫେବୃଆରୀ ୧୦ରୁ ଲୋକମାନଙ୍କୁ ଔଷଧ ବଣ୍ଟନ କରୁଛନ୍ତି। ଏହି ଅଭିଯାନକୁ ସଫଳ କରିବା ପାଇଁ ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ସୁରଭି ତରଫରୁ ଗଣ ସଚେତନତା କାର୍ଯ୍ୟକ୍ରମ ଫେବୃଆରୀ ୧ରୁ ଆରମ୍ଭ ହୋଇଛି। ଫାଇଲେରିଆ ରୋଗରୁ ରକ୍ଷା ପାଇବା ଓ ଏହାର ପ୍ରତିଷେଧକ ବଟିକା ସେବନ ପାଇଁ ଜନ ସଚେତନତା ସୃଷ୍ଟି କରାଯାଉଛି। ଆଶା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କ ସହଯୋଗରେ ଗ୍ରାମ ଗୋଷ୍ଠୀମାନଙ୍କ ସହିତ ଆଲୋଚନା କରି ଏହି ରୋଗର କାରଣ ଓ ନିରାକରଣ ବିଷୟରେ ଜନସଚେତନତା କରାଯାଉଛି। ରେଡ଼ିଓ ସୁରଭି ତରଫରୁ ସାମାଜିକ ଗଣମାଧ୍ୟମ ଓ ଅନ୍ୟାନ୍ୟ ଗଣମାଧ୍ୟମ ଜରିଆରେ ଏହି ଜନସଚେତନତା ବାର୍ତ୍ତା ଲୋକମାନଙ୍କ ଉଦ୍ଦେଶ୍ୟରେ ପ୍ରଚାର କରାଯାଉଛି। ଫାଇଲେରିଆ ରୋଗର ବିଭିନ୍ନ କାରଣ, ଏହାର ସ୍ଥାୟୀ ନିରାକରଣ ଏବଂ ଏଥିରେ ଥିବା ବିଭିନ୍ନ ସମସ୍ୟା ବିଷୟରେ ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ସୁରଭି ୯୦.୪ ଦଶପଲ୍ଲା ତରଫରୁ ଏହି ଅଭିଯାନ ଚାଲୁ ରହିଛି । ଏହା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ବର୍ଷକୁ ଥରେ ମାତ୍ର ଔଷଧ ସେବନ ଦ୍ୱାରା ଏହି ରୋଗରୁ ମୁକ୍ତି ମିଳିପାରିବ ରେଡ଼ିଓ ସୁରଭି, ତରଫରୁ କୁହାଯାଇଛି।

# ନାବାଳିକା, ମହିଳାଙ୍କ ଆତ୍ମହତ୍ୟା

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨୨।୨

କନ୍ଧମାଳ ଜିଲା ଗୋଛାପଡ଼ା ଏବଂ ଫିରିଙ୍ଗିଆ ଥାନା ଅଞ୍ଚଳରେ ବୁଧବାର ପୃଥକ ସ୍ଥାନରେ ଜଣେ ନାବାଳିକା ଓ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇଛି। ହେଲେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି ।

ସୂଚନା ଅନୁସାରେ, ଗୋଛାପଡ଼ା ଥାନା ଦାମାରେଜୁ ଗାଁର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗତ ସୋମବାର ସକାଳୁ ଘରୁ ବାହାରିଯାଇ ଆଉ ଫେରି ନ ଥିଲେ । ବୁଧବାର ସକାଳେ ଗାଁ ନିକଟ ଜଙ୍ଗଲ କିଛି ଦୂରରେ ଥିବା ଗୋଟିଏ ଗଛରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ କିଛି ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ନାବାଳିକାଙ୍କ ବାପା ଏ ନେଇ ଥାନାକୁ ଅବଗତ କରିଥିଲେ । ପୋଲିସ ପହଁଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ଘଟଣାର ଅଧିକ ତଦନ୍ତ ଚାଲୁ ରହିଥିବା ଥାନାଧିକାରୀ ରଞ୍ଜିତ କୁମାର ମୁନି ସୂଚନା ଦେଇଛନ୍ତି । ସେହିପରି ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ ମଗମୁଣ୍ଡା ଗାଁ ମିଣିଆ ଡପି ସାହିର ଜଣେ ୪୫ ବର୍ଷୀୟ ମହିଳା ଗାଁ ନିକଟ ଜଙ୍ଗଲରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଗତ ମଙ୍ଗଳବାର ସକାଳେ ମହିଳା ଜଣକ ନିଜ ପୁଅ ଓ ଝିଅକୁ ସ୍କୁଲ୍ ନେଇ ଯାଇଥିଲେ। ସେଠାରୁ ଫିରିଙ୍ଗିଆ ଯାଇ ଆସିବେ ବୋଲି ଘରେ କହିଥିଲେ । ହେଲେ ଫେରି ନ ଥିଲେ। ବୁଧବାର ସକାଳେ ଗାଁ ନିକଟ ଏକ ଆମ୍ବ ଗଛରେ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ କିଛି ଲୋକେ ଦେଖି ତାଙ୍କ ସ୍ୱାମୀ କୃପାଧର କହଁରଙ୍କୁ ସୂଚନା ଦେଇଥିଲେ । ଫିରିଙ୍ଗିଆ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ମୃତ୍ୟୁର କାରଣ ଜଣା ପଡ଼ି ନଥିବା ବେଳେ ଘଟଣାର ଅଧିକ ତଦନ୍ତ ଚାଲୁରହିଛି ବୋଲି ଥାନାଧିକାରୀ ତପନ କୁମାର ନାହାକ ସୂଚନା ଦେଇଛନ୍ତି ।

# ଜାନିବିଲ ବ୍ରହ୍ମପୁର ବୃହତ୍ ଜଳ ଯୋଗାଣ କର୍ମଚାରୀ ସଂଘର ଧାରଣା

ବ୍ରହ୍ମପୁର ଅଫିସ,୨୨।୨

ଜାନିବିଲ ବ୍ରହ୍ମପୁର ବୃହତ୍ତ ଜଳ ଯୋଗାଣ କର୍ମଚାରୀ ସଂଘ ପକ୍ଷରୁ ସହର ଉପକଣ୍ଠସ୍ଥ ଜାନିବିଲି ପ୍ରକଳ୍ପ ସମ୍ମୁଖରେ ବିଭିନ୍ନ ଦାବି ନେଇ ବୁଧବାର ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାବିଗୁଡିକ ମଧ୍ୟରେ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ପ୍ରତ୍ୟେକ ମାସର ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଦରମା, କର୍ମଚାରୀଙ୍କ ମଧ୍ୟରେ ଦରମା ପ୍ରଦାନ କ୍ଷେତ୍ରରେ ପାନ୍ତର ଅନ୍ତର ନ କରିବା, ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିବା କର୍ମଚାରୀଙ୍କ ଦରମା ବୃଦ୍ଧି, ଡିସେମ୍ବର ୨୦୨୨ଠାରୁ ୨୦୨୩ ଫେବୃଆରୀ ଯାଏ ବକେୟା ଦରମା ପ୍ରଦାନ ପାଇଁ ସଂଘ ଦାବି କରିଛି।

କର୍ମଚାରୀଙ୍କୁ ଠିକ ସମୟରେ ପ୍ରାପ୍ୟ ପାଇପାରୁ ନ ଥିବାରୁ ସେମାନଙ୍କର ପରିବାର ପ୍ରତିପୋଷଣ କ୍ଷେତ୍ରରେ ବାଧା ସୃଷ୍ଟି ହେଉଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏଣୁ ଆସନ୍ତା ୩ ଦିନ ମଧ୍ୟରେ ସମସ୍ୟା ସମାଧାନ ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ବିକ୍ଷୋଭ ସମୟରେ ଶଙ୍କର ରାଉତ, ଦୀପକ ମହାରଣା, ଦୀପକ ସାହୁ, ପ୍ରଶାନ୍ତ କୁମାର ପଣ୍ଡା, ଏନ୍. କାଳିଆ ପ୍ରଧାନ, ମିଙ୍କୁ ପଟ୍ଟନାୟକ, ସୁନୀଲ ଦାଶ ଓ ସୁମନ ସାହୁଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।


ଜାନିବିଲି ପ୍ରକଳ୍ପ ସମ୍ମୁଖରେ କର୍ମଚାରୀମାନେ ଧାରଣାରେ ବସିଛନ୍ତି।


## ODISHA PUBLIC SERVICE COMMISSION, CUTTACK

**NOTICE**

No. 1920/PSC Dt.22.02.2023
(DR - IV) (2PH-02-2022-23)

No. D-328: It is for information of all provisionally qualified candidates relating to recruitment for the post of **Assistant Director (Law)**, pursuant to Advertisement No. 22 of 2021-22 that the Document Verification and Viva Voce Test will be conducted from **02.03.2023 to 04.03.2023** as per the following programme.

The candidates are required to reach the office of OPSC at 19, Dr. P.K. Parija Road, Cuttack - 753001, **30 minutes before** the commencement of document verification as per the scheduled programme.

**PROGRAMME FOR VERIFICATION OF ORIGINAL CERTIFICATES/DOCUMENTS etc.**

| Date of | Time of Verification | Time of Viva Voce Test | Roll Nos. of Candidates to be verified | Board |
|---|---|---|---|---|
| 02.03.2023 | 09.00 A.M. | 10.45 A.M. | 100031, 100033, 100060, 100099, 100146, 100168, 100202, 100205, 100219, 100289, 100303 = **11 Candidates** | Board - I |
| | | | 100353, 100418, 100473, 100476, 100491, 100502, 100511, 100518, 100544, 100546, 100555 = **11 Candidates** | Board - II |
| | 01.00 P.M. | 03.00 P.M. | 100569, 100570, 100711, 100769, 100808, 100830, 100873, 100891 = **08 Candidates** | Board - I |
| | | | 100907, 100933, 100994, 101005, 101010, 101025, 101034, 101035 = **08 Candidates** | Board - II |
| 03.03.2023 | 09.00 A.M. | 10.45 A.M. | 101051, 101073, 101130, 101182, 101204, 101256, 101266, 101283, 101290, 101295, 101302 = **11 Candidates** | Board - I |
| | | | 101315, 101384, 101395, 101519, 101530, 101542, 101565, 101602, 101603, 101654, 101702 = **11 Candidates** | Board - II |
| | 01.00 P.M. | 03.00 P.M. | 101705, 101714, 101747, 101752, 101764, 101775, 101783, 101840 = **08 Candidates** | Board - I |
| | | | 101899, 101925, 101932, 101949, 102040, 102077, 102080, 102089 = **08 Candidates** | Board - II |
| 04.03.2023 | 09.00 A.M. | 10.45 A.M. | 102119, 102186, 102187, 102219, 102223, 102240, 102278, 102288, 102297, 102322, 102352 = **11 Candidates** | Board - I |
| | | | 102354, 102377, 102382, 102429, 102444, 102451, 102458, 102526, 102533, 102569, 102701 = **11 Candidates** | Board - II |
| | 01.00 P.M. | 03.00 P.M. | 102731, 102793, 102827, 102828, 102830, 102837, 102845 = **07 Candidates** | Board - I |
| | | | 102848, 102861, 102869, 102878, 102889, 102916, 102924 = **07 Candidates** | Board - II |

**N.B.:** The documents of the concerned candidates shall be verified on the same day before commencement of Viva Voce Test as per the above schedule. The candidates who are having V.V. Test in **Morning Session** must report in Office of the Commission sharply at **08.30 A.M.** and those having V.V. Test in the **Afternoon Session** must report **at 12.30 P.M.** positively.

It is also made clear that the candidature of these candidates for the above recuritment is purely provisional. The candidature is liable to rejection in the event of inadequacy/deficiency found at any stage before or after the verification of original certificates/documents and is subject to fulfilment to terms & conditions as laiddown in the Advertisement.

**THE CANDIDATES ARE REQUIED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VRIFICATION:**

1. Hard copy of online application from Mentioning Roll No. at the Top Right-Hand Corner. Application forms are available in the website of the Commission. The candidates are requied to download the same using their respective username/mobile number/e-mail and password/OTP etc. through Admin Login Section of the OPSC website.
2. Three (03) Passport Size Photographs tagged with the Application Form and One (01) pasted at space provided in the CIF (Candidate Information Form).
3. H.S.C. or Equivalent Certificate in support of declaration of age.
4. Bachelor's Degree Certificate in Law and Law Degree Marksheets from any recognized Unviersity in India.
5. Certificate showing adequate knwoledge in Computer Application.
6. Required Odia Test Pass Certificate issued within 31.12.2021.
7. In-service Certificate from the Competent Authority mentioning continuation in Government Service in case of in-service candidate availing age relaxation.
8. Caste Certificate by Birth in support of claim as SCs/STs/S.E.B.Cs (Please see and refer Note - 1 of the Advertisement) issued within
9. Recent SEBC Certificate (issued within 01.01.2019 to 31.12.2021), whereever applicable.
10. Permanent Disability Certificate indicating percentage of disability (i.e., 40% and more).
11. Discharge Certificates in case of Ex-Serviceman issued by the Commanding Officer of the Unit last served. Ex-Serviceman candidates must submit an affidavit undertaking that he has not been appointed against any civil post after retirement from military service.
12. No Objection Certificate issued by the Competent Authority in case of in-service candidates; whereever applicable.
13. Any proof of photo Identity.
14. Attestation form duly filled-in by the candidate and signed by a Gazetted Officer (to be downloaded from the website of the Commission).
15. The candidates are required to mention "Submited by me" and put their full signature and date of verification on each Xerox copy of documents.
16. Bio-data form (CIF) (to be downloaded and duly filled in with passport size photograph affixed).
17. Any other documents as per Para - 10 of the Advertisement.

**OIPR-12002/11/0278/2223** **Sd./- Secretary**

# ମାଛ, ଚିଙ୍ଗୁଡ଼ି ଚାଷରେ ମାରାତ୍ମକ ଆଣ୍ଟିବାୟୋଟିକ୍ସ

- ୨୦ ପ୍ରକାର ଔଷଧ ମିଶ୍ରଣ ଉପରେ ନିଷେଧାଦେଶ
- ଚିଙ୍ଗୁଡ଼ି ଜାହାଜକୁ ବିଦେଶରେ ଫେରାଇ ଦେଲେ
- ଖାଇଲେ ବିକାର, ରକ୍ତହୀନତା, କର୍କଟ ଭଳି ରୋଗର ସମ୍ଭାବନା ଅଛି



ଏକ ଚିଙ୍ଗୁଡ଼ି ଘେରି ଓ ଘେରିରେ ଚାଷ କରାଯାଉଥିବା ଭେନାମି ଚିଙ୍ଗୁଡ଼ି।

ପାରାଦୀପ, ୨୨।୨(ସ୍ୱ.ପ୍ର.)

ସମ୍ପ୍ରତି ଉପକୂଳବର୍ତ୍ତୀ ଓଡ଼ିଶାର ଅନେକ ସ୍ଥାନରେ ମାଛ ଓ ଭେନାମି ଚିଙ୍ଗୁଡ଼ି ଚାଷ ଅଧିକ ମାତ୍ରାରେ ହେଉଛି। ସ୍ୱଳ୍ପ ସମୟ ମଧ୍ୟରେ ଅଧିକ ମାଛ ଓ ଚିଙ୍ଗୁଡ଼ି ଉତ୍ପାଦନ ପାଇଁ କେତେଜଣ ଚାଷୀ ବିଭିନ୍ନ ପ୍ରକାର ରାସାୟନିକ ଔଷଧ ପୋଖରୀରେ ଚାଷ ବେଳେ ବ୍ୟବହାର କରୁଛନ୍ତି। ଏପରି ଆଣ୍ଟିବାୟୋଟିକ୍ସ ଔଷଧ ମିଶୁଥିବା ମାଛ ଓ ଚିଙ୍ଗୁଡ଼ି ବିଦେଶକୁ ରପ୍ତାନି କରାଯାଉଛି। ସେହି ରପ୍ତାନିଯୋଗ୍ୟ ମାଛ ଓ ଚିଙ୍ଗୁଡ଼ିକୁ ୟୁରୋପୀୟ ଦେଶଗୁଡ଼ିକ ବ୍ୟାନ୍ କଲେଣି। ସେଥିପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଓଡ଼ିଶା ସରକାରଙ୍କ ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ଉନ୍ନୟନ କର୍ତ୍ତୃପକ୍ଷ (ଏମ୍‌ପିଇଡିଏ) ୨୦ ପ୍ରକାର ଆଣ୍ଟିବାୟୋଟିକ୍ସ ଔଷଧ ବ୍ୟବହାର ଉପରେ ନିଷେଧାଦେଶ ଜାରି କରିଛନ୍ତି। ସେଗୁଡ଼ିକ ହେଲା ୧-କ୍ଲୋରାମ୍‌ଫେନିକଲ, ୨-ନାଇଟ୍ରୋଫୁରାନ୍ସ ଏବଂ ଏହାର ଅନ୍ତର୍ଗତ ଫୁରାଜାଲିଡନ, ଫୁରାଲାଟଜୋନ୍, ଫୁରିଲଫଉରାମାଇଡ୍, ନାଇଟ୍ରୋଫ୍ୟୁରାଣ୍ଟନ, ନିଫଉରାଟେଲ୍, ନିଫୁରୋଜାଇମ୍, ନିଫୁପ୍ରଜାଇନ୍, ନାଇଟ୍ରୋ ଫୁରାଇନ୍, ୩- ନିୟୋମାଇସିନ୍, ୪-ନାଲିଡିକଶିକ୍ ଏସିଡ୍, ୫- ସାଇଫା ମିଥୋସ୍କାଜୋଲ, ୬- ଆରିଷ୍ଟୋଲେଚିଆ ଓ ତାର ଉପାଦାନ, ୭- କ୍ଲୋରୋଫର୍ମ, ୮- କ୍ଲୋରୋପ୍ରୋମାଜିନ, ୯- କଲଚିସାଇନ୍, ୧୦-ଡାପସନ୍, ୧୧-ଡିମିଟ୍ରିଇଡାଜଲ୍, ୧୨-ମେଟ୍ରୋନିଡାଜୋଲ୍, ୧୩- ରନିଡ଼ାଜୋଲ, ୧୪- ଆଇପ୍ରନିଡାଜୋଲ, ୧୫-ଅନ୍ୟାନ୍ୟ ନାଇଟ୍ରୋମିଡ଼ାଜୋଲ, ୧୬-କ୍ଲେନବୁଟେରାଲ, ୧୭-ଡାଇ ଇଥାଇଲ ଷ୍ଟିଲ ବେଷ୍ଟରୋଲ, ୧୮- ସାଲଫୋନାମାଇଡ ଔଷଧ(ସ୍ୱୀକୃତିପ୍ରାପ୍ତ ଡାଇମିଥେଶକସିନ, ସଲଫାବ୍ରୋମୋ ମିଥଶଜିନ ଓ ସଲ୍‌ଫସ ଇକୋକ୍ସି ପାଇରାଇଡଶଜିନ୍ ବ୍ୟତୀତ), ୧୯-ଫ୍ଲୋରୋ କୁଇନୋଲୋନ୍ସ ଓ ୨୦-ଗ୍ଲାଇକୋ ପେପ୍ ଟାଇଡସ୍।

ଏହାକୁ ବ୍ୟବହାର କଲେ ଏବଂ ଖାଇଲେ ତା'ର କୁପ୍ରଭାବ ସମ୍ପର୍କରେ ସିଫା (ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫ୍ରେଶ୍‌ୱାଟର ଆକ୍ୱାକଲ୍‌ଚର)ର ବୈଜ୍ଞାନିକ ଡା. ଅମ୍ବିକା ପ୍ରସାଦ ରାୟ କୁହନ୍ତି, ଅନେକ ସମୟରେ ରୋଗ ପ୍ରତିଶେଧକ କିମ୍ବା ଉପଚାର ପାଇଁ ବ୍ୟବହୃତ ଆଣ୍ଟିବାୟୋଟିକ ଔଷଧ ଅବଶିଷ୍ଟାଂଶ ଚାଷ ହେଉଥିବା ଭେନାମି ଚିଙ୍ଗୁଡ଼ିର ଜୀବକୋଷରେ ରହିଥାଏ। ଏହି ଚିଙ୍ଗୁଡ଼ି ଖାଇଲେ ମନୁଷ୍ୟ ଶରୀରରେ ଆଲର୍ଜି, ଆନ୍ତ୍ରିକ ରୋଗ ହେଲା ଭଳି ସମସ୍ୟା ସୃଷ୍ଟି ହୁଏ। ଖାଦ୍ୟରେ କ୍ଲୋରାମଫେନିକଲ ପ୍ରଭାବରେ ରକ୍ତହୀନତା, ଅସ୍ଥିମଜାଗତ ଦୂରାରୋଗର କାରଣ ପାଲଟିଥାଏ। ନାଇଟ୍ରୋଫୁରାନ୍ସ ଆଣ୍ଟିବାୟୋଟିକ୍ସ ପାଇଁ କର୍କଟ ଭଳି ମାରାତ୍ମକ ରୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ସେଥିପାଇଁ ନିରାପଦ ମାଛ ଓ ଚିଙ୍ଗୁଡ଼ି ଉତ୍ପାଦନ ଲାଗି ଉପରୋକ୍ତ ୨୦ ପ୍ରକାର ଆଣ୍ଟିବାୟୋଟିକ୍ସ ଔଷଧକୁ ନିଷେଧ କରାଯାଇଛି।

ଓଡ଼ିଶାର ମାଛ ଚାଷୀମାନେ କିନ୍ତୁ କେତେକ ସ୍ଥାନରେ ଏଭଳି ଆଣ୍ଟିବାୟୋଟିକ ଔଷଧ ବ୍ୟବହାର କରୁଥିବା ଅଭିଯୋଗ ହୁଏ। କାରଣ ମାଛଘେରିରୁ ରପ୍ତାନି ହୋଇଥିବା ଚିଙ୍ଗୁଡ଼ି ଜାହାଜ ୨୦୨୨ ମସିହାରେ ବିଦେଶରୁ ଫେରିଥିଲା ବୋଲି ଏମ୍‌ପିଇଡିଏ ସଂଯୋଜକ ଗୟାଧର ଜେନା କହିଛନ୍ତି। କିନ୍ତୁ ଆମ ଦେଶରେ ଏହା ଅବାଧରେ ଚାଲିଛି, ବିଶେଷକରି ଭୋଜିରେ ଏଭଳି ଚିଙ୍ଗୁଡ଼ି ଅଧିକ ଲୋକ ଖାଉଛନ୍ତି। ଏହାର ବଜାର ମୂଲ୍ୟ କିଲୋ ପିଛା ୨୫୦ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି ବୋଲି ଅଠରବାଙ୍କୀ ବାଲିପ୍ଲଟ ଅଞ୍ଚଳର ମାଛ ବ୍ୟବସାୟୀ ପରେଶ ମଣ୍ଡଳ କହିଛନ୍ତି। ଏପରି ଭେନାମି ଚିଙ୍ଗୁଡ଼ି ଖାଇବା ଦ୍ୱାରା ଆମେ ଅଜାଣତରେ ଅନେକ ରୋଗକୁ ଆମନ୍ତ୍ରଣ କରୁଛେ। ଏହାକୁ ବନ୍ଦ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଯାଜପୁରରେ ୨, କେନ୍ଦ୍ରାପଡ଼ା ଜିଲ୍ଲାକୁ ନାହିଁ


ସିଟି ହସ୍ପିଟାଲ ସ୍ଥାପନ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଆନ୍ଦୋଳନ।

## ସିଟି ହସ୍ପିଟାଲ ସ୍ଥାପନ ଦାବି ତେଜିଲା

କେନ୍ଦ୍ରାପଡ଼ା ଅଫିସ, ୨୨।୨

ରାଜ୍ୟ ସରକାରଙ୍କ ସ୍ୱାସ୍ଥ ଓ ପରିବାର ମଙ୍ଗଳ ବିଭାଗ ପକ୍ଷରୁ ରାଜ୍ୟର ୭ଟି ସ୍ଥାନରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବ ବୋଲି ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ଏହି ସ୍ୱାସ୍ଥ୍ୟ ସେବା ସ୍ଥାପନ ପାଇଁ ମାସାଧିକ ସମୟ ଆନ୍ଦୋଳନ ଜାରି ରହିଥିଲେ ମଧ୍ୟ କେନ୍ଦ୍ରାପଡ଼ା ସହରର ନାମ ଉଲ୍ଲେଖ ନାହିଁ। ଯାହାକୁ ନେଇ ସହରବାସୀ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଆନ୍ଦୋଳନକୁ ତୀବ୍ର କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ମେଡ଼ିକାଲ ବଞ୍ଚାଅ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନର ରୂପରେଖ ପ୍ରସ୍ତୁତ କରି ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ସୂଚନା ମୁତାବକ, ସ୍ଥାନୀୟ ଶାସକ ଦଳର ନେତାଙ୍କୁ ଏଥର ଟାର୍ଗେଟ ହେବ ବୋଲି ଜଣାଇଛନ୍ତି।

ଏ ସମ୍ପର୍କରେ କମିଟି କର୍ମକର୍ତ୍ତା ଗୟାଧର ଧଳ, ଅଜୟ ସାମଲ, ହେମନ୍ତ ଜେନା, ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର ବେହେରା, ଜିଲା ଭାଜପା ସଭାପତି କିଶୋର ଚନ୍ଦ୍ର ପଣ୍ଡା, ଆପ ଜିଲା ସଭାପତି ସନ୍ଦୀପ୍ତ ଦାସ ପ୍ରମୁଖ କହିଛନ୍ତି, ସିଟି ହସ୍ପିଟାଲ ଦାବିକୁ ନେଇ ଗତ ସପ୍ତାହରେ ସମ୍ମତି ଦେଇଥିଲେ। ବିଜେଡିର କର୍ମକର୍ତ୍ତାମାନେ ଆନ୍ଦୋଳନସ୍ଥଳକୁ ଆସି ବିଧାୟକଙ୍କ ଚିଠି ଦେଖାଇବା ସହ ସିଟି ହସ୍ପିଟାଲ ସ୍ଥାପନ ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଜଣାଇବେ ବୋଲି କହିଥିଲେ। ତେବେ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତିରେ ରାଜ୍ୟର ୬ ଜିଲାରେ ୭ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଉଲ୍ଲେଖ ଅଛି। ଏପରି କି କେନ୍ଦ୍ରାପଡ଼ା ଜିଲାର ଦୀର୍ଘଦିନର ଆନ୍ଦୋଳନ ସତ୍ତ୍ୱେ ମେଡ଼ିକାଲ କଲେଜ ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ଏବେ ଯାଜପୁର ରୋଡ ଓ ଟାଉନରେ ୨ଟି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଯାହା ଆନ୍ଦୋଳନ ପ୍ରତି ଶାସକ ଦଳର ଉପହାସ ପରି ହୋଇଛି। ବିଜୁବାବୁଙ୍କ ରାଜନୈତିକ କର୍ମସ୍ଥଳୀ ଓ ମୁଖ୍ୟମନ୍ତ୍ରୀ ନିଜେ ଏହି ଜିଲାର ଦାୟିତ୍ୱ ନେଇଥିବା କଥା ନିର୍ବାଚନ ସମୟରେ ଉଲ୍ଲେଖ କରୁଥିବା ବେଳେ ଏବେ ଏହା କେବଳ ନିର୍ବାଚନୀ ପ୍ରତିଶ୍ରୁତି ଥିଲା। ସ୍ଥାନୀୟ ଅଞ୍ଚଳର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭିନ୍ନ ଦାବି ଉପସ୍ଥାପନ କରାଯାଉଛି। ମାତ୍ର ଶାସକ ଦଳର ସ୍ଥାନୀୟ ନେତାମାନେ ଏହାକୁ ଅଣଦେଖା କରି ଚାଲିଛନ୍ତି। ଏବେ ଏହାକୁ ଜିଲାବାସୀ ବରଦାସ୍ତ କରିବେ ନାହିଁ। ଆମରଣ ଅନଶନ ଓ ଆଇନ ଅମାନ୍ୟ ପରି କଠୋର ପଦକ୍ଷେପ ଆଗକୁ ନିଆଯିବ ବୋଲି ସେମାନେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ସହରର ଖଡ଼ିଅଙ୍ଗସ୍ଥିତ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଜାନୁୟାରୀ ପ୍ରଥମ ସପ୍ତାହରେ ସହର ନିକଟ ଶାମଗୁଡ଼ିଆକୁ ସ୍ଥାନାନ୍ତର କରାଯାଇଛି। ପୁରୁଣା ସ୍ଥାନର ଭିତ୍ତିଭୂମି ଉପରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ଆରମ୍ଭରୁ ସ୍ମାରକପତ୍ର ପ୍ରଦାନ ସହ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫେବୃୟାରୀ ୧୭ରେ କେନ୍ଦ୍ରାପଡ଼ା ସହରକୁ ମେଡ଼ିକାଲ ବଞ୍ଚାଅ କ୍ରିୟାନୁଷ୍ଠାନ କମିଟିର ଡାକରାରେ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ସେହିମାସ ୨୪ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଜାରି ରହିଛି।

# ମହିଳାଙ୍କୁ ପନିକିରେ ହାଣି ହତ୍ୟା

## ସ୍ୱାମୀ ଥାନାରେ ଅଟକ

ଦଶରଥପୁର, ୨୨।୨(ଡି.ଏନ୍.ଏ.)

ଯାଜପୁର ଜିଲା ଦଶରଥପୁର ବ୍ଲକ୍ ମଙ୍ଗଳପୁର ଥାନା ଅଧୀନ ଦଉପୁର ପଞ୍ଚାୟତ ହେମଟପୁର ଗ୍ରାମର ଜଣେ ମହିଳାଙ୍କୁ ମଙ୍ଗଳବାର ରାତିରେ ପନିକିରେ ଗଳାକୁ ହାଣି ଆଖିକୁ ଫୁଟାଯାଇ ଅତି ନିର୍ମମଭାବେ ହତ୍ୟା କରାଯାଇଛି। ହତ୍ୟାର ଶିକାର ମହିଳା ହେଲେ ଉକ୍ତ ଗ୍ରାମର ରନ୍ଧା ଯେନା (୫୨)ଙ୍କ ସ୍ତ୍ରୀ ରେଣୁକା ଯେନା(୪୬)। ରନ୍ଧା ତାଙ୍କ ସ୍ତ୍ରୀ ରେଣୁକାଙ୍କୁ ହତ୍ୟା କରିଥିବା ରେଣୁକାଙ୍କ ଭାଇ ରବୀନ୍ଦ୍ର ଯେନା ବୁଧବାର ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ରନ୍ଧାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

ଦମ୍ପତିଙ୍କ ବିବାହକୁ ୨୬ ବର୍ଷ ବିତିସାରିଥିବାବେଳେ ଇତି ମଧ୍ୟରେ ରନ୍ଧାଙ୍କର ୩ ସନ୍ତାନ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଝିଅଙ୍କର ବିବାହ ହୋଇସାରିଛି। ବଡ଼ପୁଅ ବାହାର ରାଜ୍ୟରେ ରହି କାମ ଧନ୍ଦା କରୁଥିବାବେଳେ ୧୨ ବର୍ଷର ଏକ ସାନପୁଅ ବାପା ମା'ଙ୍କ ପାଖରେ ରହୁଥିଲେ। ମଙ୍ଗଳବାର ରାତିରେ ସାନପୁଅ ଟ୍ୟୁଶନ୍‌ରୁ ଘରକୁ ଫେରି ମା'ଙ୍କୁ ଖୋଜି ପାଇ ନ ଥିବାବେଳେ ବାପା ଘରେ ଅନୁପସ୍ଥିତ ଦେଖି ପଡ଼ିଶାଙ୍କ ସାହାଯ୍ୟରେ ମା'ଙ୍କୁ ଖୋଜିଥିଲେ। ଏତିକି ବେଳେ ରେଣୁକା ରକ୍ତ ଜୁଡୁବୁଡୁ ହୋଇ ଘରପଛପଟ ବାଡ଼ିରେ ପଡିଥିବାଦେଖି ପଡ଼ିଶା ଦେଖିବାକୁ ପାଇଥିଲେ। ପରେ ରନ୍ଧାଙ୍କୁ ଖୋଜି ପୋଲିସକୁ ଖବର କରିଥିଲେ। ଥାନା ଆଇଆଇସି ରୀନାରାଣୀ ସାହୁ ଟିମ୍ ସହ ରାତିରେ ପହଞ୍ଚି ମୃତଦେହ ଜବତ କରିଥିଲେ।

ଏଥିସହିତ ରନ୍ଧାଙ୍କୁ ପଚରା ଉଚରା ପାଇଁ ଥାନାକୁ ନେଇଥିଲେ। ରବୀନ୍ଦ୍ର ଦେଇଥିବା ଏତାଲାରେ ଦର୍ଶାଇଛନ୍ତିଯେ, ତାଙ୍କ ଭଉଣୀ ରେଣୁକାଙ୍କୁ ଭିଣୋଇ ରନ୍ଧା ହତ୍ୟା କରିଛନ୍ତି। ତାଙ୍କ ଅଭିଯୋଗ ଉପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବାସହ ବୁଧବାର ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ଘଟଣାର ତଦନ୍ତ କରିଛି। ତଦନ୍ତବେଳେ ଘଟଣା ସ୍ଥଳରୁ ରକ୍ତ ଲଗା ଏକ ପନିକି ଜବତ କରାଯାଇଛି। ପାରିବାରିକ କଳହପାଇଁ ଏହି ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଥିବା ସୂଚନା ଦେଇଛି।

# ଶଳା ଭାଉଜଙ୍କୁ ବଳାତ୍କାର କରି ନଣନ୍ଦେଇ ଗିରଫ

ବାରଙ୍ଗ, ୨୨।୨(ଡି.ଏନ୍.ଏ.):

ଶଳାଭାଉଜଙ୍କୁ ବଳାତ୍କାର କରିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ସମ୍ପୃକ୍ତ ନଣନ୍ଦେଇଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ମୁତାବକ, ମଙ୍ଗଳବାର ଥାନା ଅଞ୍ଚଳର ଜଣେ ୩୦ ବର୍ଷୀୟା ମହିଳା ନିଜ ଘରେ ଏକାକୀ ଥିବାବେଳେ ତାଙ୍କ ନଣନ୍ଦେଇ ତାଙ୍କୁ ଧମକାଇ ବଳାତ୍କାର କରିଥିଲେ। ଏହି ସମୟରେ ପୀଡ଼ିତାଙ୍କ ଦିନମଜୁରିଆ ସ୍ୱାମୀ କାମ କରିବାକୁ ବାହାରକୁ ଯାଇଥିଲେ। ଝିଅ ମଧ୍ୟ ସ୍କୁଲ ଚାଲି ଯାଇଥିଲା। ସନ୍ଧ୍ୟାରେ କାମରୁ ଫେରିବା ପରେ ସ୍ୱାମୀ ଘଟଣା ସମ୍ପର୍କରେ ସ୍ତ୍ରୀଙ୍କଠାରୁ ଅବଗତ ହୋଇଥିଲେ। ଏହା ପରେ ପୀଡ଼ିତା ଏ ନେଇ ନନ୍ଦନକାନନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ (ନଂ. ୪୧/୨୩) ରୁଜୁ ସହ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଇବା ପରେ ତାଙ୍କୁ ଗିରଫ କରିଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦେବାଶିଷ


@ ଜ୍ୟୋତ୍ସ୍ନା


@ କିରଣ


@ ରାନୀ


@ ସିପା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୩ ଲକ୍ଷ ୫୦ ହଜାର ଟଙ୍କାର କାଠ ଜବତ

ଯାଜପୁର ଟାଉନ, ୨୨।୨(ଡି.ଏନ.ଏ.):



ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ ତଇଲଙ୍ଗି ଡଳକା ସାହି, ଛତ୍ରନଗର ଓ ବାଘୁଆ ସାହି ଏବଂ ସୁକିନ୍ଦା ଥାନା ଅନ୍ତର୍ଗତ ରଙ୍କିଆ ଗ୍ରାମରେ ଓଡ଼ିଶା ଫରେଷ୍ଟ ଭିଜିଲାନ୍ସ ବିଭାଗ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇ ୧୩୭.୮୦୧ ସିଫ୍ଟ କାଠ ଜବତ କରାଯାଇଛି। ଜବତ କାଠର ମୂଲ୍ୟ ୩ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ସୂଚନା ଦିଆଯାଇଛି। ଏନେଇ ୫ଟି କେସ୍ ରୁଜୁ କରାଯାଇଛି। କଟକ ଫରେଷ୍ଟ ଡିଭିଜନ୍‌ରେ ଥିବା ସୁକିନ୍ଦା ଫରେଷ୍ଟ ବିଭାଗ ପକ୍ଷରୁ ଏହାର ତଦନ୍ତ ଜାରି ରହିଛି। ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇବା ପରେ ଏହି ଚଢ଼ାଉ କରାଯାଇଥିଲା।

# ଟାଟା ଷ୍ଟିଲ୍ ମାଇନିଂ ପକ୍ଷରୁ 'ପ୍ରଜାତୀୟ ଖାଦ୍ୟୋତ୍ସବ'

- ଆଦିବାସୀ ପାରମ୍ପରିକ ଖାଦ୍ୟକୁ ପ୍ରୋତ୍ସାହନ
- ୪୦ରୁ ଊର୍ଦ୍ଧ୍ୱ ଆଞ୍ଚଳିକ ଖାଦ୍ୟ ପ୍ରଦର୍ଶିତ

କାଳିଆପାଣି, ୨୨।୨(ଡି.ଏନ.ଏ.)



ଉତ୍ସବରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ପାରମ୍ପରିକ ଆଦିବାସୀ ଖାଦ୍ୟ ତଥା ଆଦିବାସୀ ସଂସ୍କୃତିକୁ ପ୍ରୋତ୍ସାହନ ଦେବାକୁ ଟାଟା ଷ୍ଟିଲ୍ ମାଇନିଂ ପକ୍ଷରୁ ସୁକିନ୍ଦା କ୍ରୋମାଇଟ ମାଇନ୍ସର କାଟେପୂର୍ତ୍ତି ଅଡିଟୋରିୟମଠାରେ ବୁଧବାର ଏକ ପ୍ରଜାତୀୟ ଖାଦ୍ୟୋତ୍ସବ ଆୟୋଜିତ ହୋଇଯାଇଛି। ଏଥିରେ ଜନଜାତି ସମୁଦାୟଙ୍କ ଖାଦ୍ୟ ବିବିଧତାର ପ୍ରଦର୍ଶନ ସହ ପାରମ୍ପରିକ ଖାଦ୍ୟ ଶୈଳୀ ଓ ଏହାର ପୁଷ୍ଟିକାରିତାକୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରାଯାଇଛି। ଏଥିରେ ମାଣ୍ଡିଆ ଖିରି, ଚିକେନ ଖେଚୁଡ଼ି, ବଡ଼ି ଝୋଳ, ଆରିସା ପିଠା, ଗୁଡ଼, ଚାଉଳ ଚା', ମହୁଲ ଖିରି, ମଣ୍ଡା ପିଠା, ସଜନା ଫୁଲ ଖେଚୁଡ଼ି, ମସୁର ଡାଲି ଚିଙ୍ଗୁଡ଼ି, ପତ୍ର ପିଠା, ଚିକେନ ପତ୍ରପୋଡ଼ା ପିଠା, ଓଲୁଅ ଚଟଣି ସହ ପୋଡ଼ ପିଠା ଆଦି ଅନେକ ପ୍ରକାରର ସୁସ୍ୱାଦୁ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଆଗନ୍ତୁକମାନେ ଏହି ନିଆରା ଖାଦ୍ୟ ଗୁଡ଼ିକର ପ୍ରସ୍ତୁତି ପ୍ରଣାଳୀ ବିଷୟରେ ଅବଗତ ହେବାସହ ସମସ୍ତ ଷ୍ଟଲ ବୁଲି ଆଦିବାସୀ ପାରମ୍ପରିକ ଖାଦ୍ୟର ମଜା ଉଠାଇଥିଲେ। କାଠ ଜାଳେଣି ଦ୍ୱାରା ମାଟି ଚୁଲିରେ ପ୍ରସ୍ତୁତ ଓ ଟଟକା ପତ୍ରରେ ପରସା ଯାଉଥିବା ଏହି ନିଆରା ଖାଦ୍ୟ ସମ୍ଭାର ସମସ୍ତଙ୍କ ମନ ମୋହିଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା ଯୋଗଦେଇ କହିଥିଲେ, ଜନଜାତୀୟ ଖାଦ୍ୟଗୁଡ଼ିକ ଅତ୍ୟନ୍ତ ପୁଷ୍ଟିକର ଓ ଆମେ ଏହାକୁ ଆମର ଖାଦ୍ୟ ତାଲିକାରେ ନିଶ୍ଚୟ ସାମିଲ କରିବା ଦରକାର। ଏହା ଆମର ପୁଷ୍ଟିକର ଖାଦ୍ୟ ଗ୍ରହଣରେ ସହାୟକ ହେବା ସହ ପାରମ୍ପରିକ ଆଦିବାସୀ ଖାଦ୍ୟ ବିବିଧତା ଉପରେ ସଚେତନତା ମଧ୍ୟ ସୃଷ୍ଟି କରିବ। କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇ କହିଥିଲେ, 'ପ୍ରଜାତୀୟ ଖାଦ୍ୟୋତ୍ସବ' ପରି ଏକ ନିଆରା ଆୟୋଜନ ଦ୍ୱାରା ଆମେ ଓଡ଼ିଶାର ଜନଜାତି ସମୁଦାୟର କୃଷି-ବନ ଭିତ୍ତିକ ଖାଦ୍ୟ ବିବିଧତା ଉତ୍ସବ ପାଳନ କରୁଛୁ ଓ ଆଶା କରୁଛୁ ଯେ ଏହି ଉପକ୍ରମ ଆଦିବାସୀ ଖାଦ୍ୟ ଶୈଳୀକୁ ଉଜ୍ଜୀବିତ କରି ରଖିବାରେ ସହାୟକ ହେବ। ଏହି ଏକଦିବସୀୟ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସନ୍ଧ୍ୟାରେ ଝାଡ଼ଖଣ୍ଡରୁ ଆସିଥିବା ଲୋକପ୍ରିୟ ଆଦିବାସୀ ଗୀତିକାର, ସଙ୍ଗୀତଜ୍ଞ ତଥା ଗାୟକ ଟମ ମୁର୍ମୁ ଆଦିବାସୀ ସଙ୍ଗୀତ ପରିବେଷଣ କରି ସମସ୍ତଙ୍କ ମନ ମୋହିଥିଲେ। କାର୍ଯ୍ୟକ୍ରମରେ ଜିଏମ୍ ସୁଶାନ୍ତ କୁମାର ମିଶ୍ର, ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ଖଣି ପରିଚାଳକ ଶମ୍ଭୁନାଥ ଝା', କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ଜ୍ୟୋତିପ୍ରକାଶ ନାୟକଙ୍କ ସହ ସ୍ଥାନୀୟ ଜନପ୍ରତିନିଧି ଓ ଆଖପାଖ ଅଞ୍ଚଳର ଲୋକଙ୍କ ସହିତ ସେମାନଙ୍କ ପରିବାରବର୍ଗ ମଧ୍ୟ ସାମିଲ ହୋଇ ଉତ୍ସବର ମଜା ଉଠାଇଥିଲେ।

# ରାସ୍ତା ଅଭାବ ଗୁରୁତର ରୋଗୀଙ୍କ ପାଇଁ କାଳ

ନୟାଗଡ଼ ଅଫିସ,୨୨।୨



- ୨ମାସରେ ୨ ଜଣଙ୍କ ପ୍ରାଣହାନି
- ଗାଁରେ ପହଞ୍ଚିପାରୁନି ଆମ୍ବୁଲାନ୍ସ
- ଦଶପଲ୍ଲା ବ୍ଲକର ୬୦ରୁ ଊର୍ଦ୍ଧ୍ୱ ଗାଁକୁ ରାସ୍ତା ନାହିଁ

ଗାଁକୁ ରାସ୍ତା ନ ଥିବାରୁ ଗୁରୁତର ରୋଗୀଙ୍କୁ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚା ଯାଇପାରୁନାହିଁ । ଆମ୍ବୁଲାନ୍ସ ଗାଁକୁ ଆସୁନାହିଁ । ଏପରି ପରିସ୍ଥିତି ପାଇଁ ଆଶୁ ଚିକିତ୍ସା ଅଭାବରୁ ରୋଗୀମାନଙ୍କ ଜୀବନ ଯାଉଛି । ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକରେ ୬୦ରୁ ଊର୍ଦ୍ଧ୍ୱ ଗାଁକୁ ରାସ୍ତା ନ ଥିବାରୁ ଗତ ୨ମାସରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଅଧିକାଂଶ ସମୟରେ ପରିବାର ଲୋକଙ୍କ ସହିତ ସମ୍ପର୍କୀୟମାନେ ରୋଗୀଙ୍କୁ ଖଟିଆ କିମ୍ବା ଭାରରେ ବୋହି ମୁଖ୍ୟ ରାସ୍ତା ପାଖକୁ ଆଣୁଛନ୍ତି । ସେଠାରୁ କୌଣସି ଗାଡ଼ି କିମ୍ବା ଆମ୍ବୁଲାନ୍ସରେ ରୋଗୀଙ୍କୁ ଡାକ୍ତରଖାନା ନିଆଯାଉଛି । ଏଥିପାଇଁ ଚିକିତ୍ସାରେ ବିଳମ୍ବ ଘଟିବା ଯୋଗୁ ରୋଗୀମାନେ ଜରୁରୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଫଳରେ ଅଧିକାଂଶ ରୋଗୀଙ୍କ ମୃତ୍ୟୁ ଘଟୁଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଦୁର୍ଗମ ଅଞ୍ଚଳର ଲୋକେ ରାସ୍ତା ଯୋଗୁ ଅଭିଶପ୍ତ ଜୀବନଯାପନ କରୁଥିଲେ ମଧ୍ୟ ସରକାରଙ୍କ ଯୋଜନା ଥାଇ କାହିଁକି ରାସ୍ତା ହୋଇପାରୁନି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, କଳାସଖମଣ ପଞ୍ଚାୟତରେ ଭୋଗବାଡ଼ି, ଗୋଟାପଦର,ଗେଣ୍ଡାଳି, ପାଣ୍ଡେରୀ, କୁଡୁଙ୍ଗୁ, କଣାପାଙ୍ଗୁ, ନୂଆସାହି, ଭୁଟାପଦର, ବାରନାଳିଆ, ଲେଡିପଦର, ଚକିଡା ପରି ଦଶପଲ୍ଲା ବ୍ଲକର ୬୦ରୁ ଊର୍ଦ୍ଧ୍ୱ ଗାଁକୁ ଯିବାକୁ ରାସ୍ତା ନ ଥିବାରୁ ସ୍ଥାନୀୟ ଲୋକମାନେ ଜୀବନ ଯନ୍ତ୍ରଣା ଭୋଗି ଆସୁଛନ୍ତି । ସେମାନଙ୍କ ମଧ୍ୟରୁ ବହୁ ରୋଗୀଙ୍କ ମୃତ୍ୟୁ ଘଟୁଛି । ନିକଟରେ ଭୋଗବାଡି ପଞ୍ଚାୟତ ସାଦଭୂଇଁ ଗାଁର ଜଣେ ଗର୍ଭବତୀ ମହିଳା ଓ କଳସାଖମଣ ପଞ୍ଚାୟତ ଭୋଗବାଡି ଗାଁର ଜଣେ ବୃଦ୍ଧଙ୍କ ମୃତ୍ୟୁ ସରକାରୀ ଯୋଜନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାଦଭୂଇଁ ଗାଁର ରଞ୍ଜିତା ବେହେରା(୨୨) ପୋଖରୀଗୋଛା ପଞ୍ଚାୟତ କଇଁଆଡିହ ଗାଁର ଜନାର୍ଦ୍ଦନ ବେହେରାଙ୍କୁ ବିବାହ କରିଥିଲେ । ଜାଗର ଯାତ୍ରା ଦେଖିବା ପାଇଁ ରଞ୍ଜିତା ବାପଘର ସାଦଭୁଇଁକୁ ଆସିଥିଲେ। ହେଲେ କୌଣସି କାରଣରୁ ସେ ଅସୁସ୍ଥ ହୋଇପଡିଥିଲେ । ରାସ୍ତା ନ ଥିବାରୁ ସାଦଭୂଇଁ ଗାଁକୁ ଆମ୍ବୁଲାନ୍ସ ଆସିପାରିଲା ନାହିଁ । ଗାଁଠାରୁ ୧ କିମି ଦୂରରେ ରହିଥିଲା ଆମ୍ବୁଲାନ୍ସ । ପାଦଚଲା ରାସ୍ତାରେ ପ୍ରସୂତି ରଞ୍ଜିତାଙ୍କୁ ଗୁରୁତର ଅବସ୍ଥାରେ ଗତ ୧୯ ତାରିଖରେ ଆମ୍ବୁଲାନ୍ସ ପାଖକୁ ନିଆ ଯାଇଥିଲା । ଏକ ବିଲ ହୁଡାରେ ରଞ୍ଜିତା ଶିଶୁପୁତ୍ର ଜନ୍ମ ଦେଇ ଅଚେତ ହୋଇ ପଡିଥିଲେ । ଏହାପରେ ପ୍ରସୂତିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେହିପରି ଗତ ଜାନୁୟାରୀ ୨ରେ କଳସାଖମଣ ପଞ୍ଚାୟତ ଭୋଗବାଡି ଗାଁର ସନ୍ନ୍ୟାସୀ ବେହେରା(୫୫) ନାମକ ଗୁରୁତର ରୋଗୀଙ୍କୁ ଖଟିଆ ଯୋଗେ ୩ କିମି ବୋହିବାକୁ ପଡିଥିଲା । ରୋଗୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚାଇବା ପରେ ୧୦୮ ଆମ୍ବୁଲାନ୍ସ ରୋଗୀଙ୍କୁ ଡାକ୍ତରଖାନା ନେଇଥିଲା । ତେବେ ଆମ୍ବୁଲାନ୍ସ ଦଶପଲ୍ଲା କି ନୟାଗଡ଼ରୁ ଆସି ନ ଥିଲା । ଆମ୍ବୁଲାନ୍ସ ଗଞ୍ଜାମ ଜିଲା ଗାଲେରୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସି ନେଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ଅବସ୍ଥାରେ ଉନ୍ନତି ନ ଆସିବାରୁ ଭଞ୍ଜନଗର ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଦଶପଲ୍ଲାର ଏପରି ମୃତ୍ୟୁ ଘଟଣା ରାଜ୍ୟ ସରକାରଙ୍କ ଗାଁ ବିକାଶର ବାହାବାକୁ ସମାଲୋଚନା କରିବାକୁ ବିରୋଧୀଙ୍କୁ ପଥ ଦେଖାଇଛି । ଏନେଇ ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ କୁହନ୍ତି, ସଫଳତା ପାଇଁ ବାହାବା ନିଆଯାଉଛି। ତେବେ ବିଫଳତା ପାଇଁ ଦୋଷ ମୁଣ୍ଡାଇବାକୁ ଅସୁବିଧା କାହିଁକି । ସରକାର ବିକାଶର ବାର୍ତ୍ତା ଦେଉଥିବାବେଳେ ଦୁର୍ଗମ ଅଞ୍ଚଳକୁ କାହିଁକି ରାସ୍ତା କରୁନାହାନ୍ତି । ସରକାରଙ୍କ ଗ୍ରାମ୍ୟ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ପଞ୍ଚାୟତରାଜ ବିଭାଗର ରାସ୍ତା ନିର୍ମାଣ ପରି ଯୋଜନା ଗଲା କୁଆଡେ । ବିକାଶ ପାଇଁ ଯଦି ଲୋକଙ୍କ ଟ୍ୟାକ୍ସରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ବିଜ୍ଞାପନ ଦିଆଯାଉଛି ତେବେ ଦୁର୍ଗମ ଅଞ୍ଚଳ ବିକାଶ କାହିଁକି ହେଉନି ବୋଲି ସେ ପ୍ରଶ୍ନ କରିଛନ୍ତି । ରାସ୍ତା ଯୋଗୁ ୨ଜଣଙ୍କ ମୃତ୍ୟୁ ହୋଇଥିବା ନେଇ ସରକାରଙ୍କୁ ଅବଗତ କରାଯାଇଛି । ଏଣୁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଖୁବ୍‌ଶୀଘ୍ର ପିଆଇଏଲ କରାଯିବ ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ଏନ୍‌ଏସ୍‌ଏସ ସ୍ୱେଚ୍ଛାସେବୀ ତାଲିମ ଶିବିର ଉଦ୍‌ଯାପିତ

**ନୟାଗଡ ଅଫିସ,୨୨।୨:** ନୟାଗଡ଼ ବ୍ଲକର କେନ୍ଦୁଡ଼ିପିସ୍ଥିତ ଶୁକ୍ର ବେହେରା ଡିଗ୍ରୀ କଲେଜରେ ଗତ ରବିବାର ଆରମ୍ଭ ହୋଇଥିବା ଆନ୍ତଃ ଜିଲାସ୍ତରୀୟ ଏନଏସ୍‌ଏସ୍ ସ୍ୱେଚ୍ଛାସେବୀ ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବର ପ୍ରଥମ ପର୍ଯ୍ୟାୟ ବୈଠକରେ ଶିକ୍ଷାବିତ୍ ରାଜ କିଶୋର ପଣ୍ଡା , ଉମାର ମଲ୍ଲିକ, ଖୋର୍ଦ୍ଧା ଡାଏଟର ଅଧକ୍ଷ ତାପସ କୁମାର ନାୟକ, ଅଧାପକ ସୁନିଲ କୁମାର ମଲ୍ଲିକ, ଆଇନ ସହାୟତା ପ୍ରାଧିକରଣର ସଚିବ ତଥା ବିଚାରପତି ବିଶେଷ କୁମାର ସାହୁ ପ୍ରମୁଖ ଯୋଗଦେଇ ଶିବିରାର୍ଥୀମାନଙ୍କୁ ସେବା ଓ ଭାରତୀୟ ସମ୍ବିଧାନ, ସାମାଜିକ ଗଣମାଧ୍ୟମର ଗୁରୁତ୍ୱ, ନାରୀ ସଶକ୍ତୀକରଣ, ପୋକ୍‌ସୋ ଆଇନ, ସାଇବର କ୍ରାଇମ ଉପରେ ପ୍ରଶିକ୍ଷଣ ଦେଇଥିଲେ । ଅନ୍ତିମ ପର୍ଯ୍ୟାୟରେ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ବିଦ୍ୟାଧର ବେହେରା, ଆଧାତ୍ମିକ ଶିକ୍ଷାଗୁରୁ ସ୍ୱାମୀ ସ୍ୱରୁପାନନ୍ଦ ସରସ୍ୱତୀ, ମହାବିଦ୍ୟାଳୟର ସଭାପତି ପ୍ରମୁଖ ଅତିଥିମାନେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ସେବା କାର୍ଯ୍ୟ ଉପରେ ଟିପ୍ପଣୀ ଦେଇଥିଲେ । ଏହି ପ୍ରଶିକ୍ଷଣରେ କଟକ, ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ୨୬ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ, ପ୍ରୋଗ୍ରାମ ଅଫିସର, ଶୁକ୍ର ବେହେରା ଡିଗ୍ରୀ କଲେଜର କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ । କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ଏଲିନା ନିଶଙ୍କ, ଅଧାପକ ରମେଶ ଚନ୍ଦ୍ର ବିଶ୍ୱାଳ, ସୁବ୍ରତ କୁମାର ଦାଶ ପରିଚାଳନା କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ମହେନ୍ଦ୍ର କୁମାର ମହାନ୍ତି ସଭାପତିତ୍ୱ କରିଥିବାବେଳେ ଅଧାପକ ସଞ୍ଜୟ ଜେନା ଧନ୍ୟବାଦ ଦେଇଥିଲେ । ଶେଷରେ ନୃତ୍ୟ ଓ ଗୀତର ଆସର ଲାଗିଥିଲା।

### ସ୍କାଉଟ ଦିବସ ପାଳିତ

**ଦଶପଲ୍ଲା ୨୨।୨:** ଦଶପଲ୍ଲାର ବିଭିନ୍ନ ବିଦ୍ୟାଳୟରେ ସ୍କାଉଟ୍ ଡେ ବୁଧବାର ପାଳିତ ହୋଇଯାଇଛି । ଏହି ଅବସରରେ ଦଶପଲ୍ଲା ଡେଡ଼ସର୍ ୟୁଜିଏମଇ ସ୍କୁଲ ପରିସରରେ ସ୍କାଉଟ୍ ଡେ ପାଳିତ ହୋଇଥିଲା । ସ୍କାଉଟ୍ ଶିକ୍ଷକ ଆଲୋକ ସେନାପତିଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସ୍କାଉଟ୍ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ପରେ ସ୍କାଉଟ ଛାତ୍ରମାନଙ୍କ ଦାରା ବିଦ୍ୟାଳୟର ଚତୁଃପାର୍ଶ୍ୱ ସଫେଇ ହୋଇଥିଲା। ଅପରାହ୍ନରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ରହି ସ୍କାଉଟ ଡେ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ସ୍କାଉଟର ପ୍ରତିଷ୍ଠାତା ଲର୍ଡ ରୋବର୍ଟ ବ୍ୟାଡେନ ପାୱେଲଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ସ୍କାଉଟରେ ଅନୁପ୍ରାଣିତ ହୋଇ ସେବାକୁ ଆତ୍ମାର ସହ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ସଭାକୁ ସ୍କାଉଟ ଶିକ୍ଷକ ଆଲୋକ ସେନାପତି ପରିଚାଳନା କରିଥିଲେ।

# ଅବଧି ସରିଛି, ରାସ୍ତା ନିର୍ମାଣରେ ବିଳମ୍ବ






ରାସ୍ତା ନିର୍ମାଣସ୍ଥଳରେ ଲେଖାଯାଇଥିବା ତଥ୍ୟଭିତ୍ତିକ ବୋର୍ଡ । ରାସ୍ତା ନିର୍ମାଣ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି ।

ଖଣ୍ଡପଡ଼ା,୨୨।୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି– ଆଡ଼କଟା ମୁଖ୍ୟ ରାସ୍ତାଠାରୁ କୁମ୍ଭାରପଡ଼ା ଗ୍ରାମ ଦେଇ ଖଡ଼ଗପ୍ରସାଦ ଗାଁକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଯୋଗୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ଉନ୍ନତିକରଣ ନିମନ୍ତେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୨ କୋଟି ୨୦ଲକ୍ଷ ୯୫ ହଜାର ଟଙ୍କା ଆର୍ଥିକ ଅନୁଦାନ ମଞ୍ଜୁର ହୋଇଛି । ୨୦୨୧ ଡିସେମ୍ବର ୭ ରୁ ଆରମ୍ଭ ହୋଇଥିବା ରାସ୍ତା କାମ ୨୦୨୨ ସେପ୍ଟେମ୍ବର ୬ରେ ଶେଷ ହେବାର ଥିଲା । ଇତି ମଧ୍ୟରେ ୫ମାସରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇ ଥିଲେ ହେଁ କାମ ଅଧପନ୍ତରିଆ ହୋଇ ପଡ଼ି ରହିଛି । କେବେ ରାସ୍ତାରେ ପିଚୁ ପଡିବ ଏ ନେଇ ଅନିଶ୍ଚିତତା ଦେଖା ଦେଇଛି । ସଂରକ୍ଷିତ ଜଙ୍ଗଲ ନିକଟ ଦେଇ ରାସ୍ତାଟି ଯାଇଥିବାରୁ ଉକ୍ତ ଜଙ୍ଗଲରୁ ମୋରମ ଖୋଳି ରାସ୍ତାରେ ବ୍ୟବହାର କରାଯାଇଥିବାରୁ ରାସ୍ତା ପାର୍ଶ୍ୱରେ ଗର୍ତ୍ତ ସୃଷ୍ଟି ହୋଇଛି । ସେହି ଗର୍ତ୍ତରେ ବର୍ଷା ଦିନେ ପାଣି ଜମି ରହି ରାସ୍ତା ପାଇଁ ବିପଦର କାରଣ ପାଲଟିବ ବୋଲି ସାଧାରଣରେ ଆଲୋଚନା ହେଉଛି । ଅଧପନ୍ତରିଆ ରାସ୍ତା ଯୋଗୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ କାର୍ଯ୍ୟକୁ ଶେଷ କରିବାକୁ ସାଧାରଣରେ ଦାବି ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀ ଜୟ ପଣ୍ଡା କହିଛନ୍ତି ନୂତନ ଟେକ୍‌ନୋଲୋଜିରେ ପିଚୁ କାମ କରିବା ପାଇଁ ନିର୍ଦ୍ଦେଶ ରହିଥିବାରୁ କାର୍ଯ୍ୟନିର୍ବାହୀମାନେ କାମ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି । ଖୁବ୍‌ଶୀଘ୍ର କାର୍ଯ୍ୟ ସମ୍ପନ୍ନ କରାଯିବାକୁ ବ୍ୟବସ୍ଥା କରାଯାଉଥିବା ସେ ସୂଚନା ଦେଇଛନ୍ତି।

## ବୃଦ୍ଧାଶ୍ରମର ବାର୍ଷିକ ଉତ୍ସବ

ନୟାଗଡ଼ ଅଫିସ,୨୨।୨

ନୟାଗଡ଼ ସଦର ମହକୁମା ନିକଟ ଲେଖନପୁରସ୍ଥ ସମର୍ପଣ ବୃଦ୍ଧାଶ୍ରମର ପଞ୍ଚମ ପ୍ରତିଷ୍ଠା ଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ସମର୍ପଣ ପରିଚାଳନା କମିଟିର ସଭାପତି ରବୀନ୍ଦ୍ରନାଥ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ବିଡିଓ ପଦ୍ମଚରଣ ସାହୁ, ପୌର ପରିଷଦ ପୌରାଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା ଉପସ୍ଥିତ ଥିଲେ। ସମର୍ପଣ ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ମହାନ୍ତି ପ୍ରତିଷ୍ଠା ଦିବସ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଦିଲ୍ଲୀର ସାମାଜିକ ଅନୁଷ୍ଠାନ 'ବୃଦ୍ଧ କେୟାର' ସମର୍ପଣ ଅନୁଷ୍ଠାନକୁ ୫ କିଲୋୱାଟ୍‌ର ଏକ ସୋଲାର ୟୁନିଟ୍ ଦାନ କରିଛି। ସେହିପରି ରୋଟାରିଆନ ସୁବାସ ଚନ୍ଦ୍ର ପଣ୍ଡା ୧ ଲକ୍ଷ ୧ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଥିବା ବେଳେ ସଞ୍ଜୟ କୁମାର ସୁବୁଦ୍ଧି ୫୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ।

# ଦଶପଲ୍ଲାରେ ମାଣ୍ଡିଆ ମଣ୍ଡିର ଶୁଭାରମ୍ଭ

ନୟାଗଡ ଅଫିସ,୨୨।୨



ଦଶପଲ୍ଲା ବ୍ଲକର ଘୁଗୁଡ଼ିପଡ଼ା ସେବା ସମବାୟ ସମିତିରେ ବ୍ଲକର ପ୍ରଥମ ମାଣ୍ଡିଆ ମଣ୍ଡି ବୁଧବାର ଶୁଭାରମ୍ଭ ହୋଇଛି । ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ମିଲେଟ ମିଶନ ଜିଲା ସଂଯୋଜକ ଅଭିଷେକ ପଣ୍ଡା, ନଛିପୁର ପଞ୍ଚାୟତର ଗ୍ରାମ୍ୟ କୃଷି କର୍ମଚାରୀ ସୁବ୍ରତ ମହାରଣା, ଘୁଗୁଡ଼ିପଡ଼ା ପଞ୍ଚାୟତର ଗ୍ରାମ୍ୟ କୃଷି କର୍ମଚାରୀ ଦୁଃଖୀଶ୍ୟାମ ନାଥ, ଘୁଗୁଡ଼ିପଡ଼ା ସମବାୟ ସମିତିର ସମ୍ପାଦକ ପ୍ରଦୀପ ଦେହୁରୀ, ନଛିପୁର ପଞ୍ଚାୟତର ସମିତି ସଭ୍ୟ ପଦ୍ମ ଚରଣ ପ୍ରଧାନ, ଡିହଗାଁ ପଞ୍ଚାୟତ ସରପଞ୍ଚ ବରୁଣ ପାତ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ମାଣ୍ଡିଆ କେଜି ୩୫ ଟଙ୍କା ୭୮ ପଇସାରେ ଚାଷୀଙ୍କଠାରୁ କିଣା ଯାଉଛି । ଦଶପଲ୍ଲା ବ୍ଲକରୁ ୭୮ କୁଇଣ୍ଟାଲ ମାଣ୍ଡିଆ ନିର୍ମାଣ ଅନୁଷ୍ଠାନ କିଣିବାକୁ ଟାର୍ଗେଟ ରଖିଛି । ବୁଧବାର ୪ଜଣ ଚାଷୀଠାରୁ ୨୦ କୁଇଣ୍ଟାଲ ମାଣ୍ଡିଆ କିଣାଯାଇଛି । ସୋମ ଓ ବୁଧବାର ମଣ୍ଡି ଖୋଲିବ । ୨ୟ ମଣ୍ଡି ଦଶପଲ୍ଲା ମହାବୀର ସୋସାଇଟିରେ ଖୋଲିବାକୁ ନିଷ୍ପତ୍ତି ହୋଇଛି । ମିଲେଟ ମିଶନର ବ୍ଲକ ସଂଯୋଜକ ତ୍ରିଲୋଚନ ମୁଦୁଲି କାର୍ଯ୍ୟ ପରିଚାଳନା କରିଥିବାବେଳେ ସହକାରୀ ବ୍ଲକ ସଂଯୋଜକ ସନ୍ତୋଷ ସାମଲ ଓ କମ୍ୟୁନିଟି ରିସର୍ଚ୍ଚପର୍ସନମାନେ ସହଯୋଗ କରିଥିଲେ ।

# ସ୍କୁଲ ରୂପାନ୍ତରଣ କାମରେ ଅନିୟମିତତା

ନୂଆଗାଁ,୨୨।୨(ଡି.ଏନ.ଏ.)



ସ୍କୁଲ ରୂପାନ୍ତରୀକରଣ କାମକୁ କଂଗ୍ରେସର ପ୍ରତିନିଧି ଦଳ ବୁଲି ଦେଖୁଛନ୍ତି ।

- ସ୍ଥିତି ପରଖିଲେ କଂଗ୍ରେସ ପ୍ରତିନିଧି ଦଳ
- ୫-ଟି ସଚିବ,ଜିଲାପାଳଙ୍କ ପାଖରେ ଅଭିଯୋଗ କରାଯିବ

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ସରକାରଙ୍କ ୫–ଟି ଯୋଜନାରେ ବଡ଼ଗୋଠ ପଞ୍ଚାୟତ ଡିମିରିଝରୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ରୂପାନ୍ତରୀକରଣ କାମ ନିମ୍ନମାନର ବୋଲି ଜଣାପଡିବା ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ନୟାଗଡ଼ ଜିଲା କଂଗ୍ରେସର ଏକ ପ୍ରତିନିଧି ଦଳ ବୁଧବାର ସଂପୃକ୍ତ ସ୍କୁଲରେ ପହଞ୍ଚି ସମୀକ୍ଷା କରିଛନ୍ତି । ଏହି କାମର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କଂଗ୍ରେସ ତରଫରୁ ୫–ଟି ସଚିବ ଓ ନୟାଗଡ଼ ଜିଲାପାଳଙ୍କ ନିକଟରେ ଦାବି କରାଯିବ ବୋଲି ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଛାତ୍ରୀଛାତ୍ରମାନଙ୍କୁ ନୂତନ ଜ୍ଞାନ କୌଶଳରେ ପାଠ ପଢାଇବା ପାଇଁ ସରକାର ଲକ୍ଷାଧିକ ଟଙ୍କା ବ୍ୟୟରେ ସ୍କୁଲଗୁଡିକୁ ରୂପାନ୍ତରୀକରଣ କରୁଛନ୍ତି। କିନ୍ତୁ କେତେଜଣ ଅସାଧୁ ଅଧିକାରୀ, କର୍ମଚାରୀ ଓ ଠିକାଦାର ଅଧିକ ଲାଭ ଆଶାରେ ନିମ୍ନମାନର କାମ କରି ସେହି ଅନୁଦାନ ଲୁଟୁଛନ୍ତି । ଡିମିରିଝରୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ରୂପାନ୍ତରୀକରଣ କାମ ପାଇଁ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି। ସ୍କୁଲରେ ଛାତ ଘର ନ ଥିବାରୁ ଟିଣ ତଳେ ସିଲିଂ କରାଯାଇଥିଲା । ସିଲିଂ କାମ ନିମ୍ନମାନର କରାଯାଇଥିବାରୁ ବର୍ଷେ ନ ପୁରୁଣୁ ତାହା ଖସି ପଡିଛି। ସେହିପରି ଭଙ୍ଗା କାନ୍ଥରେ କେବଳ ରଙ୍ଗ ମାରି ସଜେଇ ଦିଆଯାଇ ଥିବାରୁ ତାହା ଫାଟି ଗଲାଣି । ଛାତ୍ରୀଛାତ୍ରମାନଙ୍କ ପାନୀୟ ଜଳ ନିମନ୍ତେ ଆକ୍ୟୁଗାର୍ଡ ଲଗା ଯାଇଥିବା ବେଳେ ବର୍ଷେ ନ ହେଉଣୁ ସେଥିରେ କଳଙ୍କି ଲାଗିବା ସହ ଅଚଳ ପରେ ତାକୁ ମରାମତି କରାଯାଇଛି। ଏପରି କି ପ୍ଲାଇରେ ତିଆରି ହୋଇଥିବା କବାଟ ସବୁ ଖସି ପଡୁଥିବା ଅଭିଯୋଗ ହୋଇଥିଲା । ଏ ସଂକ୍ରାନ୍ତରେ ଅଭିଯୋଗ ପାଇବା ପରେ ନୟାଗଡ଼ ଜିଲା କଂଗ୍ରେସ ସଭାପତି ଆଇନଜୀବୀ ରଣଜିତ ଦାଶ, ନୟାଗଡ ପିସିସି ସମ୍ପାଦକ ହୁସେନ ଖାଁ, ଜିଲା ଛାତ୍ର କଂଗ୍ରେସ ସଭାପତି ଜ୍ୟୋତିରଞ୍ଜନ ଦାସ, ଶ୍ରମିକ କଂଗ୍ରେସ ଜିଲା ସଭାପତି ଆଲୋକ ପ୍ରଧାନ ଡିମିରିଝରୀ ହାଇସ୍କୁଲରେ ପହଞ୍ଚି ରୂପାନ୍ତରୀକରଣ କାମ ବୁଲି ଦେଖିବା ପରେ କ୍ଷୋଭ ପ୍ରକାଶ କରିଛନ୍ତି । ଏ ସଂକ୍ରାନ୍ତରେ ୫–ଟି ସଚିବ ଓ ନୟାଗଡ଼ ଜିଲାପାଳ ବ୍ୟକ୍ତିଗତ ଭାବେ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କଂଗ୍ରେସ ତରଫରୁ ଦାବି କରାଯିବ ବୋଲି କଂଗ୍ରେସ ଜିଲା ସଭାପତି ଦାଶ କହିଛନ୍ତି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବାଶିଷ



@ ଜ୍ୟୋତ୍ସ୍ନା



@ କିରଣ



@ ରାନୀ



@ ସିପା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ଗଣିଆ,୨୨।୨(ଡି.ଏନ୍.ଏ.)

ନୟାଗଡ଼ ଜିଲା ଗଣିଆ ଥାନା ଅଧୀନ ଆଡକଟା ପଞ୍ଚାୟତ କୃଷ୍ଣପଲ୍ଲୀ ଗ୍ରାମରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଭାପୁର ବ୍ଲକ ଗୋବର୍ଦ୍ଧନପ୍ରସାଦ ଗ୍ରାମର ସୁବାସ ପରିଡ଼ାଙ୍କ ଝିଅ ରଶ୍ମିତା(୨୨)ଙ୍କୁ ଗଣିଆ ବ୍ଲକ ଆଡକଟା ପଞ୍ଚାୟତ କୃଷ୍ଣପଲ୍ଲୀ ଗ୍ରାମର ଚିତ୍ତରଞ୍ଜନ ପରିଡା ଆଜକୁ ଦେଢ ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ।

ବିବାହର ୧୫ ଦିନ ପରେ ରଶ୍ମିତାଙ୍କ ଶାଶୁ, ଶ୍ୱଶୁର ଓ ନଣନ୍ଦ ୫୦ ହଜାର ଟଙ୍କା ଯୌତୁକ ପାଇଁ କହିଥିଲେ। ହେଲେ ଏଥିରେ ବିଳମ୍ବ ହେବାରୁ ରଶ୍ମିତାଙ୍କୁ ପରିବାର ଲୋକେ ମିଶି ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ନିର୍ଯାତନା ସହି ନ ପାରି ସେ କିଛିଦିନ ପରେ ବାପଘରକୁ ଚାଲି ଆସିଥିଲେ। ଏହି ବିବାଦର ସମାଧାନ ପରେ ଗତ ଏକ ମାସ ତଳେ ରଶ୍ମିତା ଶାଶୁଘରକୁ ଫେରିଥିଲେ। ହେଲେ ବୁଧବାର ସକାଳୁ ଚିତ୍ତରଞ୍ଜନ ରଶ୍ମିତାଙ୍କ ଡାକ୍ତରଖାନାରେ ମୃତ୍ୟୁ ହୋଇଥିବା ଶ୍ୱଶୁରଘର ଲୋକଙ୍କୁ ଖବର ଦେଇଥିଲେ । ଅନ୍ୟପକ୍ଷେ ଚିତ୍ତରଞ୍ଜନ ଗଣିଆ ଥାନାକୁ ଆସି ରଶ୍ମିତା ଆତ୍ମହତ୍ୟା କରିଥିବା ଜଣାଇଥିଲେ । ହେଲେ ରଶ୍ମିତାଙ୍କ ବାପଘର ଲୋକେ ଗଣିଆ ଥାନାରେ ପହଞ୍ଚି ଯୌତୁକ ପାଇଁ ଶାଶୁଘର ଲୋକେ ଝିଅକୁ ହତ୍ୟା କରି ଆତ୍ମହତ୍ୟା ରୂପ ଦେବାକୁ ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ପୋଲିସ ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ଚିତ୍ତରଞ୍ଜନଙ୍କୁ ଥାନାରେ ଅଟକ ରଖିଛି । ଏ ନେଇ ଗଣିଆ ଥାନାରେ ଏକ ମାମଲା(ନଂ ୨୧ /୨୩) ରୁଜୁ ହୋଇଛି । ରଶ୍ମିତାଙ୍କ ଶାଶୁ, ଶ୍ୱଶୁର ଓ ନଣନ୍ଦ ଫେରାର ଅଛନ୍ତି । ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ଜଣାପଡିବ ବୋଲି ଏଏସ୍‌ଆଇ ପ୍ରମୋଦ ନନ୍ଦ କହିଛନ୍ତି।

# ପୋଲିସ ଡିଜିଙ୍କୁ ଭେଟିଲେ ଅରୁଣ ବୋଥ୍ରା

## କ୍ୟାମ୍ପ୍ ଅଫିସରେ ଗୁରୁତ୍ୱପୂର୍ଣ୍ଣ ବୈଠକ

**ନବ ଦାସ ହତ୍ୟା ମାମଲା ସମ୍ପର୍କରେ ଆଲୋଚନା ସୂଚନା**

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ହତ୍ୟାକାଣ୍ଡକୁ ନେଇ ବିଧାନସଭାରେ ଝଡ଼ ଲାଗି ରହିଛି। ବିରୋଧୀ ଓ ଶାସକ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଲାଗି ରହିଥିବାବେଳେ ମାମଲାର ଅଧିକ ତଦନ୍ତ ପାଇଁ 'ଏଫ୍‌ବିଆଇ'ର ସହାୟତା ଲୋଡ଼ିଛି କ୍ରାଇମବ୍ରାଞ୍ଚ। ଏଭଳି ସ୍ଥିତିରେ ବୁଧବାର କ୍ରାଇମ୍‌ବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ଭୁବନେଶ୍ୱର କ୍ୟାମ୍ପ ଅଫିସରେ ପୋଲିସ ଡିଜି ସୁନୀଲ ବଂଶଲଙ୍କୁ ଭେଟିଛନ୍ତି। ସଠାରେ ନବ ହତ୍ୟା ମାମଲା ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିବା ଜଣାପଡ଼ିଛି। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇ ନ ଥିଲେ ହେଁ ଉକ୍ତ ବୈଠକରେ ଡିଜି ବଂଶଲ ଓ ବୋଥ୍ରାଙ୍କ ସମେତ ଆଇନଶୃଙ୍ଖଳା ଏଡିଜି ଆର୍‌କେ ଶର୍ମା, ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ ବୋଲି ଶୁଣିବାକୁ ମିଳିଛି। ବୈଠକରେ ନବ ହତ୍ୟା ମାମଲାରେ ତଦନ୍ତର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ତଦନ୍ତର ଦିଗ କେଉଁ ପ୍ରକାର ରହିଛି, ଆଗକୁ କି ପଦକ୍ଷେପ ନିଆଯିବ, ଏଫ୍‌ବିଆଇ ସହ କିଭଳି ସମନ୍ୱୟ ରଖାଯିବ ଏଭଳି ଦିଗକୁ ନେଇ ଆଲୋଚନା କରାଯାଇଥିବା ସୂଚନା ମିଳିଛି। ଏହି ବୈଠକ ସରିବା ପରେ ମଧ୍ୟାହ୍ନରେ ବୋଥ୍ରା ବିଧାନସଭା ଯାଇଥିଲେ। ତେବେ ସେଠାରେ ତଦନ୍ତର ଅଗ୍ରଗତି ନେଇ ସେ ଗୃହ ବିଭାଗକୁ ଅବଗତ କରାଇଥିବା ମଧ୍ୟ କୁହାଯାଉଛି। ବିଧାନସଭା ଅଧିବେଶନ ଚାଲିଥିବାବେଳେ ବରିଷ୍ଠ ପୋଲିସ ଅଧିକାରୀଙ୍କ ମଧ୍ୟରେ ହୋଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକକୁ ନେଇ ଚର୍ଚ୍ଚା ଜୋର ଧରିଛି।

# ଜେଲରେ ଗୋପାଳଙ୍କୁ ଭେଟିଲେ ଭାଇ, ପୁଅ

## ନବ ଦାସ ହତ୍ୟା ମାମଲା

**୧୫ ମିନିଟ୍ ସାକ୍ଷାତରେ ଭାବପ୍ରବଣ ହୋଇପଡ଼ିଲେ**

କଟକ ଅଫିସ/ଚୌଦ୍ୱାର, ୨୨।୨ (ଡି.ଏନ୍.ଏ.)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ଅଭିଯୁକ୍ତ ଗୋପାଳ ଦାସଙ୍କୁ ଚୌଦ୍ୱାର ଜେଲରେ ବୁଧବାର ତାଙ୍କ ବଡ଼ଭାଇ ସତ୍ୟନାରାୟଣ ଦାସ ଓ ପୁଅ ମନୋଜ ଦାସ(୧୮) ଭେଟିଛନ୍ତି। ଜେଲ୍ ନିୟମ ପାଳନ କରି ସେମାନେ ମଧ୍ୟାହ୍ନ ପ୍ରାୟ ୧୨ଟା ୧୫ ମିନିଟରେ ଜେଲ୍‌ର ମୁଲାକାତ ଗୃହରେ ତାଙ୍କୁ ସାକ୍ଷାତ କରିଥିଲେ।

ସୂଚନାଯୋଗ୍ୟ, ଗୋପାଳ ଝାରସୁଗୁଡ଼ା ଜେଲରୁ ଆସି ଚୌଦ୍ୱାର ଜେଲ୍‌ରେ ଗତ ୯ ଦିନ ହେବ ରହିଛନ୍ତି। ସେଠାରେ ତାଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ତେବେ ବୁଧବାର ତାଙ୍କ ଭାଇ ଓ ପୁଅ ଜେଲ୍‌ରେ ପହଞ୍ଚିବା ପରେ କଡ଼ା ସୁରକ୍ଷା ମଧ୍ୟରେ ଗୋପାଳଙ୍କୁ ହାଇ ସିକ୍ୟୁରିଟି ସେଲରୁ ଅଣାଯାଇଥିଲା। ପରେ ୩ ଥାକିଆ ଗ୍ରୀଲଯୁକ୍ତ ମୁଲାକାତ ଗୃହର ଭିତରପଟରୁ ସୁରକ୍ଷା କର୍ମୀଙ୍କ ଉପସ୍ଥିତିରେ ସେ ଭାଇ ଓ ପୁଅଙ୍କୁ ସାକ୍ଷାତ କରିଥିଲେ। ଜେଲ ତରଫରୁ ବ୍ୟବସ୍ଥା ହୋଇଥିବା ଇଣ୍ଟରକମ୍ ମେଶିନ୍ ସାହାଯ୍ୟରେ ସେ ତାଙ୍କ ଭାଇ ଓ ପୁଅ ସହିତ ପ୍ରାୟ ୧୫ ମିନିଟ ଧରି କଥା ହୋଇଥିଲେ। ସାକ୍ଷାତ ସମୟରେ ଉଭୟ ଗୋପାଳ, ଭାଇ ସତ୍ୟ ନାରାୟଣ ଓ ପୁଅ ମନୋଜ ଭାବପ୍ରବଣ ହୋଇପଡ଼ିଥିଲେ ବୋଲି ଜେଲ ସୂତ୍ରରୁ ପ୍ରକାଶ। ଏଥିସହ ସତ୍ୟନାରାୟଣ ସାଥିରେ ଆଣିଥିବା ଓକିଲାତିନାମାରେ ଗୋପାଳଙ୍କ ଦସ୍ତଖତ ନେଇଥିବା ଜଣାପଡ଼ିଛି। ଜେଲ ଭିତରେ ଗୋପାଳ ସର୍ବଦା ଶାନ୍ତ ଓ ଚିନ୍ତାମଗ୍ନ ରହିବା ସହ ସେ କେବେ ବାହାରକୁ ଆସୁ ନ ଥିବା ଜଣାପଡିଛି।

## ଗୋପାଳଙ୍କ ମାନସିକ ରୋଗ ପରୀକ୍ଷା

# ଜିଲା ଜଜ୍‌କୋର୍ଟରେ କ୍ରାଇମ୍‌ବ୍ରାଞ୍ଚର ଆବେଦନ

**ଆସନ୍ତା ୨୭ରେ ଶୁଣାଣି**

ସମ୍ବଲପୁର/ବ୍ରଜରାଜନଗର, ୨୨।୨(ବ୍ୟୁରୋ/ଡି.ଏନ.ଏ.)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ଘଟଣାରେ ଅଭିଯୁକ୍ତ ପୋଲିସ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସଙ୍କ ମାନସିକ ରୋଗ ସମ୍ପର୍କରେ ପରୀକ୍ଷା କରିବା ପାଇଁ କ୍ରାଇମ୍‌ବ୍ରାଞ୍ଚ ବୁଧବାର ପୁଣି ଝାରସୁଗୁଡ଼ା ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଆବେଦନ କରିଛି। ଜିଲା ଜଜ୍ ଆବେଦନକୁ ଗ୍ରହଣ କରି ଆସନ୍ତା ୨୭ତାରିଖରେ ଶୁଣାଣି କରିବାକୁ ବିଚାରପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ଓକିଲ ପ୍ରଶାନ୍ତ ମହାନ୍ତି କହିଛନ୍ତି, ଅଭିଯୁକ୍ତ ଗୋପାଳଙ୍କ ମାନସିକ ରୋଗ ଉପରେ ପରୀକ୍ଷା କରିବାକୁ କ୍ରାଇମ୍‌ବ୍ରାଞ୍ଚ ଆବେଦନ କରିଥିଲା, ହେଲେ ଶୁଣାଣି ହୋଇପାରି ନାହିଁ ବୋଲି କହିଥିଲେ। ସୂଚନାଯୋଗ୍ୟ, ଗୋପାଳଙ୍କ ମାନସିକ ପରୀକ୍ଷା ରିପୋର୍ଟ ଅଧିକ ସ୍ପଷ୍ଟ ହେବା ପାଇଁ କର୍ନାଟକ ବେଙ୍ଗାଲୁରୁସ୍ଥିତ ନିମହାନସ୍ (ଦି ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ମେଣ୍ଟାଲ ହେଲଥ ଆଣ୍ଡ ନ୍ୟୁରୋ ସାଇନ୍ସ)କୁ ନେବାକୁ କ୍ରାଇମବ୍ରାଞ୍ଚ ଗତ ୨୦ତାରିଖରେ ଝାରସୁଗୁଡା ଜେଏମ୍‌ଏଫ୍‌ସି-୧ର ଅନୁମତି ଲୋଡ଼ିଥିବା ବେଳେ ଅଦାଲତ ଏହାକୁ ଖାରଜ କରିଦେଇଥିଲେ।

# ୮ କିନ୍ନରଙ୍କୁ ହାଇକୋର୍ଟଙ୍କ ସର୍ତ୍ତମୂଳକ ଜାମିନ

## ହାଇକୋର୍ଟ ବେଞ୍ଚ ଦାବି ନେଇ କୋର୍ଟରେ ଭଙ୍ଗାରୁଜା ଘଟଣା

ସମ୍ବଲପୁର,୨୨।୨(ବ୍ୟୁରୋ)

ସମ୍ବଲପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଆନ୍ଦୋଳନଜନିତ ଭଙ୍ଗାରୁଜା ମାମଲାରେ ଗିରଫ ହୋଇଥିବା ୮ଜଣ କିନ୍ନରଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଏହି ରାୟ ପ୍ରକାଶ ପରେ ବୁଧବାର ସମ୍ବଲପୁର କୋର୍ଟରେ କାଗଜପତ୍ର କାମ ଆରମ୍ଭ ହୋଇଛି। ଗୁରୁବାର ପୂର୍ବାହ୍ନରେ ସେମାନେ ଜେଲରୁ ମୁକୁଳିବେ ବୋଲି ଆଶା କରାଯାଉଛି। ହେଲେ କିନ୍ନରମାନଙ୍କ ପାଇଁ ହାଇକୋର୍ଟ କଡା ସର୍ତ୍ତ ରଖିଛନ୍ତି। ଜାମିନକୁ ନେଇ କୌଣସି ଖୁସିର ମାହୋଲ କରିପାରିବେ ନାହିଁ। ଗଣମାଧ୍ୟମ ତଥା ସାମାଜିକ ଗଣମାଧ୍ୟମରେ ପୋଷ୍ଟ କିମ୍ବା ବୟାନବାଜି କରିବେ ନାହିଁ। ସର୍ବସାଧାରଣ ସଭାରେ ଯୋଗଦାନ କରିପାରିବେ ନାହିଁ ବୋଲି ସର୍ତ୍ତ ରହିଛି।

ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ସମୟରେ ଡିସେମ୍ବର ୧୨ରେ ଆଇନଜୀବୀମାନେ କୋର୍ଟ ଭଙ୍ଗାରୁଜା ସହ ବିଚାରପତିଙ୍କୁ ବାହାର କରିଦେଇଥିଲେ। ଏହି ଘଟଣାରେ ପୋଲିସ ୨୯ ଓକିଲଙ୍କ ସହ ଜଣେ ବାର କର୍ମଚାରୀ ଓ ୮ କିନ୍ନରଙ୍କୁ ଗିରଫ କରିଥିଲା। ପ୍ରାୟ ୨ମାସ ପରେ ଫେବୃୟାରୀ ୧୦ରେ ହାଇକୋର୍ଟ ୨୯ ଜଣ ଓକିଲ ଓ ଜଣେ ବାର୍ କର୍ମଚାରୀଙ୍କୁ ଜାମିନ ପ୍ରଦାନ କରିଥିଲେ। ଏ ନେଇ ସମ୍ବଲପୁର ଟାଉନ ଥାନାରେ ରୁଜୁ ମାମଲାର ବିଚାର ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ବିଚାରାଧୀନ ରହିଛି। ତେବେ ଜାମିନରେ ମୁକୁଳିବା ପାଇଁ ସମ୍ବଲପୁର ଆଡିଶନାଲ ସେସନ୍ସ ଜଜ୍‌କୋର୍ଟରେ ହୋଇଥିବା ଆବେଦନ ଖାରଜ ହେବା ପରେ ସେମାନେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ନଭେମ୍ବର ୨୯ରେ କୋର୍ଟ ବାହାରେ ଆନ୍ଦୋଳନକାରୀଙ୍କ ଧସ୍ତାଧସ୍ତି ଯୋଗୁ ବିଚାରପତିମାନେ ଫେରିଯାଇଥିଲେ। ଏହି ଘଟଣାରେ ସମ୍ବଲପୁର ଜିଲା ଓକିଲ ସଂଘର ସମସ୍ତ ସଦସ୍ୟଙ୍କୁ ବାର୍ କାଉନ୍‌ସିଲ ଅଫ ଇଣ୍ଡିଆ ନିଲମ୍ବନ କରିବାକୁ ରାଜ୍ୟ ବାର୍ କାଉନ୍‌ସିଲକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ୪୩ ଓକିଲଙ୍କ ଲାଇସେନ୍ସ ୧୮ମାସ ପର୍ଯ୍ୟନ୍ତ ରଦ୍ଦ କରିଥିଲେ। ପରେ ୪୩ ଜଣଙ୍କୁ ଛାଡି ସମସ୍ତଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲା। କୋର୍ଟ କାର୍ଯ୍ୟ ସ୍ୱାଭାବିକ କରିବା ପାଇଁ ସୁପ୍ରିମ୍‌କୋର୍ଟ ପୁଣି ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୧ମାସ ପରେ ଓକିଲ ସଂଘ ସଦସ୍ୟମାନେ କୋର୍ଟ କାର୍ଯ୍ୟରେ ଯୋଗଦେଇଥିଲେ।

# ଧାନକିଣାରେ ଦୁର୍ନୀତି, କଟ୍‌ନି ଛଟ୍‌ନି ବନ୍ଦ ଦାବି

## ଅଖିଳ ଭାରତ କୃଷକ ସଭାର ଗଣଧାରଣା

ଭୁବନେଶ୍ୱର,୨୨।୨(ବ୍ୟୁରୋ)




୧୦ଦଫା ଦାବି ନେଇ ଅଖିଳ ଭାରତ କୃଷକ ସଭା ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ। (ଫଟୋ-ମନୋରଞ୍ଜନ)

ଧାନମଣ୍ଡିରେ ଧାନ କିଣାରେ ବ୍ୟାପକ ଦୁର୍ନୀତି ଓ କଟ୍‌ନି ଛଟ୍‌ନି ବିରୋଧରେ ଅଖିଳ ଭାରତ କୃଷକ ସଭା ଆନ୍ଦୋଳନକୁ ଓହ୍ଲାଇଛି। ଏନେଇ ବୁଧବାର ବିଭିନ୍ନ ଜିଲାରୁ ଆସିଥିବା ଚାଷୀ ନେତାମାନେ ଅଶୋକନଗରସ୍ଥିତ ଭଗବତୀ ଭବନରୁ ଶୋଭାଯାତ୍ରାରେ ବାହାରି ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଗଣଧାରଣା ଦେଇଥିଲେ। ସେଠାରେ କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣଧାରଣାରେ ସଙ୍ଗଠନର ସର୍ବ ଭାରତୀୟ ଉପସଭାପତି ଆଶିଷ କାନୁନ୍‌ଗୋ, ରାଜ୍ୟ ସମ୍ପାଦକ କ୍ଷୀରୋଦ ସିଂହଦେଓ ଏବଂ ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ସରକାର ଓ ଧାନମଣ୍ଡି ଏବେ ମିଲ୍ ମାଲିକଙ୍କ ନିକଟରେ ବନ୍ଧା ପଡ଼ିଥିବାରୁ ଚାଷୀମାନେ ଧାନ ବିକ୍ରିରେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଟୋକନ ପାଇଥିଲେ ମଧ୍ୟ ସପ୍ତାହ ସପ୍ତାହ ରାତି ଅନିଦ୍ରା ରହି ଚାଷୀ ଧାନ ବିକି ପାରୁନାହିଁ। ପନିପରିବା ଚାଷୀ ଫସଲ ତୋଳା ମଜୁରୀ ଉଠାଇ ନ ପାରି ଫସଲ କିଆରିରେ ଟ୍ରାକ୍ଟର ଚଢ଼ାଇ ଦେଉଛି ବୋଲି ସେମାନେ କହିବା ସହ କ୍ଷୋଭ ପ୍ରକାଶ କରିଥିଲେ। ପରେ ଧାରଣାସ୍ଥଳରୁ ଏକ ପ୍ରତିନିଧି ଦଳ ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

ଧାନ କୁଇଣ୍ଟାଲ ୩ହଜାର ଟଙ୍କା ଧାର୍ଯ୍ୟ କରିବା, କେନ୍ଦ୍ର ସରକାର ଏହି ଗ୍ୟାରେଣ୍ଟି ଦେବା ପର୍ଯ୍ୟନ୍ତ ରାଜ୍ୟ ସରକାର ଧାନ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ବୋନସ ଦେବା, ଭାଗଚାଷୀଙ୍କୁ ଚାଷୀ ମାନ୍ୟତା, କଟ୍‌ନି ଛଟ୍‌ନି ବନ୍ଦ କରିବା, ଫସଲ ଅମଳ ପରେ ଟୋକନ ଲାଗୁ କରିବା, ମଣ୍ଡିକୁ ଆଣିବା ପାଇଁ ପରିବହନ ଓ ଅଖା ଖର୍ଚ୍ଚ ଏବଂ ମଣ୍ଡିରେ ଅଟକି ରହୁଥିବା ଟ୍ରାକ୍ଟର ବା ଟ୍ରକର ଭଡ଼ା ପ୍ରଦାନ, ଅମଳର ମାସକ ମଧ୍ୟରେ ଚାଷୀଙ୍କୁ ପ୍ରିମିୟମ୍ ଓ ବୀମାରାଶି ପ୍ରଦାନ, ସମସ୍ତ କୃଷକଙ୍କ ଉପରୁ ଋଣ ଛାଡ଼, ମାସକୁ ୬ ହଜାର ଟଙ୍କା ପେନସନ ଓ ମହଙ୍ଗା ଭତ୍ତା, ଚାଷୀ ଓ ନାମମାତ୍ର ଚାଷୀମାନେ ଚାଷ କରୁଥିବା ସମସ୍ତ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ ଏବଂ ପନିପରିବା ସଂରକ୍ଷଣ ପାଇଁ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ଓ ବଜାର ପ୍ରତିଷ୍ଠା ଆଦି ଦାବି ଉପସ୍ଥାପନ କରାଯାଇଛି। ତେବେ ଦାବିସମ୍ପର୍କରେ ବିଚାର ବିମର୍ଶ କରି କୃଷକଙ୍କ ହିତରେ ଆବଶ୍ୟକୀୟ ନିପେତ୍ତି ନିଆଯିବ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ଏହି ଧାରଣାରେ କୃଷକ ନେତା ସର୍ବସାଥୀ ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ରାମଚନ୍ଦ୍ର ମୁଦୁଲି, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ବିକେଏମ୍‌ୟୁ ରାଜ୍ୟ ସମ୍ପାଦକ ସୁର ଜେନା, ଏଆଇଟିୟୁସି ନେତା ଜୟନ୍ତ ଦାସ, ଉତ୍କଳ ମହିଳା ସମିତିର ପ୍ରମୋଦିନୀ ପାଇକରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସୀମାନ୍ତରୁ ଦୁର୍ଦ୍ଦାନ୍ତ ମାଓବାଦୀ ଜାନୁମୁରି ଗିରଫ

ମାଲକାନଗିରି,୨୨।୨(ଡି.ଏନ.ଏ.)



ଗିରଫ ଜାନୁମୁରି

ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ର ପ୍ରଦେଶର ଆଲୁରି ସୀତାରାମରାଜ ଜିଲାରୁ ସିଲେରୁ ପୋଲିସ ବୁଧବାର ଜଣେ ଦୁର୍ଦ୍ଦାନ୍ତ ମାଓବାଦୀଙ୍କୁ ଗିରଫ କରିଛି। ସେ ହେଲେ ଜାନୁମୁରି ଶ୍ରୀନୁବାବୁ ଓରଫ ସୁନୀଲ। ସେ ସିପିଆଇ ମାଓବାଦୀ ପାର୍ଟିର ଡିଭିଜନାଲ କମିଟି ସଦସ୍ୟ ତଥା ଆନ୍ଧ୍ର ଓଡ଼ିଶା ବର୍ଡର ଜୋନ୍ କମିଟିର ଡିସିଏମ୍ ଜାନୁମୁରି ବୋଲି ଜଣାପଡିଛି। ଜାନୁମୁରି ସିଲେରୁ ନିକଟସ୍ଥ ଜଙ୍ଗଲରେ ଥାଇ ଏକ ବଡ ଧରଣର ଅଘଟଣ ଘଟାଇବା ପାଇଁ ଯୋଜନା କରୁଥିଲେ। ଏନେଇ ସୂଚନା ପାଇ ପୋଲିସ ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ତେବେ ପୋଲିସର ସର୍ଚ୍ଚ ଅପରେଶନ ବେଳେ ଜାନୁମୁରିଙ୍କ ସହ ପୋଲିସର ଗୁଳି ବିନିମୟ ହୋଇଥିଲା। ଗିରଫ ସମୟରେ ପୋଲିସ ତାଙ୍କଠାରୁ ଆଇଇଡି ବୋମା, ବନ୍ଧୁକ, ବିସ୍ଫୋରକ ସାମଗ୍ରୀ, ମାଓବାଦୀ ସାହିତ୍ୟ ପତ୍ରିକା ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରଛି। ଜାନୁମୁରି ଗତ ୨ହଜାର ମସିହାରୁ ମାଓବାଦୀ ସଙ୍ଗଠନରେ ଯୋଗ ଦେଇ ଏଲାଭାରାମ, ଗୁରୁଥେଡୁ, ନନ୍ଦପୁର ବାହିନୀରେ କାର୍ଯ୍ୟ କରିଥିଲେ। ପରେ ସେ ଏଓବି ଟେକନିକାଲ ଦଳରେ ଯୋଗଦେଇ ମାଓବାଦୀ କମାଣ୍ଡର ଆରକେଙ୍କ ସୁରକ୍ଷା ସ୍କ୍ୱାଡ୍‌ର କମାଣ୍ଡର ରୂପେ କାର୍ଯ୍ୟ କରିଥିଲେ। ସେ ଆନ୍ଧ୍ରପ୍ରଦେଶ, ଓଡ଼ିଶା ଏବଂ ଛତିଶଗଡ଼ରେ ଅନେକ ହିଂସାକାଣ୍ଡରେ ଜଡ଼ିତ ଥିଲେ। ଆନ୍ଧ୍ର ପ୍ରଦେଶର ଆରକୁ ବିଧାୟକ ହତ୍ୟା ମାମଲାର ମାଷ୍ଟରମାଇଣ୍ଡ ମଧ୍ୟ ଥିଲେ। ଓଡ଼ିଶାର ମାଲକାନଗିରି ଏବଂ କୋରାପୁଟ ଜିଲାରେ ମାଓବାଦୀ ହିଂସା ଘଟାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ। ଛତିଶଗଡ଼ ସରକାର ତାଙ୍କ ନାମରେ ୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ।

# ରାଜ୍ୟ ଚାରୁକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୪୦ତମ ରାଜ୍ୟ ଚାରୁକଳା ପ୍ରଦର୍ଶନୀ ରାଜ୍ୟ ସଂଗ୍ରହାଳୟ ପରିସର କଳିଙ୍ଗ ଆର୍ଟ ଗ୍ୟାଲେରୀଠାରେ ବୁଧବାର ଆରମ୍ଭ ହୋଇଛି। ରାଜ୍ୟ ସୂଚନା ଆୟୁକ୍ତ ଦିଲୀପ କୁମାର ବିଶୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଶିଳ୍ପୀଙ୍କ ସୃଜନଶୀଳ ଚିତ୍ର ଓ ଭାସ୍କର୍ଯ୍ୟର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ଧର୍ମପଦ ପୁରସ୍କାରପ୍ରାପ୍ତ ବରିଷ୍ଠ ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ ଶିଳ୍ପୀଙ୍କ କଳାକୃତି ବୁଲି ଦେଖିବା ସହ ଏସବୁ ସମୟପୋଯୋଗୀ ହୋଇଥିବା ପ୍ରକାଶ କରିଥିଲେ। ଏହି ଅବସରରେ କଳାକୃତିଗୁଡ଼ିକର ଏକ ରଙ୍ଗୀନ କ୍ୟାଟ୍‌ଲଗ ଅତିଥିଙ୍କ ଦାରା ଉନ୍ମୋଚିତ ହୋଇଥିଲା। ପ୍ରଦର୍ଶନୀରେ ପୁରସ୍କୃତ ୭ କଳାକୃତି, ୧୦୧ ଚିତ୍ରକଳା, ୩୦ଟି ଭାସ୍କର୍ଯ୍ୟକଳା, ୧୮ଟି ମୁଦ୍ରଣକଳା ଓ ୧୫ଟି ପାରମ୍ପରିକ ଚିତ୍ରକଳା ପ୍ରଦର୍ଶିତ ହୋଇଛି। ଏକାଡେମୀ କାର୍ଯ୍ୟକାରୀ ସମିତିର ସଦସ୍ୟ ତଥା ବରିଷ୍ଠ ଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁଙ୍କ ସମେତ ବହୁ ଶିଳ୍ପୀ, ଛାତ୍ରୀଛାତ୍ର ତଥା କଳାନୁରାଗୀ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏକାଡେମୀ ସଚିବ ପଞ୍ଚାନନ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପ୍ରଦର୍ଶନୀ ମାର୍ଚ୍ଚ ୩ ପର୍ଯ୍ୟନ୍ତ ଚାଲିବ।

# ତାଜ୍ ମହୋତ୍ସବରେ ଓଡ଼ିଶୀ ଆକର୍ଷଣ

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ଉତ୍ତରପ୍ରଦେଶ ଆଗ୍ରାଠାରେ ଚାଲିଥିବା 'ତାଜ୍ ମହୋତ୍ସବ ୨୦୨୩'ରେ ଓଡ଼ିଶୀ ଆକର୍ଷଣ ସାଜିଥିଲା। ବିଦୂଷୀ କସ୍ତୁରୀ ପଟ୍ଟନାୟକ ଓ ସଂକଳ୍ପ ଫାଉଣ୍ଡେଶନ ଗ୍ରୁପ୍ ପକ୍ଷରୁ ମୋଟ ୩ଟି ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସେ ତାଙ୍କ ୮ଜଣ ଶିଷ୍ୟା ଅନିତା ରାଉତ, ରାଣୀ ଜୈନ, ସୁନିତା ବିଶ୍ୱାଳ, ଶୁଭଶ୍ରୀ ପ୍ରଧାନ, ନେହା ଦେ, ଏ ଅଭିରାମି, ପ୍ରିୟଙ୍କା ଦାଶ ଓ ରିନିକା ମହାପାତ୍ରଙ୍କ ସହ ଚମତ୍କାର ନୃତ୍ୟ ପ୍ରଦର୍ଶନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ପ୍ରଥମ ପରିବେଷଣରେ 'ଶିବ ପଞ୍ଚାକ୍ଷର ସ୍ତୋତ୍ରମ୍- ନାଗେନ୍ଦ୍ର ହରାୟ ତ୍ରିଲୋଚନାୟ, ଭସ୍ମାଙ୍ଗ ରାଗାୟ ମହେଶ୍ୱରାୟ' ଉପରେ ଆଧାରିତ ମଙ୍ଗଳାଚରଣ, ଯାହା ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ରଚିତ ଉପସ୍ଥାପିତ ହୋଇଥିଲା। ଏହି ମଙ୍ଗଳାଚରଣ ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ଅର୍ପିତ ଥିଲା। ଦ୍ୱିତୀୟ କାର୍ଯ୍ୟକ୍ରମରେ 'ଥେଇ ଘର ନାଟ', ଯାହା ରାଗ ମଜଖମଜ ଏବଂ ତାଳ ତ୍ରିପୁଟ୍ଟ ଉପରେ ଆଧାରିତ ଥିଲା ଓ ଖେମଟା ଦ୍ୱାରା ଅବରୋଧିତ ହୋଇଥିଲା। ଶେଷ କାର୍ଯ୍ୟକ୍ରମ ଥିଲା ଦଳଗତ ଅଭିନୟ 'ଜୟ ଭଗବତୀ ଦେବୀ ନମୋ ବରଦେ'। ଏହି ଅଭିନୟ ମହର୍ଷି ବ୍ୟାସଦେବଙ୍କ ଭଗବତୀ ସ୍ତୋତ୍ରମ୍‌ରେ ଅତି ସୁନ୍ଦର କରାଯାଇଥିବା ବ୍ୟାଖ୍ୟା ଅନୁଯାୟୀ ଦେବୀ ଦୁର୍ଗାଙ୍କ ବହୁଧା ଶକ୍ତିର ଅନ୍ୟତମ ସର୍ବାଧିକ ପ୍ରଭାବଶାଳୀ ପ୍ରଦର୍ଶନ ଥିଲା। ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଚାଲିବ।



ଆଗ୍ରା ତାଜ୍ ମହୋତ୍ସବରେ ଓଡ଼ିଶୀ ନୃତ୍ୟ ପରିବେଷଣ।

**OFFICE OF THE DFO-CUM-DMU CHIEF, BARIPADA FOREST DIVISION**

No.MM-472 At/PO: Baripada, Dist. Mayurbhanj, PIN-757001
Phone No: 06792-252613 (O), Email- dmuchiefbaripada@gmail.com
No: 49 Date: 21.02.2023

**Contractual Engagement of Project Accountant for DMU, Baripada Under OFSDP-II**

| Division | Name of the Post | Vacancy | Essential Qualification and Experience |
|---|---|---|---|
| Baripada Forest Division | Project Accountant | 01 | Essential Qualification: Graduate in Commerce with sound knowledge in Computers especially TALLY and MS office etc. Essential Experience: 3 years' experience of working in Government/ Non-Government organization with double entry system of Accounts and at least one year of experience working in Tally. Desired Experience: Experience of implementing Govt. Projects / Externally Aided Project for more than 1 year. |

Interested candidates may obtain Terms of Reference and the Application form from O/o the Divisional Forest Officer-cum-DMU Chief, Baripada during office hours in any working day between **10.30 AM to 5.30 PM from 21.02.2023 to 10.03.2023** or may download from the website (**www.mayurbhanj.nic.in**). Filled in application complete in all respect along with self-attested xerox copy of relevant documents in respect of qualifications and experience and Bank Draft for **Rs. 500/-** (non-refundable) drawn in favour of **DFO-cum-DMU Chief, Baripada, payable at Baripada Branch**, should reach the O/o the Divisional Forest Officer-cum-DMU Chief, Baripada **through Speed Post/ Courier Service on or before 4.00 PM on 10.03.2023.**

OIPR-08065/11/0006/2223 Sd./- DFO-cum-DMU Chief, Baripada Forest Division

obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
No.CAD-4904: (ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)

No.1512
File:SMT-1873
**NOTICE INVITING TENDER** Date:21.02.2023

| 1. | Name of Work | Konark Heritage Area Development Project (KHADP) in Konark on Turnkey Basis. | Development of Ekamra Kshetra under Ekamra Conservation Plan in Bhubaneshwar, Odisha on Turnkey Basis. |
|---|---|---|---|
| 2. | Bid Identification No. of the Tender Document | 84/Tender/OBCC/2022-23 | 85/Tender/OBCC/2022-23 |
| 3. | Date of availability in e-procurement portal | from 28.02.2023 | from 28.02.2023 |
| 4. | Last date of receipt of pre-bid queries | upto 5.00 P.M of 06.03.2023 | upto 5.00 P.M of 06.03.2023 |
| 5. | Date & Time for Pre-bid meeting | At 11 .30 A.M on 09.03.2023 (Through Video Conferencing) https://meet.google.com/yaf-oewj-jzb | At 4.30 P.M on 09.03.2023 (Through Video Conferencing) https://meet.google.com/key-fzbm-fcg |
| 6. | Date & Time for Pre-bid Clarification | Dt. 10.03.2023 | Dt. 10.03.2023 |
| 7. | Last Date & Time of receipt of online bid | 28.03.2023 till 5.00P.M. | 28.03.2023 till 5.00 P.M. |
| 8. | Date & Time of opening of Bid | 29.03.2023 at 11.00 A.M | 29.03.2023 at 11.30 A.M |
| 9. | Period of completion | 18 Months | 18 Months |
| 10. | Class of Contractor | Super Class | Super Class |

10. Further details can be seen from the e-Procurement portal https://www.tendersodisha.gov.in.
11. OBCC has the right to accept or reject the Notice/ RFP/Proposal without assigning any reason thereof.

OIPR-34161/11/0050/2223 **Sd./- Chief General Manager-I**

**OFFICE OF THE PANCHAYAT SAMITI KOTAGARH, KANDHAMAL**
Government of Odisha
Advt. No. Dated
**No.i-452:** Tender Call is invited from the intended firms for supply of different items, such as Ply wall mount (small), Library Rack, Reading Table, Science Lab Display Unit, Computer Table, Pin Board and Podium for High Schools under School transformation program of Kotagarh Block. The detail information is available in www.kandhamal.nic.in.
**Sd./- Block Development Officer, Kotagarh**
OIPR-19167/11/0002/2223

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-4905 OSIC GST No. 21AAACO2101M1Z1
**TENDER CALL NOTICE**
Tender Notice No.994/OSIC/MKT Dt.21.02.2023
OSIC invites sealed bids from experienced Manufacturers/ Suppliers/MSMEs/Dealers/ Distributor for procurement of additional items against setting-up of Science Laboratory in 3rd phase High Schools Transformation under 5-T initiative of Mayurbhanj District. The detail specification and list of schools, quantity of the items along with terms and conditions is available in OSIC website. Any corrigendum/ changes/modifications will appear in OSIC website: www.osicltd.in only and all the bidders are further advised to keep referring OSIC website for any updates with reference to this advertisement.
By order of MD
OIPR-14073/11/0163/2223 Sd/-Manager(Mktg)

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER CENTRAL (R&B) CIRCLE, BHUBANESWAR**
Mail i.d seccbbsr@gmail.com
**E-Procurement Short Tender Call Notice No.16 of 2022-23**
**No.712 (Estg.) Bhubaneswar the 21st February-2023**
**No.B-1280:** The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for one number Pre-fab Composite Building work to be received in online bidding, double cover system for construction work as detailed in : https://tendersorissa.gov.in. The details of bid documents will be available in the above website from 11.00 A.M. of 24.02.2023 to 3.00 P.M of 02.03.2023. The bidders must possess compatible Digital Signature Certificate of Class II or III. Bids received online shall be opened at 5.00 P.M. of 02.03.2023 in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal
**www.tendersorissa.gov.in**
Addendum / Corrigendum, if required, will be available only in the Website.
Sd./- Er. T.K.Panda
Chief Construction Engineer
Central (R&B) Circle, Bhubaneswar
OIPR-34156/11/0019/2223

**ଖସିଲା ଶେୟାର ବଜାର କାରବାର**

ନୂଆଦିଲ୍ଲୀ: କ୍ରମାଗତ ୩ୟ ଦିନ ଲାଗି ଦଲାଲ ଷ୍ଟ୍ରିଟ୍‌ରେ କାରବାର ହ୍ରାସ ଘଟିଛି। ବିଶେଷକରି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସ (ବୁଧବାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବୁଧବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୯୨୮ (୯୨୭.୭୪) ପଏଣ୍ଟ ଖସି ୫୯,୭୪୫ (୫୯,୭୪୪.୯୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୭୨ (୨୭୨.୪୦) ପଏଣ୍ଟ ହ୍ରାସ ଘଟି ୧୭,୫୫୪ (୧୭,୫୫୪.୩୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ବିଶ୍ୱ ବଜାରରେ ଚମକ ହରାଉଛି ଭାରତ

- ୭ମ ସ୍ଥାନକୁ ଖସିଲା ଭାରତୀୟ ଶେୟାର ବଜାର
- ବିଶ୍ୱର ୬ଷ୍ଠ ସ୍ଥାନରେ ବ୍ରିଟେନ
- ୨ ମାସ ମଧ୍ୟରେ ୨ ସ୍ଥାନ ହରାଇଲା ଭାରତ




ନୂଆଦିଲ୍ଲୀ,୨୨।୨

ଚଳିତ ଆର୍ଥିକ ବର୍ଷରେ ଭାରତ ବିଶ୍ୱ ଦରବାରରେ ଏକ ବିରଳ ରେକର୍ଡ ସ୍ଥାପନ କରିଥିଲା। ଏପରିକି ବହୁ ବିକଶିତ ରାଷ୍ଟ୍ରକୁ ପଛରେ ପକାଇ ବିଶ୍ୱ ବଜାରରେ ୫ମ ସ୍ଥାନରେ ପହଞ୍ଚିଯାଇଥିଲା। ହେଲେ ବିଗତ ୯ ମାସ ତଳେ ପାଇଥିବା ସଫଳତା ଧୀରେ ଧୀରେ ହ୍ରାସ ପାଉଛି। ଫଳରେ ବିଶ୍ୱ ବଜାରରେ ଭାରତ ତା'ର ଚମକ ହରାଉଥିବା ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରୁଛନ୍ତି। ଏପରିକି ମାର୍କେଟ୍ କ୍ୟାପ୍ ମାମଲାରେ ମଧ୍ୟ ଭାରତକୁ ଅତିକ୍ରମ କରି ବ୍ରିଟେନ ୬ଷ୍ଠ ସ୍ଥାନରେ ପହଞ୍ଚିଛି।

ବିଶେଷକରି ଭାରତ ୯ ମାସ ପୂର୍ବେ ବ୍ରିଟେନକୁ ପଛରେ ପକାଇ ପ୍ରଥମ ଥର ପାଇଁ ଶୀର୍ଷ ୫ରେ ସ୍ଥାନ ହାସଲ କରିଥିଲା। ହେଲେ ବିଗତ ୨ମାସରୁ କାମ ସମୟ ମଧ୍ୟରେ ଘରୋଇ ବଜାର ୫ମ ସ୍ଥାନରୁ ଖସି ୭ ସ୍ଥାନରେ ପହଞ୍ଚିଛି। ଚଳିତ ବର୍ଷ ଜାନୁୟାରୀ ୩୧ରେ ଭାରତକୁ ପଛରେ ପକାଇ ଫ୍ରାନ୍ସ ୫ମ ସ୍ଥାନରେ ରହିଛି।

ସେହିଭଳି ଚଳିତ ବର୍ଷ ଫେବୃୟାରୀ ୨୨ ମଧ୍ୟରେ ଭାରତର ମାର୍କେଟ୍ କ୍ୟାପ୍ ୨୩୧ ବିଲିୟନ ଡଲାର ତଥା ୬.୯୩% ହ୍ରାସ ହୋଇ ୩.୧୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଉକ୍ତ କ୍ଷତିରେ ଆଦାନୀ ଗ୍ରୁପ୍‌ର ଭାଗଦାରି ପ୍ରାୟ ୬୦% ଅନ୍ତର୍ଭୁକ୍ତ ବୋଲି ଆକଳନ କରାଯାଉଛି। ବର୍ତ୍ତମାନ ସମୟରେ ଆଦାନୀ ଗ୍ରୁପ୍‌ର ବଜାର ପୁଞ୍ଜି ୨୦୨୩ ଫେବୃୟାରୀ ୨୨ ସୁଦ୍ଧା ୧୪୫ ବିଲିୟନ ଡଲାର ହ୍ରାସ ହୋଇଛି। ଅପରପକ୍ଷରେ ଗ୍ଲୋବାଲ ମାର୍କେଟ୍ କ୍ୟାପିଟାଲାଇଜେଶନରେ ମଧ୍ୟ ଭାରତର ଯୋଗଦାନ ହ୍ରାସ ପାଇ ୩% ରୁ କମ୍‌ରେ ରହିଛି। ଏପରିକି ୨୦୨୨ଅକ୍ଟୋବରରେ ଏହା ପରିମାଣ ୪% ରହିଥିଲା ବୋଲି କୁହାଯାଉଛି। ଭାରତୀୟ ଶେୟାର ମାର୍କେଟ ଶୀର୍ଷ ୧୦ସ୍ଥାନରେ ସବୁଠୁ ଦୁର୍ବଳ ପ୍ରଦର୍ଶନ କରୁଥିବା ବଜାରରେ ପରିଣତ ହୋଇଛି।

ସୂଚନାଯୋଗ୍ୟ ଜାତୀୟ ଓ ଅନ୍ତଜାତୀୟ ସମସ୍ୟା ସାଙ୍ଗକୁ ବିଶ୍ୱ ଅର୍ଥନୀତିରେ ମଧ୍ୟ ମାନ୍ଦାବସ୍ଥା ଜାରି ରହିଛି। ଭାରତୀୟ ଶିଳ୍ପପତି ତଥା ଆଦାନୀ ଗ୍ରୁପ୍‌ର ଚେୟାରମ୍ୟାନ ଗୌତମ ଆଦାନୀଙ୍କ ବିରୋଧରେ ଆମେରିକୀୟ ଏଜେନ୍ସି ହିଣ୍ଡେନ୍‌ବର୍ଗ ତା'ର ଏକ ସର୍ଭେ ରିପୋର୍ଟ ପ୍ରକାଶ କରିଥିଲା।

## ଏସ୍‌ବିଆଇ ଡିଭିଡେଣ୍ଡ ୟିଲ୍‌ଡ ଫଣ୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ,୨୨।୨

ଏସ୍‌ବିଆଇ ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ ଏସ୍‌ବିଆଇ ଡିଭିଡେଣ୍ଡ ୟିଲ୍‌ଡ ଫଣ୍ଡର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଏକ ଓପନ ଏଣ୍ଡେଡ୍ ଇକ୍ୱିଟି ଯୋଜନା, ଯାହା ମୁଖ୍ୟତଃ ଡିଭିଡେଣ୍ଡ ଆୟକାରୀ କମ୍ପାନୀଗୁଡ଼ିକର ଇକ୍ୱିଟି ସମ୍ପର୍କିତ ଇନ୍‌ଷ୍ଟ୍ରୁମେଣ୍ଟ ଏବଂ ସୁବିଭକ୍ତ ଇକ୍ୱିଟି ପୋର୍ଟଫୋଲିଓରେ ନିବେଶ କରିଥାଏ। ଏପରିକି ଅଫର ସହ ଏହି ଫଣ୍ଡ ୨୦୨୩ ଫେବୃୟାରୀ ୨୦ରୁ ଖୋଲି ୨୦୨୩ ମାର୍ଚ୍ଚ ୬ରେ ବନ୍ଦ ହେବ। ଏ ସମ୍ପର୍କରେ ଏସ୍‌ବିଆଇ ମ୍ୟୁଚୁଆଲ ଫଣ୍ଡର ଏମ୍‌ଡି ଏବଂ ସିଇଓ ସମସେର ସିଂ କହିଛନ୍ତି, ଏହି ଫଣ୍ଡ ନିବେଶକମାନଙ୍କୁ ଉଚ୍ଚ ଏବଂ ବୃଦ୍ଧି ପାଉଥିବା ଡିଭିଡେଣ୍ଡ ଆୟକାରୀ କମ୍ପାନୀଗୁଡ଼ିକର ବିବିଧତାର ମିଶ୍ରଣରେ ନିବେଶ କରିବାରୁ ସୁଯୋଗ ପ୍ରଦାନ କରିଥାଏ । ଦେଶରେ ବୃହତମ ଫଣ୍ଡ ହାଉସ ଭାବେ ପରିଗଣିତ ହେଉଛି।

## ବିଓବି ପକ୍ଷରୁ 'ଅନ୍ତର୍ଜାତୀୟ ମାତୃଭାଷା ଦିବସ'

କଟକ,୨୨।୨



ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ମାତୃଭାଷା ଦିବସ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରରେ ଏକ କ୍ଷେତ୍ରୀୟ ଭାଷା ସାହିତ୍ୟକାର ସମ୍ମାନ ଏବଂ ସଂଗୋଷ୍ଠୀର ଆୟୋଜନ କରାଯାଇଥିଲା। ସେହିଭଳି ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରସିଦ୍ଧ ପଦ୍ମଶ୍ରୀ ପୁରସ୍କାରରେ (ସାହିତ୍ୟ କ୍ଷେତ୍ରରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ରୂପେ ଉପସ୍ଥାପନା କରିବା ପାଇଁ) ସମ୍ମାନିତ ପ୍ରଖ୍ୟାତ ଓଡ଼ିଆ ବିଦ୍ୱାନ ଏବଂ ସାହିତ୍ୟକାର ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏପରିକି ବିଓବି କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରଞ୍ଜିତ କୁମାରଙ୍କ ଦ୍ୱାରା ଡ. ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟ ଅତିଥି ଡ. ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କଯାଯାଇଥିଲା। ଏହି ଅବସରରେ ବିଓବିର କଟକ କ୍ଷେତ୍ରୀୟ ମୁଖ୍ୟ ରଞ୍ଜିତ କୁମାର ମାତୃଭାଷାର ମହତ୍ୱ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଅପରପକ୍ଷରେ ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷା ଶୀର୍ଷକ ଏକ ସଂଗୋଷ୍ଠୀ ମଧ୍ୟ ଆୟୋଜିତ ହୋଇଥିଲା। ଏହି ଅବସରରେ ଡ. ଅନ୍ତର୍ଯ୍ୟାମୀ ମିଶ୍ର ମାତୃଭାଷାର ବିଭିନ୍ନ ପକ୍ଷ ଉପରେ ବିସ୍ତୃତ ଓ ସାରଗର୍ଭକ ଉଦ୍‌ବୋଧନ ଦେଇଥିଲେ। ସେହିପରି କଟକ ମୁଖ୍ୟ ଶାଖର ଶାଖା ମୁଖ୍ୟ ପ୍ରଭାତ ଦାସ ଗ୍ରାହକ ସେବାରେ ମାତୃଭାଷାକୁ ଗୁରୁତ୍ୱ ଦେଇ ନିଜର ବିଚାରଧାରାକୁ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ପରିଶେଷରେ ବିଓବିର ଉପ-କ୍ଷେତ୍ରୀୟ ମୁଖ୍ୟ ନିର୍ବିକାର ରଥ ମୁଖ୍ୟ ଅତିଥି ଏବଂ ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଆଜିଠାରୁ ୫ମ ଓଡ଼ିଶା ପର୍ଯ୍ୟଟନ କନ୍‌କ୍ଲେଭ

ଭୁବନେଶ୍ୱର,୨୨।୨

HRAO

ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଓଡ଼ିଶା ହୋଟେଲ ଏବଂ ରେଷ୍ଟୁରାଷ୍ଟ ସଂଘ (ହାରୋ) ପକ୍ଷରୁ ଦିନିକିଆ କର୍ମଶାଳାର ଆୟୋଜନ କରାଯାଇଛି। ଏପରିକି ଗୁରୁବାର ସ୍ଥାନୀୟ ସ୍ୱସ୍ତି ପ୍ରିମିୟମ ହୋଟେଲ ପରିସରରେ ୫ମ ଓଡ଼ିଶା ପର୍ଯ୍ୟଟନ କନ୍‌କ୍ଲେଭ ଆୟୋଜିତ ହେବାକୁ ଯାଉଛି। ଉକ୍ତ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ ବୋଲି ହାରୋ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଜି. କିଶନ ରେଡ୍ଡି, କେନ୍ଦ୍ର ଶିକ୍ଷା ଦକ୍ଷତା ବିକାଶ ଏବଂ ଉଦ୍ୟମିତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ, ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏବଂ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମର ରହିଛି। ଏହି ପରିପ୍ରେକ୍ଷୀରେ ହସ୍ପିଟାଲଟି ଏବଂ ପର୍ଯ୍ୟଟନ କ୍ଷେତ୍ର ବିଷେଷଜ୍ଞ, ଟ୍ରାଭେଲ ଏଜେଣ୍ଟ, ଟୁର ଅପରେଟର, ଅନ୍ତର୍ଜାତୀୟ ଏୟାରଲାଇନ୍ସ ଏବଂ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ମଧ୍ୟ ଯୋଗ ଦେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଓଡିଶା ପର୍ଯ୍ୟଟନ କ୍ଷେତ୍ରକୁ ପରବର୍ତ୍ତିସ୍ତରକୁ ନେବା ପାଇଁ କର୍ମଶାଳାରେ ଅଂଶ ଗ୍ରହଣ କରିଥିବା ବିଭିନ୍ନ ସଂସ୍ଥାର ଅଧିକାରୀମାନେ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିବେ।

ଏ ସମ୍ପର୍କରେ ହାରୋ ଏବଂ ଆଇଏଟିଓର ପୂର୍ବାଞ୍ଚଳ ଅଧକ୍ଷ ଜେ.କେ ମହାନ୍ତି କହିଛନ୍ତି, ବିଗତ ୪ ବର୍ଷ ଧରି ଓଡିଶା ପର୍ଯ୍ୟଟନ କନକ୍ଲେଭକୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପୂର୍ଣ୍ଣ ସହାୟତା ପ୍ରଦାନ କରିଥିବାରୁ ଆମେ ରାଜ୍ୟ ପର୍ଯ୍ୟଟନ ବିଭାଗ ନିକଟରେ କୃତଜ୍ଞ । ଏପରିକି ରାଜ୍ୟ ଶିଳ୍ପ ବିଭାଗ ଅଂଶୀଦାର ଏବଂ ପର୍ଯ୍ୟଟନ ବିଶେଷଜ୍ଞ ପରାମର୍ଶକୁ ଗ୍ରହଣ କରିଥିବାରୁ ବିଭାଗକୁ ଧନ୍ୟବାଦ ଜଣାଉଛି।

## ଓକାୟା ଇଭିର ଇ-ସ୍କୁଟର ଫାଷ୍ଟ ଏଫ୍‌୨ଏଫ୍ ଉନ୍ମୋଚିତ

ନୂଆଦିଲ୍ଲୀ,୨୨।୨



ଦେଶର ପ୍ରମୁଖ ଦୁଇଚକିଆ ବୈଦ୍ୟୁତିକ ଯାନ (ଇଭି) ବ୍ରାଣ୍ଡ୍ ଓକାୟା ଇଭିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ଇ-ସ୍କୁଟର 'ଫାଷ୍ଟ ଏଫ୍‌୨ଏଫ୍'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷ କରି ଗୋଟିଏ ଚାର୍ଜରେ ଏହା ୭୦ରୁ ୮୦କି.ମି.ର ଏକ ଉଲ୍ଲେଖନୀୟ ଯାତ୍ରା କରିବା ସହ ଘଣ୍ଟା ପ୍ରତି ୫୦ରୁ ୫୫ କି.ମି. ବେଗରେ ଗତି କରିପାରିବାର ଦକ୍ଷତା ଅବଲମ୍ବନ କରୁଛି। ଏପରିକି ଓକାୟା ଫାଷ୍ଟ ଏଫ୍‌୨ଏଫ୍ ଯେଉଁମାନେ ଏକ ନିର୍ଭରଯୋଗ୍ୟ ତଥା ସ୍ୱଳ୍ପଖର୍ଚ୍ଚୀ ଏବଂ ମନୋରମ ସହରୀ ସ୍କୁଟର ଖୋଜୁଛନ୍ତି ସେମାନଙ୍କ ପାଇଁ ଏହା ବେଶ୍ ପସନ୍ଦଯୋଗ୍ୟ ଏବଂ ସହରୀ ଡିଜାଇନ କରାଯାଇଛି । ସେହିଭଳି ଏହାର ଗ୍ରାହକଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ସ୍କୁଟରଟି ୮୦୦ଡବ୍ଲ୍ୟୁ-ବିଏଲ୍‌ଡିସି-ହବ୍ ମୋଟର ଦ୍ୱାରା ଚାଳିତ ହେଉଥିବା ବେଳେ ୬୦ଭୋଲଟ୍ ୩୬ଏଏଚ୍ (୨.୨କେଡବ୍ଲ୍ୟୁଏଚ୍) ଲିଥିୟମ୍ ଏଲ୍‌ଏଫ୍‌ପି ବ୍ୟାଟେରି ସହ ଯୋଡ଼ିହୋଇଛି, ଯାହା ସର୍ବୋଚ୍ଚ ସୁରକ୍ଷା ମାନ୍ୟତା ପୂରଣ କରେ ଏବଂ ବ୍ୟାଟେରି ଉପରେ ୨ବର୍ଷର ନିର୍ଭର ୱାରେଣ୍ଟି ସହ ଉପଲବ୍ଧ।

ଏ ସମ୍ପର୍କରେ ଓକାୟା ଇଲେକ୍ଟ୍ରିକ୍ ଭେଇକିଲ୍ସର ପରିଚାଳନା ନିର୍ଦ୍ଦେଶକ ଅନ୍‌ସୁଲ ଗୁପ୍ତା କହିଛନ୍ତି, ଏହାର ଶୁଭାରମ୍ଭ ସହ ଆମେ ଭାରତରେ ଉଚ୍ଚମାନର ଏବଂ ନିର୍ଭରଯୋଗ୍ୟ ଇଭି ପାଇଁ ନୂତନ ମାନକ ସ୍ଥିର କରିଛୁ । ବିଶେଷକରି ଏହାର ସ୍ୱତନ୍ତ୍ର ଏବଂ ନିର୍ଭରଯୋଗ୍ୟ ସୁରକ୍ଷା ବୈଶିଷ୍ଟ୍ୟ ସହ ଆମେ ଉପଭୋକ୍ତା ବିଭାଗଗୁଡିକରେ ମଧ୍ୟ ବ୍ୟାପକ ରୂପେ ବିସ୍ତାର କରାଇଛୁ।

## ୬ମାସ ମଧ୍ୟରେ ୨୦ଲକ୍ଷ ସ୍ମାର୍ଟସ୍ପିକର

ନୂଆଦିଲ୍ଲୀ,୨୨।୨

ଦେଶର ପ୍ରମୁଖ ଫିନ୍‌ଟେକ୍ ପ୍ଲାଟ୍‌ଫର୍ମ ଫୋନ୍ ପେ'ର ଅତ୍ୟାଧୁନିକ ସ୍ମାର୍ଟ ସ୍ପିକରର ଶୁଭାରମ୍ଭ ସମ୍ପର୍କରେ ନିକଟରେ ଘୋଷଣା କରାଯାଇଥିଲା। ହେଲେ ଘୋଷଣାର ୬ମାସ ମଧ୍ୟରେ ଫୋନ୍‌ପେ ପ୍ରାୟ ୨୦ଲକ୍ଷ ସ୍ମାର୍ଟ ସ୍ପିକର ବିଭିନ୍ନ କ୍ଷେତ୍ରରେ ଏହାକୁ ବିତରଣ କରିଥିବା ଜଣାପଡିଛି। ଦେଶର ଅଫ୍‌ଲାଇନ ବ୍ୟବସାୟୀମାନଙ୍କ ମଧ୍ୟରେ ଉକ୍ତ ଡିଭାଇସଗୁଡ଼ିକ ପାଇଁ ସବୁଠାରୁ ଅଧିକ ଅଭିବୃଦ୍ଧି ଦେଖାଯାଇଛି। ଫୋନ୍‌ପେର ସ୍ମାର୍ଟ ସ୍ପିକର ବିନା କୌଣସି ହସ୍ତକ୍ଷେପରେ ଗ୍ରାହକଙ୍କ ପେମେଣ୍ଟ ଯାଞ୍ଚ କରିବାରେ ସାହାଯ୍ୟ କରେ ଏବଂ ସେଗୁଡ଼ିକର ଅଡିଓ କନ୍‌ଫର୍ମେସନ ସ୍ପିଡ୍ କମ୍ପାନୀର ପ୍ଲାଟ୍‌ଫର୍ମରେ ୩.୫ମିଲିୟନରୁ ଅଧିକ ବ୍ୟବସାୟୀଙ୍କ ପାଇଁ ଅତୁଳନୀୟ ବିଶ୍ୱାସ ଏବଂ ନିର୍ଭରଯୋଗ୍ୟତା ନିର୍ମାଣ କରିବାରେ ସାହାଯ୍ୟ କରିଛି। ପ୍ରତି ମାସ ହାରାହାରି ୭୫କୋଟିରୁ ଅଧିକ କାରବାରର ବୈଧତା ପାଇଁ ଫୋନ୍‌ପେ ସ୍ମାର୍ଟସ୍ପିକର ବ୍ୟବହାର କରାଯାଉଛି ।

ଏ ସମ୍ପର୍କରେ ଫୋନପେର ଅଫ୍‌ଲାଇନ ବ୍ୟବସାୟ ମୁଖ୍ୟ ବିବେକ ଲୋହଚେବ କହିଛନ୍ତି, ରେକର୍ଡ ସମୟରେ ସାରା ଦେଶରେ ୨୦ଲକ୍ଷରୁ ଅଧିକ ସ୍ମାର୍ଟ ସ୍ପିକର ଯୋଗାଇବା ଫୋନ୍‌ପେର ସର୍ବୋଚ୍ଚ କାର୍ଯ୍ୟଦକ୍ଷତାର ପ୍ରମାଣ । ଫୋନପେ ବ୍ୟବସାୟୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ସର୍ବଦା ନୂଆ ଉତ୍ପାଦ ଏବଂ କଷ୍ଟମାଇଜ ଅଫର ସୃଷ୍ଟି କରିଥାଏ । ଆମେ ଏହା ଦେଖି ଅତ୍ୟନ୍ତ ଆନନ୍ଦିତ ଯେ ଆମର ସ୍ମାର୍ଟ ସ୍ପିକର ଦେଶର ସମସ୍ତ ଅଞ୍ଚଳ ଏବଂ ସହରରେ ବ୍ୟାପକ ଭାବରେ ଗ୍ରହଣ କରାଯାଉଛି ।

---

**ଫୁରସତ୍**



ଅଲ୍ଲୁ ଅର୍ଜୁନ

## କିଙ୍ଗ୍ ଖାନ୍‌ଙ୍କୁ ଭେଟିବାକୁ ଚାହାନ୍ତି

**ମୁମ୍ବାଇ:** ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ତାଙ୍କ ଆଗାମୀ ଫିଲ୍ମ 'ପୁଷ୍ପା-୨' ଜରିଆରେ ପୁଣି ବଡ଼ ପରଦାରେ ହଇଚଇ ସୃଷ୍ଟି କରିବାକୁ ଯାଉଛନ୍ତି। ତେବେ ଏହା ମଧ୍ୟରେ ସେ କିଙ୍ଗ୍ ଖାନ୍‌ଙ୍କ ବଡ଼ ଫ୍ୟାନ ପାଲଟିଛନ୍ତି। ସେ ବଲିଉଡ୍ କିଙ୍ଗ୍ ଶାହରୁଖ ଖାନ୍‌ଙ୍କୁ ଭେଟିବାକୁ ଇଚ୍ଛା ପ୍ରକାଶ କରିଥିବା କହିଛନ୍ତି। ନିକଟରେ ଅଲ୍ଲୁଙ୍କ ଏକ ସାକ୍ଷାତ୍‌କାର ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ କି ଅଲ୍ଲୁ ଶାହରୁଖ୍‌ଙ୍କୁ ଭେଟିବାକୁ କହିଛନ୍ତି। ସେ କହିଛନ୍ତି, କେବେ ନା କେବେ ଶାହରୁଖ ଖାନ୍‌ଙ୍କୁ ଭେଟିବାକୁ ଚାହୁଁଛନ୍ତି। ସେ ତାଙ୍କୁ ଏପର୍ଯ୍ୟନ୍ତ ଭେଟିନାହାନ୍ତି। କେବଳ ସେତିକି ନୁହେଁ, ଅଲ୍ଲୁ ଶାହରୁଖଙ୍କ ବ୍ଲକ ବଷ୍ଟର ଫିଲ୍ମ 'ଦିଲ୍ ୱାଲେ ଦୁଲ୍‌ହନିୟା ଲେ ଯାଏଙ୍ଗେ'କୁ ବହୁତ ପସନ୍ଦ କରନ୍ତି। ଏହା ମଧ୍ୟରେ ସେ ସେହି ଫିଲ୍ମକୁ ବାରମ୍ବାର ଦେଖିଥିବା ମଧ୍ୟ କହିଛନ୍ତି। ଏହା ପୂର୍ବରୁ ଶାହରୁଖ୍‌ଙ୍କ ଅନ୍ୟ ଏକ ଫିଲ୍ମ 'ଯବାନ'ରେ ଅଲ୍ଲୁଙ୍କ ଏଣ୍ଟ୍ରି ହେବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ହେଲେ ଅଲ୍ଲୁଙ୍କ ଯବାନରେ ଏଣ୍ଟ୍ରି ହେବା ନେଇ କୌଣସି ସୂଚନା ଏପର୍ଯ୍ୟନ୍ତ ଆସିନାହିଁ। ତେବେ ଦର୍ଶକ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଏବଂ ବଲିଉଡ୍ କିଙ୍ଗ୍ ଖାନ୍‌ଙ୍କୁ ଏକାଠି ଦେଖିବାକୁ ବହୁତ ଉତ୍ସୁକ ଅଛନ୍ତି।

## ୩ ମିନିଟ୍‌ରେ ୧୮୪ ସେଲ୍‌ଫି ଉଠାଇ୍ ରେକର୍ଡ

ମୁମ୍ବାଇ




ବଲିଉଡ୍ ଅଭିନେତା ଅକ୍ଷୟ କୁମାର ତାଙ୍କ ଅଭିନୟ ଜରିଆରେ ବହୁ ଲୋକଙ୍କ ହୃଦୟ ଜିତିପାରିଛନ୍ତି। ସେଥିପାଇଁ ତାଙ୍କର ବହୁତ ଫ୍ୟାନ୍ ଫଲୋଇଂ ରହିଛନ୍ତି। ତେବେ ବୁଧବାର ସେ ଏକ ଗିନିଜ୍ ରେକର୍ଡ କରିଛନ୍ତି। ଆସନ୍ତା ୨୪ ତାରିଖରେ ରିଲିଜ୍ ହେବାକୁ ଥିବା ତାଙ୍କ ଆଗାମୀ ଫିଲ୍ମ 'ସେଲ୍‌ଫି'ର ପ୍ରମୋଶନ ପାଇଁ ସେ ମୁମ୍ବାଇର ଏକ ସ୍ଥାନକୁ ଯାଇଥିଲେ। ସେଠାରେ ସେ ମାତ୍ର ୩ ମିନିଟ୍ ମଧ୍ୟରେ ତାଙ୍କ ଫ୍ୟାନ୍ସଙ୍କ ସହ ୧୮୪ ସେଲ୍‌ଫି ଉଠାଇ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହା ପୂର୍ବରୁ ୨୨ ଜାନୁୟାରୀ ୨୦୧୮ରେ ଆମେରିକାରେ କରିଥିବା ପୂର୍ବ ଗିନିଜ୍ ରେକର୍ଡକୁ ସେ ଭାଙ୍ଗିବାରେ ସକ୍ଷମ ହୋଇଛନ୍ତି। ସେ ସେଠାରେ ମଧ୍ୟ ସେହି ୩ ମିନିଟ୍‌ରେ ୧୬୮ ସେଲ୍‌ଫି ଉଠାଇ ରେକର୍ଡ କରିଥିଲେ। ତାଙ୍କ ପୂର୍ବରୁ ହଲିଉଡ୍ ଅଭିନେତା ଡ୍ୟାନି ଜନସନ୍ ମାତ୍ର ୩ ମିନିଟ୍‌ରେ ୧୦୫ ସେଲ୍‌ଫି ଉଠାଇ ଏଭଳି ରେକର୍ଡର ଅଧିକାରୀ ହୋଇଥିଲେ।

## ଖୁଚୁରା ପଇସାରେ ୭ ତାରକା ହୋଟେଲରେ ଖାଇଲେ

ମୁମ୍ବାଇ

ଯଦି ଆମେ କୌଣସି ବଡ଼ ହୋଟେଲକୁ ଖାଇବାକୁ ଯାଉଛେ, ତେବେ ସେଠାରେ ଆମେ କାର୍ଡ କିମ୍ବା ନୋଟ୍‌ରେ ପେମେଣ୍ଟ କରିଥାଉ। ହେଲେ ଜଣେ ବ୍ୟକ୍ତି ଏକ ୭ ତାରକା ବିଶିଷ୍ଟ ତାଜ୍ ହୋଟେଲକୁ ଯାଇ ଖାଇସାରି ଏକ ଅଜବ ପ୍ରକାରର ପେମେଣ୍ଟ କରିଥିବା ଦେଖିବାକୁ ମିଳିଛି। ନିକଟରେ ଇନ୍‌ଷ୍ଟାରର କଣ୍ଟେଣ୍ଟ କ୍ରିଏଟର ସିଦ୍ଧେଶ ଲୋକରେ ୭ ତାରକା ବିଶିଷ୍ଟ ତାଜ୍ ହୋଟେଲକୁ ଯାଇଥିଲେ। ସେଠାରେ ଗୋଟେ ପିଜା ଏବଂ ଗୋଟିଏ ମକଟେଲ୍ ଅର୍ଡର କରିଥିଲେ। ଖାଇସାରିବା ପରେ ଏକ ପ୍ଲେଟ୍ ଆଣି ତା' ଉପରେ କିଛି ଖୁଚୁରା ପଇସା ରଖି ଗଣିବାକୁ ଲାଗିଲେ। ଏହା ଦେଖି ଅନେକ ଲୋକ ହସିବାକୁ ଲାଗିଥିଲେ। ୱେଟର ଆସି ଖାଦ୍ୟ ରସିଦ୍ ଦେବାବେଳେ ସିଦ୍ଧେଶ ତାଙ୍କୁ ସେହି ଖୁଚୁରା ପଇସା ଦେଇଥିଲେ, ଯାହା ଦେଖି ୱେଟର ଜଣକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।



## ସୁମ୍ବୁଲଙ୍କ ଓଟିଟି ଡେବ୍ୟୁ



**ମୁମ୍ବାଇ:** ବିଗ୍‌ବସ୍-୧୬ରୁ ଲୋକପ୍ରିୟତା ସାଉଁଟିବା ପରେ ଅଭିନେତ୍ରୀ ସୁମ୍ବୁଲ ତୌକିର ଖାନ୍‌ଙ୍କ ହାତକୁ ଆସିଛି ଏବେ ବଡ଼ ପ୍ରୋଜେକ୍ଟ। ଖୁବ୍‌ଶୀଘ୍ର ସେ ଓଟିଟିରେ ଡେବ୍ୟୁ କରିବାକୁ ଯାଉଛନ୍ତି। ସେ ୱେବ ସିରିଜ 'ଡିଅର ଇସ୍କ' ଲାଗି ଚୁକ୍ତି ସାକ୍ଷର କରିସାରିଛନ୍ତି। ଏଥିରେ ସେ ଜଣେ ଇନ୍‌ଫ୍ଲୁଏନ୍‌ସର ଭୂମିକାରେ ନଜର ଆସିବେ। ତାଙ୍କର ଏହି ସିରିଜ୍ ବିଷୟରେ ସୁମ୍ବୁଲ କହିଛନ୍ତି, ସେ ଫ୍ରିକ୍ସନ ଶୋ'ର ଜଣେ ପ୍ରଶଂସକ। ବିଗ୍‌ବସ୍ ପରେ ଅଭିନେତ୍ରୀ ଭାବେ ତାଙ୍କର ଏହା ପ୍ରଥମ କାମ। ଏହୀ କାର୍ଯ୍ୟ ପାଇଁ ସେ ଯେତିକି ଉତ୍ସାହିତ ଅଛନ୍ତି, ସେତିକି ଚିନ୍ତିତ ମଧ୍ୟ ଅଛନ୍ତି। ତଥାପି ସେ ସର୍ବଦା ତାଙ୍କର ସର୍ବଶ୍ରେଷ୍ଠ ଦେବାକୁ ଚାହୁଁଛନ୍ତି ବୋଲି କହିଛନ୍ତି। 'ଡିଅର ଇସ୍କ' ହେଉଛି ରବିନ୍ଦର ସିଂଙ୍କ ପୁସ୍ତକ 'ରାଇଟ ମି ଏ ଲଭ ଷ୍ଟୋରୀ'ର ୱେବ ରୂପାନ୍ତରଣ। ଏହା କାହାଣୀରେ ୨ଜଣ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାବେଳେ ସେମାନେ ଧୀରେ ଧୀରେ ପରସ୍ପରକୁ ପସନ୍ଦ କରିବାକୁ ଲାଗନ୍ତି। ଏଥିରେ ଲେଖକ ଅଭିମନ୍ୟୁ ରଜଦାନ ଭାବେ ସେହବାନ ଅଜିମ ଏବଂ ସମ୍ପାଦକ ଅସ୍ମିତା ରାୟଙ୍କ ଭୂମିକାରେ ନିୟାତି ଫାଟନାନି ନଜର ଆସିବେ। ଏହାଛଡ଼ା ପ୍ରମୁଖ କଳାକାରଙ୍କ ଭାବେ କୁନାଲ ବର୍ମା, ବିକାଶ ଗ୍ରୋଭର, କିଶ୍ୱର ମର୍ଚାଣ୍ଟ, ଜ୍ୟୋତି ବି.ବାନାର୍ଜୀ, ପୁନୀତ ତେଜୱାନୀ, ରୋମା ବାଲି, ବିନା ମୁଖାର୍ଜୀ ଏବଂ ବାନୀତ କପୁର ମଧ୍ୟ ନଜର ଆସିବେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................


ଦିବ୍ୟାଞ୍ଜନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାର ପ୍ଲେ ଅଫ୍ ଆଶା ସଙ୍କଟରେ

**ଭୁବନେଶ୍ୱର,୨୨।୨(ସ୍ପୋର୍ଟ୍ସ ବ୍ୟୁରୋ)**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ ମ୍ୟାଚରେ ଜାମସେଦପୁର୍ ଏଫ୍‌ସି ନିକଟରୁ ୨-୦ ଗୋଲରେ ହାରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଘରୋଇ ଗ୍ରାଉଣ୍ଡରେ ସିଜନର ଅନ୍ତିମ ମ୍ୟାଚରେ ଓଏଫ୍‌ସି ପରାଜିତ ହେବା ସହିତ ଏହାର ପ୍ଲେ ଅଫ୍ ପ୍ରବେଶ ସମ୍ଭାବନା କ୍ଷୀଣ ହେବାରେ ଲାଗିଛି। ୨୦ ମ୍ୟାଚରୁ ୯ ବିଜୟ ଓ ୩ ଡ୍ର ସହିତ ଦଳ ୩୦ ପଏଣ୍ଟ ହାସଲ କରିଛି। ଷଷ୍ଠ ସ୍ଥାନରେ ରହିଥିଲେ ମଧ ବର୍ତ୍ତମାନ ଗୋଆ ଏଫ୍‌ସିର ଫଳାଫଳ

**ଇଣ୍ଡିଆନ ସୁପର ଲିଗ୍**

ଉପରେ ଦଳକୁ ନିର୍ଭର କରିବାକୁ ପଡିବ। ସପ୍ତମ ସ୍ଥାନରେ ରହିଥିବା ଗୋଆ ଏଫ୍‌ସି ଏହାର ଅନ୍ତିମ ମ୍ୟାଚ୍ ବେଙ୍ଗାଲୁରୁ ସହିତ ଖେଳିବ। ଯଦି ଏହି ମ୍ୟାଚ୍‌ରେ ଗୋଆ ବିଜୟୀ ହୁଏ ତେବେ ଉନ୍ନତ ଗୋଲ ବ୍ୟବଧାନରେ ପ୍ଲେ ଅଫ୍‌କୁ ଉତ୍ତୀର୍ଣ୍ଣ ହେବ। ମ୍ୟାଚ୍ ଅମୀମାଂସିତ କିମ୍ବା ଗୋଆ ପରାସ୍ତ ହେଲେ ଓଡ଼ିଶା ପ୍ରଥମ ଥର ପ୍ଲେ ଅଫ୍‌ରେ ପ୍ରବେଶ କରିବ। ବୁଧବାର ମ୍ୟାଚରେ ଗୋଆ ପକ୍ଷରୁ ହ୍ୟାରି ସୟର(୬୧) ଓ ରିତ୍ୱିକ୍ ଦାସ(୬୩) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

ମ୍ୟାଚ୍ ଆରମ୍ଭରୁ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଓଏଫ୍‌ସି ବେଶ ବଢିଆ ଆରମ୍ଭ କରିଥିଲା। ଉଭୟ ଦଳ ୪-୪-୨ କମ୍ବିନେଶନ ସହିତ ଓହ୍ଲାଇଥିଲେ। ମ୍ୟାଚରେ ଓଏଫ୍‌ସି ୫୯ ପ୍ରତିଶତ ସମୟ ଖେଳକୁ ନିୟନ୍ତ୍ରଣରେ ରଖିଥିଲେ ହେଁ ମାତ୍ର ୩ ମିନିଟ୍ ମଧ୍ୟରେ ମ୍ୟାଚର ମୋଡ ବଦଳାଇ ଦେଇଥିଲା ଜାମସେଦପୁର। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ପ୍ରଥମ ୧୫ ମିନିଟ ମଧ କେହି କାହାରିକୁ ଗୋଲ ଦେଇନଥିଲେ। ତେବେ ୬୦ରୁ ୬୩ ମିନିଟ ମଧ୍ୟରେ ଜାମସେଦପୁର ଘନ ଘନ ଆକ୍ରମଣ କରିଥିଲା। ୬୧ ତମ ମିନିଟରେ ରିତ୍ୱିକ ଦାସଙ୍କ ପକ୍ଷରୁ ମିଳିଥିବା ପାଶକୁ ଗୋଲରେ ପରିଣତ କରିଥିଲେ ହ୍ୟାରି ସୟର। ଏହାର ଦୁଇ ମିନିଟ ମଧ୍ୟରେ ସୟରଙ୍କ ଠାରୁ ମିଳିଥିବା ଲମ୍ବା ପାଶକୁ ପୋଷ୍ଟର ଡାହାଣ ପଟୁ ଗୋଲରେ ପରିଣତ କରିଥିଲେ ରିତ୍ୱିକ୍ ଦାସ। ଶେଷ ପର୍ଯ୍ୟନ୍ତ ଗୋଲ ପରିଶୋଧ ପାଇଁ ଓଏଫ୍‌ସି ପକ୍ଷରୁ ଆପ୍ରାଣ ଉଦ୍ୟମ କରାଯାଇଥିଲେ ମଧ ଏହା ସଫଳ ହୋଇନଥିଲା। ରିତ୍ୱିକ ଦାସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।



ଓଡ଼ିଶା ଏଫ୍‌ସି ଓ ଜାମସେଦପୁର୍ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଆଇପିଏଲ୍ ଶେଷ ହେବା ପୂର୍ବରୁ ଫେରିବେ ଷ୍ଟୋକ୍ସ

**ୱେଲିଂଟନ, ୨୨।୨ (ପି.ଟି.):** ଇଂଲଣ୍ଡ ଟେଷ୍ଟ ଅଧିନାୟକ ବେନ୍ ଷ୍ଟୋକ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଶେଷ ହେବା ପୂର୍ବରୁ ସ୍ୱଦେଶ ଫେରିଯିବେ। ଆୟର୍ଲାଣ୍ଡ ବିପକ୍ଷ ଏକ ମାତ୍ର ଟେଷ୍ଟରେ ସେ ତାଙ୍କ ଦଳର ନେତୃତ୍ୱ ନେବେ ଏବଂ ଆଶେସ ସିରିଜ ଲାଗି ସେ ନିଜକୁ ପ୍ରସ୍ତୁତ କରିବେ। ଆଇପିଏଲ୍ ଫାଇନାଲ ମେ ୨୮ରେ ହେବ। ଏହାର ୪ଦିନ ପରେ



ଅର୍ଥାତ ଜୁନ ୧ରେ ଲର୍ଡ୍ସଠାରେ ଏକ ମାତ୍ର ଆୟର୍ଲାଣ୍ଡ ଟେଷ୍ଟ ଖେଳାଯିବ। ଅଷ୍ଟ୍ରେଲିଆ ବିପକ୍ଷ ଆଶେସ ସିରିଜ ଜୁନ୍ ୧୬ରୁ ହେବ। ଷ୍ଟୋକ୍ସ ବିଭିନ୍ନ କାରଣରୁ ଆଇପିଏଲ୍‌ର ଗତ ଦୁଇଟି ସଂସ୍କରଣରେ ଖେଳି ନ ଥିଲେ। ଗତ ଡିସେମ୍ବରରେ ହୋଇଥିବା ଆଇପିଏଲ୍ ନିଲାମିରେ ୪ଥର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ତାଙ୍କୁ ୧୬.୨୫ କୋଟି ଟଙ୍କା ବିନିମୟରେ କ୍ରୟ କରିଛି। ସିଏସ୍‌କେ ଯଦି ଆଇପିଏଲ୍ ଫାଇନାଲ ପର୍ଯ୍ୟାୟରେ ପହଞ୍ଚେ ତଥାପି ସେ ପ୍ରସ୍ତୁତି ପାଇଁ ଇଂଲଣ୍ଡ ଫେରିଯିବେ।

**ସର୍ବଭାରତୀୟ ବଧିର ଶୁଟିଂ ପ୍ରତିଯୋଗିତା**

## ମୋହିତଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର,୨୨।୨ (ସ୍ପୋର୍ଟ୍ସ ବ୍ୟୁରୋ):** ମଧ୍ୟପ୍ରଦେଶର ଇନ୍ଦୋର ଠାରେ ଚାଲିଥିବା ୨୫ ତମ ସର୍ବଭାରତୀୟ ବଧିର ଶୁଟିଂ ପ୍ରତିଯୋଗିତାରେ ଓଡିଶାର ମୋହିତ କୁମାର ପସାନ ୧୦ ମିଟର ଏୟାର ରାଇଫଲ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ସର୍ବମୋଟ ୧୪ ଜଣ ଖେଳାଳିଙ୍କ ମଧ୍ୟରୁ ମୋହିତ ଭଲ ପ୍ରଦର୍ଶନ କରି ଶ୍ରେଷ୍ଠ ୮ ଜଣ ଫାଇନାଲିଷ୍ଟଙ୍କ ମଧ୍ୟରେ ସାମିଲ ହୋଇଥିଲେ । ଫାଇନାଲ ରାଉଣ୍ଡରେ ମଧ ଉତ୍ତମ ପ୍ରଦର୍ଶନ କରି ତୃତୀୟ ସ୍ଥାନ ହାସଲ କରିଥିଲେ। ଓଡିଶାର ପ୍ରଥମ ବଧିର ଶୁଟର ଭାବେ ମୋହିତ ଏହି ସଫଳତା ହାସଲ କରିଛନ୍ତି। ଏହି ସଫଳତା ପାଇଁ ଓଡ଼ିଶା ରାଇଫଲ ସଂଘର ସଭାପତି ଅନଙ୍ଗ ଉଦୟ ସିଂହ ଦେଓ, ପୃଷ୍ଠପୋଷକ କଳିକେଶ ନାରାୟଣ ସିଂହଦେଓ ଓ ସଂଘର ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।



ଅତିଥିଙ୍କ ସହ ପଦକ ବିଜେତା।

**ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ**

## ଐଶ୍ୱରୀ ପ୍ରତାପଙ୍କୁ ସ୍ୱର୍ଣ୍ଣ

**କାଇରୋ, ୨୨।୨ (ପି.ଟି):** କାଇରୋରେ ଅନୁଷ୍ଠିତ ବିଶ୍ୱ ଶୁଟିଂ ଚାମ୍ପିୟନଶିପରେ ଭାରତର ଆଧିପତ୍ୟ ଜାରି ରହିଛି। ବୁଧବାର ୫୦ ମିଟର ରାଇଫଲ ଥ୍ରୀ ପୋଜିସନରେ ଭାରତର ଐଶ୍ୱରୀ ପ୍ରତାପ ସିଂ ତୋମାର ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅଷ୍ଟ୍ରିଆର ଆଲେକ୍ସାଣ୍ଡର ସ୍କ୍ରିଲ୍‌ଙ୍କୁ ୧୬-୬ରେ ପରାସ୍ତ କରିଛନ୍ତି ୨୨ ବର୍ଷୀୟ ତୋମାର। ଏହା ପୂର୍ବରୁ ଚାଙ୍ଗଓନ୍ ବିଶ୍ୱକପରେ ମଧ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।



ଐଶ୍ୱରୀ ପ୍ରତାପ ସିଂ ତୋମାର

ର୍‍ୟାଙ୍କିଙ୍ଗ ରାଉଣ୍ଡରେ ତୋମାର ଦ୍ୱିତୀୟ ସ୍ଥାନରେ ରହିଥିଲେ। ତୋମାର ୪୦୬.୪ ପଏଣ୍ଟ ସ୍କୋର କରିଥିବା ବେଳେ ଆଲେକଜାଣ୍ଡର ୪୦୭.୯ ପଏଣ୍ଟ ସ୍କୋର କରିଥିଲେ। ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ୫୮୮ ପଏଣ୍ଟ ସହିତ ଐଶ୍ୱରୀ ପ୍ରଥମ ସ୍ଥାନରେ ରହିଥିଲେ। ଅନ୍ୟତମ ଭାରତୀୟ ଅଖିଳ ସିଓରାନ ୫୮୭ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ ମଧ ର୍‍ୟାଙ୍କିଂ ରାଉଣ୍ଡରୁ ଆଗକୁ ବଢିପାରିନଥିଲେ। ଚଳିତ ବିଶ୍ୱ ଶୁଟିଂ ଚାମ୍ପିୟନଶିପରେ ଏହା ଭାରତର ଷଷ୍ଠ ପଦକ। ଏହା ମଧ୍ୟରେ ୪ଟି ସ୍ୱର୍ଣ୍ଣ ପଦକ ରହିଛି। ଏହା ପୂର୍ବରୁ ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ବର୍ଗରେ ଆର. ନର୍ମଦା ନିତିନ ଓ ରୁଦ୍ରାଂକ୍ଷ, ୧୦ ମିଟର ଏୟାର ରାଇଫଲରେ ରୁଦ୍ରାଂକ୍ଷ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ୧୦ ମିଟର ଏୟାର ପିସ୍ତଲ ବର୍ଗରେ ବରୁଣ ତୋମାର ବ୍ରୋଞ୍ଜ ବିଜୟୀ ହୋଇଥିବା ବେଳେ ରିଦିମ୍ ସାଙ୍ଗଓନ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ।

**ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍**

## ଟପ୍ ୧୦ରେ ରବୀନ୍ଦ୍ର ଜାଡେଜା

**ଦୁବାଇ, ୨୨।୨(ପି.ଟି.)**

ଆଇସିସି ପୁରୁଷ ଟେଷ୍ଟ ପ୍ଲେୟର ର୍‍ୟାଙ୍କିଙ୍ଗ ତାଲିକା ଏଠାରେ ବୁଧବାର ପ୍ରକାଶ ପାଇଛି। ଏଥିରେ ଭାରତର ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନ ଅଧିକାର କରିନେଇଛନ୍ତି। ରବୀନ୍ଦ୍ର ଜାଡେଜା ୭ ସ୍ଥାନ ଡେଇଁ ଟପ୍ ୧୦ ବୋଲର ମଧ୍ୟରେ ସ୍ଥାନ ପାଇଛନ୍ତି। ନୂଆଦିଲ୍ଲୀରେ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ୧୦ ଉଇକେଟ ସଫଳତା ପାଇଁ ଜାଡେଜା ୯ମ ସ୍ଥାନରେ ପହଞ୍ଚିଛନ୍ତି। ୨୦୧୯ ସେପ୍ଟେମ୍ବର ପରେ ସେ ପ୍ରଥମ ଥର ଟପ୍-୧୦ ବୋଲରଙ୍କ ସ୍ଥାନରେ ସ୍ଥାନ ପାଇଛନ୍ତି। ଆଘାତପ୍ରାପ୍ତ ପେସ୍ ବୋଲର ଯଶପ୍ରୀତ୍ ବୁମ୍ରା ଅନ୍ୟ ଭାରତୀୟ ବୋଲର ଭାବେ ଟପ୍ ୧୦ରେ ୫ମ ସ୍ଥାନରେ ଅଛନ୍ତି। ଭେଟେରାନ ଇଂଲଣ୍ଡ ସିମ୍ ବୋଲର ଜେମ୍ସ ଆଣ୍ଡରସନ ତାଲିକାର ଶୀର୍ଷରେ ରହିଛନ୍ତି। କିନ୍ତୁ



ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ କମିନ୍ସ ଦୁଇ ସ୍ଥାନ ତଳକୁ ଖସି ତୃତୀୟ ସ୍ଥାନରେ ଅଛନ୍ତି। ଅକ୍ଷର ପଟେଲ ଟପ୍ ୫ ଅଲରାଉଣ୍ଡର ତାଲିକାରେ ସ୍ଥାନ ପାଇଛନ୍ତି। ଏହି ତାଲିକାରେ ଶୀର୍ଷରେ ଜାଡେଜା ଓ ଅଶ୍ୱିନ ରହିଛନ୍ତି। ଟେଷ୍ଟ ବ୍ୟାଟର ତାଲିକାରେ ଅଷ୍ଟ୍ରେଲିଆର ମାର୍ନସ ଲାବୁସେନ୍ ତାଙ୍କ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ତାଙ୍କ ପଛକୁ ପଛ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ଷ୍ଟିଭ୍ ସ୍ମିଥ୍ ଓ ପାକିସ୍ତାନ ଅଧିନାୟକ ବାବର ଆଜାମ ରହିଛନ୍ତି। କାର ଦୁର୍ଘଟଣାରେ ଅନିର୍ଦ୍ଦିଷ୍ଟକାଳ ପାଇଁ ଖେଳରୁ ଦୂରେଇ ଯାଇଥିବା ଭାରତର ରିଷଭ ପନ୍ତ ତାଙ୍କ ୬ଷ୍ଠ ସ୍ଥାନ ବଜାୟ ରଖିଥିବା ବେଳେ ଅଧିନାୟକ ରୋହିତ ଶର୍ମା ପୂର୍ବ ଭଳି ୭ମ ସ୍ଥାନରେ ଅଛନ୍ତି।


**ଜନ୍ମଦିନ ଶୁଭେଚ୍ଛା**



**ଦିବ୍ୟାଞ୍ଜନା ସେଠୀ (ପ୍ରଜ୍ଞା)**

ଆଜି ତୁମର ଷଷ୍ଠ ବାର୍ଷିକ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ତଥା ଶୁଭକାମନା। ତୁମର ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ କରିବା ସହିତ ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ, ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୁଭେଚ୍ଛା ସହ: ପାପା, ମାମା, ଜେଜେବାପା, ଜେଜେମା, ଦାଦା, ଅଜା, ଆଈ, ମାମୁ ଓ ପରିବାରବର୍ଗ ।

ଧ-୨୮୩୩

CLASSIFIED DISPLAY ALL EDITION - BW (Everyday)
MORE SPACE ' SAME PRICE
For Booking Contact 0674-2580385

10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
0674-2580101, 2549949



**REAL ESTATE**

**SALE**

Bhubaneswar-Khurda ମଧ୍ୟରେ Pitapali Chhakaରେ sthitiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

**4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact-9438362399.** D-2773

New House with Shops for sale at roadside Bhagwaanpur, Dhenkanal @1.5 cr. 9556079359. D-2840

Duplex project at Retang Medical, Station near CV Raman University, Tamando, Bhubaneswar. 7008459987. D-74819

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ଛକଠାରୁ 7K.M. ଦୂରରେ Bank Loan ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9437003399, 8908017863. D-74820

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛଡାବର 1200 sqft. - 5,40,000/-, ନଖରା 300/-. 6371569855. D-74821

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

**Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195.** D-74814




Full body massage, refresh, relaxed by expert lady therapist. 8480939300. D- 2824

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74647

**Relax, Refresh your Body, Mind at Saikrupa Spa with best therapies. 8984068077.** D-2744

Newly open SPA positively health benefits with expert therapist. 7849011931. D-73684

Newly open full body massage, ladies and gents. 9040171280. D-74645

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**BUSINESS**

ଘରେ ବସି Part time matter forwarding କାମ କରି 9000/- ରୁ 36000/- ରୋଜଗାର କରନ୍ତୁ। 8763722330. D-2825

**AFFIDAVIT**

By virtue of affidavit before Executive Magistrate, Daspalla, I do declare that Lili Samantara and Jhuni Lata Samantara, W/o Prafulla Kumar Samantara is one and same person for all purpose. D-2836

**LOST**

ମୁଁ ଅମର ଚନ୍ଦ୍ର ସାହୁ, ପି. ଗନ୍ଧର୍ବ ସାହୁ, ଗ୍ରା.- ନୂଆଶାସନ, ଥା.- ପିପିଲି, ଜି.- ପୁରୀ, ପୋ.- ନୂଆଶାସନ। ମୁଁ ବିଜ୍ଞାପନ ଦେବାର କାରଣ ଏହିକି ଯେ, ମୋର ଗୋଟେ original document କବଲା ନଂ. ୨୭୨୯ ତା୨୭।୧୦।୧୯୯୯ର ଦଲିଲ 17.02.23 ଦିନ ଘରୁ ଭୁବନେଶ୍ୱରକୁ ଯିବା ସମୟରେ ପିପିଲି ବଜାର ମଧ୍ୟରେ କେଉଁଠି ଜରି ବ୍ୟାଗ୍ ସହ ପଡ଼ିଯାଇଥିଲା। ଏଣୁ ଆପଣମାନଙ୍କୁ ବିନୀତ ଅନୁରୋଧ କରୁଅଛି କି ଯଦି କେହି ସହୃଦୟ ବ୍ୟକ୍ତି ଉକ୍ତ କବଲାକୁ ପାଇବେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବେ। ଫୋନ୍ ନଂ. ୮୯୧୭୩୫୮୩୩୧।

ଧ-୭୪୩୪୬

Your classified advertisement published in Dharitri will be listed free in Dharitri online edition: dharitriepaper.in

## ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକ**



**୰ ଚିନ୍ତାମଣି ମହାପାତ୍ର**
ଜଗନ୍ନାଥ କଲୋନୀ, କୁମୁଟୀ ପାଟନା, ପୁରୀ
ଆବିର୍ଭାବ-୧୪।୦୮।୧୯୫୪
ତିରୋଧାନ-୧୦।୦୩।୨୦୧୯
ଚତୁର୍ଥ ଶ୍ରାଦ୍ଧବାର୍ଷିକରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ- ସ୍ତ୍ରୀ, ପୁଅ-ବୋହୂ, ନାତିନାତୁଣୀ ବନ୍ଧୁ ଓ ପରିବାରବର୍ଗ ।

ଧ-୭୩୫୩୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ସୁବାସ ଚନ୍ଦ୍ର ଜେନା**
ଆବିର୍ଭାବ: ୧୬।୧୨।୧୯୪୭
ତିରୋଧାନ: ୦୬।୦୩।୨୦୨୨
ଆପଣଙ୍କ ନୀତି ଓ ଆଦର୍ଶ ଆମ୍ଭମାନଙ୍କର ସମ୍ବଳ । ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।
ବନ୍ଧୁ ଓ ପରିବାରବର୍ଗ
ହଳଦୀବସନ୍ତ, (ଧାରପୁର)
ବରୀ, ଯାଜପୁର

ଧ-୨୮୪୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
ପୁଣ୍ୟତିଥି - ଫାଲ୍‌ଗୁନ ଶୁକ୍ଳ ଚତୁର୍ଥୀ



**୰ ଶ୍ରୀମତୀ ମାଧୁରୀ ପଟ୍ଟନାୟକ**
ଆବିର୍ଭାବ- ୦୪.୦୧.୧୯୪୧
ତିରୋଧାନ- ୦୭.୦୩.୨୦୨୨
ସମୟ ସ୍ରୋତରେ ସବୁକିଛି ବଦଳି ଗଲେମଧ୍ୟ ତୋ ସ୍ମୃତି ସତେଜ ରହିଛି ଆଜିବି । ତୋ ଆତ୍ମା ର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ପାଖରେ ପ୍ରାର୍ଥନା କରୁଛୁ ।
-ଇତିଶୋକ-
ହତଭାଗ୍ୟ ସ୍ୱାମୀ- ରମାକାନ୍ତ ପଟ୍ଟନାୟକ, ମଞ୍ଜୁ ବୁଲୁ, ସଞ୍ଜୁ କୁନା, ଗୀତୁ, ଦୁଲୁ, ଗୁଡୁ, ଟିକି, ନନ୍ଦୁ ଓ ଆତ୍ମୀୟସ୍ୱଜନ ।

ଧ-୭୩୬୮୬

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସରସ୍ୱତୀ ମିଶ୍ର**
ଆବିର୍ଭାବ- ୧୧।୭।୧୯୨୯
ତିରୋଧାନ- ୧୪।୨।୨୦୨୩
ହେ ପୂଜ୍ୟା, ଆଜି ପବିତ୍ର ଦଶାହ (ତା୨୩।୨।୨୦୨୩) ଉପଲକ୍ଷେ ଆପଣଙ୍କ ଅମ୍ଳାନ ସ୍ମୃତି ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁଁ।
ପୁତ୍ର: ନୀଳକଣ୍ଠ, ନିରଞ୍ଜନ, ନିମାଇଁ ଚରଣ, ବୋହୂ: ପ୍ରଜ୍ଞା, ଅନିତା, ଝିଅ: ନଳିନୀ, ପଦ୍ମିନୀ, ସୁଜ୍ଞାନୀ, ସୁରୁଚି, ଜ୍ୱାଇଁ: ତ୍ରିଭୁବନ ଦାଶ, ରାଜେନ୍ଦ୍ର ପଣ୍ଡା, ନାତି: ବିନୟ, ନିର୍ଲିପ୍ତ ଶୋଭନ, ପ୍ରିୟତୋଷ, ସୁମିତ ରୋହନ, ନାତି ବୋହୂ: ଚନ୍ଦନା, ପ୍ରିୟଙ୍କା, ନାତୁଣୀ: ସସ୍ମିତା, ରିତୁସ୍ମିତା, ସୁଶ୍ରିତା, ମିଶ୍ର ପରିବାର ।
ନକଟିକନା, ତରଭା/ ଆନନ୍ଦନଗର, ବଲାଙ୍ଗୀର

ଧ-୨୮୩୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ ଶ୍ରୀ ଅଲେଖ ଚନ୍ଦ୍ର ରଥ**
ଆବିର୍ଭାବ- ୧୩.୦୮.୧୯୪୦
ତିରୋଧାନ- ୦୫.୦୩.୨୦୨୨
ଦେଖୁ ଦେଖୁ ଇତି ମଧ୍ୟରେ ଏକବର୍ଷ ବିତି ଗଲାଣି । ଏବେମଧ୍ୟ ବିଶ୍ୱାସ ହେଉନି ଯେ ଆପଣ ଆମ ଗ୍ରହଣରେ ଆଉ ନାହାଁନ୍ତି । ଆପଣଙ୍କର ବିୟୋଗ ପ୍ରତି ମୁହୂର୍ତ୍ତରେ ଆମମାନଙ୍କୁ କରୁଛି ମର୍ମାହତ । ତୁମର ଆଦର୍ଶ ଓ କର୍ତ୍ତବ୍ୟ ପରାୟଣତା ଆମ ମାନଙ୍କୁ ଅନୁପ୍ରାଣୀତ କରିବ । ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମା ପ୍ରତି ଭକ୍ତିପୁତ ପ୍ରଣାମ । ପ୍ରଭୁ ଶ୍ରୀମା ଶ୍ରୀଅରବିନ୍ଦ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମର ବିନିତ ପ୍ରଣାମ ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହିତ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ।

ଧ-୭୩୬୮୫

## ହୋଲିକୁ ଅପେକ୍ଷା



ଶ୍ରଦ୍ଧା

**ଶ**କ୍ତି ତନୟା ଶ୍ରଦ୍ଧା କପୁର ବେଶ୍ ଉତ୍ସୁକତାର ସହ ଏବର୍ଷ ହୋଲିକୁ ଅପେକ୍ଷା କରିଛନ୍ତି। ଅବଶ୍ୟ ଅନେକେ ଏହି ରଙ୍ଗର ପର୍ବକୁ ଚାହିଁ ବସିବା କିଛି ନୂଆ କଥା ନୁହେଁ। କାରଣ ରଙ୍ଗ ବୋଳିବା ଆଉ ନିଜେ ରଙ୍ଗରେ ରଙ୍ଗିନ୍ ହେବାର ମଜା ନିଆରା। ତେବେ ଶ୍ରଦ୍ଧା ଯେଉଁଥିପାଇଁ ହୋଲିକୁ ଅପେକ୍ଷା କରିଛନ୍ତି, ତାହା ପଛରେ ଏକ ସ୍ପେଶାଲ କାରଣ ରହିଛି। କାରଣ ଠିକ୍ ଏହି ଦିନ ତାଙ୍କ ଅଭିନୀତ ଫିଲ୍ମଟି ରିଲିଜ୍ ହେବ। ଏହାର ଟାଇଟଲ୍ ରହିଛି 'ତୁ ଝୁଟି ମେଁ ମକ୍କାର'। ଲବ୍ ରଞ୍ଜନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ରାହୁଲ ମୁଡିଙ୍କ କାହାଣୀ ଉପରେ ଆଧାରିତ। ଲବ୍ଙ୍କ ବ୍ୟତୀତ ଉକ୍ତ ସିନେମାର ପ୍ରଯୋଜନା କରିଛନ୍ତି ଅଙ୍କୁର ଗର୍ଗ, ଭୂଷଣ କୁମାର ଏବଂ କ୍ରିଷନ୍ କୁମାର। ଏଥିରେ ଶ୍ରଦ୍ଧାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ରଣବୀର କପୁର। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରୀତମ୍। ଅନୁଭବ ସିଂ ବାସି ଏହି ଫିଲ୍ମରୁ ଅଭିନେତା ଭାବରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି।

### ପରଦା ପଛରେ

## ଏବେ ବି ମନେପଡ଼େ 'ଚିକ୍ନି ଚମେଲି'



ଗଣେଶ ଆଚାର୍ଯ୍ୟ

**ବ**ଲିଉଡ୍‌ର ଅନ୍ୟତମ ଆଗଧାଡ଼ିର କୋରିଓଗ୍ରାଫର ଭାବରେ ପରିଗଣିତ ହୁଅନ୍ତି ଗଣେଶ ଆଚାର୍ଯ୍ୟ। ଏ ପର୍ଯ୍ୟନ୍ତ ସେ ଶତାଧିକ ସିନେମାରେ ଏଭଳି ଦାୟିତ୍ୱ ବେଶ୍ ସୂଚାରୁ ରୂପେ ତୁଲାଇ ସାରିଛନ୍ତି। ହେଲେ କ୍ୟାଟ୍ରିନା କୈଫ ନାଚିଥିବା 'ଚିକ୍ନି ଚମେଲି' ଗୀତର କୋରିଓଗ୍ରାଫିକୁ କଦାପି ଭୁଲିପାରିବେ ନାହିଁ ବୋଲି କହନ୍ତି ସେ। ୨୦୧୨ରେ ନିର୍ମିତ 'ଅଗ୍ନିପଥ' ଚଳଚ୍ଚିତ୍ରରେ ଏହି ଗୀତଟି ବେଶ୍ ଲୋକପ୍ରିୟତା ହାସଲ କରିଥିଲା। କୋରିଓଗ୍ରାଫର ଭାବରେ ନିଜକୁ ପରିଚିତ କରାଇବା ପୂର୍ବରୁ ତାଙ୍କୁ ଅନେକ ପରିଶ୍ରମ କରିବାକୁ ପଡ଼ିଥିଲା। ମାତ୍ର ୧୧ ବର୍ଷ ବୟସରେ ବାପାଙ୍କ ବିୟୋଗ ପରେ ପରିବାର ଚଳାଇବାକୁ ତାଙ୍କୁ ଘର ଛାଡ଼ିବାକୁ ପଡ଼ିଥିଲା। ନିଜ ଉପରେ ଶତ ପ୍ରତିଶତ ଭରସା ରଖି ମାତ୍ର ୧୨ ବର୍ଷ ବୟସ୍କ ଗଣେଶ ସେତେବେଳେ ନିଜସ୍ୱ ଏକ ଡ୍ୟାନ୍ସ ଏକାଡେମୀ ପ୍ରତିଷ୍ଠା କରିଥିଲେ। ୧୯୯୨ରେ ନିର୍ମିତ 'ଅନାମ' ଫିଲ୍ମରେ ତାଙ୍କୁ କୋରିଓଗ୍ରାଫର ଭାବରେ ବ୍ରେକ୍ ମିଳିଥିଲା। ତାଙ୍କ କୋରିଓଗ୍ରାଫିରେ ନିର୍ମିତ ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ସନମ ରେ', 'ବାଗୀ', 'ଟୟଲେଟ୍-ଏକ ପ୍ରେମ କଥା' (ଶ୍ରେଷ୍ଠ କୋରିଓଗ୍ରାଫର, ଜାତୀୟ ଚଳଚ୍ଚିତ୍ର ପୁରସ୍କାର), 'ଜୁଡ୍‌ୱା-୨', 'ବାଗୀ-୨', 'କେଜିଏଫ୍: ଚାପ୍ଟର-୧ (ହିନ୍ଦୀ ଭର୍ସନ), 'ସିମ୍ବା', 'କୁଲି ନଂ. ୱାନ', 'ପୁଷ୍ପା: ଦ ରାଇଜ' ଏବଂ 'ବ୍ରହ୍ମାସ୍ତ୍ର'। ତାଙ୍କର ମନ ପସନ୍ଦର ଅଭିନେତା ହେଉଛନ୍ତି ଗୋବିନ୍ଦା ଏବଂ ଅଭିନେତ୍ରୀ ହେଉଛନ୍ତି ମାଧୁରୀ ଦୀକ୍ଷିତ। କେବଳ ଜଣେ କୋରିଓଗ୍ରାଫର ନୁହନ୍ତି, ଗଣେଶ ମଧ୍ୟ କେତୋଟି ସିନେମାର ନିର୍ଦ୍ଦେଶନା ଦେବା ସହ ଅଭିନୟ ମଧ୍ୟ କରିଛନ୍ତି।

### ନୂଆ ସିନେମା

## ଆର୍‌ମର



ମନୋଜ

**ଏ**କ ଭିନ୍ନ ଧରଣର ସସ୍‌ପେନ୍ସ ଥ୍ରୀଲର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଆର୍‌ମର'। ଏହାର ଟ୍ରିଜର ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଆଜିକାଲି ମହିଳାମାନଙ୍କର ସୁରକ୍ଷା ବେଶ୍ ଜରୁରୀ ହୋଇପଡିଛି। ହେଲେ ଏପରି ଏକ ଡିଭାଇସ୍ ପ୍ରସ୍ତୁତ ହୋଇଛି, ଯାହା ସେମାନଙ୍କୁ ସୁରକ୍ଷା ଯୋଗାଇ ପାରିବ। ଏଭଳି ବିଷୟବସ୍ତୁକୁ ନେଇ ଉକ୍ତ ସିନେମାଟିକୁ ନିର୍ମାଣ କରିଛନ୍ତି ଶୁଭେନ୍ଦୁ କୁମାର। ଶୁଭେନ୍ଦୁ କୁମାର ପ୍ରଡକ୍ସନ ବ୍ୟାନରରେ ଏହାର ସହ-ପ୍ରଯୋଜନା କରିଛନ୍ତି କେଦାର ତାରିଣୀ ପଣ୍ଡା। ଫିଲ୍ମରେ ସଂଯୋଜିତ ତଥା ଜୟନ୍ତ ଦାସ ଏବଂ ଅରୁଣ ମନ୍ତ୍ରୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଦୀପ୍ତିମାନ ଏବଂ ବର୍ଷି। ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ମନୋଜ ମିଶ୍ର, ମେଘନା ମିଶ୍ର, ଅକ୍ଷୟ ବସ୍ତିଆ, ଇଷା ବେବର୍ତ୍ତା, ସ୍ୱସ୍ତିକ ମହାନ୍ତି, ସମରଜିତ ଓଝା ପ୍ରମୁଖ କଳାକାର। ବିଶେଷଭାବରେ ଏହି ଫିଲ୍ମରେ ମନୋଜ ମିଶ୍ରଙ୍କ ରାବଣ ଭୂମିକାକୁ ନେଇ ଅଧିକ ଚର୍ଚ୍ଚା। ଏହାର ନିର୍ଦ୍ଦେଶନା ଦେଇଛନ୍ତି ସୁବ୍ରତ ଡିଗଲ। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି ଏବଂ ଖୁବ୍‌ଶୀଘ୍ର ରିଲିଜ୍ ହେବ ବୋଲି ଜଣାପଡ଼ିଛି।

## ରକି ଔର ରାନୀର କି ପ୍ରେମ କାହାନୀ

**ଏ**ହି ଶୀର୍ଷକରୁ ସ୍ପଷ୍ଟ ଜଣାପଡୁଛି ଯେ, ଏହା ଏକ ପ୍ରେମ କାହାଣୀକୁ ନେଇ ନିଶ୍ଚୟ ଆଧାରିତ। ଏଥିରେ କେବଳ ଲଭ୍ କି ଇମୋଶନ ନୁହେଁ, କମେଡ଼ିର ଫୁଲ୍ ତଡ଼କା ଦର୍ଶକ ଏଥିରୁ ପାଇପାରିବେ। ଉକ୍ତ ରୋମାଣ୍ଟିକ-କମେଡ଼ି ଫିଲ୍ମ 'ରକି ଔର ରାନୀ କି ପ୍ରେମ କାହାନୀ'ରେ ରକି ଭୂମିକାରେ ରଣବୀର ସିଂ ଏବଂ ରାନୀ ଚରିତ୍ରରେ ଆଲିୟା ଭଟ୍ଟ ଅଭିନୟ କରିଛନ୍ତି। ଏମାନଙ୍କ ବ୍ୟତୀତ ଧର୍ମେନ୍ଦ୍ର, ଜୟା ବଚ୍ଚନ, ସବାନା ଆଜମୀଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଧର୍ମା ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି କରନ୍ ଜୋହର। ଏ ନେଇ ଆଲିୟା କହନ୍ତି, ''ଯଦିଓ ଏହି ଫିଲ୍ମର ଶୁଟିଂ ୨୦୨୧ରେ ଆରମ୍ଭ ହୋଇଥିଲା, ହେଲେ କରୋନା ମହାମାରୀ ପାଇଁ ତାହା ବାଧାପ୍ରାପ୍ତ ହୋଇଥିଲା। ଶୁଟିଂ ଶେଷ ହୋଇ ପୋଷ୍ଟ ପ୍ରଡକ୍ସନ କାମ ସରିଥିଲେ ମଧ୍ୟ କେତେକ କାରଣରୁ ଏହାର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇବାକୁ ପଡ଼ିଥିଲା। ପ୍ରଥମେ ଫିଲ୍ମଟି ଚଳିତବର୍ଷ ଫେବୃୟାରୀ ୧୦ରେ ପରଦା ଉପରକୁ ଆସିଥାଆନ୍ତା। ହେଲେ ତାହାକୁ ବାତିଲ କରାଯାଇଥିଲା। ଏବର୍ଷ ଏପ୍ରିଲ ୨୩ରେ ଫିଲ୍ମଟି ପରଦା ଉପରକୁ ଆସିବ।'' ତେବେ ଏହି ଚିତ୍ର ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛି ତାହା ରିଲିଜ୍ ପରେ ହିଁ ଜଣାପଡ଼ିବ।



ଆଲିୟା

## କେବଳ ପିଜା



ପରିଣିତି

**ପ**ରିଣୀତି ଚୋପ୍ରା ଇତିମଧ୍ୟରେ ବଲିଉଡ୍‌ରେ ବେଶ୍ କେତୋଟି ସିନେମାରେ ଅଭିନୟ କରିସାରିଲେଣି। ତାଙ୍କୁ ଯେତେବେଳେ ଭୋକ ଲାଗେ, ସେତେବେଳେ ସେ ଗୋଟିଏ ଜିନିଷ ଖାଇବାକୁ ଭୁଲି ନ ଥା'ନ୍ତି। ଯେତେ ମନଲୋଭା ଖାଦ୍ୟ ଥିଲେ ମଧ୍ୟ ଗୋଟିଏ ଖାଦ୍ୟ ପ୍ରତି ତାଙ୍କର ଦୁର୍ବଳତା ରହିଛି। ତାହା କ'ଣ ଜାଣନ୍ତି? ପିଜା। ଏପରି କି ଶୁଟିଂରୁ ବ୍ରେକ୍ ମିଳିଲେ ଟାଇମ୍ ପାସ୍ ପାଇଁ ପିଜା ମଗାଇ ଖାଇଥାଆନ୍ତି। ଏ ସମ୍ପର୍କରେ ପରିଣୀତି କହନ୍ତି, ''ଷ୍ଟୁଡେଣ୍ଟ କ୍ୟାରିୟରରୁ ମୋର ପିଜା ଖାଇବା ଏକ ଅଭ୍ୟାସରେ ପଡ଼ିଯାଇଛି। ପ୍ରତିଦିନ ଯେମିତି ହେଲେ ମୁଁ ପିଜା ଖାଇଥାଏ। ଯଦି କେବେ ମିସ୍ କଲି, ତେବେ ମୋତେ ଲାଗେ ଯେମିତି ମୁଁ କିଛି ଜିନିଷ ହଜେଇ ଦେଇଛି।'' ପରିଣୀତିଙ୍କର ଆଉ ଏକ ଅଭ୍ୟାସ ରହିଛି। ବଜାରରେ କୌଣସି ନୂଆ ଜୋତା ଲଞ୍ଚ୍ ହେଲେ ତାହାକୁ କିଣିବାକୁ ଭୁଲି ନ ଥା'ନ୍ତି। ପ୍ରିୟଙ୍କା ଚୋପ୍ରାଙ୍କ 'ସାତ୍ ଖୁଣ୍ ମାଫ୍' ଦେଖିବା ପରେ ଆକ୍ଟିଂ ଲାଇନ୍‌ରେ ଏଣ୍ଟ୍ରି କରିବାକୁ ମନ ବଳାଇଥିଲେ ସେ। ପ୍ରିୟଙ୍କା ଅଭିନୀତ 'ପ୍ୟାର୍ ଇମ୍ପସିବଲ୍'ର ଶୁଟିଂ ସେଟ୍‌ରେ ଯଶରାଜ ଫିଲ୍ମସର ପି.ଆର. ବିଭାଗ ମୁଖ୍ୟଙ୍କ ସହ ପରିଣୀତିଙ୍କର ଭେଟ ହୋଇଥିଲା। ତା'ପରେ ସେ ଏହି ବିଭାଗରେ ଯୋଗ ଦେଇଥିଲେ। କେବଳ ସେତିକି ନୁହେଁ, ଆଗଧାଡ଼ିର ଫୁଟବଲ୍ କ୍ଲବ ମାଞ୍ଚେଷ୍ଟର ୟୁନାଇଟେଡ୍‌ର କ୍ୟାଟରିଂ ବିଭାଗରେ ସେ ମଧ୍ୟ କିଛିଦିନ କାମ କରିଥିଲେ।

## ଅତୀତରୁ

➤କେ.ଏଚ୍.ଡି. ରାଓଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ପରିବାର'। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଚକ୍ରପାଣି, ଅନୀତା ଦାସ, ଅଭୟ, ନରେନ୍ଦ୍ର, ଭୋଳାନାଥ ପ୍ରମୁଖ କଳାକାର।

➤ସତ୍ୟସାଇ ମୁଭିଟୋନ୍, ବ୍ରହ୍ମପୁର ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ଚିତ୍ର 'କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ'ର ନିର୍ଦ୍ଦେଶନା ଦେଇଥିଲେ ଏନ୍. ଗୋପାଳ। ଏହି ଫିଲ୍ମର ନାୟିକା ସାଜିଥିଲେ ରୋଜାରମଣି ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ଚକ୍ରପାଣି।

## ଆସିଗଲା ଶୁଭ ଦିନ



'ବାଜିବ ଲୋ ସାହାନାଇ' ଫିଲ୍ମରେ ସମ୍ବିତ-ଝିଲିକ୍-ଅମ୍ଲାନ

**ଜ**ଲିଉଡ୍‌ର ଅନ୍ୟତମ ସୁପରହିଟ୍ ନାଟକ ଭାବରେ 'ବାଜିବ ଲୋ ସାହାନାଇ'କୁ ପରିଗଣିତ କରାଯାଇଥାଏ। ଅପେରା ଜଗତର ଆଗଧାଡ଼ିର ତଥା ବ୍ୟସ୍ତ ନାଟ୍ୟକାର-କମ୍-ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ରଙ୍କର ଏହି ନାଟକ ସେ ସମୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲା। କିଛି ବର୍ଷ ପୂର୍ବେ ତାହାକୁ ଓଡ଼ିଆ ଚଳଚ୍ଚିତ୍ରର ରୂପ ଦେବାକୁ ଚିନ୍ତା କରିଥିଲେ ଆଶୁତୋଷ ଏବଂ ଏହାର ପ୍ରଯୋଜକ ଜନ୍ମେଜୟ ଡଗରା। ଉକ୍ତ ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ଆଶୁତୋଷ। ସାହାନାଇକୁ ପେସା କରି ଚଳୁଥିବା ବ୍ୟକ୍ତିଟିଏ ସମୟ ଚକ୍ରରେ ପେଷି ହୋଇ କିପରି ଜୀବନ କଟାଉଛି, ତାହାକୁ ଆଧାର କରି ଏହାର କାହାଣୀ ଗତି କରିଛି। ଫିଲ୍ମଟି ଆସନ୍ତା ମାସ ୩ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ସୂତ୍ରରୁ ପ୍ରକାଶ। ଆରଜେଡି ଆର୍ଟସେ ବ୍ୟାନରରେ ପ୍ରସ୍ତୁତ ଚିତ୍ରଟିର ସଂଳାପ ରଚନା କରିଛନ୍ତି ବିଶ୍ୱ-ଆଶୁତୋଷ। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ରହିଛନ୍ତି ସମ୍ବିତ, ଅମ୍ଲାନ କୁମାର ଏବଂ ବଙ୍ଗୀୟ ଅଭିନେତ୍ରୀ ଝିଲିକ୍। ଏମାନଙ୍କ ବ୍ୟତୀତ ରାଇମୋହନ, ଅଶ୍ରୁମୋଚନ ମହାନ୍ତି, ଆଶୁତୋଷ, ଭୂପତି ତ୍ରିପାଠୀ, ସୁମନ, ପ୍ରତିଭା ପଣ୍ଡା, ଜୟୀରାମ ସାମଲ ଏବଂ ଅପେରା ଅଭିନେତା ହୃଷୀକେଶ ମଧ୍ୟ କାଷ୍ଟିଂରେ ଅଛନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମୃତାଂଶୁ-ତାପସ। ତେବେ ବଡ଼ ପରଦାରେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ୍ ପରେ ଜଣାପଡ଼ିବ।

## ବାପା ସୁପରମ୍ୟାନ୍

**ପି**ଲାମାନଙ୍କ ପାଇଁ ସବୁବେଳେ ପ୍ରେରଣାର ଉତ୍ସ ସାଜିଥାଆନ୍ତି ତାହାର ମା'ବାପା। କେତେକ କ୍ଷେତ୍ରରେ ବାପାର ଭୂମିକାକୁ ସର୍ବାଗ୍ରେ ସ୍ମରଣ କରାଯାଇଥାଏ। ବାପା-ପୁଅର ଅନାବିଳ ସ୍ନେହଭରା ସମ୍ପର୍କକୁ ନେଇ ଚିତ୍ରଟିର କାହାଣୀ ଗତି କରିଛି। ଆଉ ଏଭଳି ଏକ ଭିନ୍ନ ଧରଣର କଥାବସ୍ତୁକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ବାପା ସୁପରମ୍ୟାନ୍'। ଫିଲ୍ମଟି ଆସନ୍ତା ମାସ ୩ ତାରିଖରେ ରିଲିଜ୍ ହେବାକୁ ଯାଇଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଓମ୍‌କାର ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ରଶ୍ମିପ୍ରଭା ପାଣି। କାହାଣୀ, ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା। ଗୁରୁ ଶତପଥୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ସୌମିତ୍ରୀ ପଲାଇ। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଧ୍ରୁବାନନ୍ଦ ପଣ୍ଡା। ଓଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି। ଏହି ଫିଲ୍ମର ଟାଇଟଲ ଭୂମିକାରେ ଅନ୍ୟତମ ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁ ଦେଖିବାକୁ ମିଳିବ। ଉକ୍ତ ଚିତ୍ରରେ ସିଦ୍ଧାନ୍ତଙ୍କ ବ୍ୟତୀତ ସୋଫିଆ ଆଲାମ୍, ଶମ୍ଭୁ ହୋତା, ସୁପ୍ରିୟା, ପ୍ରକାଶ, ପ୍ରଜ୍ଞା, ଶୁଭ୍ରାଂଶୁ ଏବଂ ଶିଶୁ କଳାକାର ଶୁଭମ୍ ପଣ୍ଡା, ତ୍ରିଶା, ରିଷିକ ଏବଂ ତେଜ୍ ମଧ୍ୟ ଅଭିନୟ କରିଛନ୍ତି।



'ବାପା ସୁପରମ୍ୟାନ୍' ଫିଲ୍ମରେ ଶୁଭମ୍-ସିଦ୍ଧାନ୍ତ

# ଆଜି ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ

**କେପ୍‌ଟାଉନ,୨୨।୨(ପି.ଟି.)**

ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ମହିଳା ଟି୨୦ ବିଶ୍ୱକପ୍‌ର ପ୍ରଥମ ସେମିରେ ମୁହାଁମୁହିଁ ହେବେ ଭାରତ ଓ ଅଷ୍ଟ୍ରେଲିଆ। ଗୁରୁବାର କେପ୍‌ଟାଉନ୍‌ର ନ୍ୟୁଲ୍ୟାଣ୍ଡସ୍‌ରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ ଅଷ୍ଟ୍ରେଲିଆର ପଲା ଭାରି ରହିଛି। ଉଭୟ ଦଳ ମଧ୍ୟରେ ଖେଳା ଯାଇଥିବା ଶେଷ ଆଇସିସି ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଭାରତ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ । ତେବେ ବିଗତ ୬ ବର୍ଷ ମଧ୍ୟରେ ଆଇସିସି ଟୁର୍ନାମେଣ୍ଟଗୁଡ଼ିକରେ ଭାରତୀୟ ଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଦୁଇ ବର୍ଷ ପୂର୍ବେ ଟି୨୦ ବିଶ୍ୱକପ୍ ଫାଇନାଲରେ ଓ ରାଜ୍ୟ ଗୋଷ୍ଠୀ କ୍ରିକେଟ ଫାଇନାଲରେ ଭାରତ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ଅପରାଜେୟ ରହି ଯୋଗ୍ୟତା ହାସଲ କରିଥିବା ବେଳେ ଭାରତ ୪ରୁ ୩ଟି ମ୍ୟାଚ୍ ଜିତିଥିଲା। ଭାରତ ଇଂଲଣ୍ଡ ନିକଟରୁ ହାରିଥିବା ବେଳେ ପାକିସ୍ତାନ, ୱେଷ୍ଟଇଣ୍ଡିଜ ଓ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା।

**ମହିଳା ଟି୨୦ ବିଶ୍ୱକପ୍**
**ମ୍ୟାଚ୍ ସ୍ଥାନ: ନ୍ୟୁଲାଣ୍ଡ୍ସ, କେପ୍‌ଟାଉନ୍**
**ମ୍ୟାଚ୍ ସମୟ: ସନ୍ଧ୍ୟା ୬.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ତେବେ ଏହା ମଧ୍ୟରୁ ଗୋଟିଏ ବି ବିଜୟ ଆତ୍ମବିଶ୍ୱାସ ଭରା ନ ଥିଲା। ଗୁରୁବାରର ସେମିଫାଇନାଲ ମୁକାବିଲା ଜିତିବାକୁ ହେଲେ ଭାରତକୁ ସବୁ ବିଭାଗରେ ଉନ୍ନତି ଆଣିବାକୁ ପଡିବ। ବ୍ୟାଟିଂରେ ରିଚା ଘୋଷ, ସ୍ମୃତି ମାନ୍ଧନା ଓ ବୋଲିଂରେ ରେଣୁକା ସିଂ ଠାକୁରଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ଆଖିଦୃଶିଆ ପ୍ରଦର୍ଶନ



ଅଷ୍ଟ୍ରେଲିଆ ଅଧିନାୟିକା ମେଗ୍ ଲାନିଂ।



ଭାରତ ଅଧିନାୟିକା ହରମନପ୍ରୀତ୍ କୌର୍।

କରିବାରେ ବିଫଳ ହୋଇଛନ୍ତି। ଏହା ସହିତ ଡଟ୍ ବଲ୍ ଭାରତର ଏକ ବଡ ସମସ୍ୟା ରହିଛି। ଭାରତୀୟ ଖେଳାଳିମାନେ ଷ୍ଟ୍ରାଇକ୍ ରୋଟେଟ୍ କରିବାରେ ବିଫଳ ହେଉଥିବା ବେଳେ ଅଧିକ ଡଟ୍ ବଲ୍ ଖେଳୁଛନ୍ତି। ଡିସେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ଓ ଦକ୍ଷିଣ ଆଫ୍ରିକା ତ୍ରିରାଷ୍ଟ୍ରୀୟ ସିରିଜରେ ମଧ୍ୟ ଦଳ ସମାନ ଢଙ୍ଗରେ ଖେଳିଥିଲା। ବିଶ୍ୱକପ୍ ଗ୍ରୁପ୍ ପର୍ଯ୍ୟାୟରେ ଇଂଲଣ୍ଡ ବିପକ୍ଷରେ ୫୧ ଓ ଆୟର୍ଲାଣ୍ଡ ବିପକ୍ଷରେ ୪୧ଟି ଡଟ୍ ବଲ୍ ଖେଳିଥିଲେ ଭାରତୀୟ ବ୍ୟାଟର। ଓପନର ଶେଫାଳି ବର୍ମା ଓ ହରମନ୍‌ପ୍ରୀତ୍ କୌର୍ ବଡ ଶଟ୍ ଖେଳିବାର ଦକ୍ଷତା ରଖିଥାନ୍ତି। ମାତ୍ର ଚଳିତ ବିଶ୍ୱକପ୍‌ରେ ଉଭୟ ଖେଳାଳିଙ୍କ ବ୍ୟାଟ୍ ନୀରବ ରହିଛି। ଜେମିମା ରୋଡ୍ରିଗୁଏଜଙ୍କ ପ୍ରଦର୍ଶନ ଆଭରେଜ ରହିଥିବା ବେଳେ ବଡ ମ୍ୟାଚରେ ତାଙ୍କୁ ମଧ୍ୟ ଫର୍ମକୁ ଫେରିବାକୁ ପଡିବ। ବୋଲିଂରେ ରେଣୁକା ସିଂ ଠାକୁର ଓ ସ୍ପିନ ବିଭାଗରେ ଦୀପ୍ତି ଶର୍ମାଙ୍କୁ ଛାଡିଦେଲେ ଅନ୍ୟ କୌଣସି ଖେଳାଳିଙ୍କ ପ୍ରଦର୍ଶନ ଆଖିଦୃଶିଆ ରହିନାହିଁ। ପୂଜା ବସ୍ତ୍ରକାର, ରାଜେଶ୍ୱରୀ ଗାଏକ୍ୱାଡ, ରାଧା ଯାଦବ ଓ ଅଭିଜ୍ଞ ଶିଖା ପାଣ୍ଡେଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡିବ। ୨୦୨୧ ପରଠାରୁ ଅଷ୍ଟ୍ରେଲିଆ ମାତ୍ର ଦୁଇଟି ମ୍ୟାଚରେ ପରାଜିତ ହୋଇଛି। ସଂଯୋଗବଶତଃ ଉଭୟ ପରାଜୟ ଭାରତ ବିପକ୍ଷରେ ଆସିଛି। ଭାରତୀୟ ଦଳ ପ୍ରଥମ ସେମିରେ ସମାନ ସଫଳତା ଆଉ ଥରେ ଦୋହରାଇବାକୁ ପ୍ରୟାସ କରିବ।

## ଦକ୍ଷିଣ ଆଫ୍ରିକା ସେମିରେ



ପ୍ଲେୟର୍ ଅଫ୍ ଦ ମ୍ୟାଚ ଲୌରା ଓଲ୍‌ଭାର୍ଡଟ୍।

**କେପ୍‌ଟାଉନ୍,୨୨।୨(ପି.ଟି.)**

ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ମହିଳା ଟି୨୦ ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି ଆୟୋଜକ ଦଳ। ଅନ୍ତିମ ଗ୍ରୁପ୍ ମ୍ୟାଚରେ ବାଂଲାଦେଶକୁ ୧୦ ଉଇକେଟରେ ପରାସ୍ତ କରି ଅଷ୍ଟ୍ରେଲିଆ ପଛକୁ ଦ୍ୱିତୀୟ ସ୍ଥାନରେ ରହି ସେମି ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି ଦକ୍ଷିଣ ଆଫ୍ରିକା। ଏହା ସହିତ ସୁନ୍ ଲୁସଙ୍କ ଦଳ ଆଫ୍ରିକୀୟ ଇତିହାସରେ ପ୍ରଥମ ଥର ଆୟୋଜକ ଭାବରେ ଟପ୍-୪ରେ ସାମିଲ ହୋଇଛି। ଗ୍ରୁପ୍ ଏ'ରେ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ସହିତ ସମାନ ୪ ପଏଣ୍ଟ ହାସଲ କରିଥିଲେ ହେଁ ଉନ୍ନତ ରନ୍ ରେଟ ଆଧାରରେ ଦକ୍ଷିଣ ଆଫ୍ରିକା ସେମିକୁ ଉନ୍ନୀତ ହୋଇଛି। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୧୧୩ ରନରେ ଅଲ୍‌ଆଉଟ ହୋଇଥିବା ବେଳେ ୧୩ ବଲ୍ ବାକି ଥାଇ ବିନା କ୍ଷତିରେ ମ୍ୟାଚ୍ ଜିତିଥିଲା ଘରୋଇ ଦଳ। ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ ନିଗାର ସୁଲତାନା ଜ୍ୟୋତି (୩୦) ଓ ଶୋଭନା ମୋଷ୍ଟାରି (୨୭) ଉପଯୋଗୀ ବ୍ୟାଟିଂ କରିଥିଲେ। ବାଂଲାଦେଶ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୧୩ ରନ୍ କରିଥିଲା। ମାରିଜେନ୍ କାପ୍ ଓ ଆୟୋବୋଙ୍ଗା ଖାଖା ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ଶବନିମ୍ ଇସ୍‌ମାଇଲ ଓ ଏନ୍ ମାଲବା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଲୌରା ଲୌରା ଓଲ୍‌ଭାର୍ଡଟ (୬୬*) ଓ ଟାଜ୍‌ମିନ୍ ବ୍ରିଟ୍‌ସ (୫୦*)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ୧୦ ଉଇକେଟରେ ମ୍ୟାଚ ଜିତି ନେଇଥିଲା ଦକ୍ଷିଣ ଆଫ୍ରିକା। ଲୌରା ୫୬ ବଲ୍ ଖେଳି ୭ ଚୌକା ଓ ୧ ଛକା ମାରିଥିବା ବେଳେ ଟାଜ୍‌ମିନ୍ ୫୧ ବଲ୍‌ରୁ ୪ ଚୌକା ମାରିଥିଲେ। ଲୌରା ଓଲ୍‌ଭାର୍ଡଟଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୧୩/୬ (ନିଗାର ସୁଲତାନା ଜ୍ୟୋତି-୩୦, ଶୋଭନା ମୋଷ୍ଟାରି-୨୭, ମାରିଜେନ୍ କାପ୍-୨/୧୭,ଆୟୋବୋଙ୍ଗା ଖାଖା-୨/୨୧)। ଦକ୍ଷିଣ ଆଫ୍ରିକା ୧୭.୫ ଓଭରରେ ୧୧୭/୦ (ଲୌରା ଓଲ୍‌ଭାର୍ଡଟ-୬୬*, ଟାଜ୍‌ମିନ୍ ବ୍ରିଟ୍‌ସ-୫୦*)।



ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ଠାରେ ବୁଧବାର ଏକ ବହୁମୁଖୀ ଇନ୍‌ଡୋର ହଲ୍‌ର ଉଦ୍‌ଘାଟନୀ ଅବସରରେ ଭଲିବଲ୍ ଖେଳୁଛନ୍ତି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର।

## ଡୋପିଂ: ଅଲିମ୍ପିକ ପଦକ ବିଜେତା ୮ବର୍ଷ ବାସନ୍ଦ

**ଅଷ୍ଟାନା (କାଜାଖସ୍ତାନ), ୨୨।୨ (ଏପି)**

ଡୋପିଂ ପାଇଁ କାଜାଖସ୍ତାନର ଟୋକିଓ ଅଲିମ୍ପିକ୍ସ ୨୦୨୧ରେ ବ୍ରୋଞ୍ଜ ଜିତିଥିବା ଇଗୋର ସନ୍ (୬୧ କିଲୋଗ୍ରାମ୍ କାଟେଗୋରି) ନାମକ ଜଣେ ଭାରୋତ୍ତୋଳକଙ୍କୁ ୮ବର୍ଷ ବାସନ୍ଦ କରାଯାଇଛି। କାଜାଖସ୍ତାନ ଭାରୋତ୍ତୋଳନ ମହାସଂଘ ତରଫରୁ ବୁଧବାର ଏ ବିଷୟରେ ସୂଚନା ଦିଆଯାଇଛି। ଡୋପିଂ ପାଇଁ ସନ୍‌ଙ୍କ ବ୍ୟତୀତ ଦେଶର ଅନ୍ୟ ୫ଜଣ ବାସନ୍ଦ ହୋଇଛନ୍ତି। କାଜାଖସ୍ତାନର ଡୋପିଂ ବିରୋଧୀ କର୍ତ୍ତୃପକ୍ଷ ଏହି ୬ଜଣ ଭାରୋତ୍ତୋଳକ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବା କଥା ୨୦୨୨ରେ ପ୍ରଥମେ ରିପୋର୍ଟ କରିଥିଲେ। ଡୋପିଂ ଅଭିଯୋଗରେ ସନ୍ ଦ୍ୱିତୀୟ ଥର ବାସନ୍ଦ ଦଣ୍ଡ ପାଇଛନ୍ତି। ପୂର୍ବରୁ ୨୦୧୫ରେ ତାଙ୍କୁ ୭ ମାସ ବାସନ୍ଦ କରାଯାଇଥିଲା। ତାଙ୍କଠାରୁ କିନ୍ତୁ ଅଲିମ୍ପିକ ପଦକ ପ୍ରତ୍ୟାହାର କରାଯିବ ନାହିଁ। କାରଣ ସନ୍ ଅଂଶଗ୍ରହଣ କରିଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକର ୬ମାସ ପୂର୍ବରୁ ପ୍ରତିଯୋଗିତା ବାହାରେ ଡୋପ୍ ଟେଷ୍ଟ ହୋଇଥିଲା ବୋଲି କାଜାଖସ୍ତାନ ଭାରୋତ୍ତୋଳନ ମହାସଂଘର ସାଧାରଣ ସମ୍ପାଦକ ଅଲ୍‌ଦିୟାର ନୁରାଲିନୋଭ ପ୍ରକାଶ କରିଛନ୍ତି। ଏଲିଟ୍ ସ୍ତରରେ ଡୋପିଂକୁ ନେଇ କାଜାଖସ୍ତାନର ଏକ ଲମ୍ବା ଇତିହାସ ରହିଛି। ବିଭିନ୍ନ



ଇଗୋର ସନ୍

କ୍ଷେତ୍ରରେ ଡୋପିଂ ନିରୋଧୀ ନିୟମ ଉଲ୍ଲଂଘନ ପାଇଁ ଦେଶର କେତେଜଣ ପ୍ରତିଯୋଗୀଙ୍କୁ ୨୦୦୮, ୨୦୧୨ ଓ ୨୦୧୬ ଅଲିମ୍ପିକ୍ସ ପଦକ ହରାଇବାକୁ ପଡ଼ିଛି। ନୁରାଲିନୋଭ କହିଛନ୍ତି, ଏଥର କିନ୍ତୁ ତାହା ଘଟିବ ନାହିଁ, କାରଣ ସନ୍ ଏବଂ ଅନ୍ୟ ଆଥଲେଟମାନଙ୍କର କାଜାଖସ୍ତାନ ଭିତରେ ଜାତୀୟସ୍ତର ଟେଷ୍ଟ ହୋଇଥିଲା, କୌଣସି ଅନ୍ତର୍ଜାତୀୟ ଇଭେଣ୍ଟରେ ନୁହେଁ।





## ଏଲିସା ହିଲି ୟୁପି ୱାରିୟର୍ଜ ଅଧିନାୟିକା

**ଲକ୍ଷ୍ନୌ,୨୨।୨(ପି.ଟି.)**

ଆସନ୍ତା ମାସରେ ମୁମ୍ବାଇରେ ହେବାକୁଥିବା ଉଦ୍‌ଘାଟନୀ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲୁପିଏଲ୍) ପାଇଁ ୟୁପି ୱାରିୟର୍ଜ ଅଷ୍ଟ୍ରେଲୀୟ ଉଇକେଟକିପର ବ୍ୟାଟର ଏଲିସା ହିଲିଙ୍କୁ ଦଳର ଅଧିନାୟିକା ମନୋନୀତ କରିଛି। କାପ୍ରି ୱାରିୟର୍ଜ ହୋଲ୍ଡିଂ ପ୍ରାଇଭେଟ ଲିମିଟେଡ୍ ହେଉଛି ୟୁପି ୱାରିୟର୍ଜ ଫ୍ରାଞ୍ଚାଇଜର ମାଲିକ। ହିଲି ହେଉଛନ୍ତି ଅଭିଜ୍ଞ ଓ ମହିଳା କ୍ରିକେଟରେ ଏକ ପରିଚିତ ନାମ। ସେ ଅଷ୍ଟ୍ରେଲିଆ ତରଫରୁ ୧୩୯ ଟି୨୦ ଖେଳି ୧୪ ଅର୍ଦ୍ଧଶତକ ସହ ୨,୫୦୦ ପାଖାପାଖି ରନ ସଂଗ୍ରହ କରିଛନ୍ତି। ଏହି ଖେଳରେ ତାଙ୍କୁ ଅନ୍ୟତମ ଶ୍ରେଷ୍ଠ ଉଇକେଟକିପର ବ୍ୟାଟର ବିବେଚନା କରାଯାଏ। ଇଂଲଣ୍ଡର ଜନ୍ ଲିଓ୍ୱିସ ୟୁପି ୱାରିୟର୍ଜର କୋଚ୍ ରହିଥିବା ବେଳେ ଅଞ୍ଜୁ ଜୈନ ସହକାରୀ କୋଚ୍ ରହିଛନ୍ତି। ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଆଶ୍‌ଲେ ନୋଫ୍‌କି ବୋଲିଂ





କୋଚ୍ ରହିଥିବା ବେଳେ ୪ଥର ବିଶ୍ୱଚାମ୍ପିୟନ ଲିସା ଷ୍ଟାଲେକର ଦଳର ମେଣ୍ଟର ଅଛନ୍ତି। ଡବ୍ଲୁପିଏଲ୍ ମାର୍ଚ୍ଚ ୪ରୁ ୨୬ ପର୍ଯ୍ୟନ୍ତ ମୁମ୍ବାଇରେ ଖେଳାଯିବ। ବ୍ରାବୋର୍ନ ଷ୍ଟାଡିୟମ ଓ ଡିୱାଇ ପାଟିଏ ଷ୍ଟାଡିୟମରେ ମୋଟ ୨୨ଟି ମ୍ୟାଚ ଖେଳାଯିବ। ଟୁର୍ନାମେଣ୍ଟରେ ୟୁପି ୱାରିୟର୍ଜ ଏହାର ପ୍ରଥମ ମ୍ୟାଚ ମାର୍ଚ୍ଚ ୫ରେ ଗୁଜରାଟ ଜାଏଣ୍ଟ୍ସ ବିପକ୍ଷରେ ଖେଳିବ।

**ୟୁପି ୱାରିୟର୍ଜ ଦଳ:** ଏଲିସା ହିଲି (ଅଧିନାୟକ), ସୋଫି ଏକ୍ଲେଷ୍ଟୋନ୍, ଦୀପ୍ତି ଶର୍ମା, ଟାଲିଆ ମ୍ୟାକ୍‌ଗ୍ରା, ଶବନିମ ଇସ୍‌ମାଇଲ, ଅଞ୍ଜଳି ସାର୍ବନୀ, ରାଜେଶ୍ୱରୀ ଗାଏକ୍ୱାଡ, ପାର୍ଶ୍ୱବୀ ଚୋପ୍ରା, ଶ୍ୱେତା ଶେରାୱତ, ଏସ୍. ୟାଶାରି, କିରଣ ନାଭଗିରେ, ଗ୍ରେସ୍ ହାରିସ, ଦେବୀକା, ବୈଦ୍ୟ, ଲରେନ ବେଲ୍, ଲକ୍ଷ୍ମୀ ଯାଦବ ଓ ସିମ୍ରନ ଶେଖ୍।

## ପ୍ରି-କ୍ୱାର୍ଟରରେ ପ୍ରମୋଦ,ଦିଲେଶ୍ୱର

**ଭୁବନେଶ୍ୱର,୨୨।୨(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ପେନ ପାରା ବ୍ୟାଡ୍‌ମିଣ୍ଟନ ଅନ୍ତର୍ଜାତୀୟ ୨୦୨୩ର ସିଙ୍ଗଲ୍ସ ବର୍ଗ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି ପ୍ରମୋଦ ଭଗତ ଓ ଦିଲେଶ୍ୱର ରାଓ। ପ୍ରମୋଦ ସ୍ପେନର ଜେମି ପୋଲୋଙ୍କୁ ୨୧-୭, ୨୧-୬ ସେଟରେ ପରାସ୍ତ କରିଥିଲେ। ଅନ୍ୟ ପକ୍ଷରେ ଦିଲେଶ୍ୱର ପ୍ରଥମ ମ୍ୟାଚରେ ଅନ୍ୟତମ ଭାରତୀୟ ନିତେଶ କୁମାରଙ୍କ ଠାରୁ ୨୧-୧୧ ଓ ୨୧-୬ରେ ହାରିଥିଲେ ମଧ୍ୟ ଅନ୍ୟ ସମସ୍ତ ମ୍ୟାଚ ଜିତି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

ଦିଲେଶ୍ୱର ସ୍ୱିଜରଲାଣ୍ଡର ମାରିନ୍ ଷ୍ଟୁବିଙ୍କୁ ୨୧-୧୦,୨୧-୧୪ ସ୍ପେନର ଆଣ୍ଟୋନିଓ କାସିଲୋଙ୍କୁ ୨୧-୦୯, ୨୧-୦୨ରେ ପରାସ୍ତ କରିଥିଲେ। ଯୁଗଳ ରେ ଗ୍ରୁପ ରୁ ସମସ୍ତ ମାଚ ହାରିଯାଇଛନ୍ତି। ଦୀପ ରଞ୍ଜନ ବିଶୋଇ ଓ ଶୁଭ୍ରଜିତ ଆଜି ଗୋଟିଏ ଗୋଟିଏ ଡବଲ୍ସ ମ୍ୟାଚରେ

**ସ୍ପେନ ପାରା ବ୍ୟାଡ୍‌ମିଣ୍ଟନ ଅନ୍ତର୍ଜାତୀୟ ୨୦୨୩**

ବିଜୟ ଲାଭ କରିଥିଲେ। ୨୦ରୁ ୨୬ ତାରିଖ ଯାଏ ଲେବଲ-୨ ଟୁର୍ନାମେଣ୍ଟ ଭିଟୋରିଆ ସହରରେ ଖେଳାଯିବ। ସେହିପରି ମାର୍ଚ୍ଚ ୧ରୁ ୫ ତାରିଖ ଯାଏ ଟୋଲୋଡୋ ସହରରେ ଲେବଲ-୧ ଟୁର୍ନାମେଣ୍ଟ ଖେଳାଯିବ।

## ହାଇତି, ପର୍ତ୍ତୁଗାଲକୁ ପ୍ରଥମ ଥର ଯୋଗ୍ୟତା

**ଅକ୍‌ଲାଣ୍ଡ, ୨୨।୨(ଏପି)**

ହାଇତି ଓ ପର୍ତ୍ତୁଗାଲ ପ୍ରଥମ ଥର ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବୁଧବାର ଉଭୟ ଦଳ ନ୍ୟୁଜିଲାଣ୍ଡରେ ସେମାନଙ୍କ ପ୍ଲେ-ଅଫ୍ ମ୍ୟାଚ ଜିତିଛନ୍ତି। ଖେଳର ୯୪ତମ ମିନିଟ୍‌ରେ କାରୋଲ୍ କୋଷ୍ଟାଙ୍କ ଗୋଲ୍ ବଳରେ

**ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପ୍**

ଗତଥରର ପ୍ରି-କ୍ୱାର୍ଟରଫାଇନାଲିଷ୍ଟ କାମେରୁନ୍ ବିପକ୍ଷରେ ପର୍ତ୍ତୁଗାଲ ୨-୧ ଗୋଲ୍‌ରେ ବିଜୟ ଲାଭ କରିଥିଲା। ଏହା ପୂର୍ବରୁ ଏକ ଐତିହାସିକ ମ୍ୟାଚରେ ହାଇତି ୨-୧ ଗୋଲ୍‌ରେ ଚିଲିକୁ ପରାସ୍ତ କରିଥିଲା। ଦଳ ତରଫରୁ ମେଲ୍‌ଚି





ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ ପରେ ହାଇତି ଦଳ।

ଡୁମୋର୍ନେ ଦୁଇଗୋଟି ଗୋଲ୍ ସ୍କୋର କରିଥିଲେ। ୫୫ ର୍‍ୟାଙ୍କିଂପ୍ରାପ୍ତ ହାଇତି ବିଶ୍ୱକପ୍ ଗ୍ରୁପ୍ ଡି'ରେ ଇଂଲଣ୍ଡ, ଚାଇନା ଓ ଡେନମାର୍କ ବିପକ୍ଷରେ ଖେଳିବ। ଆସନ୍ତା ଜୁଲାଇ ଓ ଅଗଷ୍ଟରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମିଳିତ ଭାବେ ମହିଳା ଫୁଟବଲ ବିଶ୍ୱକପ୍‌ର ଆୟୋଜନ କରୁଛନ୍ତି। ଏଥିରେ ୩୨ଟି ଦଳ ଭାଗ ନେବେ। ଖାଲିଥିବା ୩ଟି ସ୍ଥାନ ପାଇଁ ନ୍ୟୁଜିଲାଣ୍ଡରେ ୧୦ଟି ଦଳକୁ ନେଇ ଇଣ୍ଟରକଣ୍ଟିନେଣ୍ଟାଲ ପ୍ଲେ-ଅଫ୍ ଖେଳାଯାଉଛି। ସେଥିମଧ୍ୟରୁ ଦୁଇଟି ହାଇତି ଓ ପର୍ତ୍ତୁଗାଲ ପୂରଣ କରିଛନ୍ତି। ଅବଶିଷ୍ଟ ଗୋଟିଏ ସ୍ଥାନ ପାରାଗୁଏ ଓ ପାନାମା ମଧ୍ୟରେ ଗୁରୁବାର ଖେଳାଯିବାକୁ ଥିବା ମ୍ୟାଚର ବିଜେତା ପୂରଣ କରିବ।

## କାର୍ଲସେନ୍‌ଙ୍କୁ ହରାଇଲେ ଗୁଜରାଠି

**ଚେନ୍ନାଇ, ୨୨।୨(ପି.ଟି.):** ଏକ ପ୍ରଫେସନାଲ ଚେସ୍ ଲିଗ୍ ମ୍ୟାଚରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଭିଦିତ୍ ଗୁଜରାଠି ନରୱେର ଚେସ୍ ଯାଦୁକର ମାଗ୍ନସ କାର୍ଲସେନ୍‌ଙ୍କୁ ହରାଇ ଦେଇଛନ୍ତି। ବିଶ୍ୱ ଚାମ୍ପିୟନଙ୍କ ବିପକ୍ଷରେ ତାଙ୍କର ଏହା ପ୍ରଥମ ବିଜୟ। ଇଣ୍ଡିଆନ ୟୋଗିସ୍ ତରଫରୁ ଖେଳିଥିବା ଗୁଜରାଠି ବିଶ୍ୱର ନମ୍ବର ୱାନ କାର୍ଲସେନ୍‌ଙ୍କ ଏକ ତ୍ରୁଟିର ଫାଇଦା ଉଠାଇଥିଲେ। ନରୱେ ଖେଳାଳି ଏକ ଚେକ୍‌ମେଟ୍ ମିସ୍ କରିଥିଲେ। ପ୍ରଫେସନାଲ ଚେସ୍ ଲିଗ୍‌ରେ କାର୍ଲସେନ୍ କାନାଡା ଚେସ୍‌ବ୍ରାହାସ ତରଫରୁ ଖେଳୁଛନ୍ତି। ୧,୫୦,୦୦୦ ଆମେରିକୀୟ ଡଲାର ବିଶିଷ୍ଟ ଇଭେଣ୍ଟରେ ୧୬ଟି ଦଳ ଭାଗ ନେଇଛନ୍ତି।





1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ